# ପଣ୍ଡିତ ନୀଳକଣ୍ଠ ସୃଷ୍ଟି ସନ୍ଦର୍ଭ

ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ



Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ସନ୍ଦର୍ଭ

ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ

ଓଡ଼ିଶା ଗ୍ରନ୍ଥ ଭଣ୍ଡାର

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ : ସୃଷ୍ଟି ସନ୍ଦର୍ଭ

ଲେଖକ :

ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ

ସା/ପୋ:ଅ: ଲଙ୍କାପଡ଼ା,

ଛତ୍ରୌଲ, କଟକ

ପ୍ରକାଶକ :

ଶ୍ରୀ ଗୋବିନ୍ଦ ଚରଣ ପାତ୍ର

ଓଡ଼ିଶା ବୁକ୍ ଷ୍ଟୋର

ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ :

ପଣାସଂକ୍ରାନ୍ତି, ୧୯୮୮

ମୁଦ୍ରଣ :

ରେଖା ପ୍ରେସ

ବାମ୍ଫିସାହି, କଟକ-୭୫୩ ୦୦୯

ମୂଲ୍ୟ : କୋଡ଼ିଏ ଟଙ୍କା

ସାଧାରଣ : ଷୋହଳ ଟଙ୍କା

PANDIT NILAKANTHA :
SRUSTI SANDARVA

by :

Sri Prasana Kumar Swain

Published by :

Sri Govinda Charan Patra

ORISSA BOOK STORE

Binodbehari

Cuttack - 753 002

Ist. Edition :

13th April, 1988

Printed at :

REKHA PRESS

Bamphisahi

Cuttack-753 009

Price : Rs. 20/-

Digitized by srujanika@gmail.com

# ସ୍ୱଭାଷ

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ କବି-ମନୀଷୀ ନୀଳକଣ୍ଠ ଏକ ବଳିଷ୍ଠ ପ୍ରତିଭା । ସେ ସତ୍ୟବାଦୀ ଚିନ୍ତା-ଚେତନାର ପ୍ରକୃତ ବାର୍ତ୍ତାବହ ଓ ଉତ୍କଳୀୟ ସଂସ୍କୃତିର ରୂପକାର । ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଦିଗରେ ତାଙ୍କର ଲେଖନୀ ସ୍ୱଚ୍ଛନ୍ଦ । କାବ୍ୟ-କବିତା, ପ୍ରବନ୍ଧ, ସମାଲୋଚନା, ଶିଶୁ ସାହିତ୍ୟ, ଆତ୍ମଜୀବନୀ ପ୍ରଭୃତିରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ରହିଛି । ସୁତରାଂ ଏହି ମହାନ ସ୍ରଷ୍ଟାଙ୍କ ସାହିତ୍ୟ ବହୁ ସମାଲୋଚକଙ୍କୁ ଆକର୍ଷିତ କରିଛି । ବହୁ ସାହିତ୍ୟାନୁଷ୍ଠାନ ଓ ବ୍ୟକ୍ତି-ବିଶେଷ ତାଙ୍କ କୃତିର ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । ମାତ୍ର ଏସବୁ ସତ୍ତ୍ୱେ ଏପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଥଳକୂଳ ନିରୂପିତ ହୋଇପାରିନାହିଁ । ବହୁ ସ୍ଥଳରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ଆଲୋଚନା ପାଇଁ ଆଲୋଚକ-ମାନଙ୍କର ଦୁଃଶାସନୀ ମନର ଅଭାବ ପରିଲକ୍ଷିତ ହୋଇଛି । ଫଳତଃ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସଠିକ ରୂପେ ହୃଦୟଙ୍ଗମ କରି ହୋଇନାହିଁ ।

ଏହି ଅସୁବିଧା ମୁଁ ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରୁଥିବା'ବେଳେ ଅନୁଭବ କରିଥିଲି । ଏହି ଅସୁବିଧାକୁ କେତେକାଂଶରେ ପରିପୂରଣ କରିବା ନିମିତ୍ତ ଯେଉଁ ଅଦମ୍ୟ ବାସନା ମୋ ମନରେ ସୃଷ୍ଟି ହୋଇଥିଲା, ତାହାର ଫଳଶ୍ରୁତି ହେଉଛି "ପଣ୍ଡିତ ନୀଳକଣ୍ଠ : ସୃଷ୍ଟି ସନ୍ଦର୍ଭ" । ଏହି ପୁସ୍ତକଟିରେ ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ-କବିତା, ଶିଶୁ ସାହିତ୍ୟ, ସମାଲୋଚନା ପ୍ରଭୃତିର ଆଲୋଚନା କରାଯାଇ; 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଛି । ଅତଏବ ପୁସ୍ତକଟି ପାଠକପାଠିକା ମହଲରେ ଆଦୃତ ଲାଭ କରିବ ବୋଲି ଆଶା ପ୍ରକାଶ କରୁଛି ।

ଉକ୍ତ ପୁସ୍ତକଟି ଆଲୋକକୁ ଆଣିବାରେ ଯାହାଙ୍କର ଉଦ୍ୟମ ଓ ଅନୁପ୍ରେରଣା ଭୁଲିବାର ନୁହେଁ, ସେ ହେଉଛନ୍ତି ମୋର ଭାଇ ଇଞ୍ଜିନିୟର ଶ୍ରୀ ପ୍ରଭାକର ସ୍ୱାଇଁ ଏବଂ ଭାଉଜ ଡଃ. ରଞ୍ଜିତା କୁମାରୀ ସ୍ୱାଇଁ । ପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ ତଥା ଆବଶ୍ୟକୀୟ ଭ୍ରମ ସଂଶୋଧନ କରିବା ଦିଗରେ ତାଙ୍କର ସାହାଯ୍ୟ ଅବିସ୍ମରଣୀୟ । ତାଙ୍କ ଠାରେ ମୁଁ ଗଭୀର ଭାବେ କୃତଜ୍ଞ ।

ପୁସ୍ତକଟିର ପ୍ରକାଶନ ଦାୟିତ୍ୱ ବିଶିଷ୍ଟ ପୁସ୍ତକ ପ୍ରକାଶନ ସଂସ୍ଥା "ଓଡ଼ିଶା ବୁକ୍ ଷ୍ଟୋର"ର ସତ୍ତ୍ୱାଧିକାରୀ ଶ୍ରୀ ଗୋବିନ୍ଦ ଚରଣ ପାତ୍ର ବହନ କରିଥିବାରୁ ଏହି ଅବସରରେ ତାଙ୍କୁ ମୁଁ ହୃଦୟର କୃତଜ୍ଞତା ଜ୍ଞାପନ କରୁଛି ।

ପ୍ରସନ୍ନ କୁମାର ସ୍ୱାଇଁ

Digitized by srujanika@gmail.com

# ସୂଚିପତ୍ର

| ବିଷୟ | ପୃଷ୍ଠା |
|---|---|
| ୧ । ସତ୍ୟବାଦୀ ଯୁଗର ପୃଷ୍ଠଭୂମି—ଏକ ଅଧ୍ୟୟନ | ୧ |
| ୨ । ସତ୍ୟବାଦୀ ବନବିଦ୍ୟାଳୟ ଓ ପଣ୍ଡିତ ନୀଳକଣ୍ଠ | ୧୪ |
| ୩ । ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସାଧନା | ୨୨ |
| ୪ । ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ କୃତିରେ ଜାତୀୟ ଚେତନା ସ୍ୱର | ୩୨ |
| ୫ । ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟରେ ଇତିହାସ ଓ କିମ୍ବଦନ୍ତୀ | ୪୪ |
| ୬ । ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ କୃତିରେ ଦାର୍ଶନିକ ଚିନ୍ତାଧାରା | ୫୧ |
| ୭ । 'ଭକ୍ତ ଗାଥା' ଓ ପଣ୍ଡିତ ନୀଳକଣ୍ଠ | ୫୫ |
| ୮ । ନାଟକୀୟ ଶୈଳୀ ଓ ନୀଳକଣ୍ଠ କାବ୍ୟମାନସ | ୬୦ |
| ୯ । ସମର କାବ୍ୟ 'ଖାରବେଳ' ଓ ପଣ୍ଡିତ ନୀଳକଣ୍ଠ | ୬୪ |
| ୧୦ । ପଣ୍ଡିତ ନୀଳକଣ୍ଠଙ୍କ ଶିଶୁ ସାହିତ୍ୟ—ଏକ ଦୃଷ୍ଟିପାତ | ୬୯ |
| ୧୧ । ଓଡ଼ିଆ ଅନୁବାଦ ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ | ୭୯ |
| ୧୨ । ଓଡ଼ିଆ ପତ୍ର ପତ୍ରିକା ଓ ପଣ୍ଡିତ ନୀଳକଣ୍ଠ | ୮୫ |
| ୧୩ । ଓଡ଼ିଆ ସମାଲୋଚନା ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ | ୮୯ |
| ୧୪ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଓ ପଣ୍ଡିତ ନୀଳକଣ୍ଠ | ୧୧୩ |

Digitized by srujanika@gmail.com

# ସତ୍ୟବାଦୀ ଯୁଗର ପୃଷ୍ଠଭୂମି—
# ଏକ ଅଧ୍ୟୟନ

ସାହିତ୍ୟ ଯୁଗାଶ୍ରୟୀ କଳା, ସମାଜ ବିକାଶର ପ୍ରକାଶ ସୂଚୀ । ଏହା ମନୁଷ୍ୟର ମାନସିକ ବିଳାସ ନୁହେଁ; ସାମାଜିକ ଆବଶ୍ୟକତା । ମନୁଷ୍ୟର ଚିନ୍ତା, ଚେତନା ସମସ୍ତ ଓ ସମାଜଦ୍ୱାରା ପ୍ରଭାବିତ । ପୁନଶ୍ଚ ଏହି ଭାବାନୁଚିନ୍ତା ସାହିତ୍ୟ ଦ୍ୱାରା ସମୃଦ୍ଧ । ପରିବର୍ତ୍ତନଶୀଳ ମାନବିକ ଭାବସତ୍ତା ମନୁଷ୍ୟର ସାମାଜିକ ବିକାଶରେ ସହାୟକ ହୁଏ । ସାହିତ୍ୟ ବ୍ୟକ୍ତିର ମନୋରାଜ୍ୟର ବୈଚିତ୍ର୍ୟ ତଥା କଳ୍ପନାର ରୂପସତ୍ତାକୁ ବାଣୀ-ରୂପ ପ୍ରଦାନ କରେ । ସୁତରାଂ ସାହିତ୍ୟ ସମାଜର ଦର୍ପଣ, ଏହାର ରସ-ଘନ-କଳାତ୍ମକ ପ୍ରତିରୂପ ।

ଯୁଗ ବିବର୍ତ୍ତନର ପୃଷ୍ଠଭୂମିକୁ ବହନକରି ସାହିତ୍ୟ ହୁଏ ପରିବର୍ତ୍ତିତ । ଏକ ନିର୍ଦ୍ଦିଷ୍ଟ ଯୁଗର ଆଭିମୁଖ୍ୟକୁ ବହନକରି ନିଜର କାଯ୍ୟବିସ୍ତାର କରେ । ଯୁଗର ସାମଗ୍ରିକ ରୂପସତ୍ତାକୁ ନିଜ ଅଙ୍ଗରେ ବହନକରି ପ୍ରାଧାବିତ ହୁଏ । ଯୁଗ ସମସ୍ୟା ଉପସ୍ଥାପନ କରେ ଓ ସମାଧାନର ପନ୍ଥା ନିର୍ଦ୍ଧାରଣ କରେ । ଯୁଗାନୁକ୍ରମେ ସାହିତ୍ୟ ମଧ୍ୟକୁ ଆଶା-ନିରାଶା, ଅଭାବ-ଅଭିଯୋଗ, ହସକାନ୍ଦ ଅନୁପ୍ରବେଶ କରେ । ପୁନଶ୍ଚ ସାହିତ୍ୟିକ ମନୋରାଜ୍ୟରେ ସୃଷ୍ଟି ହୁଏ ନୂତନ ଭାବତରଙ୍ଗ । ଏହି ଚେତନା ସମକାଳୀନ ସାହିତ୍ୟିକ ବାତାବରଣକୁ ଆଚ୍ଛନ୍ନ କରିରଖେ । ପରିବେଶ ଓ ପରିସ୍ଥିତିର ମଣିକାଞ୍ଚନ ସଂଯୋଗରେ ସାହିତ୍ୟିକର ସୃଷ୍ଟି ସମ୍ଭାର ବର୍ଣ୍ଣାଢ୍ୟ ହୋଇଉଠେ । ସାହିତ୍ୟ ଏକ ନିର୍ଦ୍ଦିଷ୍ଟ ସମୟର ସାମାଜିକ, ରାଜନୈତିକ, ଆର୍ଥନୀତିକ, ସାଂସ୍କୃତିକ ତଥା ସଂସ୍କାରଗତ ବାତାବରଣରେ ନିଜକୁ ସାମିଲ କରି କାଳିକ ହୋଇମଧ୍ୟ କାଳାତୀତର ବାର୍ତ୍ତା ପରିପ୍ରକାଶ କରେ । ସାମୟିକର ରୂପ ପରିଗ୍ରହଣ କରି ସମୟାତୀତ ହୁଏ, କାଳଜୟୀର ପାଞ୍ଚଜନ୍ୟ ବଜାଏ । ସାହିତ୍ୟ ପରବର୍ତ୍ତୀ ସମାଜକୁ ଏକ ଶୃଙ୍ଖଳିତ

Digitized by srujanika@gmail.com

ଅଭିନବ ପଥରେ ଆଗେଇ ନେବାରେ ପ୍ରଶସ୍ତ ମାର୍ଗ ପ୍ରଦର୍ଶନ କରେ । ନୂତନତାର ପ୍ରତିଧ୍ୱନିରେ ସାହିତ୍ୟ ଯେଉଁଠି ନବ ଆଭରଣ ଓ ଆଭିମୁଖରେ ମଞ୍ଜୁଳ ହୋଇଉଠେ, ସେଠାରେ ଏକ ନୂତନ ଯୁଗର ଆବାହନୀ ଶୁଣାଯାଏ, ସାହିତ୍ୟିକ ଯୁଗସୃଷ୍ଟିର ଭିତ୍ତିପ୍ରସ୍ତର ଉତ୍ଥାପିତ ହୁଏ । ସୁତରାଂ ଯୁଗ ବିଭାଜନ ଦ୍ୱାରା ସାହିତ୍ୟର ଯଥାର୍ଥ ଅଧ୍ୟୟନ ଓ ସାମଗ୍ରିକ ଆକଳନ ସମ୍ଭବ ହୁଏ । ପରିସ୍ଥିତି ଓ ପରିବେଶର ସମ୍ମିଶ୍ରଣରେ କାଳର ଆଭିମୁଖ୍ୟ ପ୍ରତି ଉନ୍ମୁଖ ହୋଇ ସାହିତ୍ୟିକ ଯୁଗ ନୂତନ ରଙ୍ଗରସରେ ବିମଣ୍ଡିତ ହୁଏ । ସମସାମୟିକ ପରିବେଶର ସମସ୍ତ ଚିନ୍ତାଚେତନାକୁ ଅଙ୍ଗୀଭୂତ କରେ । ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ଯୁଗ ଓ ସାହିତ୍ୟ ବିଚାର୍ଯ୍ୟ ।

ପୁରୀଜିଲ୍ଲାର ସତ୍ୟବାଦୀସ୍ଥିତ ବକୁଳବନର ଛୁରିଅନା କୁଞ୍ଜମଧ୍ୟରେ ଶାନ୍ତ ସ୍ନିଗ୍ଧ ମନୋମୁଗ୍ଧକର ମୁକ୍ତ ପରିବେଶରେ ଗଢ଼ିଉଠୁଥିବା ବନ-ବିଦ୍ୟାଳୟକୁ କେନ୍ଦ୍ରକରି ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମିତ୍ତ ଅବିରତ ଅକ୍ଳାନ୍ତ କଠୋର ପରିଶ୍ରମରେ ଯେଉଁ କେତେଜଣ ସାହିତ୍ୟିକ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ, ଓଡ଼ିଆ ସାହିତ୍ୟରେ ତାଙ୍କ ପ୍ରତିଷ୍ଠିତ ଯୁଗ ହିଁ ସତ୍ୟବାଦୀ ଯୁଗ । ଏହି ସାହିତ୍ୟ ସାଧକମାନେ ହେଲେ ଉତ୍କଳମଣି ଗୋପବନ୍ଧୁ, ମନୀଷୀ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହର । ଆଧୁନିକ ଓଡ଼ିଆ ସାହିତ୍ୟର ନବନିର୍ମାତା ପୂର୍ବସୂରୀ କବିବର ରାଧାନାଥଙ୍କ ସାହିତ୍ୟାଦର୍ଶରୁ ମୁକ୍ତରହି ଏକ ନିର୍ଦ୍ଦିଷ୍ଟ ଓ ଈପ୍ସିତ ଲକ୍ଷ୍ୟରେ ସତ୍ୟବାଦୀ ପଞ୍ଚସଖା ଏକ ନୂତନ ସରଣୀ ସୃଷ୍ଟି କରିଥିଲେ । ଫଳତଃ ସତ୍ୟବାଦୀ ସାହିତ୍ୟ ରାଧାନାଥୀ ସାହିତ୍ୟର ନୂତନ ସଂସ୍କରଣ ନହୋଇ ସ୍ୱତନ୍ତ୍ର ରୂପରଙ୍ଗରେ ଆଧୁନିକ ଓଡ଼ିଆ ସାହିତ୍ୟାକାଶକୁ ମହିମାମଣ୍ଡିତ ଓ ଉଦ୍ଯୋଜ୍ଜ୍ୱଳ କରିଥିଲା ଏବଂ ନୂତନ ବର୍ଣ୍ଣବିଭାରେ ସଜ୍ଜିତ କରିଥିଲା । "ଏସବୁ ଦୃଷ୍ଟିରୁ ସତ୍ୟବାଦୀ ସାହିତ୍ୟ ଯଥାର୍ଥତଃ ଓଡ଼ିଶାର ଜାତୀୟ ସାହିତ୍ୟ । ସେ ହିଁ ଏ ଜାତିର ଜାତୀୟ ଚରିତ୍ର ଓ ସାହିତ୍ୟରେ ଯେପରିକି ବିଗ୍ରହବନ୍ତ ହୋଇଅଛି — ତାହାପୁଣି ସୁନ୍ଦର ସୁଶୋଭନ ରୂପରେ । କଳାର ଯଥାର୍ଥ ମୂଲ୍ୟବୋଧ ଦୃଷ୍ଟିରୁ ଦେଖିଲେ ମଧ୍ୟ ସତ୍ୟବାଦୀର ସାହିତ୍ୟ ଓ ଜାତିର ସାର୍ଥକ ସାରସ୍ୱତ ସମ୍ପଦ ରୂପେ ପରିଗଣିତ ହେବା ଏକାନ୍ତ ସ୍ୱାଭାବିକ । ଅତଏବ ସତ୍ୟବାଦୀର ସୃଷ୍ଟିବିଭବ କେବଳ ଓଡ଼ିଆ ସାହିତ୍ୟର କଳେବର ବୃଦ୍ଧି କରିଛି କହିବା ବିଷୟର ସିଦ୍ଧ ହୋଇନପାରେ, ପରନ୍ତୁ

Digitized by srujanika@gmail.com

ଏହାର ଐଶ୍ୱର୍ଯ୍ୟ ସାହିତ୍ୟ ଜଗତରେ ଏକ ତ୍ୟାଗନିଷ୍ଠ, ସେବାବ୍ରତୀ ଓ ଆଦର୍ଶପୂତ ଜାତୀୟ ଜୀବନର ଇଙ୍ଗିତ ପ୍ରଦାନ କରିଥିବାରେ, ଓଡ଼ିଆ ସାହିତ୍ୟର ପାରମ୍ପରିକ ବିକାଶରେ ଓ ଧାମିକ ପରିଣାମରେ ଏ ସୃଜନ-ଗୌରବ କେବଳ ସତ୍ୟବାଦୀର ହିଁ ପ୍ରାପ୍ୟ (୧) ।”

ସତ୍ୟବାଦୀ ଯୁଗ ସମ୍ବନ୍ଧରେ ଆଲୋକପାତ କଲାବେଳେ ଏହା ଯୁଗର ପ୍ରଧାନ କର୍ମସ୍ଥଳୀ ଓ ସାହିତ୍ୟ ସାଧନାର ବାଣୀମନ୍ଦିର ରୂପେ ପରିଚିତ । ସତ୍ୟବାଦୀ ବନବିଦ୍ୟାଳୟ ବ୍ୟତିରେକ ସତ୍ୟବାଦୀ ଯୁଗ ଓ ସତ୍ୟବାଦୀ ସାହିତ୍ୟର ଆଲୋଚନା କଳ୍ପନାତୀତ ।

ବିଂଶ ଶତକର ପ୍ରାରମ୍ଭରେ ଉତ୍କଳୀୟ ଜାତୀୟ ଜୀବନରେ ଯେଉଁ ପ୍ରାଣ ପ୍ରତିଷ୍ଠା ହୋଇଥିଲା, ତାହାର ସର୍ବପ୍ରଧାନ କ୍ରୀଡ଼ାଭୂମି ଥିଲା ସତ୍ୟବାଦୀ-ସ୍ଥିତ ବନବିଦ୍ୟାଳୟ । ୧୯୦୩ ମସିହା—ଏହି ବର୍ଷ ଭାରତୀୟ ଜାତୀୟ ଚେତନାର ବୈତାଳିକ ଦେଶପ୍ରାଣ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ମାଧ୍ୟମରେ ପରାଧୀନ ଉତ୍କଳର ପୁରପଲ୍ଲୀରେ ବିପ୍ଳବର ବାର୍ତ୍ତା ପ୍ରଚାର କରି ବୈପ୍ଳବିକ ଆନ୍ଦୋଳନ ଆରମ୍ଭ କରିଦେଲେ । ଏହି ଆନ୍ଦୋଳନରେ ସତ୍ୟ-ବାଦୀର ପ୍ରାୟ ସମସ୍ତ ସାହିତ୍ୟ ସାଧକ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । ତାପରେ ୧୯୦୪-୧୯୦୫ ମସିହାବେଳକୁ ଏହି ଜାତୀୟତାର ବୀଜମନ୍ତ୍ର କ୍ରମଶଃ ଧୂମେଇ ଆସିଥାଏ ! ରାଧାନାଥ, ମଧୁସୂଦନ, ଫକୀର ମୋହନ, ରାମଶଙ୍କର, ଗୌରୀଶଙ୍କର, ବିଶ୍ୱନାଥ ପ୍ରଭୃତିଙ୍କ ଲେଖାରେ ଓଡ଼ିଆ ଭାଷା ଓ ସାହିତ୍ୟ ତା'ର ଆସନକୁ ସୁଦୃଢ଼ ଭାବେ ଆସୀନ କରିସାରିଥାଏ । 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହଁ' ବୋଲି ବୁକୁଫଟା ଚିତ୍କାର କରିବାକୁ କାହାର ଆଉ ସାହସ ନଥାଏ । ୧୯୦୫ ମସିହାରେ ରୁଷଦେଶ ବିରୁଦ୍ଧରେ ଜାପାନର ବିଜୟ ପରାଧୀନ ଭାରତୀୟମାନଙ୍କ ପ୍ରାଣରେ ନୂତନ ଆଶା ସଞ୍ଚାର କରିଥାଏ । ୟୁରୋପର ଗୋରା ସାହେବଙ୍କ ଦ୍ୱାରା ପ୍ରାଚ୍ୟ ଅଧିବାସୀମାନେ ଯେ ମୁହ୍ୟମାନ-ହୋଇ ରହିପାରିବେ ନାହିଁ, ସେମାନଙ୍କ ଦ୍ୱାରା ଚିର ଶାସିତ ହୋଇପାରିବ ନାହିଁ—ଏହି ଧାରଣା ଭାରତୀୟମାନଙ୍କ ମନରେ ବଙ୍ଗୋପସାଗରର ଫେନିଳ ଊର୍ମିମାଳା ପରି ସର୍ବଦା ସୃଷ୍ଟି କରୁଥାଏ ନବଉନ୍ମାଦନା । ପୁନଶ୍ଚ ମହାମନୀଷୀ ସ୍ୱାମୀ ବିବେକାନନ୍ଦଙ୍କ ପ୍ରଚରିତ ବାଣୀ ସମଗ୍ର ଭାରତୀୟ

(୧) ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ—ସତ୍ୟବାଦୀ ଯୁଗ—ପୃ: ୪୫ । (୧୯୬୩)

Digitized by srujanika@gmail.com

ଯୁବମାନଙ୍କ ମନରେ ନୂତନ ଭାବତରଙ୍ଗର ପ୍ଲାବନ ସୃଷ୍ଟି କରିଥାଏ । (୨) ଏହିପରି ଏକ ସଙ୍କଟସନ୍ଧି ମୁହୂର୍ତ୍ତରେ ପରାଧୀନ ଗ୍ଲାନିମଧ୍ୟରେ ସଢ଼ୁଥିବା ଉତ୍କଳୀୟମାନଙ୍କ ପ୍ରାଣରେ ନୂତନ ଚେତନା ସୃଷ୍ଟି କରିବା ନିମିତ୍ତ ଓ ସମଗ୍ର ଉତ୍କଳ ଭୂମିରେ ନବଜାଗରଣର ବୀଜମନ୍ତ୍ର ଉଚ୍ଚାରିତ ନିମିତ୍ତ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଦେଶସେବାଗଣ ବକୁଳବନସ୍ଥିତ ଛୁରିଅନାକୁଞ୍ଜକୁ ନିଜର ପ୍ରିୟ କର୍ମକ୍ଷେତ୍ରଭାବେ ବାଛିନେଇଥିଲେ ।

ସୁତରାଂ ସତ୍ୟବାଦୀ ବନବିଦ୍ୟାଳୟର ଜନ୍ମ ଆକସ୍ମିକ ବା ଅହେତୁକ ନୁହେଁ । ଏହି ବନବିଦ୍ୟାଳୟ ପ୍ରତିଷ୍ଠାର ପଶ୍ଚାତଭାଗରେ ଏକ ବିରାଟ ଐତିହାସିକ ପୃଷ୍ଠଭୂମି ଲକ୍ଷ୍ୟଣୀୟ । ଊନବିଂଶ ଶତକର ପ୍ରଥମ ଦଶକରେ ଅର୍ଥାତ୍ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ । ଏହାପୂର୍ବରୁ ମୋଗଲ ଓ ମରହଟ୍ଟାମାନଙ୍କର ଲୀଳାକ୍ଷେତ୍ରରୂପେ ଉତ୍କଳଭୂମି ପରିଣତ ଥିଲା । ଶତ ଶତ ବର୍ଷର ଅନ୍ୟାୟ, ଅତ୍ୟାଚାର, ଶୋଷଣ, ନିଷ୍ପେଷଣ ଦ୍ୱାରା ଏହି ବିରାଟ ଐତିହ୍ୟସମ୍ପନ୍ନ ଜାତି ଖଣ୍ଡବିଖଣ୍ଡିତ ହୋଇପଡ଼ିଥିଲା । ଉତ୍କଳୀୟ ସଂସ୍କୃତିର ପ୍ରାଣ ଶ୍ରୀଜଗନ୍ନାଥ ମଧ୍ୟ ଏହି ଅତ୍ୟାଚାରରୁ ରକ୍ଷା ପାଇନପାରି ଚିଲିକା କୂଳରେ ଆଶ୍ରୟ ନେଇଥିଲେ । ୧୯୬୬ ମସିହାରେ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷର କରାଳ ଛାୟା ଖେଳିଯିବା ଫଳରେ ସମଗ୍ର ଦେଶର ଅର୍ଦ୍ଧାଧିକ ଜନସାଧାରଣ ଯମକମାତ୍ରରେ ଢଳି ପଡ଼ିଥିଲେ । ୧୮୬୮-୬୯ ମସିହାର ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ପୁନଶ୍ଚ ଓଡ଼ିଆମାନଙ୍କ ପକ୍ଷେ ଘେଉ ଉପରେ କୋରଡ଼ା ପରି ଲାଗି ହୋଇ

---

(୨) I Consider that the great national sin in the neglect of the masses, and that is one of the causes of our downfall. No amount of politics would be af any avail, until the masses in India are once more well educated, well-fed and well-cared foi. They pay for our education, they build our temples, but in re'urn they get kicks. They are practically our slaves If we want to regenerate India, we most work for them." (Vivekananda —His call to the nation—1970—P. 36)

Digitized by srujanika@gmail.com

ପଢ଼ୁଥିଲା । ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା 'ବଙ୍ଗଳାର ଏକ ଉପଭାଷା, ଏହାର ଐତିହ୍ୟ ବା ପରମ୍ପରା ନାହିଁ—ଏହା ବାଲେଶ୍ୱର ସ୍କୁଲରେ ନିଯୁକ୍ତି ପାଇଥିବା ସଂସ୍କୃତ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ କହିଲାବେଳେ ଓଡ଼ିଆମାନଙ୍କୁ ଖୁବ୍ ବାଧିଥିଲା । କିନ୍ତୁ ପରିସ୍ଥିତି ଓ ପରିବେଶ ସେମାନଙ୍କୁ ନିଃସହାୟ, ନିର୍ବେଦ ଓ ପଙ୍ଗୁ କରିଦେଇଥିବାରୁ ସେମାନେ ଏପରି ହୃଦୟବିଦାରକ ସ୍ୱର ବିରୁଦ୍ଧରେ ହଠାତ୍ ପ୍ରତିବାଦ କରିପାରିନଥିଲେ ।

ପୁନଶ୍ଚ, ୧୮୯୫ ମସିହା ଜାନୁୟାରୀ ମାସ ୧୯ ତାରିଖରେ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇଦେଇ ହିନ୍ଦୀ ଭାଷା ପ୍ରଚଳନ ପାଇଁ ଉପର ମହଲରୁ ନିର୍ଦ୍ଦେଶ ଆସିଥିଲା । ସେତେବେଳେ ମଧ୍ୟପ୍ରଦେଶର ମୁଖ୍ୟ କମିଶନର ସାର ଜନ୍ ଉଡ୍‌ବର୍ଣ୍ଣ ହିନ୍ଦୀ ଭାଷାକୁ ସରକାରୀ ଭାଷାରୂପେ ପ୍ରଚଳନ ପାଇଁ ଆଦେଶ ଦେଲେ । (୩) ଏହି ବିଷୟରେ ସ୍ୱର୍ଗତ ଶ୍ରୀପତି ମିଶ୍ର କହନ୍ତି—"ରାଜକାର୍ଯ୍ୟାଳୟର ମରହଟ୍ଟା ଓ ହିନ୍ଦୁସ୍ଥାନୀମାନେ ଆଧିପତ୍ୟ ଲାଭ କରିଥିଲେ । କିନ୍ତୁ ଏମାନଙ୍କ ଭାଷା ସହିତ ଓଡ଼ିଆ ଭାଷାର ସୌସାଦୃଶ୍ୟ ନଥିବାରୁ ଏମାନେ ଓଡ଼ିଆ ଭାଷା ଶିକ୍ଷାକରିବାକୁ ଆଦୌ ସମର୍ଥ ହେଉନଥିଲେ । ସୁତରାଂ ରାଜକାର୍ଯ୍ୟ ପରିଚାଳନା କରିବାରେ ଏମାନେ ଏକାନ୍ତ ଅସମର୍ଥ ହେଉଥିଲେ । ଓଡ଼ିଆ ଭାଷା ଏମାନଙ୍କର ପ୍ରଧାନ ଅନ୍ତରାୟ ହେଉଥିଲା । ଏମାନେ ମନେକଲେ ଯେ ଓଡ଼ିଆ ଭାଷା ପରିବର୍ତ୍ତେ ଅଦାଲତରେ ହିନ୍ଦୀ ଭାଷା ପ୍ରଚଳନ କରିପାରିଲେ, ସମ୍ବଲପୁର କାର୍ଯ୍ୟାଳୟମାନଙ୍କରେ ଏମାନଙ୍କର ଆଧିପତ୍ୟ ଅକ୍ଷୁର୍ଣ୍ଣ ରହିପାରିବ । (୪)

ତେଣୁ ୧୮୬୮ ମସିହାରେ ସୃଷ୍ଟ ଭାଷାକେନ୍ଦ୍ରିକ ଜାତୀୟତାବୋଧ ବିଂଶ ଶତକର ପ୍ରଥମଭାଗ ବେଳକୁ ସୀମାକେନ୍ଦ୍ରିକ ଜାତୀୟତାବୋଧରେ ରୂପାନ୍ତରିତ ହୋଇଯାଇଥିଲା । ସମଗ୍ର ଉତ୍କଳରେ ଭାଷାଭିତ୍ତିକ ପ୍ରଦେଶଗଠନ ପାଇଁ ଗଣ ଆନ୍ଦୋଳନ ଦେଖାଯାଇଥିଲା । ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଦକ୍ଷିଣରେ ଗଞ୍ଜାମ ଏବଂ ବଙ୍ଗପ୍ରଦେଶର ସମୀପବର୍ତ୍ତୀ କେତେକ ଅଞ୍ଚଳରେ

---

(୩) ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର—ଓଡ଼ିଆ ଆନ୍ଦୋଳନର ଇତିହାସ —୧୯୭୬—ପୃ. ୪୮ ।

(୪) ଶ୍ରୀପତି ମିଶ୍ର—ସମ୍ବଲପୁର ଭାଷା ଆନ୍ଦୋଳନ : ପୃ-୨ ।

Digitized by srujanika@gmail.com

ଓଡ଼ିଆମାନେ ବସବାସ କରୁଥିବାରୁ ଓ ଓଡ଼ିଆ ସେମାନଙ୍କ କଥିତ ଭାଷା ହୋଇଥିବାରୁ ସେସବୁ ଅଞ୍ଚଳକୁ ଏକଜ କରି ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାପାଇଁ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା । ୧୮୯୫ ମସିହାରେ ସମ୍ବଲପୁର କୋର୍ଟ କଚେରୀମାନଙ୍କରୁ ଯେପରି ଅନ୍ୟାୟଭାବେ ଓଡ଼ିଆ ଭାଷା ଉଚ୍ଛେଦ କରାଗଲା, ତାହାର ପ୍ରତିବାଦ ସ୍ୱରୂପ ମଧୁସୂଦନ ଦାସ ତତ୍କାଳୀନ ଭାଇସରାୟ ଲର୍ଡ଼ କର୍ଜନଙ୍କୁ ସିମିଳାଠାରେ ସାକ୍ଷାତ କରି ତାହାଙ୍କ ସହିତ ବିଚ୍ଛିନ୍ନ ଉତ୍କଳପ୍ରଦେଶର ଏକତ୍ରିକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଆଲୋଚନା ମାଧ୍ୟମରେ ସେ ଓଡ଼ିଆ ଅଞ୍ଚଳର 'ରିସଲେ ସର୍କୁଲର'ରେ ଥିବା ଯେଉଁ ସୀମା ସରହଦର ସୂଚନା ଦେଇଥିଲେ ତାହା ହେଲା—

Oriya has been already referred to as the prevalent language of Orissa both in the plain District and in the tributary Mahals. It is also the Vernacular of a large Surrounding area."

ଏତଦ୍‌ବ୍ୟତୀତ ଏଥିରେ ସୂଚିତ ଥିଲା—

(କ) ସମ୍ବଲପୁର ଓ ମଧ୍ୟପ୍ରଦେଶ ଅଧୀନରେ ଥିବା ସମୀପବର୍ତ୍ତୀ କେତେକ କରଦ ରାଜ୍ୟ ।

(ଖ) ବଙ୍ଗଳା ଅଧୀନରେ ଥିବା ଛୋଟନାଗପୁର ଅନ୍ତର୍ଗତ ସିଂହଭୂମି ଜିଲ୍ଲାର ଏକ ଅଂଶ ।

(ଗ) ମାନ୍ଦ୍ରାଜ ଅଧୀନରେ ଥିବା ଗଞ୍ଜାମ ଜିଲ୍ଲା । ଏ ଜିଲ୍ଲାର ମୋଟ ୧୬,୮୯,୦୦୦ ଅଧିବାସୀଙ୍କ ମଧ୍ୟରୁ ୧୨,୭୫,୦୦୦ ଓଡ଼ିଆଭାଷୀ ଅଟନ୍ତି ।

(ଘ) ମାନ୍ଦ୍ରାଜ ଶାସନାଧୀନ ଗଞ୍ଜାମ ଏଜେନ୍‌ସୀ ଅଞ୍ଚଳ । ଏଥିରେ ବାସକରୁଥିବା ମୋଟ ୩,୨୧,୦୦୦ ଅଧିବାସୀଙ୍କ ମଧ୍ୟରୁ ୮୭,୦୦୦ ଓଡ଼ିଆ-ଭାଷୀ ଅଟନ୍ତି । ଏ ଅଞ୍ଚଳର ସଂଖ୍ୟାଗରିଷ୍ଠ (୧,୫୭,୦୦୦) ଅଧିବାସୀ କନ୍ଧଭାଷା ବ୍ୟବହାର କରିଥାନ୍ତି । କନ୍ଧଭାଷା ଦ୍ରାବିଡ଼ ପରିବାରର ଏକ ଭାଷା । ଶିକ୍ଷାବିସ୍ତାର ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ଏହାର ସ୍ଥାନାଧିକାର କରିବ । ଏ ଅଞ୍ଚଳରେ ତେଲୁଗୁଭାଷୀଙ୍କ ସଂଖ୍ୟା ମାତ୍ର ୫,୮୦୦ ।

Digitized by srujanika@gmail.com

(ଙ) ମାନ୍ଦ୍ରାଜ ଶାସନାଧୀନରେ ଥିବା ବିଶାଖାପାଟଣାର ଏଜେନ୍‌ସୀ ଅଞ୍ଚଳ । ଏହି ଅଞ୍ଚଳର ୮,୫୦,୦୦୦ ଅଧିବାସୀଙ୍କ ମଧ୍ୟରୁ ୭,୦୮,୦୦୦ ଓଡ଼ିଆଭାଷୀ ଅଟନ୍ତି ।

ଅତଏବ ସୀମାଭିତ୍ତିକ ଉତ୍କଳ ପ୍ରଦେଶ ଗଠନକୁ କେନ୍ଦ୍ରକରି ୧୯୦୩ ମସିହା ଡିସେମ୍ବର ମାସ ୩୦ ତାରିଖରେ ଉତ୍କଳ ସମ୍ମିଳନୀ, (୫) ଏହା ପୂର୍ବରୁ ସେହିବର୍ଷ ଗଞ୍ଜାମରେ 'ଗଞ୍ଜାମ ସମ୍ମିଳନୀ' ନାମକ ଏକ ଆଞ୍ଚଳିକ ଜାତୀୟ ଅନୁଷ୍ଠାନ ଗଢ଼ାଯାଇଥିଲା । ସେହି ସଭାରେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ । 'ଗଞ୍ଜାମ ସମ୍ମିଳନୀ'ର ପ୍ରଥମ ଅଧିବେଶନ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ବିଶିଷ୍ଟ କର୍ମୀମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ଶ୍ରୀଯୁକ୍ତ ମଧୁସୂଦନ ଦାସ । (୬) ସୁତରାଂ ଏହି ଆଞ୍ଚଳିକ ଜାତୀୟ ସମ୍ମିଳନୀ ୧୯୦୩ ମସିହାରେ କଟକଠାରେ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଭୂମିକାଭୂମି ପ୍ରସ୍ତୁତ କରିଥିଲା ଏବଂ 'ଉତ୍କଳ ସମ୍ମିଳନୀ' ପରି ଏକ ଜାତୀୟ ଅନୁଷ୍ଠାନ ଗଠନ ନିମିତ୍ତ 'ଗଞ୍ଜାମ ସମ୍ମିଳନୀ' ଥିଲା ପ୍ରେରଣାର ଆଦି ଉତ୍ସ ।

କାରଣ ପ୍ରଥମେ ବିଜୟନଗରର ଓଡ଼ିଆ ଅଞ୍ଚଳ, ଗଞ୍ଜାମ, ସମ୍ବଲପୁର, ଫୁଲଝର ଓ ମେଦିନୀପୁର ପ୍ରଭୃତି ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ନିମିତ୍ତ ଭାଇସ୍‌ରାୟଙ୍କ ନିକଟକୁ ଆବେଦନପାଇଁ ଏହି ସମ୍ମିଳନୀରେ ପ୍ରସ୍ତାବ-ଗ୍ରହଣ କରାଯାଇଥିଲା । ଯଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣରେ କୌଣସି ଅସୁବିଧା ଥାଏ, ତେବେ ଆସାମପରି ଓଡ଼ିଆ ଭାଷୀ ଅଞ୍ଚଳକୁ ସ୍ୱତନ୍ତ୍ର ଉପନିବେଶ ରୂପେ ଗଠନକରି ଜଣେ ଚିଫ୍ କମିଶନରଙ୍କର ଶାସନାଧୀନରେ ରଖାଯିବାପାଇଁ ବହୁ ଅଭିମତ ଆସିଥିଲା । ଯଦି ସେଥିରେ କୌଣସି ଅସୁବିଧା ହୁଏ, ତେବେ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ର କରି ବଙ୍ଗପ୍ରଦେଶ ସହିତ ରଖାଯିବା ପାଇଁ ପ୍ରସ୍ତାବ ଆସିଥିଲା । ମାତ୍ର ଗୋକୁଳାନନ୍ଦ ଚୌଧୁରୀ, ପଣ୍ଡିତ ଗୋପବନ୍ଧୁ ପ୍ରମୁଖ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବଙ୍ଗପ୍ରଦେଶ ସହିତ ନରହି

(୫) ସୁରେନ୍ଦ୍ରନାଥ ପଟ୍ଟନାୟକ—ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ (୧୯୭୨) ପୃ-୮

(୬) ପଣ୍ଡିତ ବାଇକୋଳି ମହାପାତ୍ର—ଓଡ଼ିଆ ଆନ୍ଦୋଳନର ଇତିହାସ (୧୯୭୬), ପୃ-୫୮

Digitized by srujanika@gmail.com

ମଧ୍ୟପ୍ରଦେଶ ଅନ୍ତର୍ଗତ ରହୁବୋଲି ପୁକ୍ତବାଡ଼ିଥିଲେ । ସେହି ସମୟରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ଅଧିନାୟକତ୍ୱରେ ଏକ ବଡ଼ ରାଜନୈତିକ ସମ୍ମିଳନୀ ଗଞ୍ଜାମରେ ଅନୁଷ୍ଠିତ ହେଲା । (୭) ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସେତେବେଳେ ଥିଲେ ଖଲ୍ଲିକୋଟରୁ ପ୍ରକାଶିତ ହେଉଥିବା 'ପ୍ରଜାବନ୍ଧୁ'ର ସମ୍ପାଦକ । (୮) ସେ 'ପ୍ରଜାବନ୍ଧୁ' ପତ୍ରିକା ନିୟମିତ ପ୍ରକାଶକରି ଓଡ଼ିଆଭାଷାଙ୍କ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିକୁ ଆଣିବାରେ ସମର୍ଥ ହେଲେ । ଫଳସ୍ୱରୂପ ଅନେକ ଓଡ଼ିଆ ସରକାରୀ ଚାକିରୀ ପାଇଲେ । ଓଡ଼ିଆ ଭାଷା ପ୍ରତି ଅବହେଳା କିଛି ପରିମାଣରେ ଲାଘବ ହେଲା । ଚିଠିପତ୍ର ଓଡ଼ିଆ ଠିକଣାରେ ଲେଖିଦେଲେ ତାହା ଗୃହୀତ ହେଲା । କୋର୍ଟକଚେରୀର ସମନ, ନୋଟିସ ମଧ୍ୟ ଓଡ଼ିଆରେ ପ୍ରକାଶିତ ହେଲା । (୯)

ଏହି ସମ୍ମିଳନୀର ସଫଳତା ଓ ଓଡ଼ିଆ ଅଞ୍ଚଳ ମିଶ୍ରଣ ଲାଗି ଗଞ୍ଜାମବାସୀଙ୍କର ପ୍ରବଳ ଆଗ୍ରହ ତଥା ଉତ୍ତେଜନା ବାସ୍ତବରେ ଏଥିରେ ଯୋଗଦେଇଥିବା ଭୁଙ୍ଗ ନେତାମାନଙ୍କୁ ପ୍ରଭାବିତ କରିଥିଲା । ମଧୁବାବୁ ଏହି ସମ୍ମିଳନୀର ସଫଳତାରେ ଅତ୍ୟନ୍ତ ବିମୁଗ୍ଧ ହୋଇପଡ଼ିଥିଲେ । 'ଗଞ୍ଜାମ ସମ୍ମିଳନୀ' ହିଁ ଓଡ଼ିଆ ଆନ୍ଦୋଳନକୁ ବ୍ୟାପକ ଭିତ୍ତିରେ ପ୍ରତିଷ୍ଠା କରିବାପାଇଁ ମଧୁବାବୁଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରେରଣା ପ୍ରଦାନ କରିଥିଲା । ଫଳରେ 'ଉତ୍କଳ ସମ୍ମିଳନୀ'ର ଜନ୍ମ ସମ୍ଭବ ହୋଇପାରିଥିଲା । ବାସ୍ତବରେ 'ଉତ୍କଳ ସମ୍ମିଳନୀ'ହିଁ ଓଡ଼ିଶାରେ ଜନଜାଗରଣ ସ୍ୱପ୍ନ ଓ ସମ୍ଭାବନାର ସାର୍ଥକ ପ୍ରତିନିଧି । (୧୦)

ମଧୁସୂଦନ ଦାସଙ୍କ ଉଦ୍ୟମରେ ୧୯୦୩ ମସିହାରେ କଟକଠାରେ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ ବହୁ ଉତ୍ସାହ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଚ୍ଛିନାଞ୍ଚଳମାନଙ୍କରୁ

---

(୭) ପଣ୍ଡିତ ବାଇକୋଳି ମହାପାତ୍ର—ଓଡ଼ିଆ ଆନ୍ଦୋଳନର ଇତିହାସ (୧୯୬୭)-ପୃ ୫୦ ।

(୮) ଏଜନ ତତ୍ରୈବ—ପୃ—୫୬ ।

(୯) ଏଜନ ତତ୍ରୈବ—ପୃ—୫୭ ।

(୧୦) ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ—ସତ୍ୟବାଦୀ ଯୁଗ (୧୯୬୩)—ପୃ—୫୦

Digitized by srujanika@gmail.com

ବିଶେଷତଃ ଗଞ୍ଜାମ ଓ ସମ୍ବଲପୁରରୁ ଅଧିକ ସଂଖ୍ୟାରେ ପ୍ରତିନିଧି, ଏଥିରେ ଯୋଗଦେଇଥିଲେ । ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ମୟୂରଭଞ୍ଜର ମହାରାଜା ଓ ଏଥିରେ ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଏକତ୍ରିକରଣ କରି ତାହାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା । ଏତଦ୍‌ବ୍ୟତୀତ ଉତ୍କଳର ଅଖଣ୍ଡତା ଓ ତାହାର ସମୃଦ୍ଧି ସାଧନ ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ।

ସତ୍ୟବାଦୀଯୁଗର ପୃଷ୍ଠଭୂମି ଆଲୋଚନାକାଳରେ ଆମକୁ ପୁନଶ୍ଚ ଆଉ କେତୋଟି ଦିଗ ପ୍ରତି ପ୍ରସନ୍ନ ହେବାକୁ ହୋଇଥାଏ । ସେଥିମଧ୍ୟରୁ ୧୯୦୫ ମସିହାର ବଙ୍ଗଭଙ୍ଗ ଆନ୍ଦୋଳନ ଓ ସ୍ୱଦେଶୀ ଆନ୍ଦୋଳନ ପ୍ରଧାନ ।

୧୯୦୫ ମସିହା—କେବଳ ଉତ୍କଳ ନୁହେଁ, ସମଗ୍ର ଭାରତବାସୀଙ୍କ ପାଇଁ ସ୍ମରଣୀୟ । ଏହିବର୍ଷ ବଙ୍ଗପ୍ରଦେଶ ଦୁଇଭାଗରେ ବିଭକ୍ତ ହେଲା । ପରିଣାମ ସ୍ୱରୂପ ସମଗ୍ର ବଙ୍ଗପ୍ରଦେଶରେ ଆନ୍ଦୋଳନର ବହ୍ନି ପ୍ରଜ୍ୱଳିତ ହେଲା । (୧୧) ବଙ୍ଗପ୍ରଦେଶରେ ଲର୍ଡ଼ କର୍ଜନ 'ଦୁର୍ଜନ କର୍ଜନ' ବୋଲି ନିନ୍ଦିତ ହେଲେ । ଏହି ଆନ୍ଦୋଳନର ପରିବର୍ତ୍ତିତ ରୂପାନ୍ତରୀଖ ହେଲା ସ୍ୱଦେଶୀ ଆନ୍ଦୋଳନ । ସ୍ୱଦେଶୀ ଆନ୍ଦୋଳନ କ୍ରମେ ଖାତ୍ରରୂପ ପରିଗ୍ରହ କଲା । ସର୍ବ-ଭାରତୀୟ ସ୍ତରରେ ବାଳଗଙ୍ଗାଧର ତିଳକ, ଲାଲା ଲଜପତ ରାୟ, ବିପିନ୍ ଚନ୍ଦ୍ର ପାଲ, ସୁରେନ୍ଦ୍ରନାଥ ବାନାର୍ଜି, ଓଡ଼ିଆ ବଙ୍ଗବାସୀ ହେମଚନ୍ଦ୍ର କାନୁନ୍‌ଗୋ ପ୍ରମୁଖ ଏହି ଆନ୍ଦୋଳନର ମୁଖ୍ୟ ପଞ୍ଚପୁରୋଧା ଥିଲେ । ଓଡ଼ିଶାରେ ଏହି ଆନ୍ଦୋଳନର ଅଗ୍ରସାରଥି ଥିଲେ ଶ୍ରୀଯୁକ୍ତ ମଧୁସୂଦନ ଦାସ । ସମଗ୍ର ଭାରତବର୍ଷରେ ସ୍ୱଦେଶୀ ଆନ୍ଦୋଳନର ଭୀଷଣ ବାତ୍ୟାପ୍ରବାହ ସୃଷ୍ଟି ହୋଇଥିବାବେଳେ ସେ ଆହ୍ୱାନ ଦେଇଥିଲେ—"ଯେଉଁମାନେ ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେବେ ସେମାନେ ଦସ୍ତଖତ କରନ୍ତୁ ।" ସମ୍ମୁଖରେ ସେ'କଥର ଗୁଳଗୁଳା, ସୈନ୍ୟସାମନ୍ତ ପଚୁଆର । ଦସ୍ତଖତ କରିବାକୁ ସମସ୍ତେ ଆନମନା ହେଲେ । ମାତ୍ର ପୁରୀ ଜିଲ୍ଲା ସ୍କୁଲର ତତ୍‌-କାଳୀନ ଛାତ୍ର ନୀଳକଣ୍ଠ ଦାସ ପ୍ରଥମେ ନିଜ ଦସ୍ତଖତ କଲେ । ପରମୁହୂର୍ତ୍ତରେ ସେ ସ୍ୱଦେଶ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କଲେ ।

---

(୧୧) ବଳରାମ ମହାନ୍ତି—ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶା (୧୯୭୮), ପୃ—୧୫ ।

Digitized by srujanika@gmail.com

ସୁତରାଂ ତତ୍କାଳୀନ ଜାତୀୟ ଆନ୍ଦୋଳନ ଓ ତତ୍କାଳୀନ ପ୍ରତିଷ୍ଠା ସତ୍ୟବାଦୀ ଯୁଗ ସାହିତ୍ୟ ଓ ସତ୍ୟବାଦୀ ବନବିଦ୍ୟାଳୟର ଭିତ୍ତିଭୂମି ଗଠନରେ ସହାୟକ ହୋଇଥିଲା । ଫଳତଃ ୧୯୦୯ ମସିହା ଅଗଷ୍ଟ ନଅ ତାରିଖ କୁମାର ପୂର୍ଣ୍ଣିମା ଦିନ ପୁଣ୍ୟଶ୍ଳୋକ ଆଚାର୍ଯ୍ୟ ହରିହରଙ୍କ ସ୍ମୃତି-ପୀଠକୁ ଆଶ୍ରୟ କରି ଗୋପବନ୍ଧୁଙ୍କ ଚିନ୍ତା ଓ ଚେତନାର ମୂର୍ତ୍ତିମନ୍ତ ବିଗ୍ରହ ରୂପେ ସଗର୍ବରେ ଦଣ୍ଡାୟମାନ ହୋଇଥିଲା ସତ୍ୟବାଦୀ ବନ ବିଦ୍ୟାଳୟ ।

ଦେଶପ୍ରାଣ ଗୋପବନ୍ଧୁ ଏହି ଅବସ୍ଥାରେ ଏକ ନୂତନ ପରିବର୍ତ୍ତିତ ଶୋଷଣହୀନ ସଂସ୍କାରମୁକ୍ତ ସମାଜର ସ୍ୱପ୍ନ ଦେଖୁଥିଲେ । ତତ୍କାଳୀନ ପରାଧୀନ ଓ କଳଙ୍କିତ ଉତ୍କଳରେ ହୀନମନ୍ୟତା ଚତୁର୍ଦ୍ଦିଗରେ ପ୍ରଭାବ ବିସ୍ତାର କରୁଥିଲା । ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଏକ ଅନଗ୍ରସର ଓ ଦୁର୍ବଳ ପ୍ରଦେଶ ଥିଲା । ସର୍ବତ୍ର ଏକ ସଂକୀର୍ଣ୍ଣ ମାନସିକବୃତ୍ତି ଜାତୀୟ ଜୀବନକୁ ଛନ୍ନଛିନ୍ନ କରି ରଖିଥିଲା । ବଙ୍ଗପ୍ରଦେଶର ବ୍ୟକ୍ତିମାନେ ଉତ୍କଳୀୟ-ମାନଙ୍କୁ ହୀନ, ହେୟ ଦୃଷ୍ଟିରେ ଦେଖୁଥିଲେ । ଏହିପରି ଏକ ସାମାଜିକ ଭବ-ସଙ୍କଟ ମୁହୂର୍ତ୍ତରେ ଯୁବଶକ୍ତିର ବିକାଶ ଏକାନ୍ତ ଆବଶ୍ୟକ ମନେ ହେଉଥିଲା । ଏହା ଭାବି ଭାବି ଗୋପବନ୍ଧୁଙ୍କ ନୟନରୁ ଅଶ୍ରୁର ବାରିଧାରା ବହି ଯାଉଥିଲା । ଖଣ୍ଡବିଖଣ୍ଡିତ ଉତ୍କଳର କରୁଣ ଓ ଭୟାନକ ଚିତ୍ର, ବନ୍ୟା-ବାତ୍ୟା-ମରୁଡ଼ି ପ୍ରପୀଡ଼ିତ ଉତ୍କଳୀୟମାନଙ୍କର ଦାରିଦ୍ର୍ୟ ଓ ନିରକ୍ଷରତା, ରାଜନୈତିକ ସ୍ଥିତିହୀନତା ତାଙ୍କ ତାରୁଣ୍ୟ ଜୀବନରେ ସୁଗଭୀର ରେଖାପାତ କରିଥିଲା । ହତୋତ୍ସାହ ଭାବେ ତାଙ୍କ କଣ୍ଠରୁ ନିନାଦିତ ହେଉଥିଲା—

"ଉତ୍କଳ ମାତାର ଅତୀତ ଯଶ,
ବିପୁଳ ବିଭବ ବଳ ସାହସ ।
ସୁମରଣି ଫାଟିଯାଏ ହୃଦୟ,
ଦେଖି ଅବସ୍ଥା ଏ ବିପର୍ଯ୍ୟୟ ।
ରକ୍ତ ମାଂସ ଦେହ ଧରିଯେ,
ଅଧୀର ଆତୁର କିଏ ସେ ନୋହିବ
ଦେଖି ମାତା ଏତେ ଘର ଯେ !"

Digitized by srujanika@gmail.com

ସମସାମୟିକ ପ୍ରତ୍ୟେକ କବି କଣ୍ଠରେ ଏହି ଜାଗରଣୀ ସୃଷ୍ଟି ହୋଇଥିଲା । ମଧୁବାବୁ ଓଡ଼ିଆ ଜାତିର ହୀନମନ୍ୟତା ଓ ତା'ର ଦୁରବସ୍ଥାକୁ ଲକ୍ଷ୍ୟକରି ବେଦନା କାନ୍ଦି ଉଠିଥିଲେ ଏବଂ ନିଜ ମାତୃଭୂମି ଓ ଭ୍ରାତୃ-ପ୍ରତିମଙ୍କ ଉଦ୍ଦେଶ୍ୟରେ ତାଙ୍କ ଅନ୍ତରାତ୍ମାରୁ ସ୍ୱର ଯାଇଥିଲା—

"ମାଆ ମାଆ ବୋଲି କେତେ ମୁଁ ଡାକିଲି
ମାଆକୁ ପାଇଲି ନାହିଁ,
ଭାଇ ଭାଇ ବୋଲି କେତେ ମୁଁ ଡାକିଲି
ନ ଦେଲେ ଉତ୍ତର କେହି ।
ଖୋଜିଲି ଅରଣ୍ୟେ ଜନ ସମାଜରେ
ଖୋଜିଲି ବାରିଧି ତଟ,
ସର୍ବତ୍ର ଦେଖିଲି ମାତା-ପଦ-ଚିହ୍ନ
ନ ହେଲା ମାତାର ଭେଟ ।"

ପୁଣି ଭାଇମାନଙ୍କ ଉଦ୍ଦେଶ୍ୟରେ—

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ ?
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ ?"

ଏହି ସମୟ ଥିଲା ସମଗ୍ର ଉତ୍କଳୀୟମାନଙ୍କ ପାଇଁ ଆତ୍ମଜାଗୃତିର ସମୟ । ଆତ୍ମଜାଗୃତିର ଫଳଶ୍ରୁତି ସ୍ୱରୂପ ସେଦିନ ସାକ୍ଷୀଗୋପାଳସ୍ଥିତ ଛୁରିଅନାକୁଞ୍ଜ ତଳେ ଗଢ଼ି ଉଠିଥିଲା ମଣିଷଗଢ଼ା କାରଖାନା, ସତ୍ୟବାଦୀ ବନବିଦ୍ୟାଳୟ । ବିଦ୍ୟାଳୟରେ କେବଳ ସ୍ଥାନୀୟ ଛାତ୍ର ନୁହନ୍ତି, ସୁଦୂର ମଫସଲରୁ ବହୁ ଛାତ୍ର ଆସି ଯୋଗ ଦେଇଥିଲେ । ସେମାନେ ମୁକ୍ତକଣ୍ଠରେ ନିଜକୁ ଗୌରବାବହ ଅତୀତ ଉତ୍କଳର ଯଥାର୍ଥ ଦାୟାଦ ବୋଲି ପରିଚୟ ଦେଲେ । କୋଣାର୍କ, ପୁରୀ, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳରେ ପ୍ରସ୍ତରରେ ଖୋଦିତ ହୋଇ ରୋମାଞ୍ଚ, ସ୍ୱପ୍ନ ଓ ବେପଥୁ ସୃଷ୍ଟି କରୁଥିବା ଜାତିର ଉତ୍ତରାଧିକାରୀ ବୋଲି ସେମାନେ ନିଜକୁ ଗୌରବାନ୍ୱିତ ମନେକଲେ ।

Digitized by srujanika@gmail.com

ଏ ଦେଶର ଯୁବଶକ୍ତି ଜାଗ୍ରତ ନ ହେଲେ, ସେମାନଙ୍କ ମନରେ ଆତ୍ମପ୍ରତ୍ୟୟଭାବ ସୃଷ୍ଟି ନ ହେଲେ ଦେଶର ଭବିଷ୍ୟତ ଅନ୍ଧକାର ହେବ—ଏକଥା ଗୋପବନ୍ଧୁ ତାଙ୍କ ସହକର୍ମୀମାନଙ୍କ ସହିତ ବହୁବାର ଆଲୋଚନା କରୁଥିଲେ । ଏକଦା ନିଜ ଗ୍ରାମ ନିକଟସ୍ଥ ଭାର୍ଗବୀ ନଦୀ ତୀରସ୍ଥ ବାଲୁକା ଶଯ୍ୟାର ଶ୍ମଶାନ ଉପରେ, ଏକ ଚନ୍ଦ୍ରିକା ଚର୍ଚ୍ଚିତ ମେଘମୁକ୍ତ ଶାନ୍ତ ଶାରଦୀୟ ରଜନୀରେ ସ୍ୱୀୟ ତିନି ସାଥୀ ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଓ ଅନନ୍ତ ମିଶ୍ରଙ୍କୁ ନେଇ ଚାକିରି ନକରି ଦେଶକୁ ଆଗେଇ ନେବାର ଯେଉଁ ପବିତ୍ର ଶପଥ ନେଇଥିଲେ ତାହା ହେଲା—"ସରକାରୀ ଚାକିରି କରିବା ନାହିଁ, ନିଜର ଭରଣ ପୋଷଣ ବିଳାସରେ ମନଦେବା ନାହିଁ । ଜନ୍ମ ହୋଇ ଦେଶକୁ ଯାହା ଦେଖିଥାଉଁ, ମଲାବେଳେ ତା'ଠାରୁ ଉନ୍ନତତର ଅବସ୍ଥାରେ ଛାଡିଯିବା ଓ ସେଥିପାଇଁ ବରାବର ପ୍ରଯତ୍ନରେ ରହିବା ।" (୧) ସୁତରାଂ ସେହି ଶପଥର ପରବର୍ତ୍ତୀ ରୂପରେଖ ଥିଲା ସତ୍ୟବାଦୀ ବନବିଦ୍ୟାଳୟ । ପରବର୍ତ୍ତୀ ପର୍ଯ୍ୟାୟରେ ତାହା ହେଲା ମହାଭାରତୀୟ ଜାତୀୟ ଚେତନାର ପବିତ୍ର ସୂତି ପୀଠ ।

ଦାସ ଆପଣେ ପଣ୍ଡିତ ନୀଳକଣ୍ଠଙ୍କୁ ସବୁ କଥାରେ ଲୋଡୁଥିଲେ ଏବଂ ବିଶ୍ୱସୁଥିଲେ । କୌଣସି ନୂଆ ଯୋଜନାଟିଏ କାର୍ଯ୍ୟକାରୀ କରିବା ପୂର୍ବରୁ, ପ୍ରସ୍ତାବଟିଏ ଉପସ୍ଥାପିତ କରିବା ପୂର୍ବରୁ ସେ ନୀଳକଣ୍ଠଙ୍କ ସହିତ ଆଲୋଚନା ନ କରି ଏକପାଦ ବି ଆଗକୁ ଅଗ୍ରସର ହେଉ ନଥିଲେ । ନିଜର ସ୍ମୃତିଚାରଣ କରି ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି—"ଶିକ୍ଷାର ପ୍ରସାର ବିନା ଏ ଦେଶର ଦୁଃଖ ତୁଟିବ ନାହିଁ । ପ୍ରକୃତ କେହି ସମସ୍ୟାକୁ ହୃଦୟଙ୍ଗମ କରିବେ ନାହିଁ । କୁସଂସ୍କାର ଓ ସ୍ୱାର୍ଥପରତାର ଅନ୍ଧକାର ମଧ୍ୟରେ ସମସ୍ତେ ନିମଜ୍ଜିତ ହେଉଥିବେ । ମାତ୍ର ଏହି ଶିକ୍ଷାପ୍ରସାର କିପରି ହେବ ? ପ୍ରକୃତ ଶିକ୍ଷାଦାନ ବ୍ୟବସ୍ଥା କିପରି କରାଯିବ ?" ଇଂରେଜମାନେ ଯେଉଁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ ତାହା ଥିଲା କିରାଣି ତିଆରି କାରଖାନା । ଏ କାରଖାନାରେ ଅନେକ କଳାସାହେବ ଉତୁରୁଥିଲେ । ଏମାନେ ଥିଲେ ଜାତୀୟ ସ୍ୱାଭିମାନ ଓ ଆଶା ଆକାଂକ୍ଷାର ପରିପନ୍ଥୀ ।

---

(୧) ଚନ୍ଦ୍ରଶେଖର ମିଶ୍ର—ସତ୍ୟବାଦୀରେ ସାତବର୍ଷ (୨ୟ ସଂ. ୧୯୬୭) —ପୃ-୧୩ ।

Digitized by srujanika@gmail.com

ଦେଶରେ ଏକ ମଣିଷ ତିଆରି କାରଖାନାର ଆବଶ୍ୟକତା ପଡ଼ୁଥିଲା । ସେତେବେଳେ ସେମାନଙ୍କ ଆଗରେ ଆଦର୍ଶ ହୋଇ ଠିଆ ହୋଇଥିଲା ପୁନାର ଫର୍ଗୁସନ କଲେଜ । ଇଂଲଣ୍ଡରେ ମଧ୍ୟ ଇଟନ୍, ହ୍ୟାରୋ, ରୁଗ୍‌ବି ପରି ପବ୍ଲିକ୍ ସ୍କୁଲମାନ ସେମାନଙ୍କ ମନକୁ ଆକର୍ଷଣ କରୁଥିଲା । ଏହି ପରିସ୍ଥିତିରେ ଜନ୍ମଗ୍ରହଣ କଲା ସତ୍ୟବାଦୀ ବନବିଦ୍ୟାଳୟ । (୧୩) ବନ ବିଦ୍ୟାଳୟ ନିମିତ୍ତ ଜାତିପ୍ରାଣ ଗୋପବନ୍ଧୁ ଏକ ଇସ୍ତାହାର ଶ୍ରୀ ବ୍ରଜସୁନ୍ଦର ଦାସଙ୍କ ସମ୍ପାଦିତ 'ମୁକୁର' ପତ୍ରିକାରେ ପ୍ରକାଶ କରିଥିଲେ । ଏହି ଇସ୍ତାହାରର ଶିରୋନାମା ଥିଲା—"The Satyabadi School—Its aim and character."

ଅତଏବ ଉପର୍ଯ୍ୟୁକ୍ତ ବର୍ଣ୍ଣିତ ପରିବେଶ ଓ ପରିସ୍ଥିତିର ଭିତ୍ତି ଉପରେ ଉପନୀତ ହୋଇ କବି-ମନୀଷୀ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ଯୁଗ ଓ ସାହିତ୍ୟର ପ୍ରତ୍ୟେକ ଦିଗକୁ ନିରୀକ୍ଷଣ କରିଥିଲେ ଏବଂ ସାହିତ୍ୟବୃତ୍ତର ପ୍ରତ୍ୟେକ ବିନ୍ଦୁକୁ ସ୍ପର୍ଶ କରିଥିଲେ, ଯାହା ଏହି ପୁସ୍ତକରେ ପର୍ଯ୍ୟାୟକ୍ରମେ ଆଲୋଚ୍ୟ ।

(୧୩) ଚନ୍ଦ୍ରଶେଖର ମିଶ୍ର—ସତ୍ୟବାଦୀରେ ସାତବର୍ଷ (ଦ୍ୱି ସଂ, ୧୯୬୬) ପୃ—୧୩

Digitized by srujanika@gmail.com

# ସତ୍ୟବାଦୀ ବନବିଦ୍ୟାଳୟ ଓ ପଣ୍ଡିତ ନୀଳକଣ୍ଠ

ରାଧାନାଥ ଯୁଗର ଶେଷ ପ୍ରାନ୍ତି ଇତିହାସରେ ବିଲୀନ ପୂର୍ବରୁ ସତ୍ୟବାଦୀର ମଞ୍ଜୁଳ କଳକଲ୍ଲୋଳିତ ଶାନ୍ତ ସ୍ନିଗ୍ଧ ପରିବେଶରେ ଯେଉଁ ସାରସ୍ୱତ ବୀଣା ନୂତନ ଝଙ୍କାରରେ ଝଙ୍କୃତ ହୋଇ ଉତ୍କଳର ଗଗନ ପବନ ମୁଖରିତ କରିଥିଲା, ତାହାର ଅନ୍ୟତମ ସ୍ରଷ୍ଟା ଥିଲେ ବରେଣ୍ୟ ସାଧକ କବି ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ । ବକୁଳ—ଝୁରିଅନା—ନିକୁଞ୍ଜର ସୁମଧୁର ସୁଶୀତଳ ବନଚ୍ଛାୟା ତଳେ ଛାତ୍ରମାନଙ୍କୁ ଜ୍ଞାନ-ବିଜ୍ଞାନ ଶିକ୍ଷାଦେବାରେ ସେ ଅତ୍ୟନ୍ତ ବିଚକ୍ଷଣ ଥିଲେ । ୧୯୦୯ ମସିହାରେ ପଣ୍ଡିତ ଗୋପବନ୍ଧୁ ଓଡ଼ିଶାରେ ସମାଜ ସଂସ୍କାର ଓ ଜାତୀୟ ଜାଗରଣ ପାଇଁ ସତ୍ୟବାଦୀଠାରେ ବହୁମୁଖୀ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସରକାରୀ ଚାକିରିର ମୋହ ପରିତ୍ୟାଗ କରି ମୁକ୍ତି ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ମନୀଷୀ ନୀଳକଣ୍ଠ ୧୯୧୨ ମସିହାରେ ବିଦ୍ୟାଳୟ ପ୍ରତିଷ୍ଠାର ତିନିବର୍ଷ ପରେ ଜଣେ ଆଦର୍ଶ ଶିକ୍ଷକ ଭାବରେ ସେଠାରେ ଯୋଗଦେଇଥିଲେ । ବକୁଳ ବନର ନିବିଡ଼ ଘନଚ୍ଛାୟା ତଳେ ଛାତ୍ରମାନଙ୍କୁ ଦେଶବିଦେଶର କଥା ଓ କାହାଣୀ, ସାହିତ୍ୟ ପ୍ରଭୃତି ଶିକ୍ଷାଦେବାରେ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିଥିଲେ । ଅସୀମ ଥିଲା ତାଙ୍କ ଜ୍ଞାନ ପିପାସା । ସତ୍ୟବାଦୀ ବନବିଦ୍ୟାଳୟରୁ କିପରି ଆଦର୍ଶ ଶିକ୍ଷାକର୍ମୀ, କର୍ତ୍ତବ୍ୟନିଷ୍ଠ ଦେଶସେବୀ ଓ ଜାତୀୟ କର୍ମୀ ବାହାରିବେ, ସେଥିପାଇଁ ସେ ସଦାସର୍ବଦା ଚିନ୍ତିତ ଥିଲେ । ଦେଶ ସ୍ୱାଧୀନ ହେବ, ଶିକ୍ଷିତ ମାନବ ସମାଜ ଗଠିତ ହେବ, ଇଂରେଜମାନଙ୍କ ଅନ୍ଧଆଇନର ମୂଳପୋଛ ହେବ—ଏହି ସ୍ୱପ୍ନରେ ମଜଗୁଲ୍ ହୋଇ ପରବର୍ତ୍ତୀ ସମୟରେ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ଆସୀନ ହୋଇଥିଲେ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କ ପରେ ନିଜର ସହକର୍ମୀଭାବେ ବିଦ୍ୟାଳୟରେ ଯୋଗଦେଲେ ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହର । ପଣ୍ଡିତ ନୀଳକଣ୍ଠଙ୍କ ବିଚକ୍ଷଣ ମନୀଷା, ଦୃଢ଼ ପ୍ରତିଜ୍ଞା ଓ ବଳିଷ୍ଠ ନେତୃତ୍ୱର ଭିତ୍ତିଭୂମିକୁ କେନ୍ଦ୍ରକରି ବିଦ୍ୟାଳୟର ସୁନାମ ପ୍ରତ୍ୟୁଷର ଉଦୟାଚଳ ସୂର୍ଯ୍ୟରଶ୍ମି ପରି ସୁଦୂର ବିଭାଜ୍ୟ ଉତ୍କଳର ପ୍ରତ୍ୟେକ ଜନପଦକୁ ଚହଟି ଯାଇଥିଲା ।

କୁଳବୃଦ୍ଧ ମଧୁସୂଦନଙ୍କ ଭାଷାରେ—"ସତ୍ୟବାଦୀ ବନବିଦ୍ୟାଳୟ ଥିଲା ଯଥାର୍ଥରେ ଏ ଯୁଗର ନାଳନ୍ଦା ।" ଏହାଥିଲା ଏକ ଜୀବନ୍ତ ସଚଳ ଶିକ୍ଷାନୁଷ୍ଠାନ, ଧର୍ମ୍ମଶୁଦ୍ଧ ସମାଜ, ଏକ ମଣିଷ ତିଆରି କାରଖାନା । ଏହି କାରଖାନାର ମୁଖ୍ୟଥିଲେ ପଣ୍ଡିତ ନୀଳକଣ୍ଠ । ତାଙ୍କ ଅକଣ୍ଠରେ ଶିକ୍ଷକର କୋମଳତା ଭରିରହିଥିଲା, ଏତଦ୍‌ବ୍ୟତୀତ ଥିଲା କଠୋର କର୍ତ୍ତବ୍ୟନିଷ୍ଠା ଓ ସାଧନା । ଶିକ୍ଷକ ତଥା ଛାତ୍ର ସମାଜର ନୈତିକ ଉନ୍ନତି ନିମିତ୍ତ ସେ ଗଭୀର ଦୃଷ୍ଟି ଦେଇଥିଲେ । ମନୁଷ୍ୟକୁ ଏକ ଯଥାର୍ଥ ମନୁଷ୍ୟରୂପେ ଗଢ଼ିବାପାଇଁ ସେ ବଦ୍ଧପରିକର ହୋଇଥିଲେ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢ଼ିପାରିବେ । କିନ୍ତୁ ତାଁ ଭିତରେ ଯେଉଁ ବ୍ରହ୍ମ ରହିଛି, ତାକୁ ସମସ୍ତେ ସଠିକଭାବେ ରୂପଦେଇ ଯଥାର୍ଥ ରଙ୍ଗରେ ରଙ୍ଗେଇ ପାରନ୍ତି ନାହିଁ । ମାତ୍ର ବରିଷ୍ଠ ଶିକ୍ଷାବିତ୍ ପଣ୍ଡିତ ନୀଳକଣ୍ଠ ଥିଲେ ଏହି ବ୍ରହ୍ମର ଯଥାର୍ଥ ନିର୍ମାତା, ସତ୍ୟବାଦୀର ବିଶୁମହାରଣା ।

ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରାବାସକୁ ସୁଶୃଙ୍ଖଳିତଭାବେ ପରିଚାଳନା କରିବାରେ ତାଙ୍କର ଅବଦାନ ସ୍ୱୀକାର୍ଯ୍ୟ । ଏଥିପାଇଁ ତାଙ୍କୁ ବହୁବାର ରକ୍ଷଣଶୀଳ ସମାଜବିରୋଧୀ ବ୍ରାହ୍ମଣମାନଙ୍କ ସମ୍ମୁଖରେ ଅପମାନିତ ହେବାକୁ ପଡ଼ିଥିଲା । ସତ୍ୟବାଦୀ ବନବିଦ୍ୟାଳୟର ଛପର ଘରଟିକୁ ଚିରଦିନପାଇଁ ଅଗ୍ନିଗର୍ଭରେ ସମର୍ପି ଦେବାକୁ ପଡ଼ିଥିଲା । ଏହି ସତ୍ତ୍ୱେ ସେ ତାଙ୍କ କର୍ତ୍ତବ୍ୟରେ ଅତ୍ୟନ୍ତ କଠୋର ଥିଲେ । ବନବିଦ୍ୟାଳୟର ଛାତ୍ରାବାସରେ ଉଭୟ ବ୍ରାହ୍ମଣ ଓ ନୀଚଜାତିର ପ୍ରାଣପ୍ରିୟ ଛାତ୍ରମାନଙ୍କୁ ସେ ଏକତ୍ର ଭୋଜନ କରାଉଥିଲେ । ବନବିଦ୍ୟାଳୟର ଅନ୍ୟ ଏକ ପ୍ରଧାନ ଆଭିମୁଖ୍ୟ ଥିଲା ପ୍ରାଚୀନ ଉତ୍କଳର ବିଭିନ୍ନ ମନ୍ଦିର ଓ ଐତିହାସିକ ସ୍ଥାନ ପରିଭ୍ରମଣ । ଏହି ପରିଭ୍ରମଣର କାବ୍ୟରୂପ 'କୋଣାର୍କେ' କାବ୍ୟଗ୍ରନ୍ଥ ।

Digitized by srujanika@gmail.com

ସତ୍ୟବାଦୀ ଶିକ୍ଷାପ୍ରଣାଳୀ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଉତ୍ତପ୍ରୋତଃ ଭାବେ ଜଡ଼ିତ । ତାଙ୍କର 'A Hand book of Model Drawing' ଏହାର ଜ୍ୱଳନ୍ତ ନମୁନା । ସେ ଉପର୍ଯ୍ୟୁକ୍ତ ପୁସ୍ତକରେ ଗ୍ରଥିତ ପଦ୍ଧତିରେ ବିଭାଗ ଛାତ୍ରମାନଙ୍କୁ ପ୍ରାଞ୍ଜଳଭାବେ ଶିକ୍ଷା ଦେଉଥିଲେ । ସେହିପରି ତତ୍‌କାଳୀନ ସମୟରେ ପିଲାମାନଙ୍କ ପ୍ରଧାନ ମୁଣ୍ଡବ୍ୟଥା ବିଷୟ ଥିଲା ଇଂରାଜୀ ଅନୁବାଦ (English Translation) । ଏହାକୁ ପିଲାମାନଙ୍କ ନିକଟରେ ଠିକ୍ ରୂପେ ପହଞ୍ଚାଇବା ପାଇଁ ସେ ବହୁ ଚେଷ୍ଟାକରି ଏକ ପୁସ୍ତକ ପ୍ରଣୟନ କରିଥିଲେ । ପୁସ୍ତକଟି ପ୍ରକାଶ ପାଇଲାପରେ ଛାତ୍ରମହଲରେ ଖୁବ୍ ଆଦୃତ ହୋଇଥିଲା ଓ ସେମାନଙ୍କ ମୁଣ୍ଡବ୍ୟଥାକୁ ବହୁପରିମାଣରେ ଲାଘବ କରିଥିଲା । ଏହାଦ୍ୱାରା ମେଧାବୀ ଜିଜ୍ଞାସୁ ଛାତ୍ରମାନଙ୍କର ଶବ୍ଦଜ୍ଞାନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଇତିହାସ, ଭୂଗୋଳ, ଜ୍ଞାନ-ବିଜ୍ଞାନ, ସୌରଜଗତ, କୋଣାର୍କ ମନ୍ଦିରର ସ୍ଥାପତ୍ୟ ପ୍ରଭୃତି ସମ୍ପର୍କୀୟ ଜ୍ଞାନ ବିତରଣ କରିବାରେ ଏହା ବହୁପରିମାଣରେ ସହାୟକ ହୋଇଥିଲା ।

ବନବିଦ୍ୟାଳୟର ଛାତ୍ର ଓ ଶିକ୍ଷାକର୍ମୀମାନଙ୍କର ଏକାନ୍ତ ଆଦରଣୀୟ ଓ ଆତ୍ମୀୟଭାବେ ପରିଚିତ ଥିଲା ବନବିଦ୍ୟାଳୟର ଶ୍ରେଣୀ ପାଠାଗାର (Class Library) । ପ୍ରତ୍ୟେକ ଶ୍ରେଣୀ ପାଠାଗାରର ଦାୟିତ୍ୱ ସମ୍ପୃକ୍ତ ଶ୍ରେଣୀ ଶିକ୍ଷକଙ୍କ ଉପରେ ନ୍ୟସ୍ତଥିଲା । ଶ୍ରେଣୀ ପାଠାଗାର ଦ୍ୱାରା ଉଭୟ ଛାତ୍ର ଓ ଶିକ୍ଷକ ବହୁଭାବରେ ଉପକୃତ ହେଉଥିଲେ । ପୁସ୍ତକମାନଙ୍କଦ୍ୱାରା ଛାତ୍ରମାନେ କେତେପରିମାଣରେ ଉପକୃତ ହେଉଥିଲେ ତାହା ପ୍ରଧାନ ଶିକ୍ଷକ ପଣ୍ଡିତ ନୀଳକଣ୍ଠଙ୍କ ପରାମର୍ଶକ୍ରମେ ଶ୍ରେଣୀ ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝୁଥିଲେ ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ବନବିଦ୍ୟାଳୟର ପ୍ରଧାନ ରୂପକାର । ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ କୁଳବୃଦ୍ଧ ମଧୁସୂଦନ ବକ୍ତୃତା ପ୍ରସଙ୍ଗରେ ସେଥିପାଇଁ କହିଥିଲେ—"ସତ୍ୟବାଦୀରେ ନୀଳକଣ୍ଠ ଡିପୋଟି ଗଢ଼ୁନାହାନ୍ତି, ଗଢ଼ୁଛନ୍ତି ପ୍ରକୃତ ମନୁଷ୍ୟ ।" ଉତ୍କଳର ଭବିଷ୍ୟତ ଦେଶନିର୍ମାତାଙ୍କ ବୌଦ୍ଧିକ ଶକ୍ତିର ବିକାଶପାଇଁ ୧୯୧୭ ମସିହାରେ ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପାଦନାରେ ବନବିଦ୍ୟାଳୟର ମୁଖପତ୍ର 'ସତ୍ୟବାଦୀ' ଛାତ୍ର ତଥା ଶିକ୍ଷକମାନଙ୍କ ସହଯୋଗରେ ଆତ୍ମପ୍ରକାଶ

Digitized by srujanika@gmail.com

କରିଥିଲା । ଏହି ପତ୍ରିକାଟିର ପ୍ରତ୍ୟକ୍ଷ ଦାୟିତ୍ୱରେ ଥିଲେ ପଣ୍ଡିତ ନୀଳକଣ୍ଠ । ତାଙ୍କର ପ୍ରଶାସନ ଅତ୍ୟନ୍ତ କଠୋର ଥିବାରୁ ଶ୍ରେଣୀଗୃହରେ ବିଦ୍ୟା ସମ୍ପର୍କୀୟ ଆଲୋଚନା ବ୍ୟତୀତ ଅନ୍ୟ କୌଣସି ବିଷୟ ଚର୍ଚ୍ଚା ହେଉ-ନଥିଲା । ପଣ୍ଡିତ ନୀଳକଣ୍ଠ ଏହି ପ୍ରସଙ୍ଗରେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି--"ମୁଁ ଅତି ଗମ୍ଭୀର ଥିଲି । ପିଲାମାନେ କିପରି ଭଲ ପଢ଼ିବେ ଓ ପ୍ରାଞ୍ଜଳଭାବରେ ଭାବବ୍ୟକ୍ତ କରିପାରିବେ ସେଥିପାଇଁ ଅତି ତତ୍ପର ଥିଲି । ସେଥିପାଇଁ ମୋତେ ଅତି ଅସହିଷ୍ଣୁ ହେବାକୁ ପଡ଼ୁଥିଲା । କେବଳ ଏତିକି ନୁହେଁ, କୌଣସି ଛାତ୍ରର ଔଦ୍ଧତ୍ୟ ବା କ୍ଷୀଣ ଅହମିକା ଦେଖିଲେ ମୁଁ ସହିପାରୁ ନଥିଲି । ସେଥିପାଇଁ ପିଲାମାନେ ମୋତେ ଦେଖିଲେ ଅତ୍ୟନ୍ତ ଭୟ ପ୍ରଦର୍ଶନ କରୁଥିଲେ । ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବା କିମ୍ବା ଭ୍ରମମାର୍ଗରେ ପରିଚାଳିତ କରୁଥିବା ଶିକ୍ଷକମାନଙ୍କପ୍ରତି ମୁଁ ଅତି ନିଷ୍ଠୁର ଥିଲି । ବହୁଛାତ୍ର ଓ ଯୁବକ ଶିକ୍ଷକମାନେ ଏକତ୍ର ବସବାସ କରିବାରୁ ସେମାନଙ୍କ ଆଚରଣରେ କେତେକ ତ୍ରୁଟି ଦେଖାଦେଲା । ମୁଁ ଏଥିପ୍ରତି ଅତିମାତ୍ରାରେ ଅସହିଷ୍ଣୁ ହୋଇପଡ଼ିଥିଲି । କଠୋର ଦଣ୍ଡ ମଧ୍ୟ ଦେଲି ।" [୧]

ଶିକ୍ଷିତ ସହରବାସୀଙ୍କ ମନ ପଲ୍ଲୀ ଅଭିମୁଖୀ କରିବା ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ମୁଖ୍ୟ ଆଭିମୁଖ୍ୟ ଥିଲା । ଶିକ୍ଷାର ମନ ଓ ଆଭିମୁଖ୍ୟ ପରିବର୍ତ୍ତନ ଉଦ୍ଦେଶ୍ୟରେ ଓଡ଼ିଶାର ବହୁସ୍ଥାନରୁ ଫେରିଲା ପରେ ସାକ୍ଷୀଗୋପାଳସ୍ଥିତ ଛୁରିଅନା କୁଞ୍ଜ ମଧ୍ୟରେ ବନବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ବିଦ୍ୟାଳୟର ଅଭ୍ୟୁଦୟ ଓ ଅଗ୍ରଗତି ପ୍ରସଙ୍ଗ ଆଲୋଚନା କରିବାକୁ ଯାଇ ଉତ୍କଳମଣି ଗୋପବନ୍ଧୁ କହନ୍ତି—"ପ୍ରଥମରୁ କେତେବର୍ଷ ଗ୍ରାମ ସଂଗଠନ ଉଦ୍ଦେଶ୍ୟରେ କାର୍ଯ୍ୟ ମଧ୍ୟ କରାଯାଇଥିଲା । ସ୍କୁଲର ଛାତ୍ରମାନଙ୍କ ପଢ଼ା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଶ୍ରମଜୀବୀ ଯୁବକମାନଙ୍କ ନିମନ୍ତେ ନୈଶ ବିଦ୍ୟାଳୟ ବସିଥିଲା । ଅଛୁଆଁ ଜାତିର ପିଲାମାନଙ୍କ ପାଇଁ ପାବନ ବିଦ୍ୟାଳୟ ଖୋଲାଥିଲା । ଜର ଆଦି ବିଶେଷ ରୋଗରେ ବିଶେଷତଃ କଲେରା ପ୍ରଭୃତି ସଂକ୍ରାମକ ରୋଗ ସମୟରେ ନିକଟବର୍ତ୍ତୀ ପଲ୍ଲୀବାସୀମାନଙ୍କ ମଧ୍ୟରେ ଔଷଧ ବିତରଣରେ ବ୍ୟବସ୍ଥା

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ., ୧୯୬୩), ପୃ. ୭୦-୭୨ ।

Digitized by srujanika@gmail.com

ହୋଇଥିଲା । ଗ୍ରାମମାନଙ୍କରେ ସଭା ଗଠନ ଓ ଗ୍ରାମୀୟ କଳହ ବିବାଦ ନିଷ୍ପତ୍ତିର ଉଦ୍ୟମ କରାଯାଇଥିଲା; କୃଷି ବଗିଚା କାମ, ବଢ଼େଇ କାମ ଓ ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପରେ ଛାତ୍ରମାନଙ୍କୁ ଲଗାଇ ସେମାନଙ୍କ ଜୀବିକା ଉପାର୍ଜନର ଚେଷ୍ଟା ହେଉଥିଲା ।" (୨) ସୁତରାଂ ଧନ୍ଦାମୂଳକ ଶିକ୍ଷା ଓ ପଲ୍ଲୀଭିତ୍ତିକ ବୈଷୟିକ ଶିକ୍ଷା ଦେବାରେ ସତ୍ୟବାଦୀ ବନବିଦ୍ୟାଳୟର ଆଭିମୁଖ୍ୟ ସ୍ୱୀକାର୍ଯ୍ୟ । ଏହି ପଥିକୃତ ଉଦ୍ୟମର ଅଗ୍ରସାରଥି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ସତ୍ୟବାଦୀ ବନବିଦ୍ୟାଳୟ ସହିତ ତାଙ୍କର କର୍ମମୟ ଜୀବନ ପ୍ରାୟ ଏକ ସୂତ୍ରରେ ଗ୍ରଥିତ ହୋଇଥିଲା । ବନବିଦ୍ୟାଳୟ ଥିଲା ତାଙ୍କ ସାହିତ୍ୟ ସାଧନାର ପ୍ରଥମ କର୍ମସ୍ଥଳୀ ।

ବିଂଶ ଶତକର ଦ୍ୱିତୀୟ ଦଶକରେ ଓଡ଼ିଶାରେ ସତ୍ୟବାଦୀ ବନବିଦ୍ୟାଳୟ ଭାରତୀୟ ଗଣତନ୍ତ୍ରର ପରୀକ୍ଷା ନିରୀକ୍ଷା ଆରମ୍ଭ କରି ଦେଇଥିଲା । ପଣ୍ଡିତ ନୀଳକଣ୍ଠ ଭାରତୀୟ ଗଣତନ୍ତ୍ରର ନୀତି ଓ ନିୟମ ଛାତ୍ରମାନଙ୍କୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ । ବନବିଦ୍ୟାଳୟରେ ଏକତ୍ରିତ ଛାତ୍ର ଓ ଶିକ୍ଷକ ଏକ ପରିବାର ବୋଲି ସେ ବାରମ୍ବାର ଦୃଢ଼ଭାବେ ଘୋଷଣା କରୁଥିଲେ । ଛାତ୍ରମାନଙ୍କ ଆତ୍ମାନୁସନ୍ଧାନ, ତତ୍ତ୍ୱାନୁଶୀଳନ ଏବଂ ନିର୍ବାଚନ ପ୍ରଣାଳୀ ମଧ୍ୟ ଅତି ଚମତ୍କାର ଥିଲା । ବେଶଭୂଷାରେ ସରଳତା, ନିରାଡ଼ମ୍ବର ବ୍ୟବହାର ସତ୍ୟବାଦୀ ଛାତ୍ରଗୋଷ୍ଠୀର ଆତ୍ମିକ ଧର୍ମ ଥିଲା । ଏହା ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ କ୍ଷୀଣକୋପୀ ଥିବାରୁ ସେ ସାଧାରଣ ଛାତ୍ରମାନଙ୍କ ସଂସ୍ପର୍ଶରେ ଆସିପାରୁ ନ ଥିଲେ ବୋଲି ଅନୁଭବ କରିହୁଏ । ଏ ପ୍ରସଙ୍ଗରେ ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି—"ଅନୁଭବ କରେ, ସାଧାରଣ ଛାତ୍ରମାନଙ୍କ ପାଖରୁ ମୁଁ ହୁଏତ ଦୂରେଇ ଯାଇଛି । ସେଥିପାଇଁ ତାଙ୍କ ସହିତ ମିଶିବାକୁ ଚେଷ୍ଟା କରେ । ଦୋଷ ତ୍ରୁଟିକୁ କ୍ଷମା ଦେଲେ ଏବଂ ଭୁଲ୍‌କୁ ଭଲ ବୋଲି ଗ୍ରହଣ କରିନେଲେ ସିନା ପିଲାଏ ପାଖକୁ ଲାଗି ଆସନ୍ତି । ମୁଁ ତ ସବୁବେଳେ ଦୋଷ ପାଇଁ ନିଷ୍ଠୁର ହୁଏ; ଏଣୁ ପିଲାଏ ଭୟରେ ମୋ ଆଗରେ ସିଧା ଗଳାପାରନ୍ତି ନାହିଁ ।" (୩) ଛାତ୍ରମାନଙ୍କର ବିନୀତ ଓ ଧୀରସ୍ଥିର ଭାବ ଦେଖିଲେ

---

(୧) ଗୋପବନ୍ଧୁ ରଚନାବଳୀ, ୧ମ ଭାଗ, ପୃ—୨୦୮-୨୦୯ ।

(୩) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ., ୧୯୭୩) ପୃ-୬୧ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ମନେ ମନେ ବହୁତ ଗର୍ବ ଅନୁଭବ କରନ୍ତି ଓ ସେଥିପାଇଁ ସେ ଛାତ୍ରମାନଙ୍କୁ ଅତି ସ୍ନେହ ଓ ଶ୍ରଦ୍ଧା ମଧ୍ୟ କରନ୍ତି ।

ବନବିଦ୍ୟାଳୟର ଛାତ୍ରମାନଙ୍କୁ ଶିକ୍ଷାଦାନରେ ଅବହେଳା ପ୍ରଦର୍ଶନ କରୁଥିବା କିମ୍ବା ଭୁଲ ମାର୍ଗରେ ପରିଚାଳିତ କରୁଥିବା ଶିକ୍ଷାବିତ୍ ତଥା ଶିକ୍ଷାକର୍ମୀମାନଙ୍କ ପ୍ରତି ସେ ଅତ୍ୟନ୍ତ ନିଷ୍ଠୁର ଥିଲେ । "ମୋର ମନେଅଛି, ଥରେ ଜଣେ ନୂତନ ଗ୍ରାଜୁଏଟ ଶିକ୍ଷକ ହୋଇ ସତ୍ୟବାଦୀକୁ ଆସିଲେ । ସେ ନବମ ଶ୍ରେଣୀର ଇଂରେଜୀ ବ୍ୟାକରଣ ପଢ଼ାଇବାକୁ ଯାଇ କହିଲେ, 'Any word ending with ly is an Adverb' । ମୁଁ ଠିକ ପଦାରେ ଶୁଣୁଥାଏ । ଜଣେ ବିଚକ୍ଷଣ ଛାତ୍ର ତାଙ୍କୁ ସଙ୍ଗେ ସଙ୍ଗେ ପ୍ରଶ୍ନ କଲା, "Itally and Cicily ମଧ୍ୟ adverb ?" ମୁଁ ଏହାପରେ ସେ ନୂତନ ଶିକ୍ଷକଙ୍କୁ ଡକାଇ ଆଣି ସତ୍ୟବାଦୀ ଛାଡ଼ି ଚାଲିଯିବାକୁ କହିଲି ।" (୪) ଏଥିରୁ ସତ୍ୟବାଦୀ ଶିକ୍ଷାପ୍ରଣାଳୀ ସମ୍ପର୍କରେ ବେଶ୍ ହୃଦୟଙ୍ଗମ କରିହୁଏ । ଏତଦ୍‌ବ୍ୟତୀତ ସେ ଛାତ୍ରମାନଙ୍କର ମିଥ୍ୟା, ଔଦ୍ଧତ୍ୟ କିମ୍ବା ଅଧର୍ମିକାକୁ ସହିପାରୁ ନଥିଲେ । ତେଣୁ ସେ ସେଥିପାଇଁ ଛାତ୍ରମାନଙ୍କୁ ମଧ୍ୟ ଅତ୍ୟନ୍ତ ଭୟ ପ୍ରଦର୍ଶନ କରୁଥିଲେ ।

• ସତ୍ୟବାଦୀ ସ୍କୁଲ ସହିତ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପୃକ୍ତି ଆଲୋଚନା ପର୍ଯ୍ୟାୟରେ ବିଦ୍ୟାଳୟର ସାହିତ୍ୟାଲୋଚନା ସଭାକୁ ବାଦ୍ ଦିଆଯାଇ ନ ପାରେ । ଏହି ଆଲୋଚନା ସଭା ମୁଖ୍ୟତଃ ପ୍ରତ୍ୟେକ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ଅନୁଷ୍ଠିତ ହେଉଥିଲା । ଏହି ସଭାରେ ଛାତ୍ରମାନଙ୍କ ଲେଖନ ପରିପାଟୀ, ବକ୍ତୃତାରେ ରୁଚି ଓ ଦକ୍ଷତା ମଧ୍ୟ ପ୍ରକାଶ ପାଉଥିଲା । ଆଲୋଚନା ସଭାର ଅନ୍ୟ ଏକ ବିଶିଷ୍ଟ ଅଙ୍ଗଥିଲା ପ୍ରବନ୍ଧ ପାଠୋତ୍ସବ, କବିତା ଆବୃତ୍ତି, ଗଳ୍ପପାଠ । ଏତଦ୍‌ବ୍ୟତୀତ ଶିକ୍ଷକମାନଙ୍କ ମଧ୍ୟରୁ ପଣ୍ଡିତ ଗୋଦାବରୀଶ ଏହି ସଭାରେ ଅଂଶଗ୍ରହଣ କରୁଥିଲେ । ପଣ୍ଡିତ ନୀଳକଣ୍ଠ ବିଭିନ୍ନ ସଭାରେ ପଠନଯୋଗ୍ୟ ସଂସ୍କୃତ ପ୍ରବନ୍ଧ ପ୍ରସ୍ତୁତ କରୁଥିଲେ ଏବଂ ଇଂରାଜୀରେ ବିଭିନ୍ନ ପ୍ରବନ୍ଧ ଲେଖି ପାଠ କରୁଥିଲେ ।

ପଣ୍ଡିତ ଗୋଦାବରୀଶ ବନବିଦ୍ୟାଳୟରେ କିଛିଦିନ ଶିକ୍ଷକତା କଲାପରେ ବିଭିନ୍ନ କାରଣରୁ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରି ଅନ୍ୟତ୍ର ଚାଲି-

---

(୪) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମଖଣ୍ଡ (ଦ୍ୱିତୀୟ ସଂ –୧୯୭୩), ପୃ—୭୩

Digitized by srujanika@gmail.com

ମିବାର ପରିକଳ୍ପନା କରିଥିଲେ । କ୍ରମଶଃ ଅନ୍ୟାନ୍ୟ ଶିକ୍ଷାକର୍ମୀମାନଙ୍କ ମଧ୍ୟରେ ମତାନ୍ତର ଦେଖାଦେଇଥିଲା । ଫଳରେ ଏହିଠାରୁ ହିଁ ବିଦ୍ୟାଳୟର ପ୍ରଗତି ବାଧାପ୍ରାପ୍ତ ହୋଇଥିଲା । ଏହି ପ୍ରସଙ୍ଗରେ ନୀଳକଣ୍ଠ ଲେଖିଛନ୍ତି— ଆମ ଦେଶ ବହୁକାଳ ପରାଧୀନ ଥିଲା । ଏପରି ଗୋଟିଏ ସ୍କୁଲ ରଖିବାର ଓ ସେଥିଲାଗି ସ୍ଥାୟୀଭାବରେ କାର୍ଯ୍ୟ କରିବାର ଶକ୍ତି ଓ ଧୈର୍ଯ୍ୟ ନଥିଲା । × × × ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, ହରିହର ଓ କୃପାସିନ୍ଧୁଙ୍କୁ ଏକାନ୍ତରେ ଡାକିନେଇ ସତ୍ୟବାଦୀ ସ୍କୁଲର ଭବିଷ୍ୟତ କଥା ବର୍ଣ୍ଣନା କରୁକରୁ କାନ୍ଦିଥିଲେ ଓ ଶେଷରେ ସ୍କୁଲର କେହି ସ୍ଥାୟୀ ଶିକ୍ଷକ ନହୋଇ ପ୍ରତ୍ୟେକ ତିନିବର୍ଷ ଲେଖାଏଁ ପ୍ରଧାନ ଶିକ୍ଷକ ରହିବାର ସ୍ଥିର ହୋଇଥିଲା । କିନ୍ତୁ ମୁଁ ବୁଝିଲି ଏହା ଯଥାର୍ଥ ସମାଧାନ ନୁହେଁ । ବିଶେଷତଃ ମୋର ମନ ସେହିଦିନଠାରୁ ଫାଟିଗଲା । ମୁଁ ଜାଣିଲି ଏ ସ୍କୁଲ ଯେଉଁ ପୀଠରେ ଯେଉଁ ଅଭିଳାଷ ନେଇ ବଢ଼ୁଥିଲା, ତାହା ଆଉ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । (୫)"

ବାସ୍ତବରେ ସତ୍ୟବାଦୀର ନିଃସ୍ୱାର୍ଥପର ଦେଶବାସୀମାନଙ୍କ ସବୁଜ ସ୍ୱପ୍ନ ସଫଳ ରୂପରେଖ ଦେବା ପୂର୍ବରୁ ୧୯୧୮ ମସିହା ଅକ୍ଟୋବର ମାସ ଚଉଦ ତାରିଖ ଦିନ ବନବିଦ୍ୟାଳୟର ପ୍ରାତ୍ୟହିକ କର୍ମରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା । ଏହାପୂର୍ବରୁ ଗୋଦାବରୀଶ ସିଂହଭୂମିରେ ଓଡ଼ିଆ ଜାଗରଣ ପାଇଁ ସତ୍ୟବାଦୀ ପରିତ୍ୟାଗ କରିଥିଲେ । ପଣ୍ଡିତ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟରେ Comparative Philology ଅଧ୍ୟାପକଭାବେ ଯୋଗଦେଇଥିଲେ । ଏହି ପ୍ରସଙ୍ଗରେ ଗୋପବନ୍ଧୁ କହନ୍ତି—"ଆମ୍ଭେମାନେ ପଲ୍ଲୀରୁ ସହର ଆଡ଼କୁ ଗଲୁ । ଦେଶର ବଡ଼ ବଡ଼ କଥାରେ ଯୋଗଦେବାକୁ ଆକୃଷ୍ଟ ହେଲୁ । ସାମାନ୍ୟ ଅକିଞ୍ଚନ ପଲ୍ଲୀ ସେବକରୁ ଉଚ୍ଚ ଉନ୍ନତ ରାଜନୈତିକ ଦେଶସେବକ ବନିଲୁ । ଇଂରେଜୀରେ କହିଲେ ପେଟ୍ରିଅଟ ଓ ପଲିଟିସିଆନ ହେଲୁ ଏବଂ ସାଧାରଣ ପେଟ୍ରିଅଟ ଓ ପଲିଟିସିଆନର ନୈସର୍ଗିକ ଦୁର୍ବଳତା ଅହଂକାର ଅଭିମାନ କ୍ରମେ ଗ୍ରାସିଲା । ନୈଶ ବିଦ୍ୟାଳୟ, ପାବନ ବିଦ୍ୟାଳୟ, ପୁରାଣ ମଣ୍ଡପ, ଜାଗାଘରୁ ମନଘୁଞ୍ଚି କଲେଜ ଆଡ଼କୁ ଆଇଲା । ସତ୍ୟବାଦୀରେ ଇଣ୍ଟରମିଡ଼ିଏଟ କଲେଜ କ୍ଲାସ ଖୋଲିବାର ଆଶା

(୫) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମଖଣ୍ଡ (୨ୟ ସଂ—୧୯୭୩), ପୃ—୮୦ ।

Digitized by srujanika@gmail.com

ଜାଗିଲା । ସେ ଦିଗରେ ଉଦ୍ୟମ ମଧ୍ୟ ଆରମ୍ଭ ହେଲା । କିନ୍ତୁ କେଜାଣି କାହିଁକି ଭିତରେ ବେଳେ ବେଳେ ଆଶଙ୍କା ଜନ୍ମୁଥାଏ । 'ଅତ୍ୟୁଚ୍ଚେ ପତନାସ୍ଥ' ବୋଲି କୌଣସି ଘଟଣାରେ ଅତର୍କିତ ଭାବରେ ସହକର୍ମୀ ବନ୍ଧୁଙ୍କୁ ସ୍ୱତଃ-କହିଥିବାର ଏବେ ମନେ ପଡ଼ୁଛି । ଫଳରେ ଏହି ଉଚ୍ଚ ଆକାଙ୍କ୍ଷା ପୂରିଲା ନାହିଁ କି ମୌଳିକ ଉଦ୍ଦେଶ୍ୟ ସିଦ୍ଧ ହେଲାନାହିଁ ।" (୬)

ବୃହତ୍ତର ଜାତୀୟ ସ୍ୱାର୍ଥକୁ ରୂପଦେବା ନିମିତ୍ତ ସତ୍ୟବାଦୀର ସୀମିତ ପରିବେଶମଧ୍ୟରୁ ପ୍ରତ୍ୟେକ ଶିକ୍ଷାବ୍ରତ ସେହିଦିନଠାରୁ ଦେଶସେବା ସାଜ ଗୋଟି ଗୋଟି ହୋଇ ଓଡ଼ିଶାର ଚତୁର୍ଦ୍ଦିଗକୁ ଆଗେଇ ଯାଇଥିଲେ । ଏହାଫଳରେ ସତ୍ୟବାଦୀ ବନବିଦ୍ୟାଳୟର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନାରେ ବାଧା ଜନ୍ମିଲା । ଆଭିମୁଖ୍ୟ ଦୋହଲିଗଲା । ସତ୍ୟବାଦୀକୁ ଏକ ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠିତ କରାଇବାରେ ସମସ୍ତଙ୍କର ଆକାଙ୍କ୍ଷା ଥିଲା, ମାତ୍ର ମାତୃଭୂମି ଶିକ୍ଷାବ୍ରତୀମାନଙ୍କର ସେହି ଉଦ୍‌ଯୋଗ ପର୍ବର ଗୌରବାବହ ଉପସଂହାର ଉପଭୋଗ କରିପାରିଲା ନାହିଁ । ଫଳରେ ବିଦ୍ୟାଳୟର ଅଗ୍ରଗତି ପଥରେ ପୂର୍ଣ୍ଣଚ୍ଛେଦ ଘଟଣାହେଲା ।

---

(୬) ଗୋପବନ୍ଧୁ ରଚନାବଳୀ, ୧ମଖଣ୍ଡ, ପୃ—୨୦୮—୨୦୯ ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସାଧନା

୧୯୧୯ ମସିହା ଅକ୍ଟୋବର ମାସ ଚଉଦ ତାରିଖ ଦିନ ସତ୍ୟବାଦୀ ବନବିଦ୍ୟାଳୟ ଭାଙ୍ଗିଗଲା । ଫଳରେ ସେହିବର୍ଷ ଶେଷଭାଗ ବେଳକୁ ପଣ୍ଡିତ ନୀଳକଣ୍ଠଙ୍କୁ ବିଦ୍ୟାଳୟ ଓ ଛାତ୍ରାବାସର ଅଧ୍ୟକ୍ଷ ପଦ ପରିତ୍ୟାଗ କରିବାକୁ ପଡ଼ିଥିଲା । ଏହାପରେ ତାଙ୍କର ବହୁ କାର୍ଯ୍ୟ କମିଯାଇଥିଲା । ସୁତରାଂ ତାଙ୍କର ମୁଖ୍ୟ କାର୍ଯ୍ୟ ହେଲା ଲେଖାଲେଖି ଓ ସାହିତ୍ୟ ଚର୍ଚ୍ଚା । ତାଙ୍କର ଏହି ସାହିତ୍ୟଚର୍ଚ୍ଚା ପ୍ରଧାନତଃ ଚାରୋଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିଲା । ସତ୍ୟବାଦୀ ବନବିଦ୍ୟାଳୟରେ ସାହିତ୍ୟ ସାଧନା, ବନବିଦ୍ୟାଳୟରୁ ଅବସର ଗ୍ରହଣ ପରବର୍ତ୍ତୀ ସାହିତ୍ୟ ସାଧନା, କାରାଗାରରେ ଥିବା ସମୟରେ ସାହିତ୍ୟ ସାଧନା ଓ 'ନବଭାରତ'ରେ ପ୍ରକାଶିତ ନିବନ୍ଧମାଳା ଏହି ଚାରୋଟି ପର୍ଯ୍ୟାୟ ଅନ୍ତର୍ଭୁକ୍ତ କରାଯାଇଥାଏ । ଏତଦ୍‌ବ୍ୟତୀତ ସେ ଜଣେ ସୁ ଧର୍ମଲେଖକ ଓ ସମୀକ୍ଷକ । ଅତଏବ ଏହିସବୁ ଦୃଷ୍ଟିରୁ ସେ ଏକ ପରିପୂର୍ଣ୍ଣ ସାହିତ୍ୟ ଜଗତର ଅଧିକାରୀ ।

ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ବିଦ୍ୟାଳୟରେ ତାଙ୍କର ସାହିତ୍ୟା-ଲୋଚନା ନିମିତ୍ତ ସାମାଜିକ ପାରିପାର୍ଶ୍ୱିକ ଖୁବ୍ ଅନୁକୂଳ ଓ ଉପଯୋଗୀ ହୋଇଥିଲା । ବିଶେଷକରି ବନବିଦ୍ୟାଳୟରେ ବାଗ୍‌ଦେବୀ ସରସ୍ୱତୀ ଓ ଗଣେଶ ପୂଜା ଉପଲକ୍ଷେ ସେ ବହୁ କବିତା ରଚନା କରିଥିଲେ । ଏହି କବିତା ବା ସ୍ତୋତ୍ରଗୁଡ଼ିକୁ ପୂଜା ସମୟରେ ଛାତ୍ରମାନେ ଆବୃତ୍ତି କରୁଥିଲେ । ଏହାଥିଲା 'ଭକ୍ତି ଉଦ୍‌ବୋଧନ' ମୂଳକ କବିତା । ଯଥା:—

"ନବ ଶରଦେ ନବ ପୁଣ୍ୟ ପ୍ରକାଶେ ବିହଗ ନିକୁଞ୍ଜିତ କାନନ ଦେଶେ,
ସୁରୁ ଗଗନ ଛବି ସୁନ୍ଦର ଶସ୍ୟ ଭବି ଏ ସୁନ୍ଦର ଭାରତବର୍ଷେ,
ଅସ ପ୍ରଭେ ଦିଶୁ ଜ୍ଞାନ ବିକାଶି ।"

Digitized by srujanika@gmail.com

ବିଘ୍ନ ବିନାଶକ ବିନାୟକଙ୍କ ନିକଟରେ ସ୍ତୋତ୍ର ଗାନ କରିବାପାଇଁ ପଣ୍ଡିତ ନୀଳକଣ୍ଠ 'ବିନାୟକ ସ୍ତୋତ୍ର' ରଚନା କରିଥିଲେ ।

"ତବପଦ ସେବନ-କୃତ ଭରତ ସୂତ ପାପଚିତ-ବିଘ୍ନ-ବିନାଶାତ୍
ଉପବନ-ବିହିତ-ନିକେତନ-ଶିଶୁଜନ-ପୂଜନ-କରତା-ଉଦାରେ ।"

ପ୍ରିୟ ପରିଜନମାନଙ୍କ ଅନୁରୋଧକୁ ଏଡ଼ାଇ ନପାରି ନୀଳକଣ୍ଠ ଏହି ଭକ୍ତି ସଙ୍ଗୀତଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କଲାବେଳେ ଗୀତା ନିର୍ଦ୍ଦେଶିତ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ—ଏହି ଚାରିପ୍ରକାର ଭକ୍ତଙ୍କ ବାଣୀ ଅନୁକ୍ରମରେ ପୁସ୍ତକଟିକୁ ସମ୍ପୂର୍ଣ୍ଣ କରିବାକୁ ପ୍ରଯତ୍ନ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରାତ୍ୟହିକ ଉପାସନା ନିମନ୍ତେ ପଣ୍ଡିତ ନୀଳକଣ୍ଠ କେତେକ ବୈଦିକ ଓ ଶାସ୍ତ୍ରୀୟ ସ୍ତୋତ୍ର ଓଡ଼ିଆରେ ଅନୁବାଦ କରିଥିଲେ, ଯାହାର ପୂର୍ଣ୍ଣରୂପ ଭକ୍ତିଗାଥାରେ 'ଉପାସନା' ନାମକ ପୁସ୍ତିକାରେ ପ୍ରକାଶିତ ।

ନୀଳକଣ୍ଠ ରେଭେନ୍ସା ମହାବିଦ୍ୟାଳୟରେ ବି. ଏ. ପଢ଼ିଲାବେଳେ ଇଂରେଜକବି ଟେନିସନ୍‌ଙ୍କ 'The Princess' ର କେତେକାଂଶ ଅମିତ୍ରାକ୍ଷର ପଦ୍ୟରେ ଅନୁବାଦ କରିଥିଲେ । ସେତେବେଳେ ସେ ନବ ପ୍ରତିଷ୍ଠିତ ସତ୍ୟବାଦୀ ପ୍ରେସ୍‌ର ମ୍ୟାନେଜର ଶ୍ରୀ ସତ୍ୟବାଦୀ ତ୍ରିପାଠୀଙ୍କ ଠାରୁ ଉତ୍ସାହ ପାଇ ୧୯ ୯ ମସିହା ଫେବୃୟାରୀ ମାସରେ 'ପ୍ରଣୟିନୀ' ନାମରେ ସେହି ଅନୁବାଦ କାବ୍ୟକୁ ପ୍ରକାଶ କରିଥିଲେ । ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସୁଧୀବୃନ୍ଦମାନଙ୍କ ନିକଟରେ କାବ୍ୟଟିର ଆଦର ବଢ଼ିଲା । ଫଳରେ ନୀଳକଣ୍ଠଙ୍କର ସାହିତ୍ୟ ଚର୍ଚ୍ଚାର ଅନୁକୂଳ ପରିବେଶ ସୃଷ୍ଟି ହେଲା । ଏଥିରେ ପୁନଶ୍ଚ ସାଥୀହେଲେ ଓଡ଼ିଆ ସାହିତ୍ୟ ଶିକ୍ଷକ ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର ଓ ସମ୍ବଲପୁରର ସୁସାହିତ୍ୟିକ ଶ୍ରୀଯୁକ୍ତ ରଘୁନାଥ ମିଶ୍ର । ସାହିତ୍ୟାଲୋଚନା ଚାଲିଲା । ଏହାଦ୍ୱାରା ନୀଳକଣ୍ଠଙ୍କର ରାଧାନାଥଙ୍କ ପ୍ରତି ରହିଥିବା ବହୁ ବଦ୍ଧମୂଳ ଧାରଣା ବଦଳିଗଲା । ଏତଦ୍‌ବ୍ୟତୀତ ପ୍ରାଚୀନ କବି ଜଗନ୍ନାଥ ଦାସ, ବଳରାମ ଦାସ, ଅଭିମନ୍ୟୁ, ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ ସମ୍ପର୍କରେ ତଥା ଆଧୁନିକ ଓଡ଼ିଆ ସାହିତ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହେଲା ।

ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ନୀଳକଣ୍ଠ ବିଦ୍ୟାଳୟର ଛାତ୍ରମାନଙ୍କ ସହିତ ୧୯୧୭ ମସିହାରେ

Digitized by srujanika@gmail.com

କୁମାର ପୂର୍ଣ୍ଣିମା ରାତିରେ କୋଣାର୍କ ମନ୍ଦିର ପରିଭ୍ରମଣରେ ଯାଇଥିଲେ । ଏହି ପରିଭ୍ରମଣ ତାଙ୍କ ଜୀବନର ଏକ ଅବିସ୍ମରଣୀୟ ଅଧ୍ୟାୟ ଥିଲା । ତାଙ୍କର ଶ୍ରେଷ୍ଠକାବ୍ୟ 'କୋଣାର୍କେ'ର ପ୍ରଥମ ଭାଗ 'ରାମଚଣ୍ଡୀରେ ସନ୍ଧ୍ୟା' ଓ 'ରାମଚଣ୍ଡୀରେ ସକାଳ' ରଚନା କରିବାର ବିପୁଳ ପ୍ରେରଣା ଏହି ମନ୍ଦିରରୁ ହିଁ ପାଇଲେ । କାବ୍ୟରଚନା ସମ୍ପର୍କରେ ସେ ତାଙ୍କ ଆତ୍ମଜୀବନୀରେ କହନ୍ତି— "କୋଣାର୍କଠାରୁ କୁଶଭଦ୍ରା ନଦୀର ମୁହାଣ ଉପରେ ଅବସ୍ଥିତ ରାମଚଣ୍ଡୀ ସେଠାକୁ ବୁଲିଗଲୁ । ସେଠାରେ ରାତିରେ ରହିଲୁ । ପିଲାମାନଙ୍କ ସଙ୍ଗେ ଡାକବଙ୍ଗଳାରେ ବସିଛି, କୋଣାର୍କର ଅପାଶୋରି ଛିନ୍ନ ସ୍ମୃତି ମନେ ଦୋହଲଉଥାଏ । ପିଲାମାନେ ମା ଭଉଣୀଙ୍କୁ ଛାଡ଼ି ଆଜି ଦୂରରେ । ଗ୍ରାମରେ ଥିଲେ ଡେଇଁଥାନ୍ତେ, ଟେକୁଥାନ୍ତେ, କେତେ ମଉଜ କରୁଥାନ୍ତେ । ସେମିତି ଗୋଟାଏ ପିଲାଦିନର ଅନୁଭୂତି ପିଲାଙ୍କମେଳରେ ମୋ ମନରେ ଚେଇଁ ଉଠିଲା । ମାତ୍ର ସେତିକିବେଳେ ଘୋର ଝଡ଼ବର୍ଷା ମାଡ଼ିଆସିଲା । ଆମେ କୌଣସିମତେ ରାତିଟି କଟେଇ ତାପରଦିନ ସତ୍ୟବାଦୀକୁ ଫେରିଆସିଲୁ । ମୁଁ ସେଇଠି ମୋ 'କୋଣାର୍କେ' କାବ୍ୟର ପରିକଳ୍ପନା କଲି ।"(୧) କୋଣାର୍କ ବୁଲିଯିବାର ପ୍ରାୟ ଦୁଇମାସ ପୂର୍ବରୁ ଏକଦା ଗଡ଼ଜାତ ବୁଲିଯିବାବେଳେ ଆଠଗଡ଼ଠାରୁ ହାତୀରେ ଚଢ଼ି ହିନ୍ଦୋଳ ଯିବା ସମୟରେ ବାଟରେ ମୂଷଳ-ଧାରରେ ବର୍ଷା ହୋଇଥିଲା । ଫଳରେ ନୀଳକଣ୍ଠଙ୍କୁ ଢେଙ୍କାନାଳର ଭାପୁର ଡାକବଙ୍ଗଳାରେ ସେହି ବର୍ଷଣମୁଖର ରାତି ଯାପନ କରିବାକୁ ପଡ଼ିଥିଲା । ସେହି ବଙ୍ଗଳାରେ ପହଞ୍ଚିବାପରେ ଜଣେ ଭିକ୍ଷୁକ ଆସି ତାଙ୍କୁ କିଛି ଭିକ୍ଷା ମାଗିଥିଲା । ତା ପରିଚୟରୁ ଜଣାଗଲା ସେ ଅନୁଗୁଳ ରାଜାଙ୍କର ଭାଟବଂଶର ଜଣେ କର୍ମଚାରୀ । ଇଂରେଜମାନେ ତା'ର ସବୁ ଜମି ଅକ୍ତିଆର କରିନେବାପରେ ତା'ର ଏପରି ଦୁର୍ଦ୍ଦଶା ହୋଇଛି । ଦରିଦ୍ର ଭିକ୍ଷୁକଠାରୁ ଏହା ଶୁଣିସାରିବା-ପରେ ଭାବୁକ ନୀଳକଣ୍ଠଙ୍କ ହୃଦୟରେ ଶିହରଣ ସୃଷ୍ଟି ହୋଇଥିଲା । ସେତେ-ବେଳେ ତାଙ୍କର ଇଂରେଜକବି Scottଙ୍କ 'Lay of the ministrel' କଥା ମନେପଡ଼ିଯାଇଥିଲା । Scott ଜଣେ ଭାଟକୁ ଦେଖି ଏହି କାବ୍ୟଟି ଲେଖିଥିଲେ । Scottଙ୍କ ପରି ଭାଟକୁ ଦେଖିସାରିଲାପରେ ନୀଳକଣ୍ଠଙ୍କ ମନୋ-ରାଜ୍ୟରେ ସୃଷ୍ଟି ହୋଇଥିଲା ଗଭୀର ଭାବାବେଗ । ଏହା ଆବେଗରୁ

(୧) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟସଂ—୧୯୬୩), ପୃ . ୭୫ ।

Digitized by srujanika@gmail.com

ଜନ୍ମ ନେଇଥିଲା 'ମାୟାଦେବୀ', 'କୋଣାର୍କେ' କାବ୍ୟର ଦ୍ୱିତୀୟ ଭାଗ । ପଣ୍ଡିତ ନୀଳକଣ୍ଠ 'ମାୟାଦେବୀ' କାବ୍ୟ ଖଣ୍ଡଟି ଆରମ୍ଭ କରିବାର ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଶେଷ କରି ଦେଇଥିଲେ ।

'କୋଣାର୍କେ' କାବ୍ୟ ପରେ ନୀଳକଣ୍ଠ ଇତିହାସର ପୃଷ୍ଠଭୂମି ଉପରେ ଉଗ୍ର ଜାତୀୟଚେତନାକୁ ସଞ୍ଚାର କରି ୧୯୨୦ ମସିହାରେ ସୃଷ୍ଟି କଲେ ଐତିହାସିକ କାବ୍ୟ 'ଖାରବେଳ'। ଖାରବେଳ ପ୍ରାଚୀନ ଉତ୍କଳର ଦିଗ୍-ବିଜୟୀ ବୀର, କଳିଙ୍ଗର ଶ୍ରେଷ୍ଠ ସମ୍ରାଟ । ସେ ଥିଲେ ଚେଦିରାଜବଂଶଜ । ପ୍ରାଚୀନ ଉତ୍କଳର ସୀମାକୁ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ସେ ବୃଦ୍ଧି କରି ଉତ୍କଳ ପାଇଁ ଆଣିଥିଲେ ଯଶ ଓ ଗୌରବ । ମହାପରାକ୍ରମୀ ସମ୍ରାଟ ସାତକର୍ଣ୍ଣୀ ବୀର ଖାରବେଳଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ସିନ୍ଧୁ ନଦୀର ପଶ୍ଚିମ ଉପକୂଳରେ ବର୍ଜର ନାମକ ଏକ ରାଜ୍ୟ ଥିଲା । ବର୍ଜର ରାଜକନ୍ୟା ଧୂପି । ସେ ସିନ୍ଧୁପ୍ରଦେଶର ପଶ୍ଚିମଭାଗରେ ଥିବା ରାଜ୍ୟ କୃତିପତିଙ୍କଦ୍ୱାରା ପାଳିତା । ଯେତେବେଳେ ଯବନରାଜା ଡିମେଟ୍ରିୟସ ବା ଦତ୍ତିମ ସିନ୍ଧୁପ୍ରଦେଶର ପଟ୍ଟରାଣୀ ରାଜ୍ୟକୁ ଜୟ କରି କଳିଙ୍ଗର ବଣିକମାନଙ୍କୁ ବହୁଭାବରେ ନିର୍ଯ୍ୟାତିତ କରୁଥିଲେ, ସେତେବେଳେ କଳିଙ୍ଗାଧିପତି ଦିଗ୍‌ବିଜୟୀ ବୀର ଖାରବେଳ ଦତ୍ତିମଙ୍କ ବିରୋଧରେ ଯୁଦ୍ଧାଭି-ଯାନ ଆରମ୍ଭ କରି କୃଷକସେନାଙ୍କ ସହାୟତା ଲୋଡ଼ିଥିଲେ । ସେହି ସମୟରେ ଧୂପି ପୁରୁଷ ବସ୍ତ୍ର ପରିଧାନ କରି କୃଷକସେନାର ନେତୃତ୍ୱ ନେଇଥିଲେ । ଯୁଦ୍ଧରେ କୃଷିସେନା ଓ ଖାରବେଳଙ୍କ ମିଳିତ ପରାକ୍ରମରେ ଦତ୍ତିମ ପରାସ୍ତ ହୋଇଥିଲେ । ଆହତ ଖାରବେଳ ଓ ଧୂପିଙ୍କ ସାକ୍ଷାତରେ କାବ୍ୟର ଯବନିକା ନଇଁ ଆସିଥିଲା ।

ଉଭୟ 'କୋଣାର୍କେ' ଓ 'ଖାରବେଳ' ସମ୍ବନ୍ଧରେ ବିଶିଷ୍ଟ ସମା-ଲୋଚକ ଡଃ. ଶ୍ରୀନିବାସ ମିଶ୍ର କହନ୍ତି—'କୋଣାର୍କେ' ଓ 'ଖାରବେଳ' କାବ୍ୟରେ କବିଙ୍କ ଦୃଷ୍ଟି ସ୍ୱଗୃହମୁଖୀ । ଉତ୍କଳ ଇତିହାସର ଗୌରବାବହ ପୃଷ୍ଠଭୂମିକା ଉପରେ ଉଭୟ କାବ୍ୟର ପ୍ରତିଷ୍ଠା ଇତିହାସ ସାହିତ୍ୟ ନୁହେଁ । ଇତିହାସରେ ଜାତିର ଜୀବନ ଚରିତ ବର୍ଣ୍ଣିତ ହୁଏ । ଜାତୀୟ ଜୀବନର ପ୍ରବାହକୁ ପରିପୁଷ୍ଟ କରିଥିବା ଅଗଣିତ ମନୁଷ୍ୟଙ୍କ ଆଶା, ଆକାଙ୍କ୍ଷା ଓ ସଂଗ୍ରାମର କାହାଣୀ ଏଥିରେ ବର୍ଣ୍ଣିତ ହୁଏ । ଇତିହାସର ତଥ୍ୟଗତ • ସତ୍ୟକୁ

Digitized by srujanika@gmail.com

କବି କାବ୍ୟକ ସତ୍ୟରେ ରୂପାନ୍ତରିତ କରନ୍ତି । ଇତିହାସ ଆମକୁ ଉଦ୍ଦୀପ୍ତ, ଜାତୀୟ ଭାବଧାରାରେ ଉଦ୍‌ବୋଧିତ କରେ । ଇତିହାସର ତଥ୍ୟ ଅବଲମ୍ବନରେ କବି ନିଜ କଳ୍ପନାରେ ଏହାକୁ ଅନୁରଞ୍ଜିତ କରି ରସାଶ୍ରୟୀ ସାହିତ୍ୟ ସୃଷ୍ଟି କରନ୍ତି । ଅବସାଦ ପୀଡ଼ିତ, ଆତ୍ମମର୍ଯ୍ୟାଦାହୀନ, ପରାଧୀନ-ମୋହଗ୍ରସ୍ତ ଜାତୀୟ ଜୀବନର ଆତ୍ମ ସମ୍ମାନବୋଧ, ଜାତୀୟ ଜାଗ୍ରତିର ସ୍ପନ୍ଦନ ସଞ୍ଚାର 'କୋଣାର୍କ' କାବ୍ୟର ଅନ୍ତର୍ବାଣୀ । ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ କବି ଜାତି ଆଗରେ ପ୍ରାଚୀନ ଉତ୍କଳର ସମୃଦ୍ଧି, ମହନୀୟ କୀର୍ତ୍ତି, ଉନ୍ନତ ରାଜ୍ୟ ଶାସନ, କଳା ବିଭବ ସମସ୍ତ ଗୋଟିକ ପରେ ଗୋଟିଏ ଉପସ୍ଥାପନ କରିଛନ୍ତି । × × × ସେହିପରି ଛଦ୍ମ-ଖାରବେଶୀ ବାଳା ଧୂସିଙ୍କ ପ୍ରତି ଖାରବେଳଙ୍କ ଅନୁରାଗ ଆତ୍ମୀୟତା ଓ ପରିଣତିରେ ପରିଣୟ ଶୌର୍ଯ୍ୟ ଭିତ୍ତିକ ପ୍ରଣୟର ମହିମା ସ୍ୱୀକାର କରୁଛି । ଉତ୍ତୁଙ୍ଗବଳିଷ୍ଠ ଚରିତ, ପୌରୁଷ ମଣ୍ଡିତ ମହନୀୟ ବ୍ୟକ୍ତିତ୍ୱ, ନାରୀ ଚରିତ୍ରର ସ୍ୱାଭାବିକ ଆବେଗ ସଂଙ୍କୁ ମହାନତା ଚିତ୍ରଣକରି ମାନକଣ୍ଠ ପ୍ରଣୟର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ପ୍ରଣୟ ତାଙ୍କ ଦୃଷ୍ଟିରେ ରୂପଜ ବା ଇନ୍ଦ୍ରିୟଜ ନୁହେଁ । ଏହା ଆବେଗ ସ୍ପନ୍ଦିତ ଚପଳ ଚିତ୍ତର ଅଭିବ୍ୟକ୍ତି ମଧ୍ୟ ନୁହେଁ । ନାରୀ ତାଙ୍କ ଲେଖନୀରେ ବୀରାଙ୍ଗନା, ଆତ୍ମସମ୍ମାନବୋଧ ଓ ଆତ୍ମପ୍ରତ୍ୟୟସମ୍ପନ୍ନା । ଆଦର୍ଶ, ପ୍ରେମ, ତ୍ୟାଗ ଓ ବିମଳ ବିଶ୍ୱାସରେ ସେ ମଣ୍ଡିତା । (୨)

୧୯୨୨ ମସିହାରେ ବ୍ରିଟିଶ ସରକାରଙ୍କଦ୍ୱାରା ବନ୍ଦୀ ହୋଇ ଜେଲ୍ ଜୀବନଯାପନ କରୁଥିବା ସମୟରେ ବିହାରର ହଜାରିବାଗ ଜେଲ୍‌ରେ ପଣ୍ଡିତ ମାନକଣ୍ଠ ରଚନା କରିଥିଲେ 'ଦାସନାଏକ' କାବ୍ୟ । ମାନକଣ୍ଠ Tennyson ଙ୍କ କାବ୍ୟ ପାଠ କରି, ସେହି କାବ୍ୟ ପ୍ରେରଣାରେ ଅଭିମନ୍ତ୍ରିତ ହୋଇ ରଚନା କରନ୍ତି 'ଦାସନାଏକ' । ଏହି କାବ୍ୟ Tennysonଙ୍କ 'ଏନକ୍‌ଆର୍ଡ଼େନ' କାବ୍ୟର ଛାୟାରେ ରଚିତ ବା ମର୍ମାନୁବାଦ । ଏହି କାବ୍ୟର ମୁଖବନ୍ଧରେ କବି ମାନକଣ୍ଠ କହନ୍ତି—"ସ୍ତ୍ରୀ'ର ସତୀତ୍ୱ ଯେନି ଏ ଦେଶରେ ବହୁତ ଲେଖାଯାଇଛି ଓ ଯିବ । ପୃଥିବୀର ସଭ୍ୟ ସାଧାରଣଙ୍କର ଏହାହିଁ ଏବେ ମଧ୍ୟ ଆଦର୍ଶ । ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବସୁନ୍ଦର

(୨) ମାନକଣ୍ଠ ବିଶେଷାଙ୍କ—କୋଣାର୍କ (୧୯୮୦), ପୃ—୨୭-୨୭ ।

Digitized by srujanika@gmail.com

ସଙ୍ଗୀତ ପାଖେ ପୃ ରୁଷର ସାଧୁ ଓ ସୁକଠୋର ପ୍ରୀତି ସାଧନ ସାହିତ୍ୟ ରାଜ୍ୟରେ ଗୋଟିଏ ନୂତନ ବିଭବ । ଏ ବିଭବ ମଧ୍ୟ ମୋର କାବ୍ୟ ପ୍ରତି ଆଦର ବଢ଼ାଇଥିଲା ।"

'ପିଲାଙ୍କ ଗୀତ' ପର୍ଯ୍ୟାୟରେ ସ୍ଥାନିତ କବିତାଗୁଡ଼ିକ କବିଙ୍କ ଉତ୍ତରକାଳୀନ ରଚନା । ଏଗୁଡ଼ିକ ଶିଶୁମାନଙ୍କ ପାଠ୍ୟପୁସ୍ତକ ରଚନା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ରଚନା କରିଥିଲେ ଏବଂ ସେତେବେଳେ ଏହି ପର୍ଯ୍ୟାୟର କବିତାଗୁଡ଼ିକ ଶ୍ରେଣୀଗୃହରେ ପଢ଼ାଯାଉଥିଲା । ଏହି କ୍ଷୁଦ୍ର କ୍ଷୁଦ୍ର ଶିଶୁ କବିତାଗୁଡ଼ିକ ସରଳ ଚପଳ ଶିଶୁମାନଙ୍କ ପ୍ରାଣକୁ ଗମ୍ଭୀର ଭାବେ ସ୍ପର୍ଶ କରିଥିଲା ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ୧୯୧୫-୧୯୨୫—ଏହି ସୀମିତ ସମୟବୃତ୍ତ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ ସୃଷ୍ଟିର ଧାରା ସୀମାବଦ୍ଧ । ଏହି ସମୟସୀମା ମଧ୍ୟରେ ସୃଷ୍ଟକାବ୍ୟକୁ ଆଲୋଚନା ଦୃଷ୍ଟିରୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ । ଯଥା:— (କ) ମୌଳିକ କାବ୍ୟ, (ଖ) ଅନୁବାଦ କାବ୍ୟ ଏବଂ (ଗ) ଶିଶୁ କବିତା ।

ପଣ୍ଡିତ ନୀଳକଣ୍ଠଙ୍କୁ କବି ହେବାର ନିଶା ଧାରି ନଥିଲା ବା କବି ହେବା ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବାକୁ ପଡ଼ି ନଥିଲା । କବିତା ରଚନାକୁ ସେ ଅତ୍ୟନ୍ତ ଦୁରୂହ ବ୍ୟାପାର ବୋଲି ମଧ୍ୟ ଭାବୁ ନଥିଲେ । ଭାବଲାଗି ସେ କେବେ ଧ୍ୟାନମଗ୍ନ ଋଷିପରି ନିର୍ଜନ ସ୍ଥାନରେ ବସି ନଥିଲେ । ଲଳିତ ମଧୁର ଛନ୍ଦ ପାଇଁ ସେ ମଧ୍ୟ ପ୍ରଯତ୍ନ କରିନଥିଲେ । ସେ ଥିଲେ ଚିର ପ୍ରସ୍ତୁତ । ଜ୍ଞାନର କୌଣସି ଦିଗ ତାଙ୍କ ନିକଟରେ ଅଦେଖା ନଥିଲା, ଅଲୋଡ଼ା ନଥିଲା । ବକ୍ତୃତାରେ ଯେପରି କବିତାରେ ଠିକ୍ ସେହିପରି ଅମଡ଼ା ମାଡ଼ି ଯାଉଥିଲେ । (୩)

କବିତା ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ତାଙ୍କର 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକରେ କହନ୍ତି —"କବିତା ଗୋଟିଏ କୋମଳ ଶିଳ୍ପକଳା । କବିର ପ୍ରାଣ ଏଥିରେ ବିକାଶ ଅନୁଭବ କରେ । ଅନୁଭୂତିରେ ପ୍ରାଣ

---

(୩) ଡଃ କୁଞ୍ଜବିହାରୀ ଦାଶ—ନୀଳକଣ୍ଠ ପରିକ୍ରମା (ନୀଳକଣ୍ଠ ସ୍ମରଣିକା), ପୃ ୯

Digitized by srujanika@gmail.com

ଭସିଗଲେ, ରହୋପଲବ୍ଧିରେ ମାନବ ଆତ୍ମବିସ୍ମୃତ ହେଲେ କବିତା ସ୍ୱତଃ ବିକଶିତ ହୁଏ । ଏଥିରେ ତରଙ୍ଗିତ ଚପଳତା, ଖଣ୍ଡବନ୍ଧ ବିରୋଧରେ ଉଚ୍ଛୃଙ୍ଖଳତା, ରସାଣିତ ଭାଷାବିନ୍ୟାସରେ ଅସାବଧାନତା ପ୍ରଭୃତିର ଆଶଙ୍କା ଯଥେଷ୍ଟ ରହିଅଛି । (୪)

କାବ୍ୟ·କବିତା କାବ୍ୟ ପୁରୁଷର ଆତ୍ମବିସ୍ମୃତି ଓ ଆତ୍ମବିସ୍ମୃତିର ରସମୟ ବାଙ୍ମୟ ସ୍ୱରୂପ । ଗୀତିକବିତା ବା Lyric ମାଧ୍ୟମରେ କବିତାରେ ଆତ୍ମିକ ଭାବୋଚ୍ଛ୍ୱାସ ପ୍ରସ୍ଫୁଟିତ ହୁଏ, ଆତ୍ମଭିମାନ ପ୍ରକାଶ ପାଏ । କାବ୍ୟ କବିତା ରଚନା କାଳରେ କବିର ଆତ୍ମା ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିସତ୍ତାରୁ ଅତିନ୍ଦ୍ରିୟ ଭାବ ବଳୟ ନିକଟକୁ ପ୍ରଧାବିତ ହୁଏ । ସୁତରାଂ କବିର ସୃଷ୍ଟି ହୁଏ ଚିରନ୍ତନ୍ତରବିସ୍ଥାୟୀ, ଭବିହୁଏ କାଳଜୟୀ । ଏହି ଦୃଷ୍ଟିରୁ ବିଚାର କଲେ କାବ୍ୟପୁରୁଷ ନୀଳକଣ୍ଠ ଜଣେ କାଳଜୟୀ ଶିଳ୍ପୀ, ଭାବାନ୍ୱେଷୀ ମନୀଷୀ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ସର୍ବଶ୍ରେଷ୍ଠ କବି । ଶବ୍ଦ ଗୁମ୍ଫନର ପାରଦର୍ଶିତା, ଭାବର ସଂଯମତା, ଗଠନକ ନିଷ୍ଠା, କାବ୍ୟଚିନ୍ତନର ସ୍ଥିତି-ବୋଧ ପ୍ରଭୃତି ତାଙ୍କ କାବ୍ୟ କବିତାରେ ସ୍ପଷ୍ଟ ଲକ୍ଷ୍ୟ କରାଯାଏ ।

କାବ୍ୟାଲୋଚନାରେ ପ୍ରଥମ ପର୍ଯ୍ୟାୟରେ ଆସେ ପଣ୍ଡିତ ନୀଳକଣ୍ଠଙ୍କର ଅମର କୀର୍ତ୍ତି 'କୋଣାର୍କେ' । ପ୍ରାଚୀନ ଉତ୍କଳର ଗୌରବାବହ ଇତିହାସର ପୃଷ୍ଠପୀଠିକା ଉପରେ 'କୋଣାର୍କେ' କାବ୍ୟ ପ୍ରତିଷ୍ଠିତ । ଏହି କାବ୍ୟର ପ୍ରଥମ ଭାଗ 'ରାମଚଣ୍ଡୀରେ ରାତ୍ରି ଓ ସକାଳ' ପର୍ଯ୍ୟାୟରେ କାବ୍ୟପୁରୁଷ ଭ୍ରମଣ ପ୍ରସଙ୍ଗରେ ପ୍ରାଚୀନ ଉତ୍କଳର ଗୌରବୋଜ୍ଜ୍ୱଳ ଅଧ୍ୟାୟକୁ ଚର୍ଚ୍ଚିତ କରିଛନ୍ତି ଏବଂ କାବ୍ୟର ଦ୍ୱିତୀୟ ଭାଗ 'ମାୟାଦେବୀ'ରେ ସେ ପ୍ରାଚୀନ ଉତ୍କଳର ସ୍ଥାନ, କାଳ ଓ ପାତ୍ରକୁ ହିଁ ଆନୟନ କରିଛନ୍ତି । କବି ସତ୍ୟବାଦୀର ଛାତ୍ରମାନଙ୍କୁ ନେଇ ବିଶ୍ୱପ୍ରସିଦ୍ଧ ଐତିହାସିକ କୋଣାର୍କ ମନ୍ଦିର ପରିଭ୍ରମଣ ପାଇଁ ଯାଇଥିବା ସମୟରେ ସେଠାରେ ପ୍ରବଳ ଝଡ଼ବର୍ଷାର ସମ୍ମୁଖୀନ ହୋଇ ଦେବୀ ରାମଚଣ୍ଡୀ ମନ୍ଦିର ନିକଟରେ ଛାତ୍ରମାନଙ୍କ ସହିତ ରାତ୍ରିଯାପନ କରିବାର ସୁଯୋଗ ଲାଭ କରିଥିଲେ । ସେତେବେଳେ କବିଙ୍କ ମାନସପଟରେ ପ୍ରାଚୀନ ଉତ୍କଳର ଗୌରବ ଉଦ୍ଭାସିତ ହୋଇଥିଲା । ସୁତରାଂ

(୪) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ—୨୧୬ ।

Digitized by srujanika@gmail.com

ସ୍ୱପ୍ନମଗ୍ନ ସ୍ତମ୍ଭମାନଙ୍କୁ ସମ୍ବୋଧନ କରି କବି ଆପଣାର ପ୍ରାକ୍ତନ ଚେତନା ଓ ଐତିହ୍ୟବୋଧକୁ 'ରାମଚଣ୍ଡୀରେ ରାତି' କାବ୍ୟ ଖଣ୍ଡରେ ବାଣୀ-ରୂପ ପ୍ରଦାନ କରିଥିଲେ । ପୁନଶ୍ଚ ମାୟାଦେବୀ କାବ୍ୟ ପର୍ଯ୍ୟାୟରେ ଉତ୍କଳର ବୀର ଦକ୍ଷ ପ୍ରଶାସକ ନରସିଂହଦେବ ଓ ମାୟାଦେବୀଙ୍କର ସ୍ୱର୍ଗୀୟ ଅନାବିଳ ପ୍ରେମକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ମାୟାଦେବୀଙ୍କ ସ୍ମୃତିରେ ଐତିହାସିକ କୋଣାର୍କ ମନ୍ଦିର କପରି ନିର୍ମିତ ହେଲା, ତାହାର ସଫଳ କାବ୍ୟ ରୂପ ପ୍ରଦାନ କରିଛନ୍ତି ।

'ରାମଚଣ୍ଡୀ ରାତି ଓ ସକାଳ' ପର୍ଯ୍ୟାୟରେ କବି ସ୍ୱପ୍ନାଚ୍ଛନ୍ନ ସ୍ତମ୍ଭ, ବିଳାସୀ ଏବଂ ରାମଚଣ୍ଡୀଙ୍କୁ ସମ୍ବୋଧନ କରିବା ମାଧ୍ୟମରେ ଅତୀତର ସ୍ମୃତି-ସ୍ମରଣ କରିଛନ୍ତି । ଏହି ଅବସରରେ ପ୍ରାଚୀନ ଉତ୍କଳର ଗୌରବାବହ ଇତିହାସ ଏବଂ କମ୍ବଦନ୍ତୀ ତାଙ୍କ ମାନସପଟରେ ଉଙ୍କି ମାରିଛି । ବାରବର୍ଷର ବାଳକ ଧରମା କୋଣାର୍କ ମନ୍ଦିର ଚୂଳମାରି ବାରଶହ ବଢ଼ାଇଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ସମୁଦ୍ରକୁ ଲମ୍ଫଦେବା, କଳାପାହାଡ଼ର ଆକ୍ରମଣରୁ ନିଜକୁ ମୁକ୍ତ ରଖିବା ପାଇଁ ଦେବୀ ରାମଚଣ୍ଡୀ କୋଣାର୍କ ମନ୍ଦିର ପରିତ୍ୟାଗ ପୂର୍ବକ ବାହାରକୁ ବାହାରିଯିବା, କଳାପାହାଡ଼ ଆକ୍ରମଣରେ କୋଣାର୍କ ମନ୍ଦିର ଧ୍ୱସ୍ତବିଧ୍ୱସ୍ତ ସ୍ତୂପରେ ପରିଣତ ହେବା, ଚନ୍ଦ୍ରଭାଗା ତଟରେ ତପସ୍ୟା ପୂର୍ବକ କରି ଶାମ୍ବ ରୋଗମୁକ୍ତ ହେବା ପ୍ରଭୃତି ଘଟଣାବଳୀକୁ କବି କାବ୍ୟ ମାଧ୍ୟମରେ ପରେ ପୃଷ୍ଠା ବର୍ଣ୍ଣନା କରିଛନ୍ତି ।

ସେହିପରି 'ମାୟାଦେବୀ' କାବ୍ୟଖଣ୍ଡରେ ଉତ୍କଳର ରାଜକୁମାର ଦିଗ୍‌ବିଜୟୀ ବୀର ନରସିଂହଦେବଙ୍କ ବୀରତ୍ୱ, କୀର୍ତ୍ତି କାହାଣୀର ମଞ୍ଜୁଳ ବର୍ଣ୍ଣନା ରହିଛି । ବୀର ନରସିଂହଦେବଙ୍କ ବୀରତ୍ୱ ପ୍ରସଙ୍ଗରେ ସଫଳ ରୂପାୟନ ପାଇଁ କବି ମାୟାଦେବୀ ଚରିତ୍ରର ମହତ୍ତ୍ୱ ଉପଲବ୍ଧି କରିଛନ୍ତି । ପଣ୍ଡିତ ନୀଳକଣ୍ଠ ବୀର ନରସିଂହଦେବଙ୍କ ଚରିତ୍ରର ଦୃଢ଼ତା ପରୀକ୍ଷା କରିବା ପାଇଁ ତାଙ୍କୁ ଏକ ପରୀକ୍ଷାର ସମ୍ମୁଖୀନ କରିଛନ୍ତି । ଏକ ପକ୍ଷରେ ଜନ୍ମ ରାଜଜେମା ଓ ଅନ୍ୟ ପକ୍ଷରେ ଶିଶୁପାଳଗଡ଼ର ମାନସୀ କନ୍ୟା ମାୟାଦେବୀ । ମାତ୍ର ବୀର ନରସିଂହଦେବ ଚରିତ୍ରରେ କଠୋରତା ଅବଲମ୍ବନ କରିଛନ୍ତି । ସ୍ଥଳବିଶେଷରେ ଜନ୍ମ ଜେମାଙ୍କ ସହିତ ତାଙ୍କର ନିର୍ବନ୍ଧ ଶେଷ ହୋଇଥିଲେ ମଧ୍ୟ ନିକଟରେ ସୁନ୍ଦରୀ ଲାବଣ୍ୟମୟୀ ମାୟାଦେବୀ ତାଙ୍କୁ ବିବ୍ରତ କରି-

Digitized by srujanika@gmail.com

ଦେଇଛି । କିନ୍ତୁ ବୀରନରସିଂହ ଜମୁକେମାଙ୍କୁ ବିବାହ କରିଛନ୍ତି ଏବଂ ତାଙ୍କ ସହିତ ଐତିହାସିକ ବାରବାଟୀରେ ଆଶ୍ରୟ ନେଇଛନ୍ତି । ଏହି ସମୟରେ ମାୟାଦେବୀଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ଶିଶୁପାଳଗଡ଼ରେ କାରୁଣ୍ୟ ଲହରୀ କୂଳ ଲଙ୍ଘନ କରିଛି । ଅନ୍ୟପକ୍ଷରେ ମାୟାଦେବୀଙ୍କ ସ୍ମୃତିରେ ନରସିଂହଦେବଙ୍କ ନିର୍ଦ୍ଦେଶରେ ବିଶ୍ୱପ୍ରସିଦ୍ଧ ଐତିହାସିକ କୋଣାର୍କ ମନ୍ଦିର ନିର୍ମିତ ହୋଇଛି । ଏହାହିଁ 'ମାୟାଦେବୀ' କାବ୍ୟଖଣ୍ଡର ସାର ନିଷ୍କର୍ଷ ।

ସୁତରାଂ ମାୟାଦେବୀ କାବ୍ୟଖଣ୍ଡ ଇତିହାସ ନୁହେଁ, ଇତିହାସ ଓ କିମ୍ବଦନ୍ତୀର ଭିତ୍ତିଉପରେ ପ୍ରତିଷ୍ଠିତ ଏକ କାଳ୍ପନିକ କାବ୍ୟ । ଏଥିରେ କିମ୍ବଦନ୍ତୀ ମୁଖ୍ୟ—ଇତିହାସ ଗୌଣ । କାବ୍ୟଖଣ୍ଡରେ ଉତ୍କଳର ବେଳାଭୂମି ଉପରେ ଦଣ୍ଡାୟମାନ ହୋଇ ପଣ୍ଡିତ ନୀଳକଣ୍ଠ ପାଠକମାନଙ୍କୁ ସୁଦୂର କାଶ୍ମୀର ପର୍ଯ୍ୟନ୍ତ ଟାଣିନେଇଛନ୍ତି ଓ ଭୌଗୋଳିକ ତଥା ଐତିହାସିକ ପୃଷ୍ଠପଟରେ କାବ୍ୟର ନାୟକ ନାୟିକାଙ୍କୁ ଆତଯାତ ହେବାପାଇଁ ସୁଯୋଗ ଦେଇଛନ୍ତି ।

ଖାରବେଳ କବିଙ୍କ ଏକ ମନୋଜ୍ଞ ଐତିହାସିକ ମୌଳିକ କାବ୍ୟ । ଇତିହାସ ଦୃଷ୍ଟିରୁ ବିଚାରକଲେ ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ କଳିଙ୍ଗରେ ପ୍ରାଚୀନ ଚେଦିବଂଶରେ ଖାରବେଳ ନାମକ ସ୍ୱନାମଧନ୍ୟ ମହାରାଜା ରାଜତ୍ୱ କରୁଥିଲେ । ସମଗ୍ର ଭାରତରେ ସର୍ବପ୍ରଥମ ସେ 'ମହାରାଜା' ପଦବୀରେ ଭୂଷିତ ହୋଇଥିଲେ । ତାଙ୍କ ପୂର୍ବରୁ ଅଶୋକ, ବିନ୍ଦୁସାଗର, ଚନ୍ଦ୍ରଗୁପ୍ତ ପ୍ରଭୃତି ରାଜାମାନେ କୌଣସି ଉପାଧି ଗ୍ରହଣ କରିନଥିଲେ । ଧୂସି ଖାରବେଳଙ୍କର ପତ୍ନୀ । ଜୀବନର ଉତ୍ତର କାଳରେ ସେ ଉଦୟଗିରିରେ ସନ୍ନ୍ୟାସୀ ଭାବେ କାଳ ଅତିବାହିତ କରିଥିଲେ । ମାତ୍ର କବି ନୀଳକଣ୍ଠ ଇତିହାସର ଅତଳ ଗର୍ଭରୁ ଐତିହାସିକ ଖାରବେଳ ଚରିତ୍ରଟି ଆଣି ବିଂଶ ଶତକର ଦ୍ୱିତୀୟ ଦଶନ୍ଧିରେ ସୃଷ୍ଟ କାବ୍ୟନାୟକ ଭାବେ ତାହାଙ୍କୁ ଆରୋପିତ କଲାବେଳେ ତାଙ୍କୁ ବିପ୍ଳବୀ, ପ୍ରେମିକ, ସାଧାରଣ ପୁରୁଷଭାବେ ଚିତ୍ରିତ କରିଛନ୍ତି । ତାଙ୍କୁ ଜଣେ ଅଚିହ୍ନା ତରୁଣୀଙ୍କ ପ୍ରେମ ବନ୍ଧନ ମଧ୍ୟରେ ଆବୋପିତ କରିଛନ୍ତି । ଫଳରେ ଉତ୍କଳର ପ୍ରବଳ ପ୍ରତାପୀ ଦିଗ୍‌ବିଜୟୀ ବୀର ଖାରବେଳଙ୍କ ମନରେ ପ୍ରେମଜନିତ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ତାଙ୍କର ଜୀବନ ଦ୍ୱନ୍ଦ୍ୱମୟ ହୋଇପଡ଼ିଛି ।

Digitized by srujanika@gmail.com

'ଦାସନାଏକ' କବି ମାନକଣ୍ଠଙ୍କର ଅନ୍ତିମ କାବ୍ୟକୃତି । ଏହି କାବ୍ୟ ଷ୍ଟେନସନଙ୍କ 'ଏନକଆଡ଼େନ' କାବ୍ୟର ଛାୟାନୁବାଦ । 'ଦାସନାଏକ' କାବ୍ୟର ନାୟକ ଦାସ ଓ ନାୟିକା ମେଲ୍ । ଉଭୟ ନାୟକ ନାୟିକାଙ୍କ ମିଳନ ଓ ବିଚ୍ଛେଦର କାହାଣୀ କାବ୍ୟଟିରେ ବର୍ଣ୍ଣିତ । କବି କାବ୍ୟରେ ମିଳନ ଅପେକ୍ଷା ବିଚ୍ଛେଦକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରେମର ମହତ୍ତ୍ୱ ପ୍ରସ୍ଫୁଟିତ ହୁଏ ବିଚ୍ଛେଦରେ, ମିଳନରେ ନୁହେଁ—ଏହି ଭାବସତ୍ୟର ପ୍ରୟୋଗ ଓ ପରୀକ୍ଷାପାଇଁ କବି ରଚନା କରନ୍ତି 'ଦାସନାଏକ' କାବ୍ୟ । ପ୍ରେମର ସାର୍ଥକତା ପ୍ରତିପାଦିତ ହୁଏ ଭୋଗରେ ନୁହେଁ, ତ୍ୟାଗରେ । ଏହି ଆଦର୍ଶ କାବ୍ୟନାୟକ 'ଦାସ' ଓ କାବ୍ୟନାୟିକା 'ମେଲ୍' ମାଧ୍ୟମରେ 'ଦାସନାଏକ' କାବ୍ୟରେ ଉପସ୍ଥାପିତ କରାଯାଇଛି । ପ୍ରେମପାଇଁ ପ୍ରତୀକ୍ଷା କପରି ସୀମାତୀତ ହୋଇପାରେ, ତାହା କବିଙ୍କ 'ଦାସନାଏକ' କାବ୍ୟରେ ସ୍ପଷ୍ଟ ହୋଇଛି ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟକୃତିରେ ଜାତୀୟ ଚେତନାର ସ୍ୱର

ଓଡ଼ିଆ 'ଜାତୀୟତାବାଦ'ର ଇଂରାଜୀ ପାରିଭାଷିକ ଶବ୍ଦ ହେଉଛି Nationalism. ଗୋଷ୍ଠୀ ପ୍ରବୃତ୍ତିରୁ ଏହାର ସୃଷ୍ଟି । ବ୍ୟକ୍ତିବୃତ୍ତିରୁ ଗୋଷ୍ଠୀବୃତ୍ତିକୁ ଏହାର ଗତି । ଜାତିବୃତ୍ତି ମଧ୍ୟରେ ଏହାର ସ୍ଥିତି । ମାତ୍ର ଆଧୁନିକ ଯୁଗରେ ଜାତୀୟତାବାଦ ଏକ ଭିନ୍ନ ମୋଡ଼ଦେଇ ଗତିକରିଛି । Professor Hayes ତାଙ୍କର 'Essayes on Nationalism' ପୁସ୍ତକରେ ଜାତୀୟତାବାଦକୁ 'Nationalism is a modern emotional fusion and exaggeration of two phenomena nationalism and patriotism' (୧) ବୋଲି ସ୍ୱୀକାର କରିଛନ୍ତି । ବିଶିଷ୍ଟ ସମାଲୋଚକ K. R. Miongue ଜାତୀୟତାବାଦ ସମ୍ପର୍କରେ କହନ୍ତି—"କୌଣସି ଜାତି ବା ଦେଶ ଯେଉଁ ସମୟରେ ବା ଯେତେବେଳେ ବିଦେଶୀ ଶାସନଦ୍ୱାରା ବ୍ୟଥିତ ଓ ଅତ୍ୟାଚାରିତ ହୋଇ ସେହି ଶାସନ କବଳରୁ ନିଜକୁ ମୁକ୍ତ ରଖିବାପାଇଁ ପ୍ରଚେଷ୍ଟା କରେ, ସେତେବେଳେ ସେହି ଜାତି ବା ଦେଶ ଜାତୀୟଚେତନା ଦ୍ୱାରା ଉଦ୍‌ବୁଦ୍ଧ ହୋଇଥାଏ । (୨)

ଏହି ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ୧୫୬୮ ଖ୍ରୀଷ୍ଟାବ୍ଦରେ ଉତ୍କଳର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଏହାର ସ୍ୱାଧୀନତା ରବି ଅସ୍ତମିତ ହୋଇଯାଇଥିଲା । ଏହା ପରେ ପରେ ଆଗଙ୍ଗା

---

(୧) Hayes, C.J.H.—Essays on Nationalism, New York The Macmiliaon Co., 1926, pp. 5—29.

( ) Minogue, R. K·—Nationalism, p—17. Methuen, London, 1969·

Digitized by srujanika@gmail.com

ଗୋଦାବରୀ ବ୍ୟାପୀଥିବା ଉତ୍କଳର ବିଶାଳ ଭୂଖଣ୍ଡ ପ୍ରାଦେଶିକ ଶାସକମାନଙ୍କଦ୍ୱାରା ଖଣ୍ଡବିଖଣ୍ଡିତ ହୋଇଥିଲା । ଏହାପରେ ମୋଗଲମାନେ (୧୫୬୯-୧୭୫୧) ଏବଂ ତାଙ୍କ ପରେ ମରହଟ୍ଟାମାନେ (୧୭୫୧-୧୮୦୩) ଉତ୍କଳ ଭୂମିକୁ ନିଜନିଜର କ୍ରୀଡ଼ାଙ୍ଗନରୂପେ ବିବେଚନା କରିଥିଲେ । ଦୁର୍ବିନୀତ ମୋଗଲମାନଙ୍କ ରାଜତ୍ୱ ସମୟରେ ଉତ୍କଳୀୟ ଗ୍ରାମ୍ୟ ସୀମନ୍ତିନୀମାନେ ଗୃହକୋଣରୁ ବାହାରିବାକୁ ସାହସ କରୁନଥିଲେ । ତାଙ୍କ ଭୟରେ ଉତ୍କଳର ରକ୍ଷଣଶୀଳ ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣ ପରିବାରର ଦୁହିତାମାନଙ୍କୁ ନିଜର ପିତାମାତା ବାଲ୍ୟବିବାହ କରିଦେଉଥିଲେ ।

ମରହଟ୍ଟାମାନଙ୍କ ସମୟରେ ଉତ୍କଳୀୟମାନେ ନିଜକୁ ରକ୍ଷା କରିବାପାଇଁ ନିବିଡ଼ ବନଭୂମିରେ ବାସକରୁଥିଲେ । ଓଡ଼ିଶାର ହିନ୍ଦୁମନ୍ଦିରଗୁଡ଼ିକ ଏହି ବର୍ବରୋଚିତ ଆକ୍ରମଣରୁ ରକ୍ଷାପାଇପାରୁନଥିଲା । ସ୍ୱୟଂ ନୀଳାଦ୍ରିବିହାରୀ ଜଗନ୍ନାଥ ଏହି ଅମାନୁଷିକ ଆକ୍ରମଣରୁ ରକ୍ଷା ପାଇବାପାଇଁ ଚିଲିକାକୂଳରେ ଆଶ୍ରୟ ନେଇଥିଲେ । ଉତ୍କଳୀୟ ଜନତା ସେମାନଙ୍କ ସ୍ୱାଧୀନଚିନ୍ତା ହରାଇ ବସିଥିଲେ । ସମଗ୍ର ଓଡ଼ିଶାର ଆର୍ଥନୀତିକ ମାନଦଣ୍ଡ ଦୋହଲି ଯାଇଥିଲା ଓ ରାଜନୈତିକ ଅବସ୍ଥା ପଙ୍ଗୁପ୍ରାୟ ହୋଇପଡ଼ିଥିଲା । ସର୍ବୋପରି ଆଲୋଚ୍ୟ ସମୟ ମଧ୍ୟରେ ଉତ୍କଳୀୟ ଜନତାଙ୍କ ଜାତୀୟ ଜୀବନ ବିପନ୍ନ ଓ ଦୁର୍ବିସହ ହୋଇ ପଡ଼ିଥିଲା । ଉତ୍କଳର ଏହି ଦୁର୍ଦ୍ଦିନ ମୁହୂର୍ତ୍ତରେ ୧୮୦୩ ମସିହା ଡିସେମ୍ବର ମାସ ସତର ତାରିଖ ଦିନ ଦେବଗ୍ରାମ ସନ୍ଧି ଅନୁସାରେ ଇଂରେଜମାନେ ମରହଟ୍ଟାମାନଙ୍କଠାରୁ ଓଡ଼ିଶାକୁ ନିଜ ଅଧୀନକୁ ନେଇଥିଲେ । ସେତେବେଳେ ଓଡ଼ିଶା ବୋଲି ଯେଉଁ ଭୂଖଣ୍ଡ ଥିଲା ତାହା କଟକ, ପୁରୀ ଓ ବାଲେଶ୍ୱର ମଧ୍ୟରେ ସୀମିତ । ଓଡ଼ିଶା ଅଧିକାରର କିଛି ଦିନପରେ ଓଡ଼ିଶାରେ ଇଂରେଜମାନେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । ଶାସନକଳରେ ଥିବା ଅଣଓଡ଼ିଆମାନେ ଉତ୍କଳର ପ୍ରଗତି ପାଇଁ ଆଦୌ କର୍ଣ୍ଣପାତ କରୁନଥିଲେ । ଓଡ଼ିଶା ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ନଥିବାରୁ ସେମାନେ ଶୋଷଣକୁ ଏକମାତ୍ର ବାସ୍ତବ ଧର୍ମରୂପେ ପରିଗ୍ରହଣ କରିନେଇଥିଲେ । ପଲ୍ଲୀବହୁଳ ଓଡ଼ିଶାର ଗଣ ଜୀବନ ସହରି ଜୀବନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିନଥିଲା । ଇଂରେଜମାନେ ଜମିଜମା ବନ୍ଦୋବସ୍ତ ଓ ତା'ର ବିଚାର ପାଇଁ ସହରରେ ବିଚାରାଳୟ ସ୍ଥାପନହେତୁ ସହରରେ ବସବାସ

Digitized by srujanika@gmail.com

କରୁଥିବା ମୁଷ୍ଟିମେୟ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଫଳରେ କମ୍ପାନୀର ଇଂରେଜ ଓ ଅଣଓଡ଼ିଆ କର୍ମଚାରୀବୃନ୍ଦ ସମଗ୍ର ଓଡ଼ିଆଙ୍କର ଭାଗ୍ୟ ନିୟାମକ ହୋଇ ପଡ଼ିଥିଲେ । ଇଂରେଜମାନଙ୍କ ଶାସନ କାଳରେ ସମସ୍ତ ଅପରାଧ ଓ ଦୋଷ ଦୁର୍ବଳତା ଶାସନ ଆରମ୍ଭର ପ୍ରଥମ ଚଉଦ ବର୍ଷ ଭିତରେ କପରି ଉତ୍କଟ ଆକାର ଧାରଣ କରିଥିଲା, ତା'ର ଫଳଶ୍ରୁତି ଅଭିବ୍ୟକ୍ତ ହେଉଛି ୧୮୧୭ ସାଲର 'ପାଇକ ବିଦ୍ରୋହ' (୩) ।

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ସମଗ୍ର ପରାଧୀନ ଉତ୍କଳ ଭୂଖଣ୍ଡ ପାଇଁ ଥିଲା ଆତ୍ମଜାଗୃତିର ସମୟ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଏବଂ ଏହାର ଦୁଇ ତିନି ବର୍ଷ ପରେ ୧୮୬୮-୬୯ ମସିହାର ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଆତ୍ମବିଲୁପ୍ତ ଓଡ଼ିଆ ପ୍ରାଣରେ ନବ ଜାଗରଣ ଆଣି ଦେଇଥିଲା । ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ ଓ ଗଜପତି ମହାରାଜାଙ୍କ ପ୍ରତି ହୋଇଥିବା ଅପମାନର ପ୍ରତିଶୋଧ ନେବା ପାଇଁ ଉତ୍କଳୀୟ ଜନତାର ମନୋବଳ ଦ୍ୱିଗୁଣିତ ହୋଇଥିଲା । ଏହି ସମୟରେ ଓଡ଼ିଶାରେ ଇଂରାଜୀ ଶିକ୍ଷାପ୍ରାପ୍ତ ନବସଭ୍ୟ ଶିକ୍ଷିତ ଓଡ଼ିଆ ଯୁବକମାନଙ୍କ ମଧ୍ୟରେ ଓଡ଼ିଆଭାଷା, ଏହାର ଅର୍ଥନୀତି, ସମାଜ ସଂସ୍କାର ସର୍ବୋପରି ସର୍ବବିଧ ଉନ୍ନତି ପାଇଁ ଉଦ୍ୟମ ପରିଲକ୍ଷିତ ହୋଇଥିଲା । ୧୮୮୮ ଖ୍ରୀଷ୍ଟାବ୍ଦରେ ଦେଶପ୍ରାଣ ମଧୁସୂଦନ କଟକର ଜନସାଧାରଣଙ୍କୁ ଏକତ୍ରିତ କରି ଶାସକମାନଙ୍କ ନିକଟରେ ଓଡ଼ିଆର ଦାବି ଉପସ୍ଥାପନ କରିଥିଲେ । ଏହା ପୂର୍ବରୁ ୧୮୭୬ ଖ୍ରୀ. ଅ. ରେ ଓଡ଼ିଆଭାଷୀ ଅଞ୍ଚଳ ସହିତ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ବିଷୟରେ ବ୍ରିଟିଶ ସରକାରଙ୍କ ନିକଟରେ ଏକ ବେସରକାରୀ ପ୍ରସ୍ତାବ ଆଗତ କରିଥିଲେ ଦେଶ ହିତୈଷୀ ସ୍ୱନାମଧନ୍ୟ ମହାରାଜ ବୈକୁଣ୍ଠନାଥ ଦେ ଓ ସଚ୍ଚିଦାନନ୍ଦ ପଟ୍ଟନାୟକ । ଫଳତଃ ୧୯୬୮-୬୯ ମସିହାର ଭାଷାକେନ୍ଦ୍ରିକ ଜାତୀୟତା-ବୋଧ ଊନବିଂଶ ଶତାବ୍ଦୀର ଶେଷଭାଗ ବେଳକୁ ସୀମାକେନ୍ଦ୍ରିକ ଜାତୀୟତା-ବୋଧରେ ରୂପାନ୍ତରିତ ହୋଇପଡ଼ିଥିଲା ।

ଓଡ଼ିଶା ହେଉଛି ଓଡ଼ିଆର—ଏହି ଦାବି ସ୍ୱର ଉତ୍କଳର ପ୍ରତ୍ୟେକ ଜନପଦରେ ପ୍ରବଳ ଆକାର ଧାରଣ କରି ନୂତନ ଯୁବଶକ୍ତିର ଅନ୍ତରରେ

---

(୩) ଡଃ ନଟବର ସାମନ୍ତରାୟ, ଓ. ସା. ଇ (୨ୟ ଖ-୧୯୮୩), ପୃ-୧୦-୧୧ ।

Digitized by srujanika@gmail.com

ନବଚେତନା ଉଣ୍ଡେଇଥିଲା । ସୁତରାଂ ୧୮୭୧-୧୯୦୦ ମସିହା ମଧ୍ୟରେ ଜନ୍ମଲାଭ କରିଥିବା ଶିକ୍ଷିତଶ୍ରେଣୀ ଆଲୋଚ୍ୟ ୧୮୭୦ ମସିହା ପୂର୍ବ ଶିକ୍ଷିତ ଶ୍ରେଣୀ ସହିତ ମିଳିତ ହୋଇ ଦେଶବ୍ରତରେ ମନପ୍ରାଣ ଢାଳିଦେଇଥିଲେ । ଏହି ଉଭୟ କାଳମଧ୍ୟରେ ଜନ୍ମଲାଭ କରିଥିବା ଶିକ୍ଷିତ ଶ୍ରେଣୀର ସମ୍ମିଳିତ ପ୍ରଚେଷ୍ଟା ଫଳରେ ଓଡ଼ିଶାରେ ଜନଜାଗରଣ ସୃଷ୍ଟି ହୋଇଥିଲା । 'ଓଡ଼ିଆ' ଶବ୍ଦକୁ କେବଳ ସେମାନେ ଓଡ଼ିଆ ଜାତିରୂପେ ବ୍ୟବହାର ନକରି ଓଡ଼ିଶାର ପରିପ୍ରେକ୍ଷୀରେ ପରିପୁଷ୍ଟ ସମସ୍ତ ଜାତିକୁ ଏଥିରେ ଅନ୍ତର୍ଭୁକ୍ତ କରିଥିଲେ । ଓଡ଼ିଶା ମାଟିରେ ଯିଏ ନିଜର ରକ୍ତକୁ ମିଶାଇଦେବ, ସେ ହେବ ଓଡ଼ିଆ, ଓଡ଼ିଶା ହେବ ତାଆରି—ଏହି ଅର୍ଥଟି ଏଇ ଓଡ଼ିଆ ଶବ୍ଦ ଭିତରେ ପ୍ରତିଫଳିତ ହୋଇଥିଲା । ଫଳରେ ଜାତି-ଧର୍ମ-ନିର୍ବିଶେଷରେ ଏକ ନବୋଦ୍ବୁଦ୍ଧ ଯୁବଶକ୍ତି ୧୮୭୧ ସାଲ ପରଠାରୁ ଓଡ଼ିଆ ଭାଷା ଓ ସାହିତ୍ୟ ସୃଷ୍ଟି କରିବାରେ ଯତ୍ନଶୀଳ ହୋଇ ଉଠିଥିଲେ । ସାମ୍ବାଦିକ ଗୌରୀଶଙ୍କର, କବିବର ରାଧାନାଥ, ଔପନ୍ୟାସିକ ଫକୀରମୋହନ, ଉମେଶଚନ୍ଦ୍ର ସରକାର, ଭକ୍ତକବି ମଧୁସୂଦନ ପ୍ରମୁଖ ବହୁ ସାହିତ୍ୟ ସାଧକ ଏହି ନବ ଅର୍ଥଦ୍ୟୋତକ 'ଓଡ଼ିଆ' ଶବ୍ଦର ଯଥାର୍ଥ ସମ୍ମାନ ଦେଇଥିଲେ । (୪)

ଊନବିଂଶ ଶତକରେ ସୃଷ୍ଟ ଜାତିପ୍ରୀତିର ଏହି ଗଡ଼୍ଡ଼ାଳିକା ପ୍ରାଣପ୍ରବାହ ପରବର୍ତ୍ତୀ ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କ ପର୍ଯ୍ୟନ୍ତ ପ୍ରଖର ଗତିରେ ବ୍ୟାପିଯାଇଥିଲା । ଏହା ପୂର୍ବରୁ ୧୯୦୩ ମସିହାରେ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ' ସମଗ୍ର ଉତ୍କଳୀୟମାନଙ୍କୁ ଏକତ୍ରିକରଣ ତଥା ଏହାର ଭାଷା ସାହିତ୍ୟ ସୁରକ୍ଷା ଦିଗରେ ଯେଉଁ ପ୍ରବଳ ତଥା ପରିପୁଷ୍ଟ ଉଦ୍ୟମ ଆରମ୍ଭ କରିଥିଲା ତାହା ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କୁ ସାହିତ୍ୟ ସୃଷ୍ଟି କରିବା ନିମିତ୍ତ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା । ଦେଶପ୍ରାଣ ପଣ୍ଡିତ ନୀଳକଣ୍ଠ ସେଦିନ ଏହି କର୍ମୀ ସମ୍ମିଳନୀରେ ଜଣେ ନୀରବ ଦ୍ରଷ୍ଟା ଥିଲେ । ସେ ସମ୍ପର୍କରେ ସେ ତାଙ୍କ ଗ୍ରନ୍ଥାବଳୀରେ ସୂଚନା ଦେଇ କହନ୍ତି—'ଜାତୀୟ ଜୀବନର ସେ ନବଉନ୍ମେଷ ଆଜି ମୋର ମନରେ ପ୍ରାଚୀନ ହେଲେ ମଧ୍ୟ ଜୀର୍ଣ୍ଣ ହୋଇନାହିଁ । ଜୀବନରେ ତାହାହିଁ ଯେପରି ମୋର ଏକ ପ୍ରଥମ ଦୀକ୍ଷା ।"

---

(୪) ଡ଼ଃ ନଟବର ସାମନ୍ତରାୟ—ଓ. ସା. ଇ. (୧ମ ଖ—୧୯୮୩) ପୃ—୧୭୩ ।

Digitized by srujanika@gmail.com

ସୁତରାଂ ଇଂରେଜମାନଙ୍କ ବିରୁଦ୍ଧାଚରଣ କରିବା ପାଇଁ ତଥା ଇଂରେଜ ବସ୍ତ୍ର ବର୍ଜନ କରିବା ପାଇଁ ସେ ଅକୁଣ୍ଠିତ ଚିତ୍ତରେ ବାହାରି ପଡ଼ିଥିଲେ । ଓଡ଼ିଆ ଜାତିର ଜଣେ ଯଥାର୍ଥ ଦାୟାଦ ଭାବେ ତାଙ୍କ କଣ୍ଠରୁ ଅନୁରଣିତ ହୋଇଥିଲା—ରକ୍ତ; ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂଖଣ୍ଡରେ ଜାତୀୟତା ରହେନାହିଁ, ଜାତୀୟତା ରହେ ଭାବରେ, ଆଦର୍ଶରେ, ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ । (୫)

ଏହି କାରଣରୁ ନୂତନ ଦୃଷ୍ଟିଭଙ୍ଗୀ ନେଇ ପଣ୍ଡିତ ନୀଳକଣ୍ଠ ରଚନା କଲେ 'କୋଣାର୍କେ' ଓ ଖାରବେଳ' ପ୍ରଭୃତି କାବ୍ୟ । ଜାତୀୟ ଜୀବନର ପ୍ରାଣପ୍ରବାହ ଏହି କାବ୍ୟ ମଧ୍ୟରେ ପ୍ରତିଧ୍ୱନିତ ହେଲା । ଇତିହାସର ଜାତୀୟତାର 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ଜୀବନ୍ତ ହୋଇ ଅବକ୍ଷୟ ଓଡ଼ିଆ ସମାଜକୁ ଯଥେଷ୍ଟ ପ୍ରେରଣା ପ୍ରଦାନ କଲେ । (୬)

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ-ଚେତନାରେ ଉଦ୍‌ବୁଦ୍ଧ ହୋଇ ପ୍ରାଚୀନ ଉତ୍କଳର ସମସ୍ତ ପରାକ୍ରମ ନେଇ ଜାଗି ଉଠିବା ପାଇଁ ପଣ୍ଡିତ ନୀଳକଣ୍ଠ ତାଙ୍କ କାବ୍ୟ 'କୋଣାର୍କେ' ମାଧ୍ୟମରେ ଏ ଜାତିର ସଚେତନ ବ୍ୟକ୍ତିମାନଙ୍କୁ ଆହ୍ୱାନ କରିଛନ୍ତି । ସୁତରାଂ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ ଜଗତରେ କବିବର ରାଧାନାଥଙ୍କ ପରେ ପଣ୍ଡିତ ନୀଳକଣ୍ଠଙ୍କୁ ସ୍ୱତନ୍ତ୍ର ଆସନରେ ଆସୀନ କରାଯାଇଥାଏ । ନୀଳକଣ୍ଠଙ୍କ କାବ୍ୟ-କବିତା ଓଡ଼ିଆ କାବ୍ୟ ସାହିତ୍ୟ ଜଗତରେ ସୃଷ୍ଟି କରିଛି ପୁନର୍ନବା ବା ରେନାସାଁ । କବି ଦେବୀ ରାମଚଣ୍ଡୀଙ୍କୁ ପ୍ରଶ୍ନ ପଚାରିବା ଛଳରେ ଉତ୍କଳକୁ ସ୍ୱର୍ଗଠାରୁ ଅଧିକ ପବିତ୍ରବୋଲି ମନେ କରନ୍ତି ।

"ଏହି ଭୂମି ଦେଖି ଆସିଥିଲ ସ୍ୱର୍ଗୁ ତୁମ୍ଭେ ?
ନୀଳାଚଳନାଥ ଦେଖିତ ଏଠା ଆସିଲେ ଭବେ ?
ଏହି ଭୂମି ସେତ ଆଦରିଥିଲେ ସିଦ୍ଧ ସାଧକ ?
ଏହି ଭୂମିରେ ତ ବାଞ୍ଛବ ସବୁ ହେଲା ଅଳୀକ ? (୭)'

---

(୫) ନୀଳକଣ୍ଠ ଗ୍ରନ୍ଥାବଳୀ—୧ମ ଖଣ୍ଡ (୨ୟ ସଂ-୧୯୭୩) ପୃ ୧୦୧ ।

(୬) ପଠାଣି ପଟ୍ଟନାୟକ—କବି ମନୀଷୀ ନୀଳକଣ୍ଠ—(ପ୍ରଥମ ପ୍ରକାଶ ୧୯୮୪ ପୃ-୫୮

(୭) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ, ୧୯୭୩), ପୃ ୩୨୯ ।

Digitized by srujanika@gmail.com

କବି ଜାତିପ୍ରୀତିରେ ଉଦ୍‌ବୁଦ୍ଧ ହୋଇ 'କୋଣାର୍କେ' କାବ୍ୟରେ ଘନ ଅନ୍ଧକାର ରଜନୀରେ ସୃଷ୍ଟ ପ୍ରବଳ ବତାସୀକୁ ପ୍ରଶ୍ନ ଆକାରେ ପ୍ରାଚୀନ ଉତ୍କଳର କୀର୍ତ୍ତିକାହାଣୀ ଶୁଣାଇଛନ୍ତି । ନୌ-ବାଣିଜ୍ୟରେ ପ୍ରାଚୀନ ଉତ୍କଳ ସମୃଦ୍ଧଥିଲା । ପ୍ରାଚୀନ କାଳରେ ଭାରତୀୟମାନେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାଳାକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିଲେ । ମେଦିନୀପୁରର ତମଲୁକ ପ୍ରାଚୀନ ଉତ୍କଳର ତାମ୍ରଲିପି ନଗର ଭାବେ ପ୍ରସିଦ୍ଧି ଲାଭ କରିଥିଲା । ଉତ୍କଳୀୟମାନେ କେବେହି ଦାରିଦ୍ର୍ୟର ସୀମାରେଖା ତଳକୁ ଖସି ଆସିନଥିଲେ । ଉତ୍କଳର ପୂର୍ବ ଐତିହ୍ୟ ଓ ପରମ୍ପରା କବିପ୍ରାଣକୁ ବ୍ୟଥିତ କରିପକାଇଥିଲା । ତେଣୁ ସେ ସମୁଦ୍ରରେ ଉଠିଥିବା ଝଡ଼କୁ ସମ୍ବୋଧନ କରି ଜାତୀୟତା ମନ୍ତ୍ରରେ ମୁଗ୍ଧ ହୋଇ ସ୍ୱତଃ ପ୍ରକାଶ କରୁଥିଲେ —

"କେଉଁ ରାଇଜରୁ ଆସିଛୁ ? କହ ବତାସୀ ମୋରେ
ଓଡ଼ିଆ ବୋଇତ ଖବର କିଛି ଆଣିଛୁ କିରେ ?" (୮)

ପୁନଶ୍ଚ ପରାଧୀନ ଉତ୍କଳୀୟଙ୍କ ପ୍ରାଣରେ ନବଉନ୍ମାଦନା ସୃଷ୍ଟି କରିବାପାଇଁ କବି ଉତ୍କଳର ପ୍ରାଚୀନ ଇତିହାସର ପୃଷ୍ଠା ଉନ୍ମୋଚନ କରିଛନ୍ତି । ଉତ୍କଳର ପ୍ରାଚୀନ ଇତିହାସ ଓ ଏହାର ସାଂସ୍କୃତିକ ପରମ୍ପରା ସହିତ ଶ୍ରୀଜଗନ୍ନାଥ ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । ଏହି ପ୍ରସଙ୍ଗରେ କବି ପାଞ୍ଚଶତ ବର୍ଷତଳର ବହୁ-ବହୁଶ୍ରୁତ କାଞ୍ଚିଅଭିଯାନର କାହାଣୀକୁ ଜନ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ପଞ୍ଚଦଶ ଶତାବ୍ଦୀରେ ପୁରୀ ଗଜପତି ମହାରାଜା ପୁରୁଷୋତ୍ତମଦେବଙ୍କୁ କାଞ୍ଚିରାଜ୍ୟ ଅଭିଯାନରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଅଗ୍ରଜ ବଳଭଦ୍ର ଓ ଅନୁଜ ଶ୍ରୀଜଗନ୍ନାଥ କାଞ୍ଚି ରାଜ୍ୟ ଅଭିମୁଖେ ଯାତ୍ରାରମ୍ଭ କରିଥିଲେ । ଫଳତଃ ଗଜପତି ମହାରାଜ ଯୁଦ୍ଧରେ କାଞ୍ଚିରାଜାଙ୍କୁ ପରାସ୍ତକରି ରାଣୀ ପଦ୍ମାବତୀଙ୍କ ସହିତ ଉତ୍କଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ । (୯) କବି ନୀଳକଣ୍ଠ ପ୍ରାଚୀନ ଓଡ଼ିଶା ଇତିହାସରୁ ଏହିପରି ଚାରି ଚରିତ୍ର ଆନୟନ କରି ତାହାକୁ ପରାଧୀନ ଉତ୍କଳୀୟ ଆତ୍ମାରେ ମିଶାଇ ଆହ୍ୱାନ କରିଛନ୍ତି ଜାତୀୟତାର ମନ୍ତ୍ରରେ ଦୀକ୍ଷିତ ହେବାପାଇଁ । ସମସ୍ତଙ୍କର

(୮) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ, ୧୯୭୩), ପୃ ୩୧୦ ।
(୯) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ ୧୯୭୩); ପୃ-୩୧୭ ।

Digitized by srujanika@gmail.com

ଆନ୍ତରିକ ସହଯୋଗରେ ଉତ୍କଳର ପ୍ରାଚୀନ, ଏହାର ପ୍ରାଚୀନ ପରମ୍ପରା ନିଶ୍ଚୟ ଫେରିଆସିବ ବୋଲି ସେ ଦୃଢ଼ ଆଶା ପୋଷଣ କରିଛନ୍ତି ।

ଶ୍ରୀଜଗନ୍ନାଥ ଯେଉଁ ଜାତିର ବଡ଼ ଠାକୁର, ଦାଣ୍ଡ ଯାହାର ବଡ଼ ଦାଣ୍ଡ, ପ୍ରସାଦ ଯାହାର ମହାପ୍ରସାଦ, ସମୁଦ୍ର ଯାହାର ମହୋଦଧି, ନଦୀ ଯାହାର ମହାନଦୀ ସେହି ଜାତି କଦାପି ପରାଧୀନ ରହିନପାରେ— ଏହି ଅନ୍ତର୍ଦୃଷ୍ଟି ପ୍ରଚ୍ଛନ୍ନଭାବେ ସଂଗୁପ୍ତ ରହିଛି ତାଙ୍କ କାବ୍ୟକୃତିରେ ।

ସୁତରାଂ ସୁପ୍ତ ଜାତୀୟଚେତନାକୁ ଜାଗ୍ରତ କରିବାପାଇଁ କବି ଇତିହାସକୁ ହିଁ ମୁଖ୍ୟ ଆୟୁଧଭାବେ ପରିଗ୍ରହଣ କରିଛନ୍ତି । ଇତିହାସର ସ୍ତରେ ସ୍ତରେ ସେ ମର୍କତକେଶରୀଙ୍କ କଠଯୋଡ଼ ପଥରବନ୍ଧ, ମତ୍ସ୍ୟକେଶରୀଙ୍କ ପୁରୀ ଓ ଯାଜପୁର ଅଠରନଳା, ଲଲାଟେନ୍ଦୁ କେଶରୀଙ୍କ ଭୁବନେଶ୍ୱର ଓ ଅନଙ୍ଗ ଭୀମଦେବଙ୍କ ପୁରୀମନ୍ଦିର ପ୍ରଭୃତି କୀର୍ତ୍ତି ରାଜୀର ଭୌଗଳିକ ଚିତ୍ରପଟ୍ଟ ପ୍ରଦର୍ଶନ କରିଛନ୍ତି ।

"ମରକତ, ମତ୍ସ୍ୟ, ଲଲାଟ, ବୀର ଅନଙ୍ଗଭୀମ,
ତଟିନୀ-ମେଖଳା, ମନ୍ଦିର, ଯହିଁ କୀର୍ତ୍ତି କରମ ।" (୧୦)

ସେ ଅନୁଭବ କରିଛନ୍ତି ଉତ୍କଳୀୟମାନେ ଏକତ୍ରିତ ନହେଲେ ଉତ୍କଳର, ତା'ର ଭାଷା ଓ ସାହିତ୍ୟର ଭବିଷ୍ୟତ ନିରାପଦ ନୁହେଁ । ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ସର୍ବୋପରି ରାଜନୈତିକ ସ୍ତରରେ ଓଡ଼ିଶାବାସୀଙ୍କୁ ପରାଧୀନତାର ଦୃଢ଼ ବନ୍ଧନୀ ମଧ୍ୟରୁ ମୁକ୍ତ ରଖିବାକୁ ହେଲେ ସର୍ବପ୍ରଥମେ ସେମାନଙ୍କ ଅନ୍ତଚେତନରେ ଇତିହାସର କଥାସବୁ ଭରି-ଦେବାକୁ ହେବ । ସେମାନଙ୍କୁ ଜାଗ୍ରତ କରିବାକୁ ହେବ ।

ପ୍ରାଚୀନ ଓଡ଼ିଶାର ପ୍ରବଳ ପ୍ରତାପୀ ସମ୍ରାଟ ଥିଲେ ଖାରବେଳ । ସେ ପ୍ରାଚୀନ ଭାରତର ବହୁ ରାଜ୍ୟ ବିଜୟ କରି ଉତ୍କଳ ପାଇଁ ଆଣିଥିଲେ ଗର୍ବ ଓ ଗୌରବ । ମାତ୍ର ଉତ୍କଳର ସ୍ୱାଧୀନତା ଲୋପ ହେଲାପରେ ଉତ୍କଳୀୟମାନେ ଏହି ଦିଗ୍‌ବିଜୟୀ ବୀରଙ୍କ କୀର୍ତ୍ତି ଓ କାହାଣୀ ଭୁଲିଯାଇ-ଥିଲେ । ଖାରବେଳଙ୍କ ପରି ଇତିହାସ ପ୍ରସିଦ୍ଧ ବୀରଙ୍କ ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ସମ୍ପୂର୍ଣ୍ଣ ନୀରବ ଥିଲା । ଓଡ଼ିଆ ସାହିତ୍ୟର ଏହି ଅଭାବ ପରିପୂରଣ ତଥା ଦିଗ୍‌ବିଜୟୀ ବୀର ଖାରବେଳଙ୍କ

---

(୧୦) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ-୧୯୬୩) ପୃ-୩୨୧ ।

Digitized by srujanika@gmail.com

କାର୍ତ୍ତିକାହାଣୀକୁ ପରାଧୀନ ଉତ୍କଳୀୟମାନଙ୍କୁ ଶୁଣାଇ ତାଙ୍କ ମନରେ ଜାତିପ୍ରୀତିର ଫଲ୍‌ଗୁଧାରା ପ୍ରବାହିତ କରିବାପାଇଁ କବି ମାନକଣ୍ଠ ସୃଷ୍ଟି କରିଥିଲେ ଜାତୀୟ କାବ୍ୟ ଖାରବେଳ (୧୯୨୦), ଯହିଁରୁ ତାଙ୍କର ଜାତୀୟତାଚେତନାର ମନୀଷା ସ୍ପଷ୍ଟ କରାଯାଇଥାଏ ।

'ଖାରବେଳ କାବ୍ୟ କମ୍ବଦନ୍ତୀ ବା କପୋଳ କଳ୍ପିତ କାହାଣୀ ନୁହେଁ । ଇତିହାସର ପ୍ରେକ୍ଷାପଟରେ ଏହା ପର୍ଯ୍ୟବସିତ । କାବ୍ୟ ନାୟକ ଜାତୀୟ ବୀର ଖାରବେଳ ମାତ୍ର ଚବିଶ ବର୍ଷ ବୟସରେ ଉତ୍କଳର ରାଜ-ସିଂହାସନରେ ଅଭିଷିକ୍ତ । ରାଜ୍ୟ ଜୟ ଓ ପ୍ରଜାନୁରଞ୍ଜନ ତାଙ୍କ ଜୀବନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏକଦା ରାଜ୍ୟଜୟ ଉଦ୍ଦେଶ୍ୟରେ ବଜର (ଆଫଗାନସ୍ଥାନ) ଆଡେ ଯାଇ ସେଠାରେ ଯବନମାନଙ୍କ ଅତ୍ୟାଚାରରେ ଦୁଃଖରେ କାଳାତିପାତ କରୁଥିବ । ବଜର ରାଜା ତଥା କୃଷକ ସୈନ୍ୟମାନଙ୍କ ସହାୟତାରେ ସେ ଯବନମାନଙ୍କୁ ପରାସ୍ତକରି ନିଜର ବୀରତ୍ୱ ପ୍ରଦର୍ଶନ କରନ୍ତି । (୧୦) ତାଙ୍କର ବୀରତ୍ୱ ଓ ସାହସିକତାରେ ମୁଗ୍ଧହୋଇ ରାଜଜେମା ଧୂପି ତାଙ୍କ ପ୍ରତି ଆକର୍ଷିତ ହୁଅନ୍ତି । ଦିଗ୍‌ବିଜୟୀ ବୀର ଖାରବେଳ ତାଙ୍କ ପ୍ରେମାକର୍ଷଣରେ ପ୍ରଥମେ ଜଣେ ସାଧାରଣ ବ୍ୟକ୍ତିପରି ଜଡ଼ିତ ହୋଇ-ଥିଲେ ମଧ୍ୟ ପର ମୁହୂର୍ତ୍ତରେ ଜଣେ ଜାତୀୟ ବୀରଭାବେ ତାହା ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଜାତିପ୍ରୀତିରେ ଉଦ୍‌ବୁଦ୍ଧ ହୋଇ ଅଳକ ଯଉବେଗ ବିଳାସରୁ ନିଜକୁ ମୁକ୍ତ ରଖିଛନ୍ତି ।

ଉଦୟଗିରିସ୍ଥିତ ରାଣୀନଅର, ରାଣୀହଂସପୁର ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଉତ୍କଳୀୟ କଳା ଓ ସ୍ଥାପତ୍ୟକୁ ଚିରବନ୍ଦିତ କରିବାପାଇଁ ସେ ଉଦୟଗିରିର ରାଣୀନଅର, ରାଣୀହଂସପୁର ପ୍ରଭୃତି ନିର୍ମିତ କରିଥିଲେ । ଏତଦ୍‌ବ୍ୟତୀତ 'ଖାରବେଳ' କାବ୍ୟ ବର୍ଣ୍ଣିତ ଖଣ୍ଡଗିରିର ବହୁଜୈନ ଗୁମ୍ଫା ମଧ୍ୟ ତାଙ୍କରି ଦ୍ୱାରା ହିଁ ନିର୍ମିତ ହୋଇଥିଲା । ଯେଉଁସବୁ ବର୍ଣ୍ଣନାରୁ ପଣ୍ଡିତ ମାନକଣ୍ଠଙ୍କର ଜାତିପ୍ରୀତି ତଥା ପ୍ରବୁଦ୍ଧମାନସର ପରିଚୟ ମିଳିଥାଏ ।

ଉତ୍କଳର ଜାତୀୟ ଦେବତା ପ୍ରଭୁ ଜଗନ୍ନାଥ । ସେ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆର ଇହ ଓ ପରକାଳର ଉପାସ୍ୟ ଦେବତା, ଆଶା ଓ ଭରସାର ପ୍ରତୀକ, ସୁଖ ଦୁଃଖର ସାଥୀ । ବିପଦ ସମୟରେ ଶ୍ରୀଜଗନ୍ନାଥ ଜନସାଧାରଣଙ୍କ ଦୁଃଖରେ ସମଦୁଃଖୀ ହୁଅନ୍ତି । 'ଦାସନାଏକ' କାବ୍ୟର

---

(୧୦) ମାନକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ୨ୟ ସଂ-୧୯୭୨) ପୃ ୪୬୯

Digitized by srujanika@gmail.com

ନାପୁଟ ଦାସ ଅସହ୍ୟ ଯନ୍ତ୍ରଣାର ସମ୍ମୁଖୀନ ହୋଇ ସେହି ଯନ୍ତ୍ରଣାକୁ ସହ୍ୟ କରିବାପାଇଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଧ୍ୟାନକରିଛି । (୧୨)

ଜୀବିକାନିର୍ବାହ ନିମିତ୍ତ ଜାହାଜରେ କାମକରୁଥିବାବେଳେ କ୍ଷତ-ବିକ୍ଷତ ହୋଇ ଦାସ କ୍ଳାନ୍ତ ହୋଇଯାଇଥିଲା । ଫଳରେ ପରିବାର ମଧ୍ୟରେ ଦେଖାଦେଇଥିଲା ଗଭୀର ଅନୁଶୋଚନା । ଦାସ ଅନନ୍ୟୋପାୟ ହୋଇ, ରୋଜଗାରର ଅନ୍ୟପନ୍ଥାନପାଇଁ ଶେଷରେ ଚୀନଦେଶ ଅଭିମୁଖେ ଯାଉଥିବା ଜାହାଜରେ କାମକରିବାପାଇଁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚୀନଦେଶ ଅଭିମୁଖେ ଯାତ୍ରାରମ୍ଭ କରିଥିଲା । ମାତ୍ର ଜାହାଜଟି ଚୀନଦେଶ ଅଭିମୁଖରେ ଯାତ୍ରା କରିବା ସମୟରେ ଭୀଷଣ ଝଡ଼ର ସମ୍ମୁଖୀନ ହୋଇ ଭାଙ୍ଗିରୁଜି ଯାଇଥିଲା । ଦାସ ଭଗ୍ନ ଜାହାଜର କେତେକ ଅଂଶ ସହାୟତାରେ ଏକ ଦ୍ୱୀପରେ ପହଞ୍ଚି ସେଠାରେ କେତେକାଳ ନିଃସଙ୍ଗ ଜୀବନ କଟାଇଥିଲା । ଦୁଃଖ ଓ ନିଃସଙ୍ଗ ଜୀବନଯାପନ କରୁଥିବା ଦାସର ଭକ୍ତିପୂତ ଅଶ୍ରୁଳ ଦୁଃଖଦ ନିବେଦନ ପ୍ରଭୁ ଜଗନ୍ନାଥ ଶୁଣିଥିଲେ । (୧୩) ଫଳତଃ ଜଳ ଅନ୍ୱେଷଣରେ ସେହି ଦ୍ୱୀପରେ ପହଞ୍ଚିଥିବା କେତେକ ତୃଷାର୍ତ୍ତ ଯାତ୍ରୀ ତାହାର ଦୁଃଖଦ ଅବସ୍ଥା ଦେଖି ତାହାକୁ ନିଜ ଦେଶକୁ ନେଇଯାଇଥିଲେ ।

'ଦାସନାଏକ' କାବ୍ୟର ଏହିସବୁ ବର୍ଣ୍ଣନା ମଧ୍ୟରେ କବି ନୀଳକଣ୍ଠ କାବ୍ୟର ପୃଷ୍ଠଭୂମିରେ ଜଗନ୍ନାଥଙ୍କୁ କାବ୍ୟନାୟକ ଭାବେ ଚିତ୍ରିତ କରିଛନ୍ତି । ଶ୍ରୀଜଗନ୍ନାଥଙ୍କଯୋଗୁ ପୃଥିବୀର ଏତେସବୁ ଘଟଣା ଘଟୁଛି ବୋଲି ସେ ଅନୁଭବ କରିଛନ୍ତି । ଜଗନ୍ନାଥଙ୍କ ଦୟାରୁ ତାଙ୍କରି ଅନୁଗ୍ରହରୁ ମାନବ ସମାଜ ତିଷ୍ଠି ରହିଛି ବୋଲି ସେ ବିଶ୍ୱାସ କରନ୍ତି । ପୁନଶ୍ଚ ଏହି କାବ୍ୟରେ ଉତ୍କଳର ଜାତୀୟ ଦେବତା ମହାପ୍ରଭୁ ଜଗନ୍ନାଥଙ୍କୁ ସେ ପୃଥିବୀର ବହୁ-ଦେଶକୁ ନେଇ ତାଙ୍କ ସୀମା ସରହଦକୁ ବହୁଭାବରେ ବୃଦ୍ଧି କରିଛନ୍ତି । (୧୪) ଏହା କଣ ତାଙ୍କ ଉଗ୍ର ଜାତୀୟଚେତନାର ପ୍ରତୀକ ନୁହେଁ କି ?

କାବ୍ୟ ବ୍ୟତୀତ ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଶିଶୁ କବିତାରୁ ତାଙ୍କ ଜାତୀୟ ଚେତନା ତଥା ଦେଶପ୍ରୀତିର ଚିତ୍ର ପାଠକ ମନରେ ପ୍ରତିବିମ୍ବିତ ହୋଇଥାଏ । ଜାତି ମନ୍ତ୍ରରେ ଦୀକ୍ଷିତ ହୋଇ ପିଲା ଓ ଚଢ଼େଇ କବିତାରେ

---

(୧୨) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ-୧୯୭୩), ପୃ ୪୯୫

(୧୩) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମଖଣ୍ଡ (୨ୟ ସଂ-୧୯୭୩), ପୃ ୯୦

(୧୪) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ-୧୯୭୩) ପୃ ୨୭୪

Digitized by srujanika@gmail.com

କବି ଗୋଟିଏ ପଞ୍ଜୁରୀବଦ୍ଧ ପକ୍ଷୀର ମନନେଇ ଭାରତୀୟ ସ୍ୱାଧୀନତା କାମନା କରିଛନ୍ତି । ପଞ୍ଜୁରୀବଦ୍ଧ ପକ୍ଷୀଟିର ସ୍ୱାଧୀନତା ନଥାଏ । ମାତ୍ର ମୁକ୍ତ ଆକାଶର ନୀଳ ଆବରଣ ତଳେ ଚକ୍କର ମାରୁଥିବା ବିହଙ୍ଗଟିର ସ୍ୱାଧୀନତାରେ କି ଆନନ୍ଦ ! ଏହା ଦରିଦ୍ର ସ୍ୱାଧୀନଚେତା କବି ନୀଳକଣ୍ଠଙ୍କୁ ହୃଦୟଙ୍ଗମ କରିଛନ୍ତି । ଭାରତବର୍ଷର ସ୍ୱାଧୀନତା କାମନାକରି ମୁକ୍ତ ବିହଙ୍ଗର ମନନେଇ ତେଣୁ କବି ଶିଶୁମାନଙ୍କ ପ୍ରାଣରେ ପ୍ରାଣ ମିଳାଇ ଗାଇଛନ୍ତି—

“ଡେଣା ପିଟି ପିଟି ଖାଉଛୁ ମୁଁ ଇଚ୍ଛାରେ ଚରି
ଉପାସ ବାଧିବ ନାହିଁ ବନ୍ଧନ ଡରି ।
ଗୀତ ଗାଇ ତୋଷିବା ହେବା ନୁହେଁ ମୋ କାମ
ପ୍ରଭୁମନ ଯେ ରଖିବା ବଡ଼ ବିଷମ ।” (୧୫)

ଭାରତୀୟ ଜାତୀୟ ପତାକାରେ ଅଙ୍କିତ ତିନୋଟି ରଙ୍ଗ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ନାଲି ରଙ୍ଗକୁ ହିନ୍ଦୁ ଓ ଶାଗୁଆ ରଙ୍ଗକୁ ମୁସଲମାନ ଭାବେ ଗ୍ରହଣ କରି ଶିଶୁମାନଙ୍କୁ ଭାରତର ଏକତା ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବାପାଇଁ ପରାମର୍ଶ ଦେଇଛନ୍ତି । ଏହି ପ୍ରସଙ୍ଗରେ ସେ ଖୁବ୍ ସରଳ ଉଦାହରଣ ଦେଇ ଶିଶୁମାନଙ୍କ ପ୍ରାଣକୁ ଛୁଇଁ ପାରିଛନ୍ତି । ଭାରତରେ ବସବାସ କରୁଥିବା ଅଧିବାସୀମାନଙ୍କ ମଧ୍ୟରେ ହିନ୍ଦୁ ଓ ମୁସଲମାନ ହେଉଛନ୍ତି ପ୍ରଧାନ । ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଭାରତ ଓ ପାକିସ୍ଥାନ ଅନ୍ତର୍ଭୁକ୍ତ ‘ହିନ୍ଦୁସ୍ଥାନ’ ନାମରେ ନାମିତ ଥିଲା । ଉଭୟ ସମ୍ପ୍ରଦାୟର ବ୍ୟକ୍ତି ବର୍ଗଙ୍କୁ ଏକତ୍ର କରି ପଣ୍ଡିତ ନୀଳକଣ୍ଠ ଭାରତରେ ଦୃଷ୍ଟି ସାମ୍ପ୍ରଦାୟିକ ସମ୍ପର୍କର ବହୁ ଊର୍ଦ୍ଧ୍ୱକୁ ଉଠିପାଇଥିଲେ । ଭାରତୀୟ ଜାତୀୟ ପତାକାର ମଧ୍ୟଭାଗରେ ଥିବା ଧବଳ ବର୍ଣ୍ଣ ଏକତା ଓ ଅଖଣ୍ଡତାର ପ୍ରତୀକ ବୋଲି ସେ ଗ୍ରହଣ କରିଥିଲେ । (୧୬) ଏହା ତାଙ୍କର ପିଲା ଓ ଚଢେଇ କବିତାରେ ବର୍ଣ୍ଣିତ । ଜାତିର ଉନ୍ନତି ପାଇଁ ତଥା ଶିଶୁମାନଙ୍କ ପ୍ରାଣରେ ଜାତୀୟ ମମତା ସୃଷ୍ଟି କରିବା ପାଇଁ ସେ ‘ମହାତ୍ମା ଗାନ୍ଧୀ’, ଜୟଭାରତ ପ୍ରଭୃତି ଶିଶୁ କବିତା ରଚନା କରିଥିଲେ । ଏହି ଶିଶୁକବିତାରୁ କବିଙ୍କ ଜାତୀୟ ଚେତନାର ପରିଚୟ ମିଳିଥାଏ ।

---

(୧୫) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ-୧୯୭୩)

(୧୬) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ-୧୯୭୩), ପୃ—

Digitized by srujanika@gmail.com

କାଳର କରାଳ ଗର୍ଭରେ ୧୯୨୮ ମସିହାରେ ସତ୍ୟବାଦୀ ବନ-ବିଦ୍ୟାଳୟ ଇତିହାସରେ ଲୀନ ହୋଇଯାଏ । ଫଳରେ ସତ୍ୟବାଦୀରୁ ବିଦାୟ ନେଇ ପଣ୍ଡିତ ନୀଳକଣ୍ଠ କିଛିଦିନ କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତ ପାଆନ୍ତି । କିନ୍ତୁ ପରାଧୀନ ମାତୃଭୂମିର ମୋହ ତାଙ୍କୁ ସେଠାରେ ବେଶିଦିନ ବାନ୍ଧିରଖିପାରେ ନାହିଁ । ସୁତରାଂ ସେ ସେଠାରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରି ଗୋପବନ୍ଧୁଙ୍କ ସହିତ ମିଶି ଦେଶସେବାରେ ନିଜକୁ ନିୟୋଜିତ କରନ୍ତି । ଏହି ଅବକାଶରେ ସେ କିଛିଦିନ ସମ୍ବଲପୁର ରହଣି ମଧ୍ୟରେ ଜାତି ମନ୍ତ୍ରରେ ଦୀକ୍ଷିତ ହୋଇ ଯେଉଁ ହିନ୍ଦୀ ମିଶ୍ରିତ ଓଡ଼ିଆ କବିତା ରଚନା କରନ୍ତି ତହିଁରୁ ତାଙ୍କ ଜାତିପ୍ରୀଣତାର ନିଦର୍ଶନ ଲକ୍ଷ୍ୟ କରାଯାଇଥାଏ ।

"ସ୍ୱରାଜ ଭାସ୍ଥା ଅଲବତ୍ ହୋଗା
ଶ୍ଲେଡ୍‌ନିକ ଅଓ ଗୋଲମୀ,
ଭାରତ ଲଡ଼କା ଗୋଲାମ ହୋକେ
କାହେ କରେ ବଦନାମୀ ।"

୧୯୨୪ ମସିହାରେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟଭାବେ ସେ ୧୯୨୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କେନ୍ଦ୍ର ଆସେମ୍ବ୍ଲିରେ ଯେଉଁ ଦାବୀ ଉପସ୍ଥାପନ କରିଥିଲେ ତାହା ହେଲା—"I may here inform the house that the Oriyas have been under several administrations in several tracts, and practically in each of the tracts an Intermediary ruling race with vested interests has been realed, and the Bengal government puts it clearly that the census Supervisors and Enumerators are afraid to record people as oriya speaking because they fear if they put it like that the tract will be transferrd to Orissa. It is there in the letter which was written to the Bengal Government and came to Government of India in 19.2. Actually the superintendent of census at a

Digitized by srujanika@gmail.com

meeting of enumerators and supervisors heard it remarked by one of them that they were not willing to record people as Oriya speaking even though they had evidence to that effect." (୧୭)

ଉପର୍ଯ୍ୟୁକ୍ତ ଆଲୋଚନାରୁ ଜଣାଯାଏ, ଉତ୍କଳୀୟମାନଙ୍କର ସଂକୀର୍ଣ୍ଣ ମନୋଭାବ ନାହିଁ ବା ଜାତୀୟତା ଦୃଷ୍ଟିରୁ ଉତ୍କଳର ସୀମାରେଖା କଳନୀୟ ନୁହେଁ—ଏହି ଚିନ୍ତାଧାରା ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟକୃତିରେ ସର୍ବୋପରି ସତ୍ୟବାଦୀ ସାହିତ୍ୟରେ ଚମତ୍କାରଭାବେ ଅନୁରଣିତ । ଏହି ଚେତନାରେ ଉଦ୍ଦୀପ୍ତ ହୋଇ ପଣ୍ଡିତ ନୀଳକଣ୍ଠ ଉତ୍କଳର ପ୍ରାଚୀନ ଗୌରବ ଫେରାଇ ଆଣିବାପାଇଁ ତାଙ୍କ କାବ୍ୟ କବିତା ମାଧ୍ୟମରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି । ଏହାହିଁ ଜାତିପ୍ରୀତି ବା ମହାଭାରତୀୟ ଜାତୀୟତାବୋଧ । ଏହାହିଁ ସତ୍ୟବାଦୀର ଉନ୍ନତ ଓ ଉଦାର ପ୍ରାଦେଶିକତା । (୧୮)

(୧୭) Speeches & Remarks of Pandit Nilakantha Das, Vol-1, 1959 – P.-146-147.

(୧୮) ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ– ସତ୍ୟବାଦୀ ଯୁଗ (ପ୍ରଥମ ସଂ-୧୯୬୩), ପୃ-୨୦୪

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟରେ ଇତିହାସ ଓ କିମ୍ବଦନ୍ତୀ

ଇତିହାସ କାବ୍ୟ ନୁହେଁ । କାବ୍ୟ ଇତିହାସ ନୁହେଁ । ମାତ୍ର କେତେକ କାବ୍ୟ ଇତିହାସର କଙ୍କାଳ ଉପରେ ପର୍ଯ୍ୟବସିତ । କାବ୍ୟ ଇତିହାସକୁ ଆତ୍ମସ୍ଥ କରି ରସୋତ୍ତୀର୍ଣ୍ଣ ହୁଏ । ସାରସ୍ୱତ ସାହିତ୍ୟ ସୃଷ୍ଟି ରୂପେ ପରିଗଣିତ ହୁଏ । ଏହି ଦୃଷ୍ଟିରୁ ଜାତିର ଇତିହାସ ସାହିତ୍ୟରେ ରୂପପାଏ । ଅତଏବ ଇତିହାସ ପଙ୍ଗୁ ନୁହେଁ, ମୂକ ବା ଅଥର୍ବ ନୁହେଁ । ଏହା ପ୍ରାଣପ୍ରବାହର ଉତ୍ଫୁଲ୍ଲତାରେ ସର୍ବଦା ବାଙ୍ମୟ । ମାତ୍ର ଶୁଷ୍କ ଓ ନୀରସ ହେତୁ ଜନସାଧାରଣଙ୍କର ଇତିହାସ ପ୍ରତି ସ୍ପୃହା କମିଯାଏ । ଅନାଗ୍ରହ ସୃଷ୍ଟି ହୁଏ । ସୁତରାଂ କବି କାବ୍ୟରେ ଐତିହାସିକ ଘଟଣାରାଜିକୁ ନେଇ ତାହାକୁ ବିଭିନ୍ନ ରୂପରସରେ ସରସ ସୁନ୍ଦର କରି ପାଠକ ସମ୍ମୁଖରେ ଉପସ୍ଥାପନା କରେ । ଇତିହାସ ସହିତ ସାହିତ୍ୟ ମିଶିଯାଏ । ଫଳରେ ସାହିତ୍ୟ ହୁଏ ନିଟୋଳ ଓ ମନୋରମ ।

ଊନବିଂଶ ଶତକର ଦ୍ୱିତୀୟ ଭାଗରେ ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ସୃଷ୍ଟି ହୋଇଥିଲା ପୁନର୍ନବା ବା ରେନେସାଁ । ଏହି ରେନାସାଁର ମୂଳତତ୍ତ୍ୱ ହେଲା ସ୍ୱାଧୀନ ଚିନ୍ତା-ଚେତନା ଓ ଜୀବନ ପ୍ରୀତି । ଆଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପୁନର୍ନବା ବା ନବଅଭ୍ୟୁଦୟର ଶୁଭାରମ୍ଭ ହୋଇଥିଲା ୧୮୭୦ ମସିହା ପରେ ପରେ । ଊନବିଂଶ ଶତକରେ ସୃଷ୍ଟି ନଅଙ୍କ ଦୁର୍ଭିକ୍ଷ ଓ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନରୁ ଏହି ଆତ୍ମସଚେତନ ଭାବର ଶୁଭାରମ୍ଭ ହୋଇଥିଲା । ଲେଖକ ଏହି ଚେତନାରେ ଉଦ୍‌ବୁଦ୍ଧ ହୋଇ କବିପ୍ରାଣ ପ୍ରାଚୀନ ଇତିହାସକୁ ହିଁ ମୁଖ୍ୟ ଆଧାରଭାବେ ପରିଗ୍ରହଣ କରିଥିଲେ । ଫଳରେ ଉତ୍କଳୀୟ ଜନଜୀବନରେ ପ୍ରାଚୀନ ଇତିହାସ ବେଶ ପ୍ରଭାବ ବିସ୍ତାର କରିଥିଲା । ସେଥିପାଇଁ ବରିଷ୍ଠ ସମାଲୋଚକ କାର୍ଲେ କହିଥିଲେ— "ଇତିହାସ କୌଣସି ଯୁଗରେ ଏତେ ଉଚ୍ଚରେ ଅବସ୍ଥାପିତ ହୋଇପାର-

Digitized by srujanika@gmail.com

ନଥିଲା ।" ତାଙ୍କ ମତରେ—"While the domain of History in as a free Emoprium where all these belligerents peaceably meet to furnish themselves and sentimentalist and Utilitarian, Sceptic and theologian, with one voice advise us; Examine History for it is Philosophy teaching by Experience" (୧)

ଅତଏବ ଇତିହାସ କାବ୍ୟ ନୁହେଁ । ଇତିହାସରେ ଦେଶ, କାଳ, ପାତ୍ର ଓ ବିଭିନ୍ନ ଘଟଣାବଳୀ ସ୍ଥାନିତ ହୁଏ । ଜୀବନର ରହସ୍ୟମୟ ଭାବତତ୍ତ୍ୱକୁ ଖୋଜିବାକୁ ଗଲେ ବହୁସମୟରେ ଇତିହାସରୁ ନିରାଶ ହେବାକୁ ହିଁ ପଡ଼ିଥାଏ । ଅନ୍ୟପକ୍ଷରେ କାବ୍ୟ ମଧ୍ୟରେ ସ୍ଥାନ, କାଳ, ପାତ୍ର ପ୍ରଭୃତି ଖୋଜିବା ନିରର୍ଥକ । ଏଥିରେ ଜୀବନର ସାରବସ୍ତୁର ଯେଉଁ ସରସ ଅନୁଶୀଳନ ହୋଇଥାଏ, ତାହା କୌଣସି ନିର୍ଦ୍ଦିଷ୍ଟ ସମୟପାଇଁ ନୁହେଁ, କାଳାତୀତ ବା ଯୁଗାତୀତ ପାଇଁ । ସୁତରାଂ ସାହିତ୍ୟ ଓ ଇତିହାସ ପରସ୍ପର ପରିପୂରକ । ସାହିତ୍ୟ ବିନା ଇତିହାସ ନିରର୍ଥକ, ଇତିହାସ ପାଠ ବ୍ୟତିରେକ ସାହିତ୍ୟର ରସ ଉପଲବ୍ଧି ସେହିପରି କଷ୍ଟକର ।

ଏହି ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ କବି ନୀଳକଣ୍ଠଙ୍କ 'କୋଣାର୍କେ' ଓ 'ଖାରବେଳ' ଦୁଇଟି ଐତିହାସିକ କାବ୍ୟ । ଇତିହାସ ଏହାର କଙ୍କାଳ । 'କୋଣାର୍କେ' କାବ୍ୟରେ କବି ଇତିହାସ ପ୍ରସିଦ୍ଧ କୋଣାର୍କ ମନ୍ଦିରକୁ ନିଜ ମନ ମଧ୍ୟରେ ସ୍ଥାପନକରି ସୃଷ୍ଟି କରିଛନ୍ତି ତାଙ୍କ କାବ୍ୟ-କୋଣାର୍କ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନଙ୍କ ସହିତ କବି ନୀଳକଣ୍ଠ ଯେତେବେଳେ ଶିକ୍ଷା ପରିଭ୍ରମଣରେ କୋଣାର୍କ ଯାଇଛନ୍ତି, ସେତେବେଳେ ସେ କାବ୍ୟସୃଷ୍ଟିର ପ୍ରେରଣା ଏହି ମନ୍ଦିର ନିକଟରୁ ହିଁ ପାଇଛନ୍ତି । କାବ୍ୟରେ ଇତିହାସର ତଥ୍ୟକୁ ଅଧିକ ପ୍ରାଞ୍ଜଳ କରିବା ପାଇଁ କବି ଆଇନ-ଇ ଆକବରୀ ଗ୍ରନ୍ଥକୁ ମଧ୍ୟ ଅନୁସରଣ କରିଛନ୍ତି । ଆବୁଲଫାଜଲଙ୍କ ଆଇନ-ଇ-ଆକବରୀ ଗ୍ରନ୍ଥରୁ କୋଣାର୍କ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ ବହୁ ତଥ୍ୟ ମିଳିଥାଏ । ସୁତରାଂ ପଣ୍ଡିତ ନୀଳକଣ୍ଠଙ୍କର ଏହି 'କୋଣାର୍କେ' କାବ୍ୟ

(୧) Carlyle's worksed, H. D. 7rail London Macmillan (1896-1899), Critical and Miscellaneous Essays, II, 84–85

ଐତିହାସିକ ସତ୍ୟ ଉପରେ ପର୍ଯ୍ୟବସିତ । ଏଥିରେ ସନ୍ଦେହର ଅବକାଶ ନାହିଁ । 'କୋଣାର୍କେ' କାବ୍ୟରେ ସୂର୍ଯ୍ୟମନ୍ଦିର ବିବରଣୀ ବ୍ୟତୀତ ଭୁବନେଶ୍ୱରର ଲିଙ୍ଗରାଜମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ପ୍ରସିଦ୍ଧ ମନ୍ଦିର ସମ୍ପର୍କୀୟ ବହୁ ଐତିହାସିକ ତଥ୍ୟର ବର୍ଣ୍ଣନା ରହିଛି । ଯହିଁରୁ ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟକୃତିରେ ଇତିହାସ ସଚେତନତା ସମ୍ପର୍କରେ ହୃଦୟଙ୍ଗମ କରିହୁଏ ।

ସେହିପରି କଳାପାହାଡ଼ ବଙ୍ଗଦେଶରୁ ଓଡ଼ିଶା ଆସିଥିବା ଇତିହାସରୁ ଜଣାପଡ଼େ । ସେ ଉତ୍କଳର ବହୁ ହିନ୍ଦୁ ମନ୍ଦିର ଧ୍ୱଂସ କରିଥିବା ଇତିହାସ ମଧ୍ୟ ସ୍ୱୀକାର କରେ । ମାତ୍ର ଏହାର ବିଶଦ ବିବରଣୀ ଇତିହାସ ପ୍ରଦାନ କରେନାହିଁ । ସୁତରାଂ ଏପରି କ୍ଷେତ୍ରରେ କବି ନୀଳକଣ୍ଠ ଇତିହାସରୁ ଚରିତ୍ରଟିଏ ବା ଘଟଣାଟିଏ ନେଇ, ତାହାକୁ ନିଜ କବିତ୍ୱାନୁଭୂତି ମଧ୍ୟରେ ସ୍ଥାନିତ ପୂର୍ବକ ରସ ଓ ଅଳଙ୍କାରରେ ମଣ୍ଡିତ କରି କାବ୍ୟନାୟିକାର ସୌନ୍ଦର୍ଯ୍ୟ ବିମଣ୍ଡିତ କରିଛନ୍ତି । କାବ୍ୟର ଅନ୍ୟ ଅଂଶରେ ଦେବୀ ରାମଚଣ୍ଡୀ ବିଷୟ ପ୍ରସଙ୍ଗ ଉଲ୍ଲେଖ ରହିଛି । ଦେବୀ ରାମଚଣ୍ଡୀ ମନ୍ଦିର ସଂପ୍ରତି କୋଣାର୍କ ମନ୍ଦିରର ଅନତିଦୂରରେ ଅବସ୍ଥିତ, ଯାହା ଇତିହାସ ମଧ୍ୟ ସ୍ୱୀକାର କରିଥାଏ । 'କୋଣାର୍କେ' କାବ୍ୟବର୍ଣ୍ଣିତ କୁମାର ନରସିଂହ ଓ ଚନ୍ଦ୍ରମୁଖୀର ମଧ୍ୟ ଐତିହାସିକ ଆବେଦନ ରହିଛି । କୁମାର ନରସିଂହ ଜଳଦସ୍ୟୁମାନଙ୍କ ସହିତ ସଂଗ୍ରାମରତ ହେବାର ତଥ୍ୟ 'କୋଣାର୍କେ' କାବ୍ୟ ପ୍ରଦାନ କରେ । ଚନ୍ଦ୍ରମୁଖୀରେ ଦସ୍ୟୁବୃତ୍ତି ହେଉଥିବା ପ୍ରସଙ୍ଗ ଇତିହାସରୁ ଜଣାଯାଏ ।

କାବ୍ୟାଲୋଚନା ପ୍ରସଙ୍ଗରେ ଇତିହାସର ତଥ୍ୟଭିତ୍ତିକତା ଉପରେ ଗୁରୁତ୍ୱ ଦିଆଯାଇନପାରେ । ଦିଗବିଜୟୀ ଖାରବେଳଙ୍କ ସମୟସୀମା ଐତିହାସିକମାନେ ଏଯାବତ୍ ସଠିକଭାବେ ନିର୍ଦ୍ଧାରଣ କରିପାରି ନାହାନ୍ତି । କେତେକ ଐତିହାସିକ ତାଙ୍କ ସମୟ ଖ୍ରୀ: ପୂ: ୧ମ ଶତାବ୍ଦୀ ବୋଲି କହୁଥିବାବେଳେ ଆଉ କେତେକ ଐତିହାସିକ ତାଙ୍କୁ ଖ୍ରୀ: ପୂ: ୨ୟ ଶତାବ୍ଦୀର ଶ୍ରେଷ୍ଠ ନରପତି ଭାବେ ଉଦ୍‌ଘୋଷଣ କରିଥାନ୍ତି । ତେବେ ସେ କେଉଁ ଶତାବ୍ଦୀର ନରପତି, ତାହାର ବିଶଦ ଓ ସଠିକ ଅଧ୍ୟୟନ ଏକ ଉଚ୍ଚାଙ୍ଗ ଗବେଷଣାର ଅପେକ୍ଷାରଖେ, ମାତ୍ର ସେ ନିଶ୍ଚିତଭାବେ ଏକ ଐତିହାସିକ ପୁରୁଷ, ପ୍ରାଚୀନ ଭାରତର ଶ୍ରେଷ୍ଠ ନରପତି । ପୁନଶ୍ଚ କେତେକ

Digitized by srujanika@gmail.com

ଐତିହାସିକ ହର୍ଷବିଜୟୀ ଖାର ମୌର୍ଯ୍ୟଭାବେ ସ୍ୱୀକାର କରୁଥିଲାବେଳେ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ 'ଓଡ଼ିଶାର ଇତିହାସ' ପୁସ୍ତକରେ ତାଙ୍କୁ ଚେଦିବଂଶୀୟ ବୋଲି ଅଭିହିତ କରିଛନ୍ତି । 'ଖାରବେଳ' କାବ୍ୟର ଇତିହାସ ତଥ୍ୟ ସମ୍ବନ୍ଧରେ ଐତିହାସିକ ଶ୍ରୀଯୁକ୍ତ ବାସୁଦେବ ମହାପାତ୍ର ମତ ଦିଅନ୍ତି ଯେ ଶିଶୁ ଅବସ୍ଥାରେ ଖାରବେଳ ଗୁରୁଙ୍କ ଆଶ୍ରମରେ ଥିଲେ । ଜୀବନର ଷୋଳଟି ବସନ୍ତ ଉପଭୋଗ କରିବାପରେ ସେ ରାଜପଦରେ ଅଭିଷିକ୍ତ ହୋଇଥିଲେ । ପ୍ରଥମେ ସେ ଉତ୍ତରକୁ ଜୟକରି ତାହାକୁ ନିଜ ଅଧୀନରେ ରଖିଥିଲେ । ସେଠାରୁ ସୈନ୍ୟସାମନ୍ତ ସହିତ ପାଣ୍ଡ୍ୟ ଉଦ୍ଦେଶ୍ୟରେ ଯୁଦ୍ଧାଭିଯାନ ଆରମ୍ଭ କରିଥିଲେ । ପରେ ପରେ ଜାଭା, ବାଲି ପ୍ରଭୃତି ଦ୍ୱୀପମାନ ପରିଭ୍ରମଣ କରିଥିଲେ । ଜାଭା ଓ ବାଲିଦ୍ୱୀପ ଇତିହାସରେ ପ୍ରସିଦ୍ଧ । ପୂର୍ବକାଳରେ ଉତ୍କଳୀୟ ବଣିକମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦେଶକୁ ଯାଉଥିଲେ । ଏହା 'ଖାରବେଳ' କାବ୍ୟ ବର୍ଣ୍ଣିତ ଐତିହାସିକ ତଥ୍ୟ । ପୁନଶ୍ଚ କାବ୍ୟରେ ସିନ୍ଧୁଦେଶ ପ୍ରସଙ୍ଗ ଉଲ୍ଲେଖ ରହିଛି । ଆଫଗାନିସ୍ଥାନ ପ୍ରଭୃତିର ଭୌଗୋଳିକ ସତ୍ୟ ମଧ୍ୟ ରହିଛି । ସିନ୍ଧୁ ଦେଶରେ ପାତାଳ ନାମକ ଏକ ନଗରୀ ଥିଲା, ଯାହା ସଂପ୍ରତି ପଟଳ ନଗରୀ ଭାବେ ପରିଚିତ । ଏହି ନଗରୀର ପଶ୍ଚିମ ଉପକୂଳରେ ଦ୍ରାବିଡ଼ମାନେ କୃଷିକାର୍ଯ୍ୟ କରୁଥିଲେ । ଏବେ ମଧ୍ୟ ତାଙ୍କର ବଂଶଧର ସେଠାରେ ଲକ୍ଷ୍ୟ କରାଯାଏ । ଖଣ୍ଡଗିରିର ହାତୀ ଗୁମ୍ଫାରୁ ମିଳିଥିବା ଖାରବେଳଙ୍କ ଶିଳାଲେଖରୁ ତାଙ୍କ ରାଜ୍ୟଜୟ ସମ୍ପର୍କୀୟ ବିବରଣୀ ମିଳେ । କାବ୍ୟବର୍ଣ୍ଣିତ 'ଚେଳିତାଲୁ' ଶବ୍ଦଟିକୁ ଚୀନ ପରିବ୍ରାଜକ 'ହୁଏନ୍‌ସାଂ' ଚରିତ୍ରକୁ ବୋଲି ବର୍ଣ୍ଣନା କରିଛନ୍ତି । ସୁତରାଂ କାବ୍ୟବର୍ଣ୍ଣିତ ଏହିସବୁ ଇତିହାସଭିତ୍ତିକ ସତ୍ୟକୁ ଆଲୋଚନା କରି ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟକୃତିରେ ଇତିହାସର ସତ୍ୟତା ଆଲୋଚନା କରାଯାଇପାରେ ।

## କିମ୍ବଦନ୍ତୀ :

ଗଳ୍ପ କହିବା ଲୋକମାନଙ୍କର ଯେପରି ଏକ ଚିରନ୍ତନ ପ୍ରବୃତ୍ତି ତାହାକୁ ଏକ ଧ୍ୟାନରେ ଶୁଣିବା ତାଙ୍କର ଏକ ସହଜାତ ପ୍ରକ୍ରିୟା । ମାତ୍ର ଓଡ଼ିଆ ଲୋକଗଳ୍ପ, ଲୋକକଥା ବା କିମ୍ବଦନ୍ତୀ ଆଲୋଚନାକାଳରେ ତାହାର ସ୍ରଷ୍ଟା ନିର୍ଣ୍ଣୟ କରିବା କଷ୍ଟସାଧ୍ୟ । ପ୍ରାଚୀନ କାଳରେ ଅବସର ସମୟରେ

Digitized by srujanika@gmail.com

ସେତେବେଳେ ଏକାଧିକ ବ୍ୟକ୍ତି ଏକ ସ୍ଥାନରେ ରୁଣ୍ଡ ହେଉଥିଲେ, ସେମାନଙ୍କ ମନୋରଞ୍ଜନ ପାଇଁ ସେମାନଙ୍କ ମଧ୍ୟରେ କାଳ୍ପନିକ କାହାଣୀ ଆଲୋଚନା ହେଉଥିଲା । ପୁନଶ୍ଚ ଗ୍ରାମ୍ୟ ଜନପଦର ଶିଶୁମାନଙ୍କୁ ସନ୍ଧ୍ୟା ସମୟରେ ବୁଢ଼ୀମା ବହୁ କାଳ୍ପନିକ କାହାଣୀ କହୁଥାନ୍ତି । ଯାହା ଅଦ୍ୟାବଧି ଲୋକମୁଖରୁ ଶୁଣିବାକୁ ମିଳେ ।

ଏହି ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ, ପ୍ରଥମତଃ କବି ମାନକଣ୍ଠ ଥିଲେ ଶିକ୍ଷକ । ଜଣେ ଶିକ୍ଷାବିତ୍‌ର ଦୃଷ୍ଟି ନେଇ ସେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରମାନଙ୍କ ମନସ୍ତତ୍ତ୍ୱକୁ ଭଲଭାବେ ନିରୀକ୍ଷଣ କରିଥିଲେ । ସର୍ବଭାରତୀୟ ସ୍ତରରେ ଛାତ୍ରମାନଙ୍କ ଗୌରବ ବୃଦ୍ଧି କରିବା ତଥା ପ୍ରାଚୀନ ଉତ୍କଳୀୟ ସଂସ୍କୃତିକୁ ଯଥେଷ୍ଟ ସମ୍ମାନ ଦେବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଲକ୍ଷ୍ୟରେ ସେ ଛାତ୍ରମାନଙ୍କ ପାଇଁ ଉତ୍କଳୀୟ ଗ୍ରାମ୍ୟଜନପଦରୁ କ୍ରମଶଃ ଲୋପପାଇ ଆସୁଥିବା ବହୁ ପ୍ରାଚୀନ ଲୋକକଥା ଓ କିମ୍ବଦନ୍ତୀ ସଂଗ୍ରହ କରି ତାହାକୁ ଅବସର ସମୟରେ ଛାତ୍ରମାନଙ୍କୁ ଶୁଣାଉଥିଲେ ଏବଂ ନିଜ କାବ୍ୟଗ୍ରନ୍ଥରେ ଉତ୍କଳର ଏହି ଜାତୀୟ ସାହିତ୍ୟକୁ ସ୍ଥାପିତ କରିଥିଲେ ।

'କୋଣାର୍କ' କାବ୍ୟରେ ଦେବୀ ରାମଚଣ୍ଡୀ କଳାପାହାଡ଼କୁ କୋଣାର୍କ ମନ୍ଦିର ନିକଟରେ ବସାଇ କୁଶଭଦ୍ରା ନଦୀକୁ ଏକ କଳସୀ ନେଇ ଜଳଆଣି ଯିବା କଥାର ଐତିହାସିକ ସତ୍ୟତା ଲକ୍ଷ୍ୟ କରାଯାଏ ନାହିଁ । ଏହା ଉତ୍କଳର ଜୀବନ୍ତ କିମ୍ବଦନ୍ତୀ । ଏହି କିମ୍ବଦନ୍ତୀଟି ହେଲା—

"ଭଲ ରାମଚଣ୍ଡୀ ଭଲରେ,
କଳାପାହାଡ଼କୁ ବସାଇ ଦୁଆରେ
ଭଲ ପାଣିପାଇଁ ଗଲରେ ।"

ପୁନଶ୍ଚ ଶିବେଇ ସାମନ୍ତରାୟଙ୍କର ଦେଉଳ ତୋଳା ସମୟରେ କାଉଖିଆ ପ୍ରସଙ୍ଗର ଐତିହାସିକ ଭିତ୍ତି ଅତ୍ୟନ୍ତ ଦୁର୍ବଳ । ମାତ୍ର ଉତ୍କଳର ଲୋକକଥା ଓ କିମ୍ବଦନ୍ତୀ ଦୃଷ୍ଟିରୁ ଏହି କାହାଣୀଟି ଅତୀବ ମନୋରମ । କାହାଣୀଟି ହେଲା—ଚଦୁଖଣ୍ଡରେ ପ୍ରସ୍ତର ନିକ୍ଷେପ କରି ଗଣ୍ଡି ପୋତିବାପାଇଁ ଅସମର୍ଥ ହୋଇ ଶିବେଇ ସାମନ୍ତରାୟ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଏକଦା ପ୍ରବଳ ମନସ୍ତାପ ମଧ୍ୟରେ ନିର୍ଜନ ବନଭୂମିରେ ଭ୍ରମଣରତ ଥିବା ଅବସ୍ଥାରେ

Digitized by srujanika@gmail.com

ସେ ଭୀଷଣ କ୍ଷୁଧା ଅନୁଭବ କରିଥିଲେ । ଫଳରେ ନିକଟସ୍ଥ ଏକ ପର୍ଣ୍ଣ କୁଟୀରରେ ବାସକରୁଥିବା ବୃଦ୍ଧା ନିକଟକୁ ଯାଇ ତାଙ୍କୁ କିଛି ଖାଦ୍ୟପାଇଁ ଅନୁରୋଧ କରିଥିଲେ । ଜନୈକା ବୃଦ୍ଧା ଅତ୍ୟନ୍ତ ଦୟାପରବଶ ହୋଇ ସେହି ଅଜ୍ଞାତ ଅତିଥିଙ୍କୁ ସଦ୍ୟ ପ୍ରସ୍ତୁତ ଗରମ ଜାଉ ଖାଇବାକୁ ଦେଇଥିଲେ । ଶିବେଇ ସାମନ୍ତ ଅତ୍ୟନ୍ତ କ୍ଷୁଧା ଅନୁଭବ କରୁଥିବାରୁ କାଳବିଳମ୍ବ ନକରି ସେହି ସଦ୍ୟ ପ୍ରସ୍ତୁତ ଗରମ ଜାଉର ମଝିରୁ ହାତ ପୂରାଇ ଖାଇବା ଆରମ୍ଭ କଲାବେଳେ ତା'ର ହାତ ପୋଡ଼ି ଯାଇଥିଲା । ଅତିଥିଙ୍କର ଏପରି ବିକଳ ଅବସ୍ଥାରେ ମର୍ମାହତ ହୋଇ ବୃଦ୍ଧାଟି ତାଙ୍କୁ କହିଥିଲେ—'ବାପା, ତୁ ଶିବେଇ ସାମନ୍ତ ପରି ଜାଉ ମଝିରୁ ଖାଇଲୁ । ଜାଉର ଗୋଟିଏ ପାଖରୁ ସିନା ଖାଇଥିଲେ ହୋଇଥାନ୍ତା ।' ଏଥିରୁ ଶିବେଇ ସାମନ୍ତ ତାଙ୍କ ମନ୍ଦିର ତୋଳା ପ୍ରସଙ୍ଗ ଖୁବ୍ ସହଜରେ ବୁଝିପାରିଲେ ଏବଂ ପଦ୍ମଗଣ୍ଡରୁ ଏକ ପାର୍ଶ୍ୱରୁ ଗଣ୍ଡେପତା କାର୍ଯ୍ୟ ଆରମ୍ଭ କରିଦେଲେ । ଏହି କିମ୍ବଦନ୍ତୀଟି ପଣ୍ଡିତ ନୀଳକଣ୍ଠ ତାଙ୍କ 'କୋଣାର୍କେ' କାବ୍ୟରେ ଆରୋପିତ କରି ପ୍ରାଚୀନ ଉତ୍କଳର ଗୌରବ ବୃଦ୍ଧି କରିଛନ୍ତି ।

ପୁନଶ୍ଚ କିମ୍ବଦନ୍ତୀ ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ 'ବାରଶ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ'—କିମ୍ବଦନ୍ତୀଟି ନେଇ ଅତ୍ୟନ୍ତ ଚତୁରତାର ସହିତ କାବ୍ୟର ଏକାଦଶ ଅଧ୍ୟାୟରେ ଆରୋପିତ କରିଛନ୍ତି । କିମ୍ବଦନ୍ତୀଟି ହେଲା—ବୀର ନରସିଂହଦେବଙ୍କ ନିର୍ଦ୍ଦେଶାନୁସାରେ ଶିଳ୍ପୀ ଶିବେଇ ସାମନ୍ତ କୋଣାର୍କ ମନ୍ଦିର ନିର୍ମାଣ ଦାୟିତ୍ୱରେ ଥିଲେ । ମାତ୍ର ବାରଶହ କୁଶଳୀ ବଢ଼ାଣି ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ଏକାଧିକ ବର୍ଷ ବିତାଇ ଦେଇଥିଲେ ମଧ୍ୟ ମନ୍ଦିରର ଦଧିନଉତି କୌଣସି ଶିଳ୍ପୀ ଠିକ୍ ଭାବେ ସ୍ଥାପନ କରିପାରିନଥିଲେ । ଫଳରେ ବାରଶହ ବଢ଼ାଣିଙ୍କ ମଧ୍ୟରେ ଆତଙ୍କର ଘନଘଟା । ରାଜାଙ୍କର ନିର୍ଦ୍ଦେଶ, ପ୍ରଭାତରେ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ ନହେଲେ ସମସ୍ତ ବଢ଼ାଣିଙ୍କ ମୁଣ୍ଡକାଟ ହେବ । ଏହା ଜାଣିପାରିଲା ବିଶୁ ମହାରଣାର ବାରବର୍ଷର ବାଳକ ପୁଅ ଧର୍ମପଦ । ବାରଶ ଶିଳ୍ପୀଙ୍କ ପ୍ରାଣରକ୍ଷାପାଇଁ ସେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷକରି ମନ୍ଦିର ଚୂଡ଼ାରୁ ସମୁଦ୍ରକୁ ଲମ୍ଫ ପ୍ରଦାନ କଲା ।

"ଶିବେଇ ସାମନ୍ତ ଆସିଥିବେ ଘେନି ବାରଶ ଶିଳ୍ପୀ,
ଦେବକୁ ବାଳକ ବଢ଼େଇ ସୁଖେ ପ୍ରାଣ ଅରପି ।"

Digitized by srujanika@gmail.com

' ଏତଦ୍‌ବ୍ୟତୀତ 'କୋଣାର୍କେ' କାବ୍ୟର ଦ୍ୱିତୀୟଭାଗ ମାୟାଦେବୀର ହାଟପ୍ରସଙ୍ଗ ଓ ଦାହନାଏକ କାବ୍ୟର ସମ୍ପୂର୍ଣ୍ଣ କାବ୍ୟବୃତ୍ତକୁ ଓଡ଼ିଶାର ଲୋକ-କଥାଭାବେ ପରିଗ୍ରହଣ କରାଯାଇପାରେ । କାରଣ ଓଡ଼ିଶାର ଲୋକକଥା ଦୃଷ୍ଟିରୁ ବିଚାର କଲେ ଉଭୟର ମହତ୍ତ୍ୱ ଖୁବ୍ ଉଚ୍ଚ ।

ଅତଏବ କାବ୍ୟ ମଧ୍ୟରେ ଇତିହାସ ଓ କିମ୍ବଦନ୍ତୀ ବା ଲୋକକଥା ଆରୋପିତ କରିବାର ପଶ୍ଚାଦ୍‌ଭାଗରେ ପଣ୍ଡିତ ନୀଳକଣ୍ଠଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲା । କାବ୍ୟ ରଚନାର ସମୟଥିଲା ସମଗ୍ର ଉତ୍କଳ ପାଇଁ ଘୋର ଦୁର୍ଦ୍ଦିନର ସମୟ, ପୁନଶ୍ଚ ସମଗ୍ର ଭାରତବର୍ଷ ପରାଧୀନତାର ଗ୍ଳାନିରେ ଜର୍ଜରିତ । ଏପରି ପରିସ୍ଥିତିରେ ସେ ଭବିଷ୍ୟତ ଜାତି ନିର୍ଦ୍ଧାରକ-ମାନଙ୍କୁ ପ୍ରାଚୀନ ଉତ୍କଳର କୀର୍ତ୍ତିକାହାଣୀ ଶୁଣାଇ ଉତ୍କଳୀୟମାନଙ୍କୁ ସେହି ମନ୍ତ୍ରରେ ଦୀକ୍ଷିତ ହେବାପାଇଁ ଆହ୍ୱାନ କରିଛନ୍ତି ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟକୃତିରେ ଦାର୍ଶନିକ ଚିନ୍ତାଧାରା

"No man was ever a great poet without being at the sametime a profound philosopher." କାବ୍ୟ ବସ୍ତୁନିଷ୍ଠ, ଏହା ନୈର୍ବ୍ୟକ୍ତିକ । କାବ୍ୟର ପ୍ରକାଶଭଙ୍ଗୀ ସରଳ ଓ ନିରାଡ଼ମ୍ବର । ତଥାପି ସୁବିଧାନୁସାରେ କାବ୍ୟ ପୁରୁଷ ନିଜ ସୃଷ୍ଟି ମଧ୍ୟରେ ବ୍ୟକ୍ତିଗତ ଅନୁଭୂତି ତଥା ଜୀବନଦର୍ଶନକୁ କାବ୍ୟରେ ରୂପାୟିତ କରେ ।

କବି ଜୀବନର ଦୁଇ ପୃଥକସତ୍ତା ସମାଲୋଚକ ଅନୁଭବ କରିଥାଏ । ସେଥିମଧ୍ୟରୁ ଗୋଟିଏ ସାମାଜିକ ରୂପସତ୍ତା ଓ ଅନ୍ୟଟି ବ୍ୟକ୍ତିଗତ ଅନୁଭୂତି ବା ଜୀବନଦର୍ଶନ । ଏହି ଦ୍ୱୈତଭାବସତ୍ତାର କେନ୍ଦ୍ରବିନ୍ଦୁରେ ଉପନୀତ ହୋଇ କବି ତା'ର କାବ୍ୟ ପରିଧିକୁ ନିରୀକ୍ଷଣ କରେ । ଆଲୋଚ୍ୟ ପରିଚ୍ଛେଦ ଦୃଷ୍ଟିରୁ ବିଚାରକଲେ ମନେହୁଏ ପଣ୍ଡିତ ନୀଳକଣ୍ଠ ଜଣେ ପରମ୍ପରା ସଚେତନ କବି । ତେଣୁ ପରମ୍ପରାର ସୀମା ସରହଦମଧ୍ୟରେ ଉପସ୍ଥିତ ରହି ପରମ୍ପରା ନାମରେ କୁସଂସ୍କାର ବା ଅନ୍ଧବିଶ୍ୱାସକୁ ସେ ନିଜ କାବ୍ୟାନୁବୃତ୍ତର ଭାବକେନ୍ଦ୍ରକୁ ଆକର୍ଷିତ କରିନାହାନ୍ତି, ଯାହା ତାଙ୍କ ନିଶ ଆନ୍ଦୋଳନ ବା ସାମାଜିକ କୁସଂସ୍କାର ପ୍ରବନ୍ଧରୁ ସ୍ପଷ୍ଟ । ସଂସ୍କୃତି ନାମରେ ଯାହା ଅପସଂସ୍କୃତି, ବିଚାର ନାମରେ ଯାହା ବ୍ୟଭିଚାର, ସେ ତାହାର ନିନ୍ଦାଗାନ କରିଛନ୍ତି । ଏହି ବିଚାର ବିବେଚନା ତାଙ୍କର ନୈର୍ବ୍ୟକ୍ତିକ ଚେତନାର ଅନ୍ତର୍ଦୃଷ୍ଟି ନୁହେଁ, ବରଂ ବ୍ୟକ୍ତିଗତ—ସମ୍ପୂର୍ଣ୍ଣ ନିଜସ୍ୱ—ଜୀବନଦର୍ଶନର ବାହ୍ୟ ପରିପ୍ରକାଶ ମାତ୍ର ।

କବିବର ରାଧାନାଥ ତାଙ୍କ କାବ୍ୟ କବିତାରେ ଇନ୍ଦ୍ରକଳୀୟ ସଂସ୍କୃତିର ଯେପରି ନିନ୍ଦାଗାନ କରିଛନ୍ତି, ତାହା ସଂସ୍କୃତିପ୍ରେମୀ ନୀଳକଣ୍ଠଙ୍କୁ ବହୁଭାବରେ ଆଘାତ ଦେଇଛି । ତେଣୁ ପଣ୍ଡିତ ନୀଳକଣ୍ଠ ପ୍ରତ୍ୟକ୍ଷ

Digitized by srujanika@gmail.com

ଅତଏବ ତାଙ୍କ କାବ୍ୟ "କୋଣାର୍କେ"ରେ ବୈଦ୍ୟନାଥଙ୍କୁ ସମାଲୋଚନା ମଧ୍ୟ ଉପସ୍ଥାପନ କରିଛନ୍ତି ।

"ଘେର ଛୁଡ଼ି କମ୍ପା ପିବେ ଯେ ପର-ବାଳା ନଧଳା,
ସହକାର-ଦ୍ରୁମ-ତଳେ ଭେଟ କ୍ଷୀଣ ଚନ୍ଦ୍ରିକା ?
କଉସୁଲତାଙ୍କ ଧଉଳ ଏହି ନୟନେ ନାଚେ,
କରିକି ସୁନ୍ଦର କବରୀ ମୁକ୍ତ ଫେରଅ ପଛେ ।
ଜଟିବେ ପ୍ରତାପେ ତରଜ ବ୍ରହ୍ମଘାତି ଅନଙ୍ଗ
ବସାଇ ବ୍ରାହ୍ମଣ-କାହନେ ବନ୍ଧି ଯେ ଅନୁରାଗ ।" (୧)

'କୋଣାର୍କେ' କାବ୍ୟର ପ୍ରକୃତ ଅନ୍ତର୍ନିହିତ ଭାବସତ୍ତା ହେଉଛି ପ୍ରେମ । ପ୍ରେମର ପ୍ରକୃତ ସ୍ୱରୂପ ପ୍ରସ୍ଫୁଟିତ ହୁଏ ଭୋଗରେ ନୁହେଁ, ତ୍ୟାଗରେ । ପ୍ରେମ ଦେହଜ ନୁହେଁ, କାମଜ ନୁହେଁ—ଏହା ଦେହାତୀତ, ଅଧିଭୌତିକ । ମିଳନ ଅପେକ୍ଷା ବିଚ୍ଛେଦରେ ପ୍ରେମର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ । ଏହା ଥିଲା ପଣ୍ଡିତ ନୀଳକଣ୍ଠଙ୍କର ପ୍ରେମ ସମ୍ପର୍କୀୟ ଚିନ୍ତାଧାରା । ସେଥିପାଇଁ କବି କାବ୍ୟର ବହୁସ୍ଥାନରେ ମିଳନ ଅପେକ୍ଷା ବିଚ୍ଛେଦକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । 'କୋଣାର୍କେ' କାବ୍ୟର ପ୍ରଥମ ଭାଗରେ କବି କୁମାର ପୂର୍ଣ୍ଣିମା ରାତିରେ ରାମଚଣ୍ଡୀ ମନ୍ଦିର ପରିସର ମଧ୍ୟରେ ସମବେତ ଯୁବମାନଙ୍କ ଉଦ୍ଦେଶ୍ୟରେ ଯେଉଁ ଖଣ୍ଡିତ ସ୍ୱପ୍ନ ଦେଖିଛନ୍ତି, ତହିଁରୁ ତାଙ୍କର ଜୀବନ ଦର୍ଶନର ସ୍ୱରୂପ ଲକ୍ଷ୍ୟକରାଯାଏ । ପଣ୍ଡିତ ନୀଳକଣ୍ଠଙ୍କ ପ୍ରାଣପ୍ରିୟ ଯୁବମାନେ ଭଗିନୀ ତଥା ଜନନୀଙ୍କୁ ପରିତ୍ୟାଗ କରି ତାଙ୍କ ସହିତ କୋଣାର୍କ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇଛନ୍ତି । ମାତ୍ର ତାଙ୍କର ଅଭୀପ୍ସା କର୍ମ ଓ ଚେତନା ଫଳବତୀ କରାଇ ଦେଇପାରିନାହିଁ । ସୁତରାଂ କୋଣାର୍କ ମନ୍ଦିର ପରିଦର୍ଶନ ନକରି ସେମାନେ ରାମଚଣ୍ଡୀ ମନ୍ଦିର ନିକଟରେ ଆଶ୍ରୟ ନେଇଛନ୍ତି । ମନ ମଧ୍ୟରେ ଯୁବମାନଙ୍କର ସମୁଦ୍ର ଉଠିଛି ନିଜ ଗୃହର ଉତ୍ସବ ମୁଖର ପର୍ବ । ତେଣୁ ପଣ୍ଡିତ ନୀଳକଣ୍ଠ ଏଥିରେ ଅତ୍ୟନ୍ତ ମର୍ମାହତ ଓ ବ୍ୟଥିତ ହୋଇ ପଡ଼ିଛନ୍ତି । ଏହି ପ୍ରସଙ୍ଗରୁ ତାଙ୍କର ଜୀବନ ସମ୍ପର୍କୀୟ ଦୃଷ୍ଟିକୋଣ ସ୍ପଷ୍ଟ ହୋଇଯାଉଛି ।

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ—୧୯୭୫), ପୃ-୩୦୭ ।

Digitized by srujanika@gmail.com

"ଆଜି ଯେ କୁଆଁର ପୁନଅଁ କେତେ ସୁଖ-ଶରଧା,
ମାଆ ଭଉଣୀଙ୍କ ଆଦର, ନବ ବସନ ପିନ୍ଧା,
ମନେ ପଡ଼ୁନାହିଁ ବାବୁ ହେ ଲାଗି ଯାଉଛି ନଦ,
ମାଆ ଭଉଣୀଏ ଭବନେ ଭଜୁଥିବେ ବିଷାଦ ।'

କବି ସ୍ୱଦେଶୀୟ ସଂସ୍କୃତି ଓ ପରମ୍ପରାକୁ ନୂତନ ଦୃଷ୍ଟିରେ ଅବଲୋକନ କରିଛନ୍ତି । ସେ ତାଙ୍କ କୃତିରେ ରାଧାନାଥ ଦେହଜ ପ୍ରେମକୁ ଅନୁସରଣ ନକରି ପ୍ରେମର ନୂତନ ରୂପ ପ୍ରଦାନ କରିଛନ୍ତି । ପ୍ରେମଜନିତ ଦୁର୍ବଳତାରେ ବଶବର୍ତ୍ତୀ ହୋଇ ମଧ 'ମାୟାଦେବୀ' କାବ୍ୟନାୟକ କୁମାର ନରସିଂହ ଯଥେଷ୍ଟ ସଂଯମୀ ହୋଇଛନ୍ତି । ମାୟାଙ୍କୁ ଦେଖି ସେ ସନ୍ନିକଟରେ ପାଇ ମଧ ଦେହ ଭୋଗର କୌଣସି ସବୁଜ ସ୍ୱପ୍ନ ଦେଖିନାହାନ୍ତି । ମନର ତୀବ୍ର ଅନ୍ତର୍ଜ୍ୱାଳାକୁ ସେ ମନ ମଧ୍ୟରେ ସଂଗୁପ୍ତ ରଖିଛନ୍ତି । କୁମାର ନରସିଂହ ମାୟାଦେବୀଙ୍କୁ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ ମଧ ଆତ୍ମୀୟ ସ୍ୱଜନ, ଦେଶ ତଥା ଜାତିର ଗୌରବ ନିମିତ୍ତ ମାୟାଦେବୀ ନିକଟରେ ସେ ନୀରବ ରହିଛନ୍ତି । କୁମାର ନରସିଂହଙ୍କ ହୃଦୟ ପ୍ରଶାନ୍ତ ମହାସାଗର ପରି ଅତ୍ୟନ୍ତ ଗମ୍ଭୀର ଓ ଧୈର୍ଯ୍ୟଶୀଳ ହୋଇଯାଇଛି ।

କାବ୍ୟସ୍ରଷ୍ଟା ନୀଳକଣ୍ଠଙ୍କ ସଂସାର ସମ୍ବନ୍ଧୀୟ ଅନୁଭୂତି ଅତ୍ୟନ୍ତ ତୀବ୍ର । ସତ୍ୟବାଦୀ ବନବିଦ୍ୟାଳୟ ଅବସ୍ଥାନ କାଳରେ ନାନା ଆନ୍ଦୋଳନ ଓ ତଜ୍ଜନିତ ପ୍ରତିକ୍ରିୟା, ବିଦ୍ୟାଳୟର ଘରପୋଡ଼ି ପ୍ରଭୃତି ସହିତ ସେ ନିବିଡ଼-ଭାବେ ସଂପୃକ୍ତ ଥିଲେ । ଏତଦ୍‌ବ୍ୟତୀତ ବିଦ୍ୟାଳୟର ଅଧ୍ୟକ୍ଷପଦ ତ୍ୟାଗପରେ ସେ କିଛିଦିନ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଏହାପରେ ଚାକିରିରୁ ଇସ୍ତଫା ଦେଇ ଦେଶ ସେବାରେ ସମସ୍ତ ବିତାଇଥିଲେ । ଜୀବନର ଏହି ଭାବାନୁଭୂତି ତାଙ୍କର ବିଭିନ୍ନ କାବ୍ୟକବିତାରେ ପ୍ରତିବିମ୍ବିତ ହୋଇଛି । କବି ଏ ସମ୍ପର୍କରେ ତାଙ୍କ 'ଗ୍ରାମଚଣ୍ଡୀରେ ପଜାଳ' ପର୍ଯ୍ୟାୟରେ ପିଲମାନଙ୍କୁ ଏହିକଥାହିଁ କହିଛନ୍ତି ।

"ଭୁଲ ଭୁଲ ବାପା, ଜଗତେ ଏହି ଜୀବନ୍ତ ଗୀତ
ବାହୁତ ବପୁସେ କପାଇଁରେ ଜାଣିପାରିବ ଖ୍ୟାତ । (୨)

---

(୨) ନୀଳକଣ୍ଠ ଗ୍ରନ୍ଥାବଳୀ, ୨ୟ ଖଣ୍ଡ (୨ୟ ସଂ—୧୯୬୫), ପୃ-୩୩୧ ।

Digitized by srujanika@gmail.com

ପୁଣି ନିଜ ଜୀବନାନୁଭୂତିର ସ୍ପଷ୍ଟ ପରିପ୍ରକାଶ କାବ୍ୟରୂପ ହେଉଛି—

"ଉଡ଼ିଯାଆ ବାଆ ପବନ, ଝଡ଼ ହୁଅ ତୁ ଧିର,
କେତେ ତ ସହିଛି, ଆଉ କି ସହି ପାରେ ଏ ଧୀର ?" (୩)

ଏତଦ୍‌ବ୍ୟତୀତ କବିଙ୍କ 'ବୃଦ୍ଧ ଓ ବିଧବା', 'ହଂସ ଓ ସିଦ୍ଧାର୍ଥ' ପ୍ରଭୃତି କବିତା ମଧ୍ୟରେ ଜୀବନ ସମ୍ବନ୍ଧୀୟ ଦୃଷ୍ଟିକୋଣ ନିରୀକ୍ଷଣ କରିଯାଇଥାଏ । ବୃଦ୍ଧ ଓ ବିଧବା କବିତାରେ କବି ଜୀବନକୁ ମୃତ୍ୟୁ ଅପେକ୍ଷା ଅଧିକ ଭଲ ପାଇଛନ୍ତି । ତେଣୁ ସେ ମୃତ ବାଳକ ପୁତ୍ରକୁ ପୁନର୍ଜନ୍ମ ଦେବାପାଇଁ ବ୍ୟାକୁଳ ହୋଇଉଠିଛନ୍ତି ।

---

(୩) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ — ୧୯୭୫), ପୃ-୩୩୧ ।

Digitized by srujanika@gmail.com

# ଭକ୍ତିଗାଥା ଓ ପଣ୍ଡିତ ନୀଳକଣ୍ଠ

ଭବପଦରୁ ମୁକ୍ତି ପାଇବାପାଇଁ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ପ୍ରବହମାନ କାଳରୁ ବିଶ୍ୱନିୟନ୍ତା ସୃଷ୍ଟିକର୍ତ୍ତା ମହେଶ୍ୱରଙ୍କୁ ତା'ର ଭକ୍ତି ଅର୍ଘ୍ୟ ନିବେଦନ କରି ଆସିଛି । ଏହି ଦୃଷ୍ଟିରୁ ବିଶ୍ୱର ପ୍ରାୟ ପ୍ରତ୍ୟେକ ସାହିତ୍ୟର ଆଦିକାଳ ଭକ୍ତିରସରେ ପ୍ଲାବିତ ହୋଇଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହାର ପ୍ରଭାବ ନ୍ୟୂନ ନୁହେଁ । ତଦନୁଯାୟୀ ଓଡ଼ିଆ ସାହିତ୍ୟର ଆଦି ଯୁଗକୁ 'ଭକ୍ତିଯୁଗ' ଭାବେ ନାମିତ କରାଯାଇଛି । ଭକ୍ତିର ପ୍ରାବଲ୍ୟ ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ଲକ୍ଷ୍ୟ କରାଯାଇଥାଏ । କବି ନୀଳକଣ୍ଠଙ୍କ 'ଭକ୍ତିଗାଥା' ଏହି ଦୃଷ୍ଟିରୁ ଆଲୋଚ୍ୟ ।

କବି ନୀଳକଣ୍ଠଙ୍କ କାବ୍ୟକବିତା ମୁଖ୍ୟତଃ ଜାତୀୟତାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ତାଙ୍କ କାବ୍ୟରେ ଅନ୍ତଃସ୍ଥଳରେ ଭକ୍ତିରସର ପ୍ଲାବନ ଲକ୍ଷ୍ୟ କରାଯାଏ । ସାହିତ୍ୟ ସୃଷ୍ଟିର ପ୍ରଥମ ପର୍ଯ୍ୟାୟରେ (୧୯୧୨ଁ ୧୯୨୧) ବିଶେଷ କରି ସେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲାବେଳେ ବିଦ୍ୟାଳୟର ବିଭିନ୍ନ ଉତ୍ସବ ଉପଲକ୍ଷେ ଛାତ୍ରମାନଙ୍କ ଆବୃତ୍ତି ନିମିତ୍ତ ସେ ଭକ୍ତିକବିତାମାନ ରଚନା କରିଥିଲେ । କବିତାଗୁଡ଼ିକ ତତ୍କାଳୀନ ସତ୍ୟବାଦୀ, ପ୍ରଦୀପ, ଉତ୍କଳ ସାହିତ୍ୟ ପ୍ରଭୃତି ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା । ତାଙ୍କ ରଚିତ ବିଭିନ୍ନ ଭକ୍ତିକବିତା ସତ୍ୟବାଦୀ ବନବିଦ୍ୟାଳୟର ନିକଟସ୍ଥ ପରିବେଶକୁ ବ୍ୟାପିଯିବା ଫଳରେ ତାହା ସ୍ଥାନୀୟ ଜନସାଧାରଣ ତଥା ଛାତ୍ରମାନଙ୍କ ସଂକୀର୍ତ୍ତନର ଗୀତରୂପେ ଗାନ କରାଯାଉଥିଲା । ଏହି ସଂକୀର୍ତ୍ତନ ସମ୍ପର୍କରେ ସେ ତାଙ୍କ ଗ୍ରନ୍ଥାବଳୀର ମୁଖବନ୍ଧରେ କହନ୍ତି—'ସତ୍ୟବାଦୀରେ ଯେଉଁ ସରସ୍ୱତୀ ଓ ଗଣେଶ ପୂଜା ହୁଏ, ସେ ଗଣେଶ ଓ ସରସ୍ୱତୀ ବିସର୍ଜନ କରାହୁଏ, 'କାଞ୍ଚିଆ ନଳା' ପାଖ ମୂଳ ଗଣ୍ଡିଟିରେ ମେ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନେ ମୂର୍ତ୍ତିଟି ନିଜେ କାନ୍ଧେଇ କରି ନିଅନ୍ତି ଓ ପାଣିରେ ଫିଙ୍ଗି ଦିଅନ୍ତି । ତାପରେ ସଂକୀର୍ତ୍ତନରେ ସ୍ୱରଧର ପୁଣି ସ୍କୁଲ ପର୍ଯ୍ୟନ୍ତ ଆସନ୍ତି । ସତ୍ୟବାଦୀ ବଜାର ବାଟେ ଏସବୁ ଯିବା ଆସିବା ହୁଏ । ସତ୍ୟବାଦୀ ବଜାର ସେତେବେଳେ ଅଳ୍ପ ବଡ଼ଥାଏ,

Digitized by srujanika@gmail.com

କିନ୍ତୁ ଏଇ ଯିବା ଆସିବା ଓ ସଂକୀର୍ତ୍ତନ ଯୋଗ ସେ ଦୁଇଦିନ ସେଠାରେ ବଡ଼ଧୂମ ହୁଏ । ଦେବାଶ୍ରମ ବଡ଼ାଶ୍ରମମାନେ ସ୍କୁଲ ଶିକ୍ଷକ ଓ ପିଲାମାନଙ୍କର ମଧୁର ସଂକୀର୍ତ୍ତନରେ ବଡ଼ ବିମୁଗ୍ଧ ହୋଇଯାଆନ୍ତି । ସେ ଦୃଶ୍ୟ ଯେ ଦେଖିନାହିଁ, ତାକୁ କହିବାରେ ବୁଝାଇ ହେବନାହିଁ । ବାସ୍ତବିକ ସତ୍ୟବାଦୀ ଯୁଗ ସାହିତ୍ୟ ତଥା ସଂସ୍କୃତିର ଆରମ୍ଭ ଏହି ସଂକୀର୍ତ୍ତନରୁ ହୋଇଥିବା ଅନୁମେୟ ।

ସୁତରାଂ ସତ୍ୟବାଦୀ ବନବିଦ୍ୟାଳୟର ସରସ୍ୱତୀ ଓ ଗଣେଶ ପୂଜା ସହିତ ପଣ୍ଡିତ ନୀଳକଣ୍ଠଙ୍କର ଭକ୍ତିକବିତା ସୃଷ୍ଟିର ପ୍ରେରଣା ନିବିଡ଼ ଭାବେ ସଂଶ୍ଳିଷ୍ଟ । ନୀଳକଣ୍ଠଙ୍କ ଏହି ଭକ୍ତି କବିତା ସତ୍ୟବାଦୀ ବନ-ବିଦ୍ୟାଳୟର ଛାତ୍ରମାନଙ୍କ ଦୈନିକ ପ୍ରାର୍ଥନା ସଙ୍ଗୀତ ରୂପେ ମଧ୍ୟ ଗାନ କରାଯାଉଥିଲା । ପରବର୍ତ୍ତୀ କାଳରେ ଜଣେ ଘନିଷ୍ଠ ବନ୍ଧୁଙ୍କ ଅନୁରୋଧ କ୍ରମେ ପଣ୍ଡିତ ନୀଳକଣ୍ଠ ଗୀତାରୁ ବିଭିନ୍ନ ବିଭାଗକୁ ସ୍ୱତନ୍ତ୍ର ଅଧ୍ୟୟନ କରି ଏକ ସ୍ୱତନ୍ତ୍ର ପୁସ୍ତକ ରଚନା କରିଥିଲେ । ଏତଦ୍‌ବ୍ୟତୀତ ଶାସ୍ତ୍ରୀୟ ସ୍ତୋତ୍ରମଧ୍ୟ ସଂଗ୍ରହ କରିଥିଲେ । ଏ ସମସ୍ତକୁ ଗ୍ରଥିତକରି ସେ 'ଭକ୍ତିଗାଥା' ଭାବେ ପ୍ରକାଶ କରିଥିଲେ ।

ସତ୍ୟବାଦୀର ଗଣେଶ ଓ ସରସ୍ୱତୀ ପୂଜା ଖୁବ୍ ନିଷ୍ଠାର ସହିତ ପାଳିତ ହେଉଥିଲା । ପୂଜାରେ ପ୍ରତ୍ୟେକ ଶିକ୍ଷକ ଓ ଛାତ୍ରଙ୍କର ଆନ୍ତରିକ ସହଯୋଗ ଥିଲା । ପୂଜା ଉପଲକ୍ଷେ ବହୁ ଅଭିଭାବକ ତଥା ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ନିମନ୍ତ୍ରଣ କରାଯାଉଥିଲା । ଛାତ୍ରମାନଙ୍କ ଭକ୍ତିନିଷ୍ଠତା ଓ ଶିକ୍ଷକ-ମାନଙ୍କ ଅନ୍ତରଙ୍ଗତା ଫଳରେ ପୂଜାକାର୍ଯ୍ୟ ସୁରୁଚିରୂପେ ସମ୍ପାଦନା କରାଯାଉଥିଲା । ପଣ୍ଡିତ ନୀଳକଣ୍ଠଙ୍କ ସ୍ତୋତ୍ରପାଠ ଦ୍ୱାରା ସମଗ୍ର ପରିବେଶରେ ଆଧ୍ୟାତ୍ମିକ ଚେତନାର ଜୁଆର ସୃଷ୍ଟି ହେଉଥିଲା । ଶ୍ରୀଗଣେଶଙ୍କ ସ୍ତୋତ୍ରପାଠରେ ସମଗ୍ର ପରିବେଶ ଗଣନାଥଙ୍କ ଜୟନିକ୍ୱଣରେ ପ୍ରତିଧ୍ୱନିତ ହେଉଥିଲା ।

"ନବ ଶରଦେ ନବ ପୁଣ୍ୟ ପ୍ରକାଶେ
ବିକଶିତ ନବକୁଞ୍ଜିତ କାନନ ଦେଶେ ।
ସ୍ୱଚ୍ଛ ଗଗନ ଛବି ସୁନ୍ଦର ଶସ୍ୟ
ଭବ ଏ ସୁନ୍ଦର ଭାରତ ବର୍ଷେ,
ଆସ ପ୍ରଭୋ, ଦିଅ ଜ୍ଞାନ ବିକାଶି ।"

Digitized by srujanika@gmail.com

ପୁନଶ୍ଚ—

"ଧ୍ୱାନ୍ତ ବିଦ୍ୱେଷୀ ଜ୍ଞାନ ପ୍ରକାଶୀ
ଭାରତ ତବସେ କରୁଣା ବାରି,
ଲଭିବ କି ? ଜଗେ ଜଗାଇ ଦେବ
ଦେବ ବିଭଜନ ପୂଣ୍ୟ ବିଭବ,
ଜଗତ୍ପତିବ ଗଣପତି ଦେଶ ବିଭବି ।"

ଏତଦ୍‌ବ୍ୟତୀତ ଗୃହମାନଙ୍କ ନିମିତ୍ତ ସାୟଂକାଳରେ ଗଣପତିଙ୍କ ନିକଟରେ ଆବୃତ୍ତି କରିବା ପାଇଁ ସେ 'ବିନାୟକ ସ୍ତୋତ୍ର' ମଧ୍ୟ ସଂରଚନା କରିଥିଲେ । ଯେତେବେଳେ ଏହି ସ୍ତୋତ୍ର ଗାନ କରାଯାଉଥିଲା, ସେତେ-ବେଳେ ବିଦ୍ୟାଳୟର ସମଗ୍ର ପରିବେଶ ଭକ୍ତି ରସର ପ୍ରବାହରେ ପରିପୂର୍ଣ୍ଣ ହୋଇଯାଉଥିଲା ।

"ତବପଦ-ସେବନ-କୃତ ଭାରତ
ଧୃତ ଉପଚିତ-ବିଘ୍ନ-ବିନାଶାତ୍ ।
ଆତ୍ମ-ନିବୋଧନ ମପିତବ ପାଳନ
ମିହଚର ଭାଗ୍ୟ ବିଶେଷାତ୍ ।
ଉପବନ-ବିହିତ-ନିକେତନ
ଶିଶୁଜନ-ପୂଜନ-କରତା-ଜଦାରେ,
ସୁମରଳ-ଚେତସି ବିଶତୁ ଦୟାମୟ
ବାଳକ-ଧୃତି-ଧନ-ସାରେ ।"

ସେହିପରି ବାଗ୍‌ଦେବୀ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଭକ୍ତିଗଦ୍‌ଗଦ୍ କଣ୍ଠରେ କଳକଣ୍ଠ ସତ୍ୟବାଦୀର ଛାତ୍ରମାନେ ନିକୁଞ୍ଜର ନିଦଞ୍ଜ ପରିବେଶରେ ଭକ୍ତି ଭାବରେ ବିହ୍ୱଳ ହୋଇ ଯେଉଁ ବାଣୀବନ୍ଦନା ଗାନ କରିଥିଲେ, ତାହାହେଲା—

"ବିହଗ ନିକୂଜିତ ମଧୁକର ଗୁଞ୍ଜିତ
ମଞ୍ଜୁଳ ବକୁଳ ନିକୁଞ୍ଜେ,
କୃତ ନିଳୟା ନାମକ ଶିଶୁନାଂ
ବସତୋ ମାନସ କୁଞ୍ଜେ ।

Digitized by srujanika@gmail.com

ଦାନବନାଶନ କର୍ମଣି ନିରତା
ଶୁଣା ତବ ଭୁଜ ସାଗ,
ନୀରବ ଭାବଂ ଭାରତ ଭୁବନେ
କେତ କଥଂ ସ୍ୱର ଧାସ ।”

‘ଭକ୍ତିଗାଥା’ ଅନ୍ତର୍ଗତ ‘ଆର୍ତ୍ତବାଣୀ’ ଶୀର୍ଷକ କବିତାରେ ଲୀଳାମୟ ପରମ ପୁରୁଷଙ୍କ ସହିତ ଏକାକାର ହୋଇଯିବା ପାଇଁ ଭକ୍ତକବି ନୀଳକଣ୍ଠଙ୍କ ପ୍ରାଣ ବ୍ୟାକୁଳ ହୋଇ ଉଠିଛି । ମାତ୍ର ପର ମୁହୂର୍ତ୍ତରେ ସେ ତାଙ୍କ ସାମୟିକ ଈପ୍ସିତ କାମନା ପାଇଁ ଦୁଃଖ ପ୍ରକାଶ କରିଛନ୍ତି । ସେ ଭାବଛନ୍ତି ଈଶ୍ୱର ସର୍ବତ୍ର ବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞ । ତେଣୁ ସେ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି ।

ସଂସ୍କାର ପ୍ରବଣ ହେଲେ ମଧ୍ୟ ସେ ସ୍ୱୀକାର କରିଛନ୍ତି ଈଶ୍ୱର ସର୍ବପିତା, ସର୍ବମାତା ଏବଂ ସର୍ବଜନବନ୍ଧୁ । ତେଣୁ ତାଙ୍କ ପ୍ରାଣରେ ସମସ୍ତ ସୁଖଦୁଃଖ ଈଶ୍ୱରାର୍ପିତ । ସୁତରାଂ ଈଶ୍ୱରଙ୍କ ସେବାରେ ସେ ନିଜକୁ ନିୟୋଜିତ କରିଛନ୍ତି, ମାତ୍ର ଫଳ ସ୍ୱରୂପ କିଛି ପ୍ରତ୍ୟାଶା କରିନାହାନ୍ତି । କେବଳ ଈଶ୍ୱରଙ୍କ ଚରଣାରବିନ୍ଦରେ ସେ ନିଜକୁ ସମର୍ପଣ କରିଦେଇ ତାଙ୍କରି ଉଦ୍ଦେଶ୍ୟରେ ନିଜ ମନପ୍ରାଣକୁ ଢାଳି ଦେଇଛନ୍ତି । ଭଗବାନ କେଉଁଠି ? ଏ ପ୍ରଶ୍ନ ତାଙ୍କ ପାଇଁ ମୂଲ୍ୟହୀନ ହୋଇ ପଡ଼ିଛି । କାରଣ ପଣ୍ଡିତ ନୀଳକଣ୍ଠ ତାଙ୍କରି ଦର୍ଶନ ପ୍ରତ୍ୟେକ ବସ୍ତୁ ମଧ୍ୟରେ ଏବଂ ପ୍ରତ୍ୟେକ ଜୀବ ମଧ୍ୟରେ ହୃଦୟଙ୍ଗମ କରିଛନ୍ତି । ଏହିଭାବରେ ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣତି ବାଢ଼ିଛନ୍ତି—

“ଆସହେ ଅନନ୍ତ ଜ୍ୟୋତି ପ୍ରାଣେ ଅବତରି
ଅଣିମାରୁ ଅତନ୍ଦ୍ରିତ ଚିନ୍ମୟ ବିଭବେ,
ନିରଭାବ କବଳିତ ପ୍ରତିବିମ୍ବ ତବ
ପଡ଼ୁ କ୍ଷଣେ ଉନ୍ମୁକ୍ତ ଏ ହୃଦ-ଦରପଣେ ।
ପରମାତ୍ମା-ଅନୁଭୂତିରେ
ପୂରୁ ଏ ଅନ୍ତର ତଳେ
ଅନନ୍ତ ନିର୍ଦ୍ଦେଶେ ଯାଉ ଏ ପରାଣ ଭାସି
ଭୂମାନନ୍ଦେ ଦେଖୁ ଫେଡ଼ ବିଶ୍ୱ ରଶ୍ମି ରାଶି ।”

Digitized by srujanika@gmail.com

ମନୁଷ୍ୟର ଦୃଷ୍ଟି, ମନୁଷ୍ୟ ପ୍ରତି ଭଗବାନଙ୍କର ପ୍ରେମବୋଧ ପ୍ରଭୃତି ସମ୍ପର୍କୀୟ ଜିଜ୍ଞାସୁ ଦୃଷ୍ଟି କବିଙ୍କ 'ବିଶ୍ୱବାଣୀ' କବିତାରେ ସ୍ପଷ୍ଟ । ସୃଜନଷ୍ଟ ସେହି ରହସ୍ୟମୟ ସ୍ରଷ୍ଟାଙ୍କ କ୍ରିୟାକଳାପ ସମ୍ବନ୍ଧରେ କବିଙ୍କ ମନରେ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶ୍ୱଜୀବନଙ୍କ ମାଧୁର୍ଯ୍ୟ ସଙ୍ଗୀତରେ ପୃଥିବୀର ପ୍ରତ୍ୟେକ କୋଣାନୁକୋଣ ପ୍ରତିଧ୍ୱନିତ ହେବା ମଧ୍ୟ ପଣ୍ଡିତ ନୀଳକଣ୍ଠ ଅନୁଭବ କରିଛନ୍ତି । ଏହି ସଙ୍ଗୀତର ଉଦ୍ଘାଟନରେ ଭକ୍ତକବି ନୀଳକଣ୍ଠ ଆତ୍ମବିଭୋର ହୋଇ ପଡ଼ିଛନ୍ତି ।

ଭାବର ପରିପ୍ରକାଶ ଭାଷା । ମାତ୍ର କବି ନୀଳକଣ୍ଠ 'କାହାକୁ ବସିଛି ଚହିଁ' କବିତାରେ ଭାଷା ପାଇନାହାନ୍ତି ଭଗବାନଙ୍କୁ ପ୍ରାଣର ଅଭାବ ଅସୁବିଧା ସମ୍ପର୍କରେ ପ୍ରାର୍ଥନା କରିବା ପାଇଁ । ତାଙ୍କର ଅଭିବ୍ୟକ୍ତି ଭାଷାର ଅଭାବ ହାବ ଭାବରେ ହିଁ ରହିଯାଇଛି । ଭାଷା ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହିଁ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ କବି ନୀଳକଣ୍ଠଙ୍କ ଭକ୍ତି ହୃଦୟର ଏହାହିଁ ମାର୍ମିକ ଅଭିବ୍ୟକ୍ତି । ଏହି ପର୍ଯ୍ୟାୟ ଆଲୋଚନାରେ କବିଙ୍କ ହୃଦୟ ଋଷିପ୍ରାଣଗତ ।

Digitized by srujanika@gmail.com

# ନାଟକୀୟ ଶୈଳୀ ଓ ନୀଳକଣ୍ଠ କାବ୍ୟମାନସ

ଆଧୁନିକ ଜୀବନ ବିଶ୍ରାମହୀନ, କର୍ମମୁଖର । କର୍ମକ୍ଲାନ୍ତ ଜୀବନରେ ସାମୟିକ ଆନନ୍ଦ ପାଇଁ ବହୁ ବ୍ୟକ୍ତି ନାଟକ ପରି କାବ୍ୟକବିତା ପଢ଼ି ବସନ୍ତି । ସତ୍ୟବାଦୀ ଗୋଷ୍ଠୀର ବରେଣ୍ୟ ସାଧକ ପଣ୍ଡିତ ନୀଳକଣ୍ଠ ପାଠକମାନଙ୍କ ମନୋରଞ୍ଜନ ନିମିତ୍ତ ତାଙ୍କର ଦୀର୍ଘବପୁ ବିଶିଷ୍ଟ କାବ୍ୟଗୁଡ଼ିକରେ ନାଟକୀୟ ଶୈଳୀ ପରିବେଷଣ କରିଛନ୍ତି । ବିଶେଷକରି ତାଙ୍କର 'କୋଣାର୍କେ' କାବ୍ୟସୁଟୁରେ ନାଟକୀୟ ଉପାଦାନ ପାଠକମାନଙ୍କୁ ଦୃଶ୍ୟ କାବ୍ୟର ଖୋରାକ ଯୋଗାଇଛି । ପାଠକ ଏହି କାବ୍ୟକୁ ପାଠକଲେ ହୁଏତ କାବ୍ୟଟିକୁ ସେ ରଙ୍ଗମଞ୍ଚରେ ଅଭିନୀତ ନାଟକ ପରି ମନେକରେ । କାବ୍ୟଟିରେ ଦୃଶ୍ୟ ପରେ ଦୃଶ୍ୟ ଦ୍ରୁତଗତିରେ ପରିବର୍ତ୍ତିତ ହୋଇଛି । 'ରାମଚଣ୍ଡୀରେ ରାତି' ଖଣ୍ଡକାବ୍ୟ ପର୍ଯ୍ୟାୟରେ ଶିଳ୍ପୀମାନଙ୍କ ଖଣ୍ଡବିଖଣ୍ଡିତ ସ୍ୱପ୍ନ ମାଧ୍ୟମରେ ପଣ୍ଡିତ ନୀଳକଣ୍ଠ ପାଠକମାନଙ୍କ ଅନ୍ତରରେ ନାଟକୀୟ ଚେତନା ଆନୟନ ପୂର୍ବକ ଗୋଟିଏ ଘଟଣାରୁ ଆଉ ଗୋଟିଏ ଘଟଣାକୁ, ଏକ ପରିବେଶରୁ ଅନ୍ୟ ଏକ ପରିବେଶକୁ ଟାଣି ନେଇଛନ୍ତି ଅବିରାମ ଗତିରେ । ଶିଳ୍ପୀମାନଙ୍କ ଏହି କାବ୍ୟଖଣ୍ଡ ଅନ୍ତର୍ଗତ ଖଣ୍ଡିତ ସ୍ୱପ୍ନସବୁ ମନେହୁଏ ବିଭିନ୍ନ ଅଙ୍କରେ ଏକ ଏକ ଦୃଶ୍ୟ । 'କୋଣାର୍କ' କାବ୍ୟର ପ୍ରଥମ ଭାଗ 'ରାମଚଣ୍ଡୀରେ ରାତି'ର ପ୍ରଥମ ଦୃଶ୍ୟ ଭାବେ କବି କୁମାର ପୂର୍ଣ୍ଣିମାର ବର୍ଣ୍ଣନା କରିଛନ୍ତି । କୁମାର ପୂର୍ଣ୍ଣିମା ହିନ୍ଦୁମାନଙ୍କର ବିଶେଷକରି ହିନ୍ଦୁ ବାଳକ ବାଳିକାମାନଙ୍କର ଏକ ଆନନ୍ଦମୁଖର ପର୍ବ । ଏହି ପର୍ବର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋମୁଗ୍ଧକର । କୁମାର ପୂର୍ଣ୍ଣିମା ରାତିର ଚନ୍ଦ୍ରିକା ଚର୍ଚ୍ଚିତ ରଜନୀ ଏହି ପର୍ବର ଶୋଭାକୁ ଦ୍ୱିଗୁଣିତ କରିଥାଏ । ମାତ୍ର 'କୋଣାର୍କେ' କାବ୍ୟରେ କବି ଦୃଷ୍ଟି ଏହି ପ୍ରଶାନ୍ତ ନିର୍ମଳ ଶାରଦୀୟ ପରିବେଶକୁ ଏକ ବର୍ଷଣମୁଖର ରାତିରେ ପରିଣତ କରି ଦେଇଛି ।

Digitized by srujanika@gmail.com

"କି କରାଳ ଆଜି ରଜନୀ ? ବହେ ଝଞ୍ଜା ପବନ
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।"

ଫଳତଃ ପାଠକର ଅନ୍ତର୍ଚେତନାରେ ସୃଷ୍ଟି ହୋଇଛି ନାଟକୀୟ ଅନ୍ତର୍ଦ୍ୱନ୍ଦ୍ୱ ଓ ନାଟକୀୟ ଚମତ୍କାରିତା । ପାଠକ ଅଧୈର୍ଯ୍ୟ ହୋଇ ଆଉ ଟିକିଏ ଆଗକୁ ଚାଲିଯାଇଛି; ଏପରିକି ପରିଣତି ପର୍ଯ୍ୟନ୍ତ । ଗଳ୍ପର ଉତ୍କଣ୍ଠାର ସହିତ, ବିଶ୍ରାମହୀନ ଭାବରେ ।

ସତ୍ୟବାଦୀ ବନବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରମାନେ କୋଣାର୍କ ଯିବା ଆଶାରେ ବହୁ ପଥ, ବହୁ ବାଲିବନ୍ତ ଅତିକ୍ରମ କରି ଆସିଛନ୍ତି । ମାତ୍ର କୁମାର ପୂର୍ଣ୍ଣିମାର ଶାରଦୀୟ ପରିବେଶ ମଧ୍ୟରେ ସୃଷ୍ଟ କରାଳ ବର୍ଷଣମୁଖର ରାତି ଛାତ୍ରମାନଙ୍କୁ କୋଣାର୍କ ମନ୍ଦିର ପରିଦର୍ଶନ ନିମିତ୍ତ ଅନୁକୂଳ ପରିବେଶ ଦେଇନାହିଁ । ତେଣୁ ସେମାନେ କୋଣାର୍କର ଅନତି ଦୂରରେ ଥିବା ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେଇଛନ୍ତି । ନାଟକର ସୂତ୍ରଧର ହୋଇଛନ୍ତି କବି ନୀଳକଣ୍ଠ । ସେ ବର୍ଷଣମୁଖର ରାତିରେ ନିଦ୍ରାଗତ ଛାତ୍ରମାନଙ୍କ ମନୋରାଜ୍ୟରେ ସୃଷ୍ଟ ବିଭିନ୍ନ ଖଣ୍ଡିତ ସ୍ୱପ୍ନକୁ ଏକତ୍ରିତ କରି ବିଭିନ୍ନ ଦୃଶ୍ୟର ପରିକଳ୍ପନା କରିଛନ୍ତି ।

ଛାତ୍ରମାନେ କୋଣାର୍କର ଅନତିଦୂରରେ ଥିବା ରାମଚଣ୍ଡୀ ମନ୍ଦିର ପରିସର ମଧ୍ୟରେ କୁମାର ପୂର୍ଣ୍ଣିମା ରାତିରେ ନିଦ୍ରିତ ହୋଇ ଯାଇଥିବା ବେଳେ କବି ନୀଳକଣ୍ଠଙ୍କର ଚକ୍ଷୁ ସମ୍ମୁଖରେ ପ୍ରାଚୀନ ଉତ୍କଳର କୀର୍ତ୍ତି କାହାଣୀ ଚଳଚ୍ଚିତ୍ର ପରି ଭାସିଯାଇଛି । ଚଳଚ୍ଚିତ୍ରର ଉପାଦାନ ମଧ୍ୟରେ କୋଣାର୍କର କୀର୍ତ୍ତି କାହାଣୀ, ବୀର ଖାରବେଳଙ୍କର ରାଜ୍ୟଜୟ, ସମର-ବିଳାସୀ ଦୁର୍ଦ୍ଧର୍ଷ ଉତ୍କଳୀୟମାନଙ୍କର ରାଜ୍ୟ ଅଧିକାର, ନରସିଂହଦେବଙ୍କର ଦେଉଳତୋଳା ପ୍ରସଙ୍ଗ, ପାଇକମାନଙ୍କର ଯୁଦ୍ଧ ବର୍ଣ୍ଣନା ପ୍ରଭୃତି ସାକାର ରୂପ ପରିଗ୍ରହ ଲାଭ କରିଛି । 'ରାମଚଣ୍ଡୀରେ' ରାତି ପରିବେଶର ବର୍ଣ୍ଣନା ପରେ କବି 'ରାମଚଣ୍ଡୀରେ ସକାଳ'ର ଦୃଶ୍ୟ ବର୍ଣ୍ଣନା କରିଛନ୍ତି ।

କବି 'କୋଣାର୍କେ' କାବ୍ୟରେ 'ରାମଚଣ୍ଡୀ-କଳାପାହାଡ଼' କିମ୍ବଦନ୍ତୀକୁ ଯେପରି ଭାବେ ନାଟ୍ୟରୂପ ପ୍ରଦାନ କରିଛନ୍ତି । ସେଥିରୁ ତାଙ୍କର ବିଚକ୍ଷଣ କଳା ନିପୁଣତାର ପରିଚୟ ମିଳିଥାଏ । କିମ୍ବଦନ୍ତୀଟି ହେଲା— କଳାପାହାଡ଼ ହିନ୍ଦୁ ଦେବାଦେବୀଙ୍କ ପବିତ୍ରତା ନଷ୍ଟ କଲାବେଳେ ଦେବୀ

Digitized by srujanika@gmail.com

ରାମଚଣ୍ଡୀ ଏକ ନାରୀ ରୂପରେ ଏକ ମାଟି ପାତ୍ର ଧରି କୁଶଭଦ୍ରା ନଦୀ ତୀରକୁ ଜଳ ଆଣିବା ନିମିତ୍ତ ବାହାରି ଯାଇଥିଲେ । କଳାପାହାଡ଼ ଦେବୀ ରାମଚଣ୍ଡୀଙ୍କର ଆସିବାର ବିଳମ୍ବ ଅନୁଭବ କରି ଆସି ଦେଖିଲେ ରାମଚଣ୍ଡୀ କୁଶଭଦ୍ରା ତୀରରେ ଏକ ମାଟି ପାତ୍ର ସହିତ ବସିଛନ୍ତି । ସେହିଦିନଠାରୁ ଦେବୀ ରାମଚଣ୍ଡୀ କୋଣାର୍କ ମନ୍ଦିର ଫେରିନାହାନ୍ତି । ଏହି ପ୍ରସଙ୍ଗକୁ ନାଟକୀୟ ଶୈଳୀରେ ପଣ୍ଡିତ ନୀଳକଣ୍ଠ ତାଙ୍କ କାବ୍ୟରେ ପ୍ରକାଶ କରିଛନ୍ତି ।

"ଏହି ରାମଚଣ୍ଡୀ ଯବନ-ଦଣ୍ଡେ ଆସିଣ ଏଥି
ଆଜ ସେହି ଦିନୁ ଫେରିଇ ନାହାନ୍ତି ତ ହେ ଗତି !
× × × ×
କୃଶଭଦ୍ରା ଦୁଃଖ ଆସିଛି, ସିନ୍ଧୁ ଯାଇଛି ଫେରି
'ବୃରହ' ନଗରୀ ଭାଙ୍ଗିଛି କାଳ-ଗ୍ରାମ ଲହରୀ ।"

ବାରଶ ବଢ଼େଇଙ୍କ ପ୍ରାଣରକ୍ଷା କରିବାକୁ ଯାଇ ବିଶୁ ମହାରଣାର ବାର ବର୍ଷର ବାଳକ ପୁତ୍ର କୋଣାର୍କ ମନ୍ଦିରର ଦଧିନଉତି ଠିକଭାବେ ସ୍ଥାପନ କରି ମହୋଦଧିରେ ଝାସ ଦେବା ପ୍ରସଙ୍ଗକୁ କବି କାବ୍ୟରେ ନାଟକୀୟ ଭାବେ ଉପସ୍ଥାପନା କରି ପାଠକମାନଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛନ୍ତି ।

"ଶିବେଇ ସାମନ୍ତ୍ରା ଆସିବେ ଯେବେ 'ବାରଶ' ଶିଳ୍ପୀ
ଦେବ ହେ ବଢ଼େଇ ବାଳକ ସୁଖେ ପ୍ରାଣ ଅରପି ।"

'ରାମଚଣ୍ଡୀରେ ରାତି'ର ବର୍ଷଣ ମୁଖର ପରିବେଶ ପରେ କବି ଶାରଦୀୟ ପ୍ରଶାନ୍ତ ପ୍ରତ୍ୟୁଷକୁ ଦୃଷ୍ଟି ଫେରାଇଛନ୍ତି । ଚତୁର୍ଦ୍ଦିଗରେ ରାଜତ୍ୱ କରୁଛି ନିସ୍ତବ୍ଧତା । ଶିଶିର ସ୍ନାତ ଧରଣୀ । ବାରୁଣୀ ଗଗନରେ ଚନ୍ଦ୍ରିକା ଜ୍ୟୋତ୍ସ୍ନା ବୁଣି ବୁଣି ବିଦାୟ ନେଉଛି । ପୂର୍ବାକାଶରେ ଲୋହିତବର୍ଣ୍ଣ ଚହଟି ଉଠୁଛି । କବି ପ୍ରକୃତିର ଏପରି ଶୋଭାରେ ବିମୁଗ୍ଧ ହୋଇ ଆତ୍ମହରା ହୋଇପଡ଼ିଛନ୍ତି । ସେ ଏହି ପରିବେଶ ମଧ୍ୟରେ ସୃଷ୍ଟି କରିଛନ୍ତି ନାଟକୀୟ ଚମତ୍କାରିତା ।

"ଉଠିଛ କି ବାପା, ଏବେ ତ ରାତି ହେଲା ପ୍ରଭାତ !
ଶୀକର ବିଛେଇ ସମୀରେ ବହେ ସିନ୍ଧୁ-ମାରୁତ ।
ଫୁଟି ଯାଇଅଛି ଗଗନେ ଘନ ମୁଦିର-ଘଟା,
ଲୁଚକାଳି-ଖେଳ ଦେଖନ୍ତି ତାରା ମେଦୁର ଛଟା ।

Digitized by srujanika@gmail.com

କୃଷ୍ଣ-ଘନ-ଚୂଳେ ଶୋଭଇ ଶୁଭ୍ର ବାରୁଣୀ-ଶିରେ,
ଚଳ କୃଷ୍ଣ ଘନେ ଲୁଚଇ କେବେ କମ୍ପିତ କରେ ।"

'ଖାରବେଳ' କାବ୍ୟରେ କବି ବୀର ଖାରବେଳଙ୍କୁ କାବ୍ୟାରମ୍ଭରେ ନଦୀ ତୀରର ସିକ୍ତ ବାଲୁକାରାଶି ମଧ୍ୟରେ ଏକ ପ୍ରଶାନ୍ତ ସନ୍ଧ୍ୟାର ନିର୍ମଳ ପରିବେଶ ମଧ୍ୟରେ ଭ୍ରମଣ କରାଇ ତାଙ୍କ ମନୋରାଜ୍ୟରେ ଅତୀତ ଓ ଭବିଷ୍ୟତ ସ୍ୱପ୍ନ ଭରିଦେଇ ନାଟକୀୟ ଚମତ୍କାରିତା ସୃଷ୍ଟି କରିଛନ୍ତି ।

ନାଟକର ମଝେ ମଝେ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ, ନାଟକର ଗୁରୁଗମ୍ଭୀର ପରିବେଶରୁ ଦର୍ଶକମାନଙ୍କୁ ମୁହୂର୍ତ୍ତକ ପାଇଁ ପରିତ୍ରାଣ ଦେବା ନିମନ୍ତେ ନାଟ୍ୟକାର ନାଟକରେ ସଙ୍ଗୀତର ପରିବେଷଣ କରିଥାନ୍ତି । କବି ନୀଳକଣ୍ଠ ବୋଧହୁଏ ଏହି ଦୃଷ୍ଟିରୁ ତାଙ୍କର 'କୋଣାର୍କେ' କାବ୍ୟ-ଯୁଗ୍ମର ଦ୍ୱିତୀୟ ଭାଗ 'ମାୟା ଦେବୀ'ରେ ସାତଗୋଟି ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କ ନିମିତ୍ତ ମନୋରଞ୍ଜନ ସୃଷ୍ଟି କରିଛନ୍ତି । ଏହି ସଙ୍ଗୀତ ସଂଯୋଜନା ଦ୍ୱାରା ବିଷୟବସ୍ତୁର କ୍ରମବିକାଶରେ ବା କୌଣସି ଚରିତ୍ର ଚିତ୍ରଣରେ ବାଧାଜନ୍ମି ନାହିଁ, ବରଂ କାବ୍ୟ ନାଟ୍ୟଧର୍ମୀ ହୋଇ ଉଠିଛି ।

ନାଟ୍ୟଶୈଳୀ ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କ 'ଦାସନାଏକ' କାବ୍ୟକୁ ଆଲୋଚନା ପରିସରଭୁକ୍ତ କରାଯାଇପାରେ । ଏହି କାବ୍ୟରେ ପଣ୍ଡିତ ନୀଳକଣ୍ଠ ବହୁ ପରିବେଶର ସଂଯୋଜନା କରିଛନ୍ତି । ପରିବେଶ ସହିତ କାଳ ଓ ପାତ୍ରକୁ ମଧ୍ୟ ଠିକ୍ ଭାବେ ଉପସ୍ଥାପନ କରିଛନ୍ତି । କାବ୍ୟ ପୁରୁଷ ନୀଳକଣ୍ଠ କାବ୍ୟଟିର ବିଷୟାୟନ ଉତ୍କଳର ଉପକୂଳବର୍ତ୍ତୀ ଗ୍ରାମ୍ୟଜନପଦରୁ ସଂଗ୍ରହ କରିଛନ୍ତି । କାବ୍ୟାରମ୍ଭରେ କାବ୍ୟ ନାୟକ ଦାସ ଓ କାବ୍ୟ ନାୟିକା ମେଲିକୁ ସମୁଦ୍ର ତୀରସ୍ଥ ପ୍ରାକୃତିକ ପରିବେଶ ମଧ୍ୟରେ ଭ୍ରମଣ କରାଇଛନ୍ତି । ଦାସ ଓ ମେଲି ମଧ୍ୟରେ ବାଲ୍ୟବନ୍ଧୁତା, ଯୌବନର ପ୍ରେମବୋଧ, ମିଳନ, ବିବାହ, ବିଚ୍ଛେଦ ପ୍ରଭୃତିର ଭାବଚିତ୍ର ପୃଷ୍ଠା ପରେ ପୃଷ୍ଠା କାବ୍ୟ ଶେଷଯାଏ ବର୍ଣ୍ଣନା କରିଛନ୍ତି । କାବ୍ୟ ନାୟକ ଓ କାବ୍ୟ ନାୟିକା ଚରିତ୍ରକୁ ଅଧିକ ବାସ୍ତବ ଓ ଜୀବନ୍ତ କରିବା ପାଇଁ କାବ୍ୟଟିରେ ପଣ୍ଡିତ ନୀଳକଣ୍ଠ ମୁଖ୍ୟ ଚରିତ୍ର ସହିତ ଗୌଣ ଚରିତ୍ରର ସଂଯୋଜନା କରିଛନ୍ତି ।

ଏତଦ୍ବ୍ୟତୀତ 'ପିଲାଙ୍କ ଗୀତ' ତଥା 'ପିଲାଙ୍କ ରାମାୟଣ', 'ପିଲାଙ୍କ ଭାଗବତ' ଓ 'ପିଲାଙ୍କ ମହାଭାରତ' ପର୍ଯ୍ୟାୟରୁ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ନାଟ୍ୟଶୈଳୀର ପରିଚୟ ମିଳିଥାଏ, ଯାହା ଉଚ୍ଚତର ଗବେଷଣାର ଅପେକ୍ଷା ରଖେ ।

Digitized by srujanika@gmail.com

# ସମର କାବ୍ୟ 'ଖାରବେଳ' ଓ ପଣ୍ଡିତ ନୀଳକଣ୍ଠ

ସାହିତ୍ୟ ସମାଜର ପ୍ରତିଛବି, ଏହାର ରସ-ଘନ-ଧର୍ମ-କଳା । ଏହା ମାନବ ତଥା ସମାଜର ଭାବ-ଅଭାବ, ଆଶା-ନିରାଶା, ଯୁଦ୍ଧ-ଶାନ୍ତି, ଜୟ-ପରାଜୟ, ସ୍ୱରୂପ ଉଦ୍‌ଘାଟକ । ସୁତରାଂ ସାହିତ୍ୟ ହିଁ ସମାଜର ପ୍ରତିଧ୍ୱନି । ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କ ସମର କାବ୍ୟ ଖାରବେଳ ବର୍ଣ୍ଣ୍ୟ ।

ପ୍ରାଚୀନ ଭାରତରେ ଉତ୍କଳୀୟମାନେ ଦୁର୍ଦ୍ଧର୍ଷ ବୀର ସମର ପ୍ରିୟ ଜାତି ଭାବେ ପରିଚିତ ଥିଲେ । ଏମାନେ ଉତ୍କଳରୁ ବହିଃଶତ୍ରୁଙ୍କୁ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଏକଦା ବହୁ ଦେଶ ଜୟକରି ନିଜର ସ୍ୱାଧୀନତା ରକ୍ଷା ପୂର୍ବକ ଉତ୍କଳର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । କଳିଙ୍ଗ ବୀର ଅଶୋକ ଯୁଦ୍ଧରେ ପ୍ରାୟ ଏକ ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କୁ ନିହତ କରିଥିବା ଇତିହାସରୁ ଜଣାଯାଏ । ସେହିପରି ଦିଗ୍‌ବିଜୟୀ ବୀର ଖାରବେଳଙ୍କ ସମୟରେ ଉତ୍କଳ ଏକ ସମୃଦ୍ଧିଶାଳୀ ରାଜ୍ୟରୂପେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ମାତ୍ର ସେ ସମୟରେ ଲିଖିତ ସାହିତ୍ୟ ସୃଷ୍ଟି ହୋଇନଥିବାରୁ ଏହି ବିଶ୍ୱବିଦିତ ବୀରମାନଙ୍କ କୀର୍ତ୍ତିକାହାଣୀ ଓଡ଼ିଆ ସାହିତ୍ୟ ଇତିହାସରୁ ସ୍ପଷ୍ଟଭାବେ ମିଳେ ନାହିଁ । ପୁରୀ, କୋଣାର୍କ, ଭୁବନେଶ୍ୱର ପ୍ରଭୃତି ବିଭିନ୍ନ ମନ୍ଦିର ତଥା ବହୁ ଶିଳାଲେଖରୁ ଏହି ବୀରମାନଙ୍କ କୀର୍ତ୍ତି ଲିପିବଦ୍ଧ ହୋଇ ଏଯାବତ ରହିଛି, ଯହିଁରୁ ତାଙ୍କ ବୀରତ୍ୱ ବ୍ୟଞ୍ଜିତ କାହାଣୀ ସମ୍ବନ୍ଧରେ ଅବତାରଣା କରନ୍ତୁ ଏ ।

ଏତଦ୍‌ବ୍ୟତୀତ ପ୍ରାଚୀନ ଉତ୍କଳର ଲୋକକଥା, କିମ୍ବଦନ୍ତୀ ତଥା ଗଉଁଲିଗୀତରୁ ମଧ୍ୟ ଏହି ସମର ବିଳାସ ଜାତିର ଯୁଦ୍ଧ କାହାଣୀ ଅଦ୍ୟାବଧି ଶୁଣାଯିବାର ଲକ୍ଷ୍ୟ କରାଯାଏ । ପଞ୍ଚଦଶ ଶତାବ୍ଦୀରୁ ଓଡ଼ିଆ ସାହିତ୍ୟର ଯଥାର୍ଥ ବିକାଶ ଫଳରେ ଓଡ଼ିଆ ସାହିତ୍ୟ ଇତିହାସରେ ସମର ଚିତ୍ର ବହୁପରିମାଣରେ ଲିପିବଦ୍ଧ ହୋଇଛି । ମାଟିର ମହାକବି ସାରଳା ଦାସଙ୍କ

Digitized by srujanika@gmail.com

ସମସ୍ତ ଥିଲା ଦିଗ୍‌ବିଜୟୀ ବୀର ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ । ଏହି ସମୟରେ ଓଡ଼ିଶା ଥିଲା ଏକ ଅବିଭକ୍ତ ସ୍ୱାଧୀନ ରାଜ୍ୟ । ଗଜପତି କପିଳେନ୍ଦ୍ର ଦେବ ରାଜ୍ୟଲାଭ ପାଇଁ ବାରମ୍ବାର ଏହି ସମୟରେ ଦକ୍ଷିଣଭାରତ ଆଡ଼େ ଯୁଦ୍ଧ ଅଭିଯାନ ଆରମ୍ଭ କରିଦେଇଥିଲେ । କବି ସାରଳା ଦାସ ଏହି ଯୁଦ୍ଧ ଅଭିଜ୍ଞାନକୁ ଅତି ନିପୁଣତାର ସହିତ ତାଙ୍କ ମହାଭାରତ ଓ ଚଣ୍ଡୀ ପୁରାଣରେ ଲିପିବଦ୍ଧ କରିଛନ୍ତି । ଏପରିକି ମହାଭାରତର କାବ୍ୟନାୟକ ରୂପେ ସେ ପରୋକ୍ଷ ଭାବରେ ଗଜପତି କପିଳେନ୍ଦ୍ର ଦେବଙ୍କୁ ଟାଣି ନେଇଛନ୍ତି । ସମର ବର୍ଣ୍ଣନାର ଗୋଟିଏ ଦୁଇଟି ପଂକ୍ତି ନମୁନାରେ ଦିଆଯାଇ ଏହି ଭାବସତ୍ୟକୁ ସ୍ପଷ୍ଟ କରାଯାଇପାରେ ।

ଯଥା—

"ଦୁହେଁ ଦୁହିଁଙ୍କର ଖଣ୍ଡା ବୁଲାନ୍ତି ଆମଞ୍ଚି
ଦୁଇ ରଣ ଷଣ୍ଢ ପାନ୍ତି ଯୁଝେ ପଥ ଘୁଞ୍ଚି ।
ପୁଣି ଦୁଇଜଣ ଆସି ମୁଣ୍ଡେ ମୁଣ୍ଡ ଲଢ଼ି
ଧରାପରେ ହୋଇ କରୁଥାନ୍ତି ଗଡ଼ାଗଡ଼ି ।"

—(ମହାଭାରତ)

ମହାଭାରତ ବ୍ୟତୀତ ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣରେ ମଧ୍ୟ ଏହି ସମରବର୍ଣ୍ଣନା ଚିତ୍ର ରହିଛି । ପଞ୍ଚସଖା ଯୁଗର କବି ବଳରାମ ଦାସଙ୍କ ବିଲଙ୍କା ରାମାୟଣରୁ ସମର ବର୍ଣ୍ଣନା ଚିତ୍ର ଦୃଶ୍ୟ । ସୁତରାଂ ଉତ୍କଳୀୟ କବିମାନେ ଏହି ସମରବର୍ଣ୍ଣନା ଚିତ୍ର ଦେବା ପାଇଁ କଳ୍ପନାର ଆଶ୍ରୟ ନେଇ ନାହାନ୍ତି । ବରଂ ସେ ଯାହା ଯେପରି ସମର ଚିତ୍ର ଅଙ୍ଗେ ଲିଭେଇଛନ୍ତି, ତାହାକୁ ସ୍ୱାଭାବିକ ରୀତିରେ ତାଙ୍କ କାବ୍ୟ କବିତାରେ ରୂପାୟିତ କରିଛନ୍ତି ।

ମହାକବି ସାରଳା ଦାସଙ୍କ ପରେ ପରେ ସମରବିଳାସୀ ଦୁର୍ଦ୍ଧର୍ଷ ଉତ୍କଳୀୟମାନଙ୍କ ଭାଗ୍ୟାକାଶରୁ ସ୍ୱାଧୀନତା ରବି ଅସ୍ତମିତ ହୋଇଯାଇ ଥିଲା । ଓଡ଼ିଶାର ଭାଗ୍ୟାକାଶରେ କଳାମେଘ ଛାଇଁ ଦେଇଥିଲା । ଓଡ଼ିଶାର ଭାଗ୍ୟ ବିପର୍ଯ୍ୟୟ ଦେଖା ଦେଇଥିଲା । ପ୍ରାଚୀନ ସମରବିଳାସୀ ଜାତି ପଙ୍ଗୁ ପ୍ରାୟ କାଳାତିପାତ କରିବା ବ୍ୟତୀତ ଅନ୍ୟ ପନ୍ଥା ପାଇପାର

Digitized by srujanika@gmail.com

ନ ଥିଲା । ସାମନ୍ତ ରାଜାମାନେ ବିଳାସ ବ୍ୟସନରେ ମଜ୍ଜି ରହିଥିଲେ । ସେମାନେ ଧର୍ମକୁ ଆଖିଠାର ମାରି ସୁରା ଓ ସାକୀରେ ନିଜକୁ ହଜାଇ ଦେଇଥିଲେ । ଫଳରେ ପଞ୍ଚଦଶ ଶତାବ୍ଦୀ ପରେ ପରେ ଓଡ଼ିଆ ସାହିତ୍ୟରୁ ସମରବିଳାସ ଚିତ୍ର ଏକାବେଳକେ ଅପସରି ଯାଇଥିଲା ।

ଊନବିଂଶ ଶତାବ୍ଦୀରେ ଇଂରେଜମାନେ ଓଡ଼ିଶା ଅଧିକାର କରିବାର ପ୍ରାୟ ୬୦ ବର୍ଷ ପରେ ଇଂରାଜୀ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇ ସମଗ୍ର ଉତ୍କଳରେ ନୂତନତାର ପ୍ରାଣ ସ୍ପନ୍ଦନ ସୃଷ୍ଟି ହୋଇଥିଲା । ସମଗ୍ର ଭାରତୀୟମାନଙ୍କ ପାଇଁ ଏହି ଶତାବ୍ଦୀ ଥିଲା ଆତ୍ମ ସଚେତନ ଓ ଆତ୍ମ-ଉପଲବ୍ଧିର ସମୟ । ଆତ୍ମ-ପ୍ରତିଷ୍ଠା ପାଇଁ ଉତ୍କଳୀୟମାନଙ୍କ ମଧ୍ୟରେ ପୁନର୍ବାର ପୂର୍ବବଳ ଜାଗ୍ରତ ହୋଇଥିଲା । ସୁତରାଂ ଏହି ଆତ୍ମପ୍ରତିଷ୍ଠା-ବୋଧରୁ ସୃଷ୍ଟି ଲାଭ କରିଥିଲା ରାଧାନାଥଙ୍କ 'ମହାଯାତ୍ରା' ବା ପଣ୍ଡିତ ନୀଳକଣ୍ଠଙ୍କ 'ଖାରବେଳ' ପଦ୍ୟ କାବ୍ୟ ।

ଏହି ପର୍ଯ୍ୟାୟରେ କବି ନୀଳକଣ୍ଠ ରଚନା କରନ୍ତି ତାଙ୍କର ସମର କାବ୍ୟ ଖାରବେଳ । ଖାରବେଳ କାବ୍ୟ ସୃଷ୍ଟି ମୂଳରେ ଦୁଇଟି କାରଣ ସ୍ୱୀକାର କରିବାକୁ ହୋଇଥାଏ । ସେଥି ମଧ୍ୟରୁ ପ୍ରଥମଟି ହେଲା ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୯)ର ପ୍ରଭାବ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପଣ୍ଡିତ ନୀଳକଣ୍ଠ ଜଣେ ସଚେତନ ଶିକ୍ଷାକର୍ମୀ ଭାବେ ସତ୍ୟବାଦୀ ବନ-ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ତାଙ୍କ ମନୋଭୂମିରେ ସମରକାବ୍ୟ ପାଇଁ ଯେଉଁ ଅଦମ୍ୟ ଉତ୍ସାହ ରହିଥିଲା, ହୁଏତ ତାହାର ଫଳଶ୍ରୁତି ସ୍ୱରୂପ ଖାରବେଳ କାବ୍ୟ ସୃଷ୍ଟି ହୋଇଥାଇ ପାରେ । ଅନ୍ୟ କାରଣଟି ହେଉଛି, ପ୍ରାୟ ଚାରିଶହ ବର୍ଷର ପରାଧୀନତା ଓ ଆତ୍ମବିସ୍ମୃତି ମଧ୍ୟରେ ନିଜର ସ୍ଥିତି ସ୍ଥିର କରିପାରୁ ନଥିବା ଉତ୍କଳୀୟ ଜନତା ପାଇଁ ଯେଉଁ ମାନସିକ ଖାଦ୍ୟ ଆବଶ୍ୟକ ହେଉଥିଲା, ତାହାର ପରିପୂରଣ ପାଇଁ ପଣ୍ଡିତ ନୀଳକଣ୍ଠ ସୃଷ୍ଟି କରିଥିଲେ ଖାରବେଳ କାବ୍ୟ । ଉତ୍କଳୀୟମାନେ ପଙ୍ଗୁ ନୁହନ୍ତି, ହୀନବୀର୍ଯ୍ୟ ନୁହନ୍ତି । ଏହାକୁ ପ୍ରମାଣ କରିବା ଏବଂ ସେମାନଙ୍କୁ ପୁନଃଜାଗ୍ରତ କରିବା ପାଇଁ ପଣ୍ଡିତ ନୀଳକଣ୍ଠ ଉତ୍କଳୀୟ-ମାନଙ୍କର ପୂର୍ବ ଗୌରବ ଓ ସମରବିଳାସର ଚିତ୍ର 'ଖାରବେଳ' କାବ୍ୟରେ ବର୍ଣ୍ଣନା କରିଛନ୍ତି । ସୁତରାଂ 'ଖାରବେଳ' ଉତ୍କଳୀୟ ଜନଜୀବନରେ

Digitized by srujanika@gmail.com

ନୂତନ ଜାଗରଣ ଆଣିଦେବାରେ ବ୍ରତୀ ହୋଇଛନ୍ତି । ବ୍ରିଟିଶ ଶାସନ ଦ୍ୱାରା ନିଷ୍ପେଷିତ ଉତ୍କଳୀୟ ଜାତିର ପୂର୍ବ ସେତେବେଳେ ପୂର୍ବପୁରୁଷଙ୍କ ଅତୀତ ଓ ଲୁପ୍ତ ଗୌରବରାଜି ସନ୍ଦର୍ଶନରେ ବିସ୍ମୃତ—ଠିକ୍ ସେତିକିବେଳେ ସେମାନଙ୍କ ପ୍ରାଣରେ ନୂତନ ଆଶା ଓ ଅଭରସା ଭରିଦେବା ଲାଗି ପଣ୍ଡିତ ନୀଳକଣ୍ଠ ସୃଷ୍ଟି କରିଥିଲେ 'ଖାରବେଳ' କାବ୍ୟ ।

ପଣ୍ଡିତ ନୀଳକଣ୍ଠଙ୍କ 'ଖାରବେଳ' ଦିଗ୍‌ବିଜୟୀ ବୀର ଖାରବେଳଙ୍କ ବୀରତ୍ୱ ସମର କାହାଣୀର ଇତିହାସ । କାବ୍ୟଟିରେ ପଣ୍ଡିତ ନୀଳକଣ୍ଠ ବୀର ଖାରବେଳଙ୍କର ଯୁଦ୍ଧ ବର୍ଣ୍ଣନା ଯେପରି ଭାବେ କରିଛନ୍ତି, ସେଥିରୁ ପ୍ରାଚୀନ ଉତ୍କଳ ଯେ ଦିନେ ଏକ ଦୁର୍ଦ୍ଧର୍ଷ ଜାତି ଭାବରେ ସମଗ୍ର ବିଶ୍ୱ ଦରବାରରେ ପରିଚିତ ଥିଲା—ଏହା ନିଃସନ୍ଦେହରେ ସ୍ୱୀକାର କରିବାକୁ ହୋଇଥାଏ । କାବ୍ୟାରମ୍ଭରେ ପଣ୍ଡିତ ନୀଳକଣ୍ଠ ଯୁଦ୍ଧପ୍ରିୟ ବୀରଖାରବେଳଙ୍କୁ ଏକ ପ୍ରଶାନ୍ତ ସନ୍ଧ୍ୟା ପରିବେଶରେ ନଦୀ ତୀରସ୍ଥ ସିକତା ଭୂମିରେ ବୁଲାଇଛନ୍ତି । ବଜର ରାଜଜେମା ଧୂପିଶ ଖାରବେଳଙ୍କୁ ବିପଦ ସମୟରେ ସାହାଯ୍ୟ କରି ଖାରବେଳଙ୍କ ଧିଜୟଜୟର ସ୍ୱପ୍ନକୁ ସତ୍ୟରେ ପରିଣତ କରି•ଦେଇଛନ୍ତି । ଧୂପିଙ୍କର ବିଚକ୍ଷଣ ଅସିଗୁଳନା ଓ ଅସୀମ ସାହସ ବୀର ଖାରବେଳଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଛନ୍ତି । ଯୁଦ୍ଧବର୍ଣ୍ଣନା ସମୟରେ ଦୂରଦର୍ଶୀ କବି ନୀଳକଣ୍ଠ ପାଠକମାନଙ୍କୁ ମଝିରେ ମଝିରେ ପୁରାଣପୃଷ୍ଠା ଆଡ଼କୁ ଟାଣି ଆଣିଛନ୍ତି । ଖାରବେଳ କାବ୍ୟର ପ୍ରାରମ୍ଭରୁ ଅନ୍ତିମ ଭାଗ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ଛନ୍ଦରେ କବି ସମର ବର୍ଣ୍ଣନାର ପ୍ରତ୍ୟକ୍ଷ ଓ ପରୋକ୍ଷ ଚିତ୍ର ପ୍ରସ୍ଫୁଟିତ କରାଇ ଓଡ଼ିଆ ସମର ସାହିତ୍ୟର ଭିତ୍ତିଭୂମିକୁ ଦୃଢ଼ କରିଛନ୍ତି ।

ଉଦାହରଣ ସ୍ୱରୂପ—

"ରଣ-ଭେରୀ-ଶିଂଘାରାନେ ପକାଇଲା ଚହଳ;
ପାଂଡ୍ୟ ଶୁଣିଲେ ଭାଂଡୁର
ସୁଗତ ହେଲେ ଅଧୂର,
ଭଙ୍ଗ ଦେବେ ସିନା ଏବେ ସେ ବାହିନୀ ପଟଳ ।"

(ନୀ: ଗ୍ର: ୧ମ ଖଣ୍ଡ, (୨ୟ ସଂ.-୧୯୬୫), ପୃ: ୪୮୭)

Digitized by srujanika@gmail.com

ଅଥବା—

"ଛତ୍ରଭଙ୍ଗ ଭୟ୍ରେ ନରେଶ ସଇନେ
ଚମକ କୁମାର ଉଠିଲେ ପର୍ଯ୍ୟାଣେ ।
ପ୍ରତିଶିଂଘା ନାଦ ଉଠିଲା ବିଶାଳ,
ଗିରି ଦରି ବନ ଭେଦି, ଉଠେ ବେଳ ।"

(ମା. ଗ୍ର, ୧ମ ପୃ-୪୪୪)

କାବ୍ୟର ଅନ୍ତିମ ଭାଗ ବେଳକୁ ଖାରବେଳ ଯୁଦ୍ଧଭୂମିରେ ଆହତ ହୋଇ ପଡ଼ିଥାନ୍ତି । ତଥାପି ରାଜ୍ୟ ଜୟ ଓ ଉତ୍କଳର ସ୍ୱାଧୀନତା ତାଙ୍କ ପ୍ରାଣରେ ପ୍ରତିଧ୍ୱନିତ ହେଉଥାଏ । ଏକ ଦିଗରେ ମାତୃଭୂମି ପ୍ରତି ମମତ୍ୱବୋଧ ଓ ମାତୃଭୂମିର ସ୍ୱାଧୀନତା, ଅନ୍ୟ ଦିଗରେ ଯୁଦ୍ଧଭୂମିରେ ପରାଜୟର ଗ୍ଲାନି—ଏହି ଦ୍ୱନ୍ଦ୍ୱାଚ୍ଛନ୍ନ ମୁହୂର୍ତ୍ତରେ ସେ ଭାଙ୍ଗି ପଡ଼ୁଥିଲେ । ତଥାପି ସମର-ବିଳାସୀ ଜାତିର ଉତ୍ତର ଦାୟାଦଭାବେ ପଣ୍ଡିତ ନୀଳକଣ୍ଠ ଖାରବେଳଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ କରାଇ ଦେଶପ୍ରୀତିର ଯେଉଁ ଫଲ୍‌ଗୁ ଧାରା ପ୍ରବାହିତ କରିଛନ୍ତି ତାହା ସମଗ୍ର ଓଡ଼ିଆ ସମର ସାହିତ୍ୟରେ ଅନନ୍ୟ ସାଧାରଣ ଓ ଅଭିନନ୍ଦନୀୟ ।

●

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ଶିଶୁସାହିତ୍ୟ : ଏକ ଦୃଷ୍ଟିପାତ

ଓଡ଼ିଆ ଶିଶୁ ସାହିତ୍ୟର ପରମ୍ପରା ସେତେ ପ୍ରାଚୀନ ନୁହେଁ । ଊନବିଂଶ ଶତକର ଓଡ଼ିଆ ଭାଷାବିଲୋପ ଆନ୍ଦୋଳନ ଓ ତଜ୍ଜନିତ ପ୍ରତିକ୍ରିୟାରୁ ଏହାର ସୃଷ୍ଟି । ଅବଶ୍ୟ ଏହାପୂର୍ବରୁ ଓଡ଼ିଆ ଶିଶୁ ସାହିତ୍ୟ ସୃଷ୍ଟିର ଧାରା ଅତ୍ୟନ୍ତ କ୍ଷୀଣବୋଲି ସ୍ୱୀକାର କରିବାକୁ ହେବ । ଓଡ଼ିଆ ସାହିତ୍ୟରେ ଜଣେ ପ୍ରଥିତଯଶା ଶିଶୁସାହିତ୍ୟିକ ଭାବେ ମଧୁସୂଦନ ରାଓଙ୍କୁ ସମ୍ମାନିତ କରାଯାଇଥାଏ । ମଧୁସୂଦନଙ୍କ ପରେ ପରେ ତାଙ୍କ ହାତଧରି ଓଡ଼ିଆ ଶିଶୁ ସାହିତ୍ୟ ଜଗତକୁ ପ୍ରବେଶ କରିଥିଲେ ଶିଶୁପ୍ରାଣ ପଣ୍ଡିତ ନୀଳକଣ୍ଠ । ସେ ଶିଶୁମାନଙ୍କ ଉଦ୍ଦେଶ୍ୟରେ 'ପିଲାଙ୍କଗୀତ' ରଚନା କରିଛନ୍ତି । ଏହି ଶିଶୁକବିତା ରଚନାକରିବା ପଶ୍ଚାଦ୍‌ଭାଗରେ ତାଙ୍କର ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରବତ୍ସଳଭାବ ସ୍ୱୀକାର କରାଯାଇଥାଏ । ପୁତ୍ରପ୍ରତିମ ଛାତ୍ରମାନଙ୍କୁ ସେ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ । ତେଣୁ ତାଙ୍କରି ଉଦ୍ଦେଶ୍ୟରେ ସେ ବହୁ ଶିଶୁକବିତା ରଚନାରେ ପ୍ରୟାସୀ ହୋଇଥିବା ଯଥାର୍ଥ ମନେହୁଏ । ପଣ୍ଡିତ ନୀଳକଣ୍ଠ ଜଣେ ଶିକ୍ଷାବିତ୍‌ର ଆତ୍ମାନେଇ ଶିଶୁମାନଙ୍କ ପ୍ରାଣରେ ଗଭୀର ରେଖାପାତ କଲାଭଳି ବିଭିନ୍ନ ଉଦାହରଣମାନ ଇତିହାସ, ପୁରାଣ, କିମ୍ବଦନ୍ତୀ ପ୍ରଭୃତିରୁ ନେଇ ତାହାକୁ ଶିଶୁକାବ୍ୟରୂପ ପ୍ରଦାନ କରିଥିଲେ । 'ପିଲାଙ୍କ ଗୀତ' ତାଙ୍କର ଏହି ପର୍ଯ୍ୟାୟର ଶିଶୁକବିତା । ଏତଦ୍‌ବ୍ୟତୀତ ତାଙ୍କଦ୍ୱାରା ରଚିତ 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ପିଲାଙ୍କ ଭାଗବତ ପ୍ରଭୃତି ଏହି ପ୍ରସଙ୍ଗରେ ଆଲୋଚ୍ୟ ।

ପିଲାଙ୍କ ଗୀତ ପର୍ଯ୍ୟାୟ ଅନ୍ତର୍ଭୁକ୍ତ 'ବୃଦ୍ଧ ଓ ବିଧବା', 'ମହାତ୍ମାଗାନ୍ଧୀ' ଓ 'ବଢ଼େଇ ବାଳକ' କବିତାରେ ଇତିହାସର ଛାପ ରହିଛି । 'ବୃଦ୍ଧ ଓ ବିଧବା' କବିତାରେ କବି ଜଣେ ବିଧବାର ସାହାନେଇ

Digitized by srujanika@gmail.com

ପରମେଶ୍ୱର ବୁଦ୍ଧଙ୍କ ନିକଟରେ ନିଜର ପ୍ରାଣପ୍ରିୟ ମୃତ ଶିଶୁପୁତ୍ରକୁ ପୁନର୍ବାର ଚେତନାଶକ୍ତି ଫେରାଇଦେବାପାଇଁ ଆକୁଳ ନିବେଦନ କରିଛନ୍ତି । ମାତ୍ର ସଂସାରରେ ଜନ୍ମଗ୍ରହଣ କଲେ ଦିନେ ଯେ ଏହି ଧରାଧାମରୁ ବିଦାୟ ନେବାକୁ ହୁଏ—ଏକଥା ଏକ ଉଦାହରଣ ମାଧ୍ୟମରେ ଅତ୍ୟନ୍ତ ସରଳଭାବରେ କଚିପ୍ରାଣ ଶିଶୁମାନଙ୍କୁ ବୁଝାଇ ଦେଇଛନ୍ତି । ଉଦାହରଣଟି ଶିଶୁମାନଙ୍କ ଆତ୍ମାରେ ଏକାନ୍ତଭାବେ ନିମଜ୍ଜିତ ହୋଇଯାଇଛି । ଉଦାହରଣଟି ହେଲା— ବୁଦ୍ଧଦେବ ବିଧବା ଶିଶୁପୁତ୍ର ହରା କୃଶାଗୌତମୀଙ୍କୁ ଯେଉଁ ପରିବାରରେ କେହି ମରିନଥିବେ ସେହି ପରିବାରରୁ ଗୋଟାଏ ଆଞ୍ଜୁଳା କଳାରାଶି ଆଣିବାପାଇଁ ନିବେଦନ କରିଛନ୍ତି । ଗୌତମୀ ବହୁ ଗ୍ରାମ, ବହୁ ଜନପଦ ରାଶି ଉଦ୍ଦେଶ୍ୟରେ ଭ୍ରମଣ କରିଛି । ମାତ୍ର ଯେତେ ସ୍ଥାନ ଯାଇଛି, ପ୍ରତ୍ୟେକ ଗୃହରେ ଶୁଣିଛି କେହିନା କେହି ମରିଛନ୍ତି । ଶେଷରେ ନିରାଶ ହୋଇ ଫେରିଆସି ନିଜର ଅନ୍ତର୍ବେଦନାକୁ ଧୈର୍ଯ୍ୟର ସହିତ ସହିଯାଇଛି ଓ ଭଗବାନ ବୁଦ୍ଧଦେବଙ୍କ ପଦକମଳରେ ଶରଣ ଯାଇଛି ।

'ଗଡେ ଗଡେ ନାରୀ ଗୋଡ଼ତଳେ ପଡ଼ି
କହିଲ, ବୁଝିଲ ସବୁ,
ଯେତେ ଦିନ ଅଛି, ତୁମ୍ଭ ପାଦ ପଦ୍ମ
ଗତି ମୋର ଥାଉ ପ୍ରଭୁ' । (୧)

ପଣ୍ଡିତ ନୀଳକଣ୍ଠ ଶିଶୁମାନଙ୍କୁ ଏହି କବିତାଟି ଶୁଣାଇବାରେ ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି । ଶିଶୁପ୍ରାଣ ସାଧାରଣତଃ ଅଧୈର୍ଯ୍ୟ, ଅସ୍ଥିର । ମାତ୍ର ଅଧୈର୍ଯ୍ୟ ଓ ଅସ୍ଥିର ହେଲେ ବ୍ୟକ୍ତିର ଭବିଷ୍ୟତ ଅନ୍ଧକାର ହୁଏ । ସେ କୌଣସି କାର୍ଯ୍ୟ କରିବାକୁ କ୍ଷମ ହୋଇପାରେ ନାହିଁ । ଭବିଷ୍ୟତ ତା'ର ଦୁର୍ବିସହ ହୋଇପଡ଼େ । ସୁତରାଂ ସେ ଶିଶୁମାନଙ୍କୁ ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ପାଦପଦ୍ମରେ ଧ୍ୟାନପୂର୍ବକ ନିଜ ନିଜର କର୍ତ୍ତବ୍ୟ ପଥରେ ଆଗେଇ ଯିବାପାଇଁ 'ବୁଦ୍ଧ ବିଧବା' କବିତା ମାଧ୍ୟମରେ ଉପଦେଶ ଦେଇଛନ୍ତି ।

'ମହାତ୍ମା ଗାନ୍ଧୀ' କବିତାରେ କବି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଚରିତାନୁଶୀଳନ କରିଛନ୍ତି । ମହାତ୍ମାଗାନ୍ଧୀ ସମଗ୍ର ଭାରତବାସୀଙ୍କର

(୧) ନୀଳକଣ୍ଠ ଗ୍ରନ୍ଥାବଳୀ—୧ମ ଖଣ୍ଡ (୨ୟ ସଂ-୧୯୭୩), ପୃ-୬୦୩ ।

Digitized by srujanika@gmail.com

ପରମ ପୂଜନୀୟ । ନିଜ ଜୀବନକୁ ତିଳ ତିଳ କରି ଭାରତବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଅହିଂସା ଥିଲା ତାଙ୍କର ପରମ ବ୍ରତ । ଅହିଂସା ବଳରେ ମାନବ ଶତ୍ରୁକୁ ଜୟ କରେ—ଏହାଥିଲା ତାଙ୍କର ଧର୍ମ । ଅହିଂସା ମନ୍ତ୍ରଦ୍ୱାରା କିପରି ସେ ଇଂରେଜମାନଙ୍କୁ କବଳିତ କରିଥିଲେ, କବି ତାହା ଶିଶୁମାନଙ୍କ ସମ୍ମୁଖରେ ଉପସ୍ଥାପନ କରି ଗାନ୍ଧୀଙ୍କ ପରି ଅହିଂସା ମନ୍ତ୍ର ଅବଲମ୍ବନ କରିବାକୁ ଶିଶୁମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସତ୍ୟ ସମ୍ଭାଳିବାର ମହତ ପଣ
ଅକାମୀ କରିଦେବ ତୋପ କମାଣ ।
ଏହି ସାଧନ ଧରି ସ୍ୱାଧୀନ ଆଜି
ଭାରତ ଗୋରାମାନେ ଗଲେ ବରଜି । (୨)

ବାରଶହ ବଢ଼େଇଙ୍କ ପ୍ରାଣରକ୍ଷା କରିବାପାଇଁ ବିଶ୍ୱବନ୍ଦନୀୟ ବାରବର୍ଷର ବାଳକ ବିଶୁମହାରଣାର ଶିଶୁପୁତ୍ର ଧର୍ମପଦ କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟ ପରିସମାପ୍ତି କରି ପ୍ରଶାନ୍ତମହାସାଗରର ଉର୍ମିଳ ବକ୍ଷକୁ ଚିରଦିନପାଇଁ ଲମ୍ଫ ପ୍ରଦାନ କରିଥିଲା ଏବଂ ଉତ୍କଳୀୟମାନଙ୍କ ପାଇଁ ଚିରଦିନ କିମ୍ବଦନ୍ତୀ ହୋଇଥିଲା । ଏହା କବିଙ୍କ 'ବାରଶ ବଢ଼େଇ' କବିତାରେ ବର୍ଣ୍ଣିତ । କବିତାଟି କିମ୍ବଦନ୍ତୀକୁ ଭିତ୍ତିକରି ବିରଚିତ । କବି ଏହି କବିତାଟି ମାଧ୍ୟମରେ ବାଳକମାନଙ୍କୁ ପ୍ରାଚୀନ ଗୌରବାବହ ଉତ୍କଳର କିମ୍ବଦନ୍ତୀ ଶୁଣାଇ ସାଂପ୍ରତିକ ପରିପ୍ରେକ୍ଷୀରେ ଉତ୍କଳର ହୃତଗୌରବ ଫେରାଇ ଆଣିବାକୁ ଶିଶୁମାନଙ୍କୁ ପ୍ରତିଶ୍ରୁତିବଦ୍ଧ ହେବାପାଇଁ ଆହ୍ୱାନ କରିଛନ୍ତି ଏବଂ ବାଳକ ଧର୍ମପଦର ସମସ୍ତ ଲକ୍ଷଣ ଶିଶୁମାନଙ୍କଠାରେ ପ୍ରକାଶ ପାଉ ବୋଲି ସେ ଆଶା ପୋଷଣ କରିଛନ୍ତି ।

ଚପଳ ଚପଳ ଶିଶୁମାନେ ହିଡ଼ିପ୍ରିୟ । ପୁଣି ବେଙ୍ଗ, ସର୍ପ, ବୁଢ଼ୀଆଣୀ, ଭାଲୁ ସମ୍ପର୍କୀୟ ଗଳ୍ପ ଶୁଣିବାରେ ଆନନ୍ଦ ଅନୁଭବ କରନ୍ତି । ସୁତରାଂ ପଣ୍ଡିତ ନୀଳକଣ୍ଠ ଶିଶୁମାନଙ୍କ ପ୍ରାଣରେ ପ୍ରାଣ ମିଶାଇ ଶିଶୁମନସ୍ତତ୍ତ୍ୱକୁ ଗଭୀର ଭାବେ ନିରୀକ୍ଷଣ କରି ସେମାନଙ୍କୁ ବେଙ୍ଗ, ସର୍ପ ପ୍ରଭୃତି ପ୍ରାଣୀମାନଙ୍କ ସମ୍ପର୍କରେ ବିଭିନ୍ନ କାହାଣୀଭିତ୍ତିକ କବିତା ଶୁଣାଇଛନ୍ତି । 'ସିଦ୍ଧାର୍ଥ ଓ ହଂସ' କବିତାରେ ଶରବିଦ୍ଧ ହଂସ ପ୍ରତି ଶିଶୁପ୍ରାଣ ଅତ୍ୟନ୍ତ କରୁଣ ହୋଇପଡ଼ୁଛି । ଶିଶୁଟି ହୃଏତ ଏଥିପାଇଁ ନୀରବ ଅଶ୍ରୁ ବର୍ଷଣ କରୁଛି । ଶରବିଦ୍ଧ ହଂସଟିକୁ

---

(୨) ନୀଳକଣ୍ଠ ଗ୍ରନ୍ଥାବଳୀ— ୧ମ ଖଣ୍ଡ, ୨ୟ ସଂ—୧୯୭୩), ପୃ-୫୯୫ ।

Digitized by srujanika@gmail.com

ତା'ର କୋମଳ ହସ୍ତରେ ଥରେ ଦୁଇଥର ଆଉଁସି ଦେଇଛି । ହଂସଟିର ଦୁଃଖରେ ଭାଙ୍ଗିପଡ଼ି ତା'ର ଦୁଃଖରେ ସମଦୁଃଖୀ ହୋଇଛି । 'ଆ ମୋ ପାଟ' କବିତାରେ କବି ଶିଶୁସୁଲଭ ଦୃଷ୍ଟିଭଙ୍ଗୀ ନେଇ ସନ୍ଧ୍ୟା ଆଗମନରେ ନିଜର ପ୍ରାଣପ୍ରିୟ ଗାଈକୁ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ପାଇଁ ଆହ୍ୱାନ କରିଛନ୍ତି ।

"ଆ ମୋ ପାଟ ବାଟେ ବାଟେ,
କଅଁଳ ଘାସ ଖାଇଚୁ ପେଟେ ।
ମକାକୁ ଆସି ସଞ୍ଜ ହେଲା
ଦେଖିବ ପରା ଡାକୁଚି ପିଲା
କାହାକୁ ଡରୁ ଏତେ ? (୩)"

ଶିଶୁଟିଏ ଯେପରି ତାର ମା'କୁ ଅତି ଭଲପାଏ, ମା'ଠାରୁ ସ୍ନେହ ଓ ଆଦର ପାଏ, ଯାନ ଗାଈ ଛୁଆଟି ସେହିପରି ତା'ର ମା'କୁ ଭଲ ପାଉଥିବ, ତା'ର ମା ତାକୁ ଆଦର ଓ ସ୍ନେହ କରୁଥିବ—ଏକଥା ଶିଶୁପ୍ରାଣ କବି ମାନକଣ୍ଠ ଅନୁଭବ କରିଛନ୍ତି ।

ଅନେକ ସମୟରେ ଦେଖାଯାଏ ବହୁ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ କରିବା ନିମିତ୍ତ ବନ୍ଧୁତା ସ୍ଥାପନ କରିଥାନ୍ତି । ବହୁବ୍ୟକ୍ତି ସ୍ୱାର୍ଥାନ୍ୱେଷୀ ବନ୍ଧୁଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ପଣ୍ଡିତ ମାନକଣ୍ଠ ଏହି ପ୍ରସଙ୍ଗ ତାଙ୍କ 'ବେଙ୍ଗ ଓ ମୂଷାଆଣୀ' କବିତା ମାଧ୍ୟମରେ ବ୍ୟକ୍ତ କରିଛନ୍ତି ଏବଂ ଶିଶୁମାନଙ୍କୁ କବିତା ମାଧ୍ୟମରେ ଏପରି ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ ନକରିବାପାଇଁ ସତର୍କ କରାଇ ଦେଇଛନ୍ତି । (୪)

କେବଳ ଶିଶୁ ମନସ୍ତତ୍ତ୍ୱ ନୁହେଁ, ଶିଶୁମାନଙ୍କ ପ୍ରାଣକୁ ଛୁଇଁଲାପରି ସରଳ, ସାବଲୀଳ ଶବ୍ଦାବଳୀଦ୍ୱାରା କବି ତାଙ୍କ ଶିଶୁକବିତା ରଚନା କରିଛନ୍ତି । ଉଦାହରଣ ସ୍ୱରୂପ ତାଙ୍କର 'ମୋ ଅରି ଗାଈ ସେ ଯାଉ'କୁ ପରିଗ୍ରହଣ କରାଯାଇପାରେ ।

"ସେଦିନ ବାପା, ବିଲରୁ ଆସି
ଗାଧୋଇ ନଯାଇ ପିଣ୍ଡାରେ ବସି

---

(୩) ମାନକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୧ମ ସଂ—୧୯୭୨), ପୃ-୫୧୫ ।
(୪) ମାନକଣ୍ଠ ଗ୍ରନ୍ଥାବଳୀ, ୨ମ ଖଣ୍ଡ (୨ୟ ସଂ—୧୯୭୩), ପୃ-୫୧୩ ।

Digitized by srujanika@gmail.com

ନାନୀ ମାଆ କଥା ଶୁଣିଲେ ନାହିଁ,
ବାଣ୍ଟି ଦେଲେ ସବୁ ଗାଈ,
ବାପା ନେଇଗଲେ କଜଳ, ନାଲ,
ଡାମୁଡ଼ ପୋଡ଼ାକ ଧଳିଆ ନେଲ,
ଭାଇର ରହିଲା ବଉଟି ଛଡ଼ା,
ନାନୀ ଆଦରିଲା କାଳିଆ ହଡା;
କୁନି ବାଛୁରିଟି ମାଆ ନେଇଗଲା
ଯାତକୁ ରଖିଲ ମୂହିଁ;
ନଅ ଗାଈପକ ବାପା ବାଣ୍ଟି ଦେଲେ
ଆଉ ନାହିଁ ଗୁହିଁପୁଇଁ ।" (୫)

ଏତଦ୍‌ଭିନ୍ନ କବି 'ଭାଗ୍ୟକୁ ନାଇ କ ଲାଭ', 'ଚଷାର ଭାଗ୍ୟ', 'କ ସୁନ୍ଦର ଏ ସଂସାର' ପ୍ରଭୃତି କବିତା ମାଧ୍ୟମରେ ଶିଶୁମାନଙ୍କୁ ସଂସାର ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ଦେଇ ସେମାନଙ୍କୁ ସରଳ ନିରାଡ଼ମ୍ବର ଜୀବନ-ଯାପନ ପାଇଁ କବି ମଙ୍ଗଳମୟ ଉତ୍ସାହ ପ୍ରଦାନ କରିଛନ୍ତି । କବି ଭାଗ୍ୟକୁ ନାଇ କ ଲାଭ-କବିତାରେ ଦୁଇଟି ଘୋଟକର କାହାଣୀ ବର୍ଣ୍ଣନା କରିଛନ୍ତି । ପ୍ରଥମ ଘୋଟକଟି ସହରର ହର୍ମ୍ୟ ମଧ୍ୟରେ ବାସକରି ଭଜା ବୁଟ ଦାନା ଆହାର କରୁଥିଲାବେଳେ ଦ୍ୱିତୀୟଟି ସହର ତଳ ଅଞ୍ଚଳରେ ବୁଲି ବୁଲି ଘାସ ଖାଉଛି । ତା'ର ଦୁଇ ଗୋଡ଼ ପୁଣି ଶକ୍ତ ରଜ୍ଜୁ ଦ୍ୱାରା ଦୃଢ଼ଭାବେ ବନ୍ଧାଯାଇଛି । ସୁତରାଂ ଏହା କେବଳ ଭାଗ୍ୟଫଳ ବୋଲି କବି ସ୍ୱୀକାର କରିଛନ୍ତି । (୬)

ଲୋଭରୁ ପାପ, ପାପରୁ ମୃତ୍ୟୁ—ଏ ପ୍ରସଙ୍ଗ କବି ଶିଶୁମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି 'ଚକାଫଳ ନଖାଅ' କବିତା ମାଧ୍ୟମରେ । କବିତାଟିରେ କବି ମାନବେତର ପ୍ରାଣୀ ଭାଲୁକୁ ଏକ ପ୍ରତୀକଭାବେ ପରିଗ୍ରହଣ କରି ଶିଶୁପ୍ରାଣକୁ ସ୍ପର୍ଶ କଲା ପରି କାହାଣୀ ମାଧ୍ୟମରେ ସଂସାର ଚିତ୍ର ପରିବେଷଣ କରିବାକୁ ପ୍ରଚେଷ୍ଟା କରିଛନ୍ତି । କାହାଣୀଟି ହେଲା—ଭାଲୁ ପଲ ସନ୍ନିକଟ ଆମ୍ବୁବାଡ଼ରେ ପଶି ପ୍ରତିଦିନ ଆମ୍ବ ଖାଆନ୍ତି । ଦିନେ ଗୋଟିଏ

(୫) ମାନକଣ୍ଡ ଗ୍ରନ୍ଥାବଳୀ, ୧ମ ଭାଗ (୨ୟ ସଂ—୧୯୭୩), ପୃ-୫୧୨

(୬) ମାନକଣ୍ଡ ଗ୍ରନ୍ଥାବଳୀ, ୧ମ ଭାଗ (୨ୟ ସଂ—୧୯୭୩), ପୃ-୫୦୪-୫୦୮

Digitized by srujanika@gmail.com

ବୁଢ଼ା ଭାଲୁ ଭାବିଲା ଆମ୍ବ ରସ ଅତ୍ୟନ୍ତ ସୁମିଷ୍ଟ, ହୁଏତ ଏହାର ଫଳ ଅଧିକ ସୁସ୍ୱାଦୁ ହୋଇଥିବ । ଏହା ତା ମନ ମଧ୍ୟରେ ଥାଏ । ଦିନେ ସେ ଆମ୍ବ ଗଛର ଅଗ୍ରଭାଗରେ ଗୋଟିଏ ବରୁଡ଼ି ବସା ଦେଖି ତାକୁ ଆମ୍ବ ଫଳ ବୋଲି ଭାବିଲା । କାହାକୁ କିଛି ନକହି ସ୍ୱାର୍ଥପରଭାବେ ନିଜେ ଏକାକୀ ଆମ୍ବ ଫଳ ଖାଇବା ଲୋଭ ସମ୍ବରଣ କରିନପାରି ବରୁଡ଼ିବସା ନିକଟକୁ ମୁହଁ ବଢ଼ାଇଦେବା ମାତ୍ରେ ଉପସ୍ଥିତ ସମସ୍ତ ବରୁଡ଼ି ଏକ ଥରକେ ବୁଢ଼ା ଭାଲୁକୁ ଆକ୍ରମଣ କଲେ । ବୁଢ଼ା ଭାଲୁଟି ପ୍ରାଣ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲା ।

"ଜିଭ ତାଳୁ ସବୁ ପୋଡ଼ିଲା
ଭାଲୁ ଗଡ଼ିଲା ତଳେ,
ନଛାଡ଼ନ୍ତି କେବେ ବରୁଡ଼ି
ବୁଢ଼ା ଗର୍ଜେ ଝଙ୍କଳେ ।
ଦଉଡ଼ି ଦଉଡ଼ି ପଳାଉଁ
କହେ, କେବେ ତ ଆଉ,
ଆମ୍ବ ବୋଲି ଆମେ ନ ପଶୁଁ
ଡକା ଫଳ ନଖାଉଁ ।" (୭)

କବିତାଟିରେ କବି ଶିଶୁମାନଙ୍କୁ ଲୋଭଜନିତ ପ୍ରତିକ୍ରିୟା ଶୁଣାଇଛନ୍ତି ଏବଂ ଏତାଦୃଶ କାର୍ଯ୍ୟ ସର୍ବାଦୌ ପରିତ୍ୟାଗ କରିବାପାଇଁ ଶିଶୁମାନଙ୍କୁ ସେ ଉପଦେଶ ଦେଇଛନ୍ତି ।

ଶିଶୁମାନଙ୍କ ଦୃଷ୍ଟିରେ ଏହି ସଂସାର ସୁନ୍ଦର । ଏହାର ନଦନଦୀ, କେଦାର କାନନ ପ୍ରଭୃତି ଅତ୍ୟନ୍ତ ମନୋରମ । 'କି ସୁନ୍ଦର ଏ ସଂସାର' କବିତାରେ କବି ଏହା ପ୍ରକାଶ କରିଛନ୍ତି । ଶିଶୁମାନଙ୍କ ଭିତରେ ନିହିତଥାଏ ଭଗବାନଙ୍କର ସମସ୍ତ ସତ୍ତା । ତାର ସରଳ ପ୍ରାଣକୁ ଈର୍ଷା, ପରଶ୍ରୀକାତରତା, ଅହଂବୋଧ, ଦୁଃଖ ପ୍ରଭୃତି ସ୍ପର୍ଶ କରିନଥାଏ । ସଂସାର ସମ୍ବନ୍ଧୀୟ ନାନା ଦୁଃଖ-ଦୁର୍ଦ୍ଦଶା, ଯନ୍ତ୍ରଣା ପ୍ରଭୃତିର ସଂସ୍ପର୍ଶରେ ସେ ଆସିନଥାଏ । ତେଣୁ ପ୍ରକୃତିକୋଳରେ ଖେଳିବୁଲି ସେ ତା'ର ସମୟକୁ ଅତିବାହିତ କରିଦିଏ । ବାଘୁଆଚଢ଼େଇ, ଘରଚଟିଆ ବା ଗୋଟିଏ ଦୁମୁବ ପାଗଟିଏ ପରି ସେ ଆନନ୍ଦରେ ମାତିଥାଏ । ଏହି କବିତାଟିରେ କବି ପଲ୍ଲୀ ପ୍ରକୃତିକୁ ଶିଶୁ-

(୭) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ— ୯୬୩), ପୃ. ୫୦୬ ।

Digitized by srujanika@gmail.com

ପ୍ରାଣରେ ଭରି ପ୍ରକୃତ ସହିତ ତାଳ ମିଳାଇ ଚାଲିବାକୁ ଶିଶୁମାନଙ୍କୁ ପ୍ରେରଣା ଦେଇଛନ୍ତି ।

'ପିଲାଙ୍କ ଗୀତ' ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପିଲାଙ୍କ ଭାଗବତ, ପିଲାଙ୍କ ରାମାୟଣ ଓ ପିଲାଙ୍କ ମହାଭାରତ ରଚନା କରିଛନ୍ତି । ଶିଶୁମାନଙ୍କ ପ୍ରାଣରେ ଗଭୀର ରେଖାପାତ କଲାପରି ପୁରାଣର ବିଭିନ୍ନ କାହାଣୀ, କିମ୍ବଦନ୍ତୀ, ଆପ୍ତବାକ୍ୟ, ବିଭିନ୍ନ ଶିକ୍ଷଣୀୟ ବିଷୟ ପ୍ରଭୃତିର ସଂଯୋଜନା କରିଛନ୍ତି । ଏତଦ୍‌ବ୍ୟତୀତ ଏଥିରେ ଧର୍ମ ତଥା ମାନବଜୀବନ ସମ୍ବନ୍ଧୀୟ ଅନେକ ତଥ୍ୟ ଅତ୍ୟନ୍ତ ସରଳ ଭାଷାରେ ପ୍ରଦାନ କରିଛନ୍ତି, ଯେଉଁ କାହାଣୀଗୁଡ଼ିକ ଶିଶୁମାନଙ୍କ ପ୍ରାଣକୁ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୌଦ୍ଧିକ ଚେତନାର ବିକାଶରେ ସହାୟକ ହୋଇଥାଏ ଏବଂ ଶିଶୁମାନଙ୍କୁ ଜଣେ ଜଣେ ଆଦର୍ଶ ନାଗରିକ କରି ଗଢ଼ି ତୋଳିବାରେ ଏହି ପୁରାଣର କାହାଣୀଗୁଡ଼ିକ ପ୍ରଶସ୍ତ ମାର୍ଗ ପ୍ରଦର୍ଶନ କରିଥାଏ ।

'ପିଲାଙ୍କ ମହାଭାରତ' ଗ୍ରନ୍ଥ ରଚନା କରିବାରେ ଶିଶୁପ୍ରାଣ ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ ବଙ୍ଗଳା ତଥା ଇଂରାଜୀ ସାହିତ୍ୟର ସହାୟତା ନେଇଥିଲେ ମଧ୍ୟ ସେଥିରୁ ତାଙ୍କର ନିଜର ଶିଶୁସୁଲଭ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ବାରିହୋଇ ପଡ଼େ । ଏହି ପ୍ରସଙ୍ଗରେ ସେ ପିଲାଙ୍କ ମହାଭାରତ ଗ୍ରନ୍ଥରେ ସୂଚନା ଦେଇ ପ୍ରକାଶ କରିଛନ୍ତି –"ମୁଁ ପିଲାମାନଙ୍କ ପାଇଁ ଏ ପୁସ୍ତକ ଲେଖିଛି । ମହାଭାରତ ପୁସ୍ତକ ପିଲାମାନଙ୍କପାଇଁ ଲେଖିବା ବଡ଼ ସହଜକଥା ନୁହେଁ । ମୁଁ ଏ ପୁସ୍ତକ ଲେଖିବାନିମିତ୍ତ ପିଲାମାନଙ୍କ ପାଇଁ ଲେଖା ହୋଇଥିବା ଅନେକ ମହାଭାରତ ଖୋଜି ଦେଖିଥିଲି; କିନ୍ତୁ ଦେଖିଲି ଅଧିକାଂଶ ପୁସ୍ତକ ମୂଳ ଗ୍ରନ୍ଥ ଗୁଡ଼ିକ ଇଚ୍ଛାନୁସାରେ ଲେଖା ହୋଇଅଛି । ବଙ୍ଗଳାର 'ଛେଲେଦେର ମହାଭାରତ' ଓ ଇଂରାଜୀରେ 'The story of the great war' ଏହି ଦୁଇଖଣ୍ଡି ପୁସ୍ତକ ମୂଳଗ୍ରନ୍ଥଧରି ଲେଖା ହୋଇଥିବାର ଦେଖି ସେହି ଦୁଇଗ୍ରନ୍ଥକୁ ଆଦର୍ଶ ଧରି ମୁଁ ଏ ପୁସ୍ତକ ଲେଖିଛି । ତେଣୁ ଏହି ଗ୍ରନ୍ଥକାର-ମାନଙ୍କଠାରେ ମୁଁ କୃତଜ୍ଞ ।

ବଙ୍ଗଳା ପୁସ୍ତକର ଅନେକ ବର୍ଣ୍ଣନା ପିଲାମାନଙ୍କ ପାଇଁ ବୃଥା ଓ ଅପଥ୍ୟ ବୋଧହେଲା ଏବଂ ରୁଚିବିରୁଦ୍ଧ କଥା ନହେବା ଯତ୍ନରେ ବଙ୍ଗଳା

Digitized by srujanika@gmail.com

ଗ୍ରନ୍ଥକାର ଅନେକ ବିଷୟ ଏକାବେଳକେ ଭିନ୍ନ ରୂପରେ ପ୍ରକାଶ କରିଛନ୍ତି । ପୁଣି ଇଂରେଜ ଗ୍ରନ୍ଥରେ ଅନେକ ଉପଦେଶ ଓ ଉପଦେଶର ବ୍ୟାଖ୍ୟା ଅଛି । ତାହା ପିଲମାନଙ୍କ ପକ୍ଷେ ଆଦୌ ଉପଯୋଗୀ ହେଲନାହିଁ । ପିଲମାନଙ୍କୁ ଇତିହାସ ପୁରାଣାଦି କଥା କହିଲବେଳେ କୌଣସି ପ୍ରକାର ସାକ୍ଷାତ ଉପଦେଶ ଦ୍ୱାରା ତାଙ୍କ ମନକୁ କୌଣସିଆଡ଼େ ଟାଣି ଭର୍ତ୍ତିକରିବା ମୋ ମତେ ଉଚିତ ନୁହେଁ । ଆହୁରି ମଧ୍ୟ ଇଂରେଜ ଗ୍ରନ୍ଥକାର ମୂଳର ଅନୁକରଣ କରିବାକୁ ଯାଇ ବେଳେବେଳେ ଶିଶୁର ଆକାଙ୍‌କ୍ଷା ଓ ରୁଚିପ୍ରତି ଜମା ଲକ୍ଷ୍ୟ ରଖି ନାହାନ୍ତି । ମୁଁ ଏ ପୁସ୍ତକରେ ଏ ଦୁଇଟି ପନ୍ଥା ଗ୍ରହଣ କରିଅଛି । ମୁଁ ଦଶବର୍ଷରୁ ଅଧିକକାଳ ଶିଶୁମାନଙ୍କର ଶିକ୍ଷକଥାଇ, ଶିଶୁମାନଙ୍କ ପାଇଁ ଯେପରି ଏସବୁ କଥା ଲେଖା ହେବା ଉଚିତ ବୋଲି ବୁଝିଛି, ସେହିପରି ଲେଖିବାକୁ ଚେଷ୍ଟା କରିଛି ।" (୮)

ସୁତରାଂ ପଣ୍ଡିତ ନୀଳକଣ୍ଠ ଶିଶୁସାହିତ୍ୟ ରଚନା କରିବା ନିମିତ୍ତ ଭିନ୍ନ ଭିନ୍ନ ଭାଷାର ଏକାଧିକ ପୁସ୍ତକ ପାଠ କରିଛନ୍ତି ଏବଂ ଶିଶୁ ଉପଯୋଗୀ ବିଷୟମାନ ଗ୍ରହଣକରି ତାହାକୁ ଶିଶୁ ସୁଲଭ ଭଙ୍ଗୀରେ ଉପସ୍ଥାପନ କରିଛନ୍ତି ।

ଅନେକ ସମୟରେ ପ୍ରଶ୍ନ ପଚାରିବା ଆଳରେ ଶିଶୁମାନଙ୍କୁ ପଣ୍ଡିତ ନୀଳକଣ୍ଠ ପୁରାଣର ଅନେକ କାହାଣୀ ଶୁଣାଇଛନ୍ତି; ଯାହା ଶିଶୁମାନଙ୍କ ନିମନ୍ତେ ଏକାନ୍ତ ଉପଯୋଗୀ ମନେହୋଇଛି । ଏହିପରି ଏକ କାହାଣୀ-ହେଲ "ମହାଭାରତର ଧର୍ମବକ କଥା ।" ଏହି କହାଣୀ ପ୍ରସଙ୍ଗରେ ଯୁଧିଷ୍ଠିରଙ୍କୁ ଯକ୍ଷ ବହୁ ପ୍ରଶ୍ନ ପଚାରିଛି ଏବଂ ଯୁଧିଷ୍ଠିର ସେହି କାହାଣୀରେ ଉତ୍ତର ଦେଇଛନ୍ତି । ଉଦାହରଣ ସ୍ୱରୂପ—

ଯକ୍ଷ ପଚାରିଲା, ପୃଥିବୀଠାରୁ ଭାରୀ କିଏ ? ସ୍ୱର୍ଗଠାରୁ ଉଚ୍ଚ କିଏ ? ପବନଠାରୁ ବେଗରେ ଯାଏ କିଏ ? ଘାସଠାରୁ ସଂଖ୍ୟା ବେଶି କାହାର ?

ଯୁଧିଷ୍ଠିର କହିଲେ, ମାତା ପୃଥିବୀଠାରୁ ଭାରୀ, ପିତା ସ୍ୱର୍ଗଠାରୁ ଉଚ୍ଚ, ମନ ପବନଠାରୁ ବେଗରେ ଯାଏ, ଚିନ୍ତାର ସଂଖ୍ୟା ଘାସଠାରୁ ବେଶି । (୯)

---

(୮) ନୀଳକଣ୍ଠ ଗ୍ରନ୍ଥାବଳୀ, ୨ୟ ଖଣ୍ଡ (ପ୍ରଥମ ସଂ—୧୯୬୫), ପିଲଙ୍କ ମହାଭାରତ (ବକ୍ତବ୍ୟ । )

(୯) ନୀଳକଣ୍ଠ ଗ୍ରନ୍ଥାବଳୀ, ୨ୟ ଖଣ୍ଡ (ପ୍ରଥମ ସଂ—୧୯୬୫)

Digitized by srujanika@gmail.com

ଏହି ପ୍ରସଙ୍ଗ ବାସ୍ତବିକ ଶିଶୁ ଉପଯୋଗୀ ହୋଇଛି ।

ପିଲାଙ୍କ ଭାଗବତ ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ କଂସର ମରଣ ଭୟ, ଶ୍ରୀକୃଷ୍ଣ ଜନ୍ମ ପ୍ରଭୃତିଠାରୁ କଥୋପକଥନ ଶୈଳୀରେ ପୁରାଣର ଆରମ୍ଭ କରିଛନ୍ତି । ଶ୍ରୀକୃଷ୍ଣ ଜନ୍ମ ହେବାର ମାତ୍ର ପାଞ୍ଚ ଛଅ ବର୍ଷ ମଧ୍ୟରେ ଯେଉଁ ଅଲୌକିକ କାର୍ଯ୍ୟ କରିଛନ୍ତି ତାହା ପଣ୍ଡିତ ନୀଳକଣ୍ଠ 'ପିଲାଙ୍କ ଭାଗବତ' ପର୍ଯ୍ୟାୟରେ ସରଳ ଓ ମଧୁର ଭାଷାରେ ଶିଶୁମାନଙ୍କୁ ବୁଝାଇ ଦେଇଛନ୍ତି । ଶ୍ରୀକୃଷ୍ଣର ମଦପ ଝି ତାର ପ୍ରାଣ ନାଶ କରିବା ନିମିତ୍ତ ଆସିଥିବା ପୂତନା, ତୃଣା ପ୍ରଭୃତି ରାକ୍ଷସୀମାନଙ୍କୁ ସେ ସେମାନଙ୍କ କୁଟିଳ ବୁଦ୍ଧି ପାଇଁ ବିନାଶ କରିଛନ୍ତି । ବୃନ୍ଦାବନକୁ ଆସିବାବେଳେ ଶ୍ରୀକୃଷ୍ଣ ଟିକିଏ ବଡ଼ ହୋଇଯାଇ-ଥିବାରୁ ବୃନ୍ଦାବନର ଗୋପାଳବାଳକମାନଙ୍କ ସହିତ ବନରେ ଭ୍ରମଣକରି ସେ ବଂଶିବାଦନ କରିଛନ୍ତି । ବାଛୁରିମାନଙ୍କୁ ଚରିବାକୁ ଛାଡ଼ିଦେଇ ଗୋପାଳ ବାଳକମାନଙ୍କ ସଙ୍ଗେ କେତେ ପ୍ରକାର ବେଶଧରି ସେ ବିଭିନ୍ନ କୌତୁକରେ ମାତିଛନ୍ତି । ଫୁଲତୋଳି ଆପଣା ଆପଣା ମଧ୍ୟରେ ଫିଙ୍ଗାଫିଙ୍ଗି ହୋଇଛନ୍ତି । କେତେବେଳେ ପାଦର ନୂପୁରରେ ରୁଣୁଝୁଣୁ ଧ୍ୱନି ସୃଷ୍ଟିକରି ନାଚିଛନ୍ତି । ପୁଣି କେତେବେଳେ ଷଣ୍ଢର ଅଭିନୟ କରି ଲଢ଼ା ଲଢ଼ି ହୋଇଛନ୍ତି । (୧୯)

ପଣ୍ଡିତ ନୀଳକଣ୍ଠଙ୍କ ଉପର୍ଯ୍ୟୁକ୍ତ ବର୍ଣ୍ଣନା ମଧ୍ୟରେ ଗଭୀର ଶିଶୁ-ପ୍ରୀଣତା ଲକ୍ଷ୍ୟକରାଯାଏ । ଭାଗବତର ଅତ୍ୟନ୍ତ କଠୋର, ଭାବଗମ୍ଭୀର ଓ ଜ୍ଞାନତତ୍ତ୍ୱକୁ ସୁମଧୁର—ସାବଲୀଳ—ସୁଲଳିତ ଭାଷାରେ ସରଳ ଶିଶୁମାନଙ୍କୁ ବୁଝାଇଦେବାରେ ତାଙ୍କର ପାଣ୍ଡିତ୍ୟ ବାରିହୋଇପଡ଼େ ।

ପ୍ରାଚୀନ କାଳରେ ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ସୁମଧୁର ସମ୍ପର୍କ ଥିଲା । ଗୁରୁ ଶିଷ୍ୟମାନଙ୍କୁ ତାଙ୍କ ଆଶ୍ରମରେ ଶିକ୍ଷା ଦାନ କରୁଥିଲେ । ଶିଷ୍ୟମାନଙ୍କୁ ଯେ ଉଚିତ ଶିକ୍ଷାଦେବା ପୂର୍ବରୁ ବହୁ ପରୀକ୍ଷାର ସମ୍ମୁଖୀନ କରି ତାଙ୍କ ଧୈର୍ଯ୍ୟର ସୀମା କଳନା କରୁଥିଲେ । ଶିଷ୍ୟମାନଙ୍କ ଧୈର୍ଯ୍ୟ ଓ ସାହସ ଦେଖି ଗୁରୁ ସେମାନଙ୍କ ଉପରେ ଆନନ୍ଦ ପ୍ରକାଶ କରୁଥିଲେ । ଗୁରୁଙ୍କ ଆଜ୍ଞା ପାଳନ କରି ଶିଷ୍ୟମାନେ ଘୋର ଅନ୍ଧକାର ରଜନୀରେ ଏପରିକି ବର୍ଷାସିକ୍ତ ରାତିରେ ମଧ୍ୟ ନିବିଡ଼ ବନରୁ ଶୁଷ୍କ କାଷ୍ଠ ଆଣିବାପାଇଁ ପଶ୍ଚାଦପଦ ହେଉନଥିଲେ । ଶିଷ୍ୟମାନଙ୍କର ଏତାଦୃଶ ଧୈର୍ଯ୍ୟ ଓ ସାହସ ଦେଖି ଗୁରୁଙ୍କର ଚକ୍ଷୁ ଆର୍ଦ୍ର ହୋଇ ଉଠୁଥିଲା । ସୁତରାଂ ସେ ଶିଷ୍ୟମାନଙ୍କ

Digitized by srujanika@gmail.com

କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରି ତାଙ୍କୁ ଆଶୀର୍ବାଦ କରୁଥିଲେ । ଏହି ଗୁରୁ-ଶିଷ୍ୟ ପ୍ରସଙ୍ଗ ପଣ୍ଡିତ ନୀଳକଣ୍ଠ 'ପିଲାଙ୍କ ଭାଗବତ'ର 'ସୁଦାମା ଦରିଦ୍ର ଭଞ୍ଜନ' ପ୍ରସଙ୍ଗରୁ ଆଣି ଶିଶୁମାନଙ୍କୁ ଶୁଣାଇଛନ୍ତି । ଗୁରୁ ସାନ୍ଦୀପନୀ ଶିଷ୍ୟ ଶ୍ରୀକୃଷ୍ଣ, ଶ୍ରୀରାମ, ସୁଦାମା ପ୍ରଭୃତିଙ୍କର ସେବାରେ ମୁଗ୍ଧହୋଇ ତାଙ୍କୁ ଆଶୀର୍ବାଦ କରିଛନ୍ତି । ଏହି ପ୍ରସଙ୍ଗ ବର୍ଣ୍ଣନା କରିବାର ଅନ୍ତରାଳରେ ଶିଶୁ-ମାନଙ୍କୁ ଗୁରୁ ଶିଷ୍ୟ ମଧ୍ୟରେ ଥିବା ସୁସମ୍ପର୍କ ସମ୍ବନ୍ଧରେ ସଚେତନ କରାଇବା ପଣ୍ଡିତ ନୀଳକଣ୍ଠଙ୍କ ଲକ୍ଷ୍ୟଥିଲା ।

'ପିଲାଙ୍କ ରାମାୟଣ' ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ ଶିଶୁମାନଙ୍କୁ ପିତୃଭକ୍ତ ରାମଙ୍କପରି ହେବାକୁ ଉପଦେଶ ଦେଇଛନ୍ତି । ରାମଚନ୍ଦ୍ର ଥିଲେ ଦଶରଥଙ୍କର ପୁତ୍ର ଓ ଅଯୋଧ୍ୟାର ମହାରାଜ । ଅବସ୍ଥାଚକ୍ରରେ ପଡ଼ି ସେ ପିତାଆଜ୍ଞା ପାଳନକରି ଚଉଦବର୍ଷ ବନବାସୀ ହୋଇଥିଲେ । ବନବାସ ସମୟରେ ସେ ବହୁ ବିପଦର ସମ୍ମୁଖୀନ ହୋଇଥିଲେ ମଧ୍ୟ ପିତାଙ୍କ ଆଜ୍ଞାକୁ ଅଗ୍ରାହ୍ୟ କରିପାରିନଥିଲେ । ରାମଚନ୍ଦ୍ର ରଘୁବଂଶଜ ହୋଇଥିଲେ ମଧ୍ୟ ଦରିଦ୍ରମାନଙ୍କ ପ୍ରତି ତାଙ୍କର ଗଭୀର ଆନ୍ତରିକତା ଥିଲା । ସ୍ୱଭାବ ଥିଲା ତାଙ୍କର ଅତ୍ୟନ୍ତ ସରଳ । ଦରିଦ୍ର, ନିରନ୍ନ ଜନତାଙ୍କ ପାଇଁ ତାଙ୍କ ପ୍ରାଣ ସର୍ବଦା କାନ୍ଦଉଠୁଥିଲା ।

ସୁତରାଂ ପଣ୍ଡିତ ନୀଳକଣ୍ଠ ଶିଶୁମାନଙ୍କୁ ବିଭିନ୍ନ ବିଷୟ ଶିକ୍ଷାଦେବା ପ୍ରସଙ୍ଗରେ ଉତ୍କଳ ତଥା ଭାରତର ଇତିହାସ, ପୁରାଣ, ଉତ୍କଳର ପ୍ରାକୃତିକ ଭୂଗୋଳ, କିମ୍ବଦନ୍ତୀ, ଲୋକକଥା, ମହାପୁରୁଷଙ୍କ ଜୀବନୀ ପ୍ରଭୃତିର ଆଶ୍ରୟ ନେଇ ତାଙ୍କ ଶିଶୁ ସାହିତ୍ୟକୁ ଓଡ଼ିଆ ଶିଶୁସାହିତ୍ୟ ଭଣ୍ଡାରରେ ଉପନୀତ କରିବାର ଗୌରବ ଅର୍ଜନ କରିପାରିଛନ୍ତି — ଏଥିରେ ଦ୍ୱିମତ ନାହିଁ ।

●

Digitized by srujanika@gmail.com

# ଓଡ଼ିଆ ଅନୁବାଦ ସାହିତ୍ୟ ଓ ପଣ୍ଡିତ ନୀଳକଣ୍ଠ

ଅନୁବାଦ ନିନ୍ଦନୀୟ ନୁହେଁ । ଅନୁବାଦ ଦ୍ୱାରା ସାହିତ୍ୟ ଜଗତରେ ଭାବର ଆଦାନ ପ୍ରଦାନ ହୁଏ, ସାହିତ୍ୟ ସମୃଦ୍ଧ ହୁଏ, ପୃଥିବୀର ଏକ ଭାଷା ପରିବାର ଅନ୍ତର୍ଗତ ବ୍ୟକ୍ତି ଅନ୍ୟ ଭାଷାର ପୁସ୍ତକ ପଢ଼ିବାର ସୁଯୋଗ ପାଏ । ସୁତରାଂ ଅନୁବାଦ ମଧ୍ୟରେ କବି ମୌଳିକତା ଆନୟନ କରି କବି କର୍ମର ଶ୍ରେଷ୍ଠ ନିଦର୍ଶନ ପ୍ରତିପାଦିତ କରେ । ଏହିଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ଓଡ଼ିଆ ଅନୁବାଦ ସାହିତ୍ୟର ପରମ୍ପରା ବହୁ ପ୍ରାଚୀନ । ମାଟିର ମହାକବି ସାରଳାଦାସଙ୍କ 'ଓଡ଼ିଆ ମହାଭାରତ' ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଛାୟାରେ ରଚିତ ଓ ଜଗନ୍ନାଥଙ୍କ ଭାଗବତ ବ୍ୟାସଦେବଙ୍କ ଭାଗବତର ମର୍ମାନୁବାଦ ହେଲେ ମଧ୍ୟ ଏହି ପୁରାଣ ସାହିତ୍ୟ ମଧ୍ୟରେ କବି କର୍ମର ମୌଳିକ ଦୃଷ୍ଟି ସ୍ପଷ୍ଟ ପ୍ରତିପ୍ରମାଣ ହୋଇଥାଏ ।

ବିଗତ ଶତାବ୍ଦୀରେ ଓଡ଼ିଆ ଅନୁବାଦ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲକ୍ଷ୍ୟ କରାଯାଏ । ବିଗତ ଶତାବ୍ଦୀର ବହୁ ସାହିତ୍ୟିକ ସଂସ୍କୃତ ସାହିତ୍ୟ ତଥା ପାଶ୍ଚାତ୍ୟ ସାହିତ୍ୟାନୁକରଣରେ ସେମାନଙ୍କ ସୃଷ୍ଟି ସମୃଦ୍ଧ କରିଛନ୍ତି । ଊନବିଂଶ ଶତାବ୍ଦୀରେ କବିବର ରାଧାନାଥ ଥିଲେ ଏହି ପଥର ପଥିକୃତ ସାହିତ୍ୟ ସାଧକ । ସେ ତାଙ୍କ କାବ୍ୟ ରଚନା ନିମିତ୍ତ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟାନୁଶୀଳନ କରିଛନ୍ତି । ତାଙ୍କ ପରେ ରାମଶଙ୍କର ରାୟ, ମଧୁସୂଦନ ରାଓ, ବିଶ୍ୱନାଥ କର ପ୍ରମୁଖ ସାହିତ୍ୟିକ ଏହି ପଥର ଯାତ୍ରୀ ହୋଇଥିଲେ ମଧ୍ୟ ସେମାନଙ୍କ ସାହିତ୍ୟକୃତିରେ ମୌଳିକତା ପରିଲକ୍ଷିତ ହୋଇଥିଲା ।

ସତ୍ୟବାଦୀ ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ ଏହି ଧାରାରେ ବହୁ ଭାବରେ ଆକୃଷ୍ଟ ହୋଇପଡ଼ିଥିଲେ ହେଁ ଆହରଣରେ ନିଜସ୍ୱକରଣ ଓ ସେଥିରେ ମୌଳିକତା ଆରୋପଣ ତାଙ୍କ ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ । ଆହରଣ ସମ୍ପର୍କରେ ତେଣୁ ସେ କହନ୍ତି—"ଆହରଣ ଜୀବନର ଲକ୍ଷଣ,

Digitized by srujanika@gmail.com

କାଠରେ ଲେପ ଦେଲେ ତା’ ମୋଟା, ସୁନ୍ଦର, ଚକ୍‌ଚକ୍ ହୁଏ । ମାତ୍ର ସେଥିରେ କାଠ ବଢ଼େ ନାହିଁ, ସେ ବୃଦ୍ଧି କାଠର ନୁହେଁ । ତାକୁ କାଠର ବିକାଶ ବା ପରିଣାମ ବୋଲି କୁହାଯାଏ ନାହିଁ । ଦେହରେ ଖାଦ୍ୟବୋଳି-ହେଲେ ଦେହ ବଢ଼େନାହିଁ । ଖାଦ୍ୟର ଆହରଣରେ ଦେହକୁ ବଢ଼ାଇବାକୁ ହୁଏ । ଆହରଣରେ ପୁଣି ଯା’ଇଚ୍ଛା ତା ଖାଆନ୍ତି ନାହିଁ । ଯାହା ହଜମ ହୋଇ ଦେହରେ ଲାଗେ, ତାକୁଇ ଖାଆନ୍ତି । ଏଇଠାରେ ଆହରଣର ନିର୍ବାଚନ । ଏଇ ଆହରଣ ଓ ଏଇ ନିର୍ବାଚନ ଜୀବନ ଓ ବ୍ୟକ୍ତିତ୍ୱର ଲକ୍ଷଣ । ଏଥିରେ ହିଁ ଶ୍ରୀବୃଦ୍ଧି ହୁଏ ।’’ (୧) ଅତଏବ ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ପଣ୍ଡିତ ନୀଳକଣ୍ଠ ପ୍ରାଚୀନ ଭାରତୀୟ ତଥା ଉତ୍କଳର ଇତିହାସ ଓ ପୁରାଣ ପ୍ରତି ସଚେତନ ରହି ତାଙ୍କ ସୃଷ୍ଟିର ନବ ନବ ଦ୍ୱାର ଉନ୍ମୋଚନ କରିଥିଲେ । ଏତଦ୍‌ବ୍ୟତୀତ ଭାବଗାମ୍ଭୀର୍ଯ୍ୟ, ଭାଷା ଗାମ୍ଭୀର୍ଯ୍ୟ, ଛନ୍ଦ ଓ ପଦ-ବିନ୍ୟାସ ଦୃଷ୍ଟିରୁ ମଧ୍ୟ ସେ ତାଙ୍କ ସାହିତ୍ୟ ସୃଷ୍ଟିରେ ଆହରଣ ମଧ୍ୟରେ ମୌଳିକତା ଆନୟନ କରିଥିଲେ ।

‘ପ୍ରଣୟିନୀ’ର କାବ୍ୟାନୁବାଦ ସମ୍ପର୍କରେ କବି କହନ୍ତି—‘‘ରେଭେନ୍‌ସା କଲେଜର ଅଧ୍ୟାପକ ପୂଜନୀୟ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଗଙ୍ଗୋପାଧ୍ୟାୟ ଏମ୍‌. ଏ. ଙ୍କ ପାଖେ ମୁଁ ଟେନିସଙ୍କ ‘ପ୍ରିନ୍‌ସେସ’ ପଢ଼ିବାବେଳେ ମୋର ଯେ ଗ୍ରନ୍ଥପ୍ରତି ଯେଉଁ ଆଦର ଓ ଆଗ୍ରହ ଜନ୍ମିଥିଲା, ତାହାର ଫଳରେ ମୁଁ ଏ ପୁସ୍ତକ ପ୍ରକାଶ କରିବାକୁ ସମର୍ଥ ହେଲି । × × ପ୍ରସିଦ୍ଧ କବି ଟେନିସନ୍‌ଙ୍କ ପ୍ରଣୀତ ପ୍ରିନ୍‌ସେସ୍ ନାମକ କୌତୁକ କାବ୍ୟ ଅବଲମ୍ବନରେ ଏ ପୁସ୍ତକଟି ରଚିତ ହୋଇଅଛି ।’’

କାବ୍ୟଟି ମୂଳ ଇଂରାଜୀ କାବ୍ୟ ‘ପ୍ରିନ୍‌ସେସ୍’ର ଅନୁବାଦ ହୋଇ-ଥିଲେ ମଧ୍ୟ ଏହାର ପଦ ସଂରଚନା ଓ ପଦ ସଂଯୋଜନାରେ କାବ୍ୟପୁରୁଷଙ୍କ ବୈଶିଷ୍ଟ୍ୟ ସ୍ୱୀକାର କରାଯାଇଥାଏ । ଟେନିସନ୍‌ଙ୍କ The Princess’ର ପାଦ ସଂଖ୍ୟା ତିନି ହଜାରରୁ ଅଳ୍ପ ଅଧିକ ହୋଇଥିଲାବେଳେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରଣୟିନୀର ପାଦ ସଂଖ୍ୟା ସାଢ଼େ ପାଞ୍ଚ ହଜାରରୁ ଅଧିକ । ଏତଦ୍‌ଭିନ୍ନ କାବ୍ୟାନ୍ତର୍ଭୁକ୍ତ ପ୍ରାରମ୍ଭ ଭାଷଣ, ପ୍ରାନ୍ତ ଭାଷଣ, ପ୍ରତ୍ୟେକ ସର୍ଗ ପୂର୍ବବର୍ତ୍ତୀ ସଂଯୋଜିତ ଗୀତ କବିଙ୍କ କାବ୍ୟକୁଶଳତାର ମୌଳିକ ସ୍ୱାକ୍ଷର ବହନ କରୁଛି ।

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ, ୩ୟ ଖଣ୍ଡ, ଓଡ଼ିଆ ସାହିତ୍ୟର କ୍ରମପରିଣାମ ପୃ-୬୮ ।

Digitized by srujanika@gmail.com

ଇଂରେଜ କବି Tennyson ତାଙ୍କ କାବ୍ୟ ପ୍ରାରମ୍ଭରେ ଗ୍ରୀଷ୍ମ ଋତୁର ଚଞ୍ଚଳ ବର୍ଣ୍ଣନା କରିଥିବା ବେଳେ କବି ଗୋଲକଣ୍ଡ ତାଙ୍କ 'ପ୍ରଣୟିନୀ' କାବ୍ୟର ଓଜସ୍ୱିନୀପୁର ଗ୍ରାମ୍ୟ ଜନପଦର ପ୍ରାକୃତିକ ଚିତ୍ର ପ୍ରଦାନ କରିଛନ୍ତି । ପୁନଶ୍ଚ ପ୍ରାଚୀନ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟର ବର୍ଣ୍ଣନା କରିଛନ୍ତି ।

"କରନ୍ତି ପଠନପାଠ, ନାନାଶିକ୍ଷା ଲାଗି
ବସାଂନ୍ତି ନାଳନ୍ଦାସମ ମହାବିଦ୍ୟାଳୟ । (୨)

ଏହାସତ୍ତ୍ୱେ ଇଂରେଜ କବି Tennysonଙ୍କ 'The Princess' କାବ୍ୟ ଅନ୍ତର୍ଭୁକ୍ତ କେତେକ ପଂକ୍ତି କବି ଗୋଲକଣ୍ଡଙ୍କ 'ପ୍ରଣୟିନୀ' କାବ୍ୟ ଅନ୍ତର୍ଗତ କେତେକ ପଂକ୍ତି ସହିତ ସାମଞ୍ଜସ୍ୟ ରକ୍ଷାକରେ, ଯହିଁରୁ ପଣ୍ଡିତ ଗୋଲକଣ୍ଡଙ୍କ ଆହରଣ ପ୍ରବଣତା ସ୍ୱୀକାର କରାଯାଏ ।

ପ୍ରଣୟିନୀ— "ଉଠିଲୁ ଉପରେ ଚନ୍ଦ୍ର ଉପକଣ୍ଠ ତେଜ
ତରଙ୍ଗିନୀ-ଗିରିଦେହେ, ଗିରି-ନିର୍ଝରିଣୀ
ମୋହନ ପ୍ରପାତେ ଚହିଁ ପଡ଼ୁଥିଲା ଝପି
ଗୁରୁନାଦେ ଉପଳିତ-ଶବଳ ବାରିହେ । (୩)"

The Princess –
To plunge in Sataract
Shattering an black blocks.
A breadth of thunder
O'er it shook in woods. (୪)

ପଣ୍ଡିତ ଗୋଲକଣ୍ଡଙ୍କ 'ଦାସନାୟକ' କାବ୍ୟ ଇଂରେଜ କବି Tennysonଙ୍କ 'ଇନକ୍ଆର୍ଡେନ' କାବ୍ୟ ଛାୟାରେ ରଚିତ । କବି ହଜାରିବାଗ ଜେଲରେ ଥିବାବେଳେ Tennysonଙ୍କ 'ଇନକ୍ଆର୍ଡେନ' କାବ୍ୟ ପଢ଼ିଥିଲେ । ଏକାକୀ ସମୟ ଯାପନ ପାଇଁ ବିରକ୍ତିକର ବୋଧହେବାରୁ ବେଳେ ବେଳେ କିଛି କିଛି ଲେଖାଲେଖି ପାଇଁ ଅଭ୍ୟାସ କରି କବି

(୨) ଗୋଲକଣ୍ଡ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ—୧୯୭୫), ପୃ-୨୦୪ ।
(୩) ଗୋଲକଣ୍ଡ ଗ୍ରନ୍ଥାବଳୀ ୧ମ ଖଣ୍ଡ (୨ୟ ସଂ—୧୯୭୫),
ପୃ—୨୩୮-୨୩୯ ।
(୪) Tennyson—Tennyson's Poems and plays—P. 171.

Digitized by srujanika@gmail.com

'ଇନକଆଡ଼େନ' କାବ୍ୟ ଆଶ୍ରୟରେ 'ଦାସନାଏକ' କାବ୍ୟ ରଚନା କରିଛନ୍ତି ।

ଟେନିସନଙ୍କ 'ଇନକ୍ଆଡ଼େନ' କାବ୍ୟନାୟକ Encho । ସେ ନୀଳକଣ୍ଠଙ୍କ କାବ୍ୟନାୟକ ଦାସ ପରି ଅତ୍ୟନ୍ତ ଗରିବ । ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟଟି ଅନୁଦିତ ହୋଇଥିବାରୁ Tennysonଙ୍କ Encho ଚରିତ୍ର ପରି ଦାସ ଚରିତ୍ରକୁ ସମୁଦ୍ର ଉପକୂଳବର୍ତ୍ତୀ କୌଣସି ଏକ ଗ୍ରାମୀଣ ପରିବେଶ ମଧ୍ୟରେ ପାଳନ କରିଛନ୍ତି । ପୁନଶ୍ଚ ଭାଷାନ୍ତର ସମୟରେ କବି ନୀଳକଣ୍ଠ ସ୍ୱାଧୀନଭାବେ ପରି ଉତ୍କଳର ପ୍ରାକୃତିକ ପରିବେଶ ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କରିଛନ୍ତି । ଫଳତଃ ତାଙ୍କର ଋତୁବର୍ଣ୍ଣନା ଅତ୍ୟନ୍ତ ମନୋରମ ହୋଇଛି ।

"ଗଲା କେତେଦିନ ଏଥନେ ଆସିଲା
ମଧୁଶେଷେ ମାସ ବଇଶାଖ,
ଫୁଲ ଫଳ ଭରା ବନସ୍ତେ ମାତିଲେ
କେତେ ରଙ୍ଗେ ସେହି ଗ୍ରାମପାଖ ।" (୫)

'ଇନକଆଡ଼େନ' କାବ୍ୟରେ କବି Tennyson 'Encho'ର ଈଶ୍ୱର ପ୍ରୀତି ବର୍ଣ୍ଣନା କରିଥିଲେ ମଧ୍ୟ, ତାହାର କୌଣସି ନିର୍ଦ୍ଦିଷ୍ଟ ଦେବଦେବୀ ପ୍ରତି ଭକ୍ତିଭାବ ପ୍ରକାଶ କରିନାହାନ୍ତି । ମାତ୍ର ଦାସନାଏକ କାବ୍ୟର ନାୟକ 'ଦାସ'ର ଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି, ସେଥିରୁ କବିଙ୍କ ମୌଳିକ ଦୃଷ୍ଟି ଲକ୍ଷ୍ୟକରାଯାଏ । ତେଣୁ ପଣ୍ଡିତ ନୀଳକଣ୍ଠ "Where God in man in one with the man-in God" ଉକ୍ତିର ଆକ୍ଷରିକ ଅନୁବାଦ କରିନାହାନ୍ତି । ସେ ତାଙ୍କ ଦାସନାଏକ କାବ୍ୟରେ ପତିତପାବନ ଜଗନ୍ନାଥଙ୍କୁ ନେଇଆସି ଜାତିପ୍ରୀତିର ପରିଚୟ ଦେଇଛନ୍ତି ।

"ଜଗନ୍ନାଥେ ପୁଣି ଅଛନ୍ତି ସବୁଠି
ମନେ ରଖିଥିବ ସବୁବେଳେ,
ସବୁ ଭୟ ଦୁଃଖ ତାଙ୍କରି ଉପରେ
ଫିଙ୍ଗିଦେଇ ରହ ସୁଖେ ଘରେ ।" (୬)

ଉପର୍ଯ୍ୟୁକ୍ତ କାବ୍ୟଦୁଇଟି ବ୍ୟତୀତ କବିଙ୍କ 'କୋଣାର୍କେ' କାବ୍ୟ-ପୁସ୍ତକର ଦ୍ୱିତୀୟ ଭାଗ ମାୟାଦେବୀଙ୍କୁ ମଧ୍ୟ ଛାୟାନୁବାଦର ଅନ୍ତର୍ଭୁକ୍ତ

(୫) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ—୧୯୭୫) ପୃ—୪୭୩ ।
(୬) ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ (୨ୟ ସଂ—୧୯୭୫), ପୃ—୪୭୮ ।

Digitized by srujanika@gmail.com

କହାଯାଇ ପାରେ । କବି ମାୟାଦେବୀ କାବ୍ୟଖଣ୍ଡ ରଚନା କରିବା ପୂର୍ବରୁ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରୁଥିଲାବେଳେ ଏକଦା ଗଡ଼ଜାତ ବୁଲିଯାଇଥିଲେ । ସେଠାରେ ଗୋଟିଏ ଭାଟ ସହିତ ତାଙ୍କର ସାକ୍ଷାତ ଓ କଥୋପକଥନ ହୋଇଥିଲା । ଏହି କଥୋପକଥନ ମଧ୍ୟରେ ତାଙ୍କ ମନୋରାଜ୍ୟରେ ସୁପ୍ତଥିବା ଇଂରେଜ କବି Sir Walter Scottଙ୍କ 'ଶେଷ-ବନ୍ଦି ଭାରଣ୍ଡି' (Lay of the last ministrel) କଥା ହଠାତ୍ ମନେପଡ଼ି ଯାଇଥିଲା । ଇଂରେଜ କବି Scott ଜଣେ ଭାଟ (Bard)ଙ୍କୁ ଦେଖି କାବ୍ୟ ରଚନା କରିଥିଲେ । ସୁତରାଂ ତାଙ୍କର ପଦାଙ୍କ ଅନୁସରଣ କରି କବି ନୀଳକଣ୍ଠ କୋଣାର୍କେ କାବ୍ୟର ଦ୍ୱିତୀୟ ଭାଗ 'ମାୟାଦେବୀ' ରଚନା କଲେ ।

ପିଲାଙ୍କ ଗୀତ ପର୍ଯ୍ୟାୟରେ ଏକାଧିକ କବିତାର ସାରମର୍ମ ପଣ୍ଡିତ ନୀଳକଣ୍ଠ ପାଶ୍ଚାତ୍ୟ ସାହିତ୍ୟରୁ ଆହରଣ କରିଛନ୍ତି । ଏହି କବିତାମାନଙ୍କ ମଧ୍ୟରେ 'ମାଛି ଓ ବୁଢ଼ିଆଣୀ' ଅନ୍ୟତମ । 'ମାଛି ଓ ବୁଢ଼ିଆଣୀ' କବିତାଟି ଇଂରାଜୀ କବିତା 'The Spider and Bee'ର ମର୍ମାନୁବାଦ । କବି ନୀଳକଣ୍ଠ ଇଂରାଜୀ ସାହିତ୍ୟରୁ ବିଷୟ ନିର୍ବାଚନ କରି ତାହାକୁ ଉତ୍କଳୀୟ ଜନଜୀବନ ବିଶ୍ଳେଷକର ଉତ୍କଳୀୟ ଶିଶୁଉପଯୋଗୀ କରିବା ନିମିତ୍ତ କବିତାର ଭାଷାକୁ ସରଳ ଓ ସୁଖପାଠ୍ୟ କରିଛନ୍ତି । ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ 'ବେଙ୍ଗ ଓ ବୁଢ଼ିଆଣୀ' ମଧ୍ୟ କବି ନୀଳକଣ୍ଠଙ୍କ ଏକ ଅନୂଦିତ କବିତା ।

କବିଙ୍କ ଭକ୍ତିଗାଥା ଅନ୍ତର୍ଭୁକ୍ତ ବହୁ କବିତା ସଂସ୍କୃତ କାବ୍ୟରୁ ଅନୂଦିତ ହୋଇଛି । ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଅନୂଦିତ କବିତା ମଧ୍ୟରେ 'ଉପାସନା' ପ୍ରଧାନ । ତାହା ନିମ୍ନଭାବେ ଦର୍ଶାଇ ଦିଆଯାଇଛି ।

ଉପାସନା—"ଜ୍ଞାନମୟ ଲୋକେଶ୍ୱର ମଙ୍ଗଳ ନିଦାନ
ସର୍ବବ୍ୟାପୀ ତବାଦେଶେ ଚରାଚର ହିତେ
ତବ ପ୍ରୀତି—ଅର୍ଥେ ପ୍ରଭୋ ଆଚରେ ସତତ
କର୍ମମୟ ପୁଣ୍ୟମୟ ସଂସାର ସଂଗ୍ରାମ ।"

ମୂଳସଂସ୍କୃତ— ଓଁ ଲୋକେଶ ଚୈତନ୍ୟମୟାଧିଦେବ
ମଙ୍ଗଲ୍ୟ ବିଷ୍ଣୋ ଭବଦାଜ୍ଞୟୈବ
ହିତାୟ ଲୋକସ୍ୟ ତବ ପ୍ରିୟାର୍ଥଂ
ସଂସାର ଯାତ୍ରା ମନୁବର୍ତ୍ତୟିଷ୍ୟେ ।"

Digitized by srujanika@gmail.com

ସଂସ୍କୃତ କାବ୍ୟରୁ ଆଲୋଚ୍ୟ ଅନୂଦିତ ଭକ୍ତଗାଥା ରଚନା କରିବାରେ କବିଙ୍କ ସତ୍ୟବାଦୀ ବନବିଦ୍ୟାଳୟର ପରୋକ୍ଷ ପ୍ରେରଣା ଥିଲା । ଏହି ପ୍ରେରଣା ତତ୍କାଳୀନ ଛାତ୍ରମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିଲା । ଛାତ୍ରମାନେ ଜୀବନ ସଦ୍‌ଗୁଣ ସମ୍ପନ୍ନ, ଚରିତ୍ରବାନ ଓ ନିଷ୍ଠାବାନ ହେବେ ଏହାହିଁ ଥିଲା ପଣ୍ଡିତ ନୀଳକଣ୍ଠଙ୍କର ଲକ୍ଷ୍ୟ । ଏହି ଅଭିଲକ୍ଷ୍ୟରେ ସେ ତତ୍ପରମତି ଶିଶୁ-ମାନଙ୍କପାଇଁ ବହୁ ଶିକ୍ଷଣୀୟ ବିଷୟମାନ ଓଡ଼ିଆରେ ଅନୂଦିତ କରିଥିଲେ ।

ଶିଶୁମାନଙ୍କପାଇଁ ପିଲାଙ୍କ ରାମାୟଣ, ପିଲାଙ୍କ ଭାଗବତ, ପିଲାଙ୍କ ମହାଭାରତ ରଚନା କଲାବେଳେ ନୀଳକଣ୍ଠ ବହୁ ସଂସ୍କୃତ ଗ୍ରନ୍ଥ, ଇଂରେଜୀ-ଗ୍ରନ୍ଥ ତଥା ପ୍ରାଦେଶିକ ପୁରାଣ ସାହିତ୍ୟର ଆଶ୍ରୟ ନେଇଛନ୍ତି । ଏପରିକି ଜଣେ ଉତ୍କଳୀୟଭାବେ ଓଡ଼ିଆ ରାମାୟଣ, ଓଡ଼ିଆ ଭାଗବତ ଓ ଓଡ଼ିଆ ମହାଭାରତକୁ ଗଭୀର ଭାବେ ଅଧ୍ୟୟନ କରି ତହିଁରୁ ବିଷୟ ନିର୍ବାଚନ କରିଛନ୍ତି । 'ପିଲାଙ୍କ ମହାଭାରତ' ରଚନା କରିବା ସମୟରେ କବି ନିଜ ବକ୍ତବ୍ୟରେ ସ୍ୱୀକାର କରନ୍ତି—"ମୁଁ ଏହି ପୁସ୍ତକ ଲେଖିବା ପାଇଁ ଲେଖା ହୋଇଥିବା ଅନେକ ମହାଭାରତ ଖୋଜି ଦେଖିଥିଲି, କିନ୍ତୁ ଦେଖିଲି ଅଧିକାଂଶ ପୁସ୍ତକ ମୂଳଗ୍ରନ୍ଥ ଛାଡ଼ି ଇଚ୍ଛାନୁସାରେ ଲେଖା ହୋଇଅଛି । ବଙ୍ଗଳାର 'ଛେଲେଦେର ମହାଭାରତ' ଓ ଇଂରାଜୀରେ "The Story of the Great war" ଏହି ଦୁଇଖଣ୍ଡି ପୁସ୍ତକ ମୂଳଗ୍ରନ୍ଥ ଧରି ଲେଖା-ହୋଇଥିବାର ଦେଖି ସେହି ଦୁଇଗ୍ରନ୍ଥକୁ ଆଦର୍ଶ ଧରି ମୁଁ ଏ ପୁସ୍ତକ ଲେଖିଛି ।" ଆଦର୍ଶଭାବ ପଣ୍ଡିତ ନୀଳକଣ୍ଠ ବହୁ ପୁସ୍ତକ ନିର୍ବାଚନ କରିଥିଲେ ମଧ୍ୟ ତାଙ୍କ ରଚନାରେ ମୌଳିକତାର ନିଜସ୍ୱ ଧାରା ବାରିହୋଇ-ଯାଏ ।

ମାତୃଭାଷାରେ ଅନୁବାଦ ସପକ୍ଷରେ ଯୁକ୍ତି ଦର୍ଶାଇ ପଣ୍ଡିତ ନୀଳକଣ୍ଠ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀର ସଭାପତି ଅଭିଭାଷଣରେ କହନ୍ତି— ଅନୁବାଦ କରିବାକୁ ହେବ, ସମାଜ ଓ ସାହିତ୍ୟର ବିଶ୍ୱବିକାଶଧାରାରେ ଓଡ଼ିଆ କ୍ଷେତରେ ବୁଡ଼ାପାଣି ମଡ଼ାଇ ରଖିବାକୁ ହେବ । ସମସ୍ତ ବିଭାଗ ଓ ବିଭବରେ ବିଦ୍ୟା ପରମ୍ପରା ପିଠାଇଦେବାକୁ ହେବ ଓ ତାହା ମନକୁ ଫିଟିପିବାର ବ୍ୟବସ୍ଥା ମଧ୍ୟ କରିବାକୁ ହେବ । (୨) ଏହାହିଁ ଅନୁବାଦ ସାହିତ୍ୟ ସମ୍ପର୍କୀୟ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟି ।

---

(୨) ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ, ସଭାପତି ଅଭିଭାଷଣ, ପୃ-୭୨

Digitized by srujanika@gmail.com

# ଓଡ଼ିଆ ପତ୍ରପତ୍ରିକା ଓ ପଣ୍ଡିତ ନୀଳକଣ୍ଠ

ପତ୍ରପତ୍ରିକା ଆଧୁନିକ ସଭ୍ୟତାର ପ୍ରାଣକେନ୍ଦ୍ର । ମାନବ ଜାତିର ଭାବପ୍ରକାଶର ଏକ ସର୍ବୋତ୍ତମ ମାଧ୍ୟମ ଓ ଜନମତର ପ୍ରଖ୍ୟାପକ । (୧) ଏହା ଏକ ନିତ୍ୟ ଅପରିହାର୍ଯ୍ୟ ଗଣମାଧ୍ୟମ । ଓଡ଼ିଆ ସାହିତ୍ୟରେ ଓଡ଼ିଆ ପତ୍ରପତ୍ରିକାର ସୃଷ୍ଟି ଊନବିଂଶ ଶତକର ମଧ୍ୟଭାଗରେ ହୋଇଥିଲେ ମଧ୍ୟ ସେତେବେଳେ ତାହା ପ୍ରକୃତ ଉତ୍କଳୀୟ ଜନତାର ଗଣମାଧ୍ୟମ ହୋଇ-ନଥିଲା । ଖ୍ରୀଷ୍ଟଧର୍ମ ପ୍ରଚାର ଏହାର ମୁଖ୍ୟ ଲକ୍ଷ୍ୟ ଥିଲା । ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଏହା ହେଲା ଗଣଚେତନାର ବିଶ୍ୱସ୍ତ ବାର୍ତ୍ତାବହ । (୨)

ଓଡ଼ିଆ ପତ୍ରପତ୍ରିକା ସାହିତ୍ୟ ଜଗତରେ କର୍ମବୀର ଗୌରୀଶଙ୍କର ଓ ବାଗ୍ମୀ ବିଶ୍ୱନାଥଙ୍କ ପରେ ପଣ୍ଡିତ ନୀଳକଣ୍ଠ ଏକ ସ୍ମରଣୀୟ ପ୍ରତିଭା । ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି କରିବା ନିମିତ୍ତ ଏକାଧିକ ପତ୍ରପତ୍ରିକାର ସୁସମ୍ପାଦନା କରି ସେ ସମଗ୍ର ଓଡ଼ିଆ ସାହିତ୍ୟରେ ଚମକ ସୃଷ୍ଟି କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଉଚ୍ଚତର ସାହିତ୍ୟ ସାଧନା ନିମିତ୍ତ ଉଦ୍ଦିଷ୍ଟ ପତ୍ରିକା 'ସତ୍ୟବାଦୀ' (୧୯୧୫)ର ସମସ୍ତ ଦାୟିତ୍ୱ ଗୋପବନ୍ଧୁଙ୍କ ଉପରେ ନ୍ୟସ୍ତ ଥିଲେ ମଧ୍ୟ ପରୋକ୍ଷଭାବେ ପଣ୍ଡିତ ନୀଳକଣ୍ଠଙ୍କ ସତ୍ୟବାଦୀ ପତ୍ରିକାର ସମ୍ପାଦନା ଦାୟିତ୍ୱରେ ରହି ନିଜର ଅସାମାନ୍ୟ ପ୍ରତିଭାର ପରିଚୟ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ମୁକ୍ତ କଣ୍ଠରେ ଏହା ସ୍ୱୀକାର କରନ୍ତି । ପଣ୍ଡିତ ନୀଳକଣ୍ଠ 'ସତ୍ୟବାଦୀ' ପତ୍ରିକାର ପ୍ରତ୍ୟେକ ସଂଖ୍ୟାରେ ଗୁରୁଗମ୍ଭୀର ପ୍ରବନ୍ଧମାନ ଲେଖନ୍ତି ଏବଂ ତାହା ତତ୍କାଳୀନ ସାହିତ୍ୟ ପାଠକମାନଙ୍କର ପ୍ରଧାନ ପଠିତବ୍ୟ ବିଷୟ ରୂପେ ଆଦୃତିଲାଭ କରେ ।

ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲାପରେ ଭାରତ-ବର୍ଷର ପ୍ରଧାନ ସମସ୍ୟାକୁ ଉପଲବ୍ଧି କରି, ସେହି ସମସ୍ୟାକୁ ସମଗ୍ର

---

(୧) ଡଃ ଶ୍ରୀନିବାସ ମିଶ୍ର—ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ (୧୯୭୮), ପୃ—୯୧ ।

(୨) ଏଜନ ତତ୍ରୈବ (୧୯୭୮), ପୃ—୯୧ ।

Digitized by srujanika@gmail.com

ଭାରତବାସୀଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆଶାପୋଷଣ କରି ଇଂରାଜୀ ପତ୍ରିକାଟିଏ ପ୍ରକାଶ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ । ହୁଏତ ସେ ହୋଇଥା'ନ୍ତେ ସେଇ ଇପ୍ସିତ ଇଂରାଜୀ ପତ୍ରିକାର ସମ୍ପାଦକ । ମାତ୍ର ସେଇ ସମୟରେ ତାଙ୍କର ପ୍ରଧାନ ପରାମର୍ଶଦାତା ଗୋପବନ୍ଧୁଙ୍କର ଅକାଳ ମୃତ୍ୟୁହେଲା । ଏହି ଦୁଃସମ୍ବାଦରେ ପଣ୍ଡିତ ନୀଳକଣ୍ଠ ଆତ୍ମହରା ହୋଇ ପଡ଼ିଥିଲେ ଓ ତାଙ୍କ ଆଶା ହିଁ ଆଶାରେ ରହିଯାଇଥିଲା ।

ଗୋପବନ୍ଧୁଙ୍କ ମୃତ୍ୟୁପରେ ପଣ୍ଡିତ ନୀଳକଣ୍ଠ କିଛିଦିନ ପାଇଁ 'ସମାଜ'ର ସମ୍ପାଦକ ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସେତେବେଳେ 'ସମାଜ' କଟକରୁ ଏକ ସାପ୍ତାହିକ ପତ୍ରିକା ରୂପେ ଆତ୍ମପ୍ରକାଶ କରୁଥିଲା । ମାତ୍ର ଏହି ପଦବୀରେ ସେ ବେଶିଦିନ ରହିପାରିନଥିଲେ । "କହିବିଏ ସେହିଦିନଠାରୁ ଗୋପବନ୍ଧୁଙ୍କ ମନ୍ଦିରରୁ କେତେଦିନ ମୁଁ ସମାଜର ସମ୍ପାଦକ ରୂପେ ସମାଜ ପ୍ରେସରୁ ଅତି ରୂଢ଼ ଭାବରେ ବାହାର କରିଦିଆ ହୋଇଥିଲି ।"

ଗୋପବନ୍ଧୁଙ୍କ ମୃତ୍ୟୁର ପାଞ୍ଚବର୍ଷ ପରେ ଅର୍ଥାତ୍ ୧୯୩୩-୩୪ ମସିହାରେ ସମ୍ପୂର୍ଣ୍ଣ ମାନବବାଦୀ ଓ ବୈପ୍ଳବିକ ଚିନ୍ତା ଓ ଚେତନାକୁ ଭିତ୍ତିକରି ପଣ୍ଡିତ ନୀଳକଣ୍ଠଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା 'ନବଭାରତ' । "ନବଭାରତ କେବଳ ମାମୁଲି ସାହିତ୍ୟ ମାସିକ ଥିଲାବୋଲି କହିବା ଉଚିତ ହେବନାହିଁ । ଏହାଥିଲା ଏକ ପବିତ୍ର ସାରସ୍ୱତ ଅନୁଷ୍ଠାନ ଏବଂ ନବଭାରତ ସମ୍ପାଦନାରେ ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ବାରିହୋଇ ପଡ଼ୁଥିଲା ।" (୩) ନବଭାରତ ପତ୍ରିକାର ଜନ୍ମଜାତକ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ କହନ୍ତି – "ଏକଦା ଗୋପବନ୍ଧୁବାବୁଙ୍କ ସଙ୍ଗେ ମହାଭାରତ ବିଷୟକ କଥାବାର୍ତ୍ତାରେ ମହାଭାରତରେ କୃଷ୍ଣଙ୍କ କଥା ନଥିଲେ ଚଳିଥାନ୍ତା ବୋଲି କହିଲି ଓ ତାପରେ ଗୋପବନ୍ଧୁବାବୁ ଟିକିଏ ବିସ୍ମିତ ହୋଇ ରହିଯାଇ ମୋତେ କହିଲେ—ଏପରି କଥା ଆଉ କହିବ ନାହିଁ, ଏଥିରେ ପାପ ହେବ"—ସେହିଦିନଠାରୁ ମୋର ଧର୍ମପ୍ରତି ଆସ୍ଥା ଟିକିଏ କମିଗଲା । ମୁଁ ମନେମନେ ଭାବିଲି କୌଣସିମତେ ଜଗତରେ "ଆତ୍ମା ଅନାତ୍ମା ଧର୍ମ ପ୍ରଚାର ପାଇଲେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପ୍ରଚାରିତ ଧର୍ମ

(୩) ପଠାଣି ପଟ୍ଟନାୟକ—କବି ମନୀଷୀ ନୀଳକଣ୍ଠ'ପୃ-୯୦ ।

Digitized by srujanika@gmail.com

ଅର୍ଥାତ୍ ଖ୍ରୀଷ୍ଟଧର୍ମ, ବୁଦ୍ଧଧର୍ମ, କୃଷ୍ଣଧର୍ମ ଆଦିରେ ଯଥାର୍ଥ ପ୍ରଭେଦ ହୁଅନ୍ତା । କାରଣ ସେଇଦିନ ମୁଁ ଭାବିଲି-କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ ପ୍ରଭୃତିଙ୍କ ନାମରେ ଧର୍ମ ଠିଆକଲେ ସେ ଧର୍ମ ସମସ୍ତ ମାନବର ଧର୍ମ କଦାପି ହୋଇ-ପାରିବ ନାହିଁ । ଏଥିରେ ଯେଉଁ ଭେଦ ଅଛି, ସେହି ଭେଦ ହିଁ ସର୍ବଦା ବିକାଶରେ ଫୁଟିବ ।" (୪)—ଏହି ଭାବନାର ଫଳଶ୍ରୁତି 'ନବଭାରତ' ସାହିତ୍ୟ ପତ୍ରିକା । ଏହା ୧୯୩୩-୩୪ ମସିହାରେ 'ନବଭାରତ' ନାମରେ କଟକରୁ ପ୍ରକାଶିତ ହୋଇଥିଲା । ପ୍ରଥମ ପ୍ରକାଶ ସମୟରେ ପତ୍ରିକାଟି ମାସିକ ଥିଲା । ପରେ ଏହା ମାସିକରୁ ସାପ୍ତାହିକ ହୋଇଥିଲା । ମଝିରେ କିଛିଦିନ 'ସମାଜ' ପ୍ରକାଶନ ବନ୍ଦ ହୋଇଯାଇଥିବା ବେଳେ 'ନବଭାରତ' ପତ୍ରିକାଟି ସରକାରୀ ଦଳର ମୁଖପତ୍ର ଓ ସମଗ୍ର ଉତ୍କଳର ଅପ୍ରତିଦ୍ୱନ୍ଦ୍ୱୀ ସମ୍ବାଦପତ୍ର ରୂପେ ଖ୍ୟାତିଲାଭ କରିଥିଲା । ସେତେବେଳେ ପତ୍ରିକାଟି ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶ ପାଉଥିଲା ।

ପଣ୍ଡିତ ନୀଳକଣ୍ଠ 'ନବଭାରତ' ସାହିତ୍ୟ ପତ୍ରିକା ମାଧ୍ୟମରେ ତାଙ୍କର ବଳିଷ୍ଠ ଓ ବୈପ୍ଳବିକ ଚିନ୍ତାଚେତନାକୁ ସୁଧୀବୃନ୍ଦମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବହୁ ପ୍ରଯତ୍ନ କରିଥିଲେ । ପାରମ୍ପରିକ ଅନ୍ଧବିଶ୍ୱାସ ଓ ବିଦ୍ଧମୂଳ କୁସଂସ୍କାର ବିରୁଦ୍ଧରେ ସେ 'ନବଭାରତ' ପତ୍ରିକାର 'ସମ୍ପାଦକୀୟ' ଶୀର୍ଷକ ବିଭିନ୍ନ ଚିନ୍ତାଗର୍ଭକ ଲେଖାରେ ଦୃଢ଼ ପ୍ରତିବାଦ କରି ତାହାର ମୂଳୋତ୍ପାଟନ କରିବାପାଇଁ ପ୍ରଚେଷ୍ଟା କରିଥିଲେ । ପତ୍ରିକାଟି ଉଦାର ଆଦର୍ଶବାଦ ଉପରେ ପ୍ରତିଷ୍ଠିତ ଥିବାରୁ ତାହାର ଶିରୋନାମାରେ ପଣ୍ଡିତ ନୀଳକଣ୍ଠ ଯେଉଁ ସଂସ୍କୃତ ଶ୍ଳୋକମାନ ସଂଯୋଜନା କରୁଥିଲେ, ସେଥିରୁ ତାଙ୍କର ଜ୍ଞାନର ଗଭୀରତା ସ୍ପଷ୍ଟ ବାରିହୋଇ ପଡ଼ୁଥିଲା ।

"ଯସ୍ୟାକ୍ଷରସ୍ୟତପସାଽପି ବିଭାତି ବିଶ୍ୱଂ
ସ୍ପଷ୍ଟଂ ଚରାଚରମିଦଂ ଖଳୁ ଭୂତସଂଘୈଃ
ଆଶାସ୍ମହେ ପ୍ରତିପଦଂ ପ୍ରଭବାତ୍ତୁ ତସ୍ୟ
ବିଶ୍ୱପ୍ରକାଶବିଧିନା ନବଭାରତୋଽୟମ ।"

ଏତଦ୍‌ବ୍ୟତୀତ "ଅକ୍ଷୟ ତପସ୍ୟାରେ ଆଲୋକିତ ବିଶ୍ୱର ବିକାଶ ଶୃଙ୍ଖଳା ଧାରି ପ୍ରତିଷ୍ଠାର ମହାନ ପ୍ରୟାସରେ 'ନବଭାରତ'ର ପୃଷ୍ଠାଗୁଡ଼ିକ

(୪) ନୀଳକଣ୍ଠ ଦାସ : ନୀଳକଣ୍ଠ ରଚନାବଳୀ, ପୃ-୧୦୯ ।

Digitized by srujanika@gmail.com

ମନସ୍ୱୀ ନୀଳକଣ୍ଠଙ୍କର ଅକୁତୋଭୟ ଚିନ୍ତା ଓ ପୂର୍ବଦୃଷ୍ଟିରେ ଋଦ୍ଧିମନ୍ତ ଥିଲା ।" (୫)

ମାତ୍ର ବହୁ ସାଧନ ସତ୍ତ୍ୱେ ପତ୍ରିକାଟି ୧୯୨୭ ମସିହା ବେଳକୁ ବନ୍ଦ ହୋଇଯାଇଥିଲା । ଫଳରେ ପଣ୍ଡିତ ନୀଳକଣ୍ଠ ଦୁଃଖରେ ଭାଙ୍ଗିପଡ଼ିଥିଲେ । ପତ୍ରିକା ପ୍ରକାଶନ ବନ୍ଦ ସମ୍ପର୍କରେ ସେ କହନ୍ତି—"ନାନା ଅଭାବ ଅସୁବିଧାରେ ମାସିକ 'ନବଭାରତ' ଶେଷକୁ ବନ୍ଦ ହୋଇଗଲା । ଗଛଟିଏ ଲଗେଇ ବଢ଼େଇବା କେତେ କଷ୍ଟର କଥା । ବଢ଼ିଲା ଗଛରେ ସ୍ନେହ ବସିଲେ ଭାରି କଷ୍ଟ ଲାଗେ । ଝିଅ ପୁଅ ମରିଗଲେ ଯେତେ କଷ୍ଟ, ତାଠାରୁ କୌଣସି ଗୁଣରେ ଏ କଷ୍ଟ କମ୍ ନୁହେଁ । ମୁଁ ଏବେ ବୁଝୁଛି ସାହିତ୍ୟ ପ୍ରତି ପ୍ରୀତି ଓ ନିଷ୍ଠା ନଥିବା ଲୋକଙ୍କୁ ମୁଁ ଗୁରୁଦାୟିତ୍ୱ ଦେଇଥିଲି । ସରସ ସାହିତ୍ୟକତା ଅଭାବରୁ ଦାୟିତ୍ୱର ଭାର ଗ୍ରହଣ କରୁଥିବା ବହୁ ଲୋକଙ୍କ ହାତରେ ପତ୍ରପତ୍ରିକାର ଜନ୍ମ ମୃତ୍ୟୁ ମୁଁ ଏବେ ଦେଖି ଦୁଃଖରେ ଦୀର୍ଘଶ୍ୱାସ ପକାଉଛି ।" (୬)

'ନବଭାରତ' ପତ୍ରିକା ସମ୍ପାଦନା କରିବା ପୂର୍ବରୁ ପଣ୍ଡିତ ନୀଳକଣ୍ଠ ସମ୍ବଲପୁର ରହଣି ସମୟରେ ସେଠାରେ 'ସେବା' ନାମକ ଗୋଟିଏ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶ କରିଥିଲେ । ଏହି ପତ୍ରିକାଟିରେ ବିଜ୍ଞାପନ ପ୍ରକାଶ ପାଉଥିବାରୁ ଏହାର ପ୍ରକାଶନରେ କୌଣସି ଅସୁବିଧା ହେଉନଥିଲା । କାରଣ ପତ୍ରିକାଟିକୁ ପ୍ରତିଷ୍ଠିତ କରିବାକୁ ହେଲେ ସମ୍ପାଦକମାନେ ବିଜ୍ଞାପନର ଆଶ୍ରୟ ନେଇଥାନ୍ତି—ତାହା ନୀଳକଣ୍ଠ ଭଲଭାବେ ହୃଦୟଙ୍ଗମ କରିଥିଲେ । ଫଳରେ ପତ୍ରିକାଟି ସମଗ୍ର ଜିଲ୍ଲାରେ ବିଶେଷ କରି ସମ୍ବଲପୁର ଓଡ଼ିଶାଞ୍ଚଳରେ ଖୁବ୍ ଜନପ୍ରିୟ ଓ ଆଦୃତ ହୋଇପାରିଥିଲା ।

●

---

(୫) ଡଃ. ନଗେନ୍ଦ୍ରନାଥ ମିଶ୍ର—ପଣ୍ଡିତ ନୀଳକଣ୍ଠ : ଜୀବନୀ ଓ କୃତି : ପୃ-୧୮୮ ।

(୬) ନୀଳକଣ୍ଠ ଦାସ—ନୀଳକଣ୍ଠ ଗ୍ରନ୍ଥାବଳୀ—ଆତ୍ମଜୀବନୀ, ପୃ ୧୧୦ ।

Digitized by srujanika@gmail.com

# ଓଡ଼ିଆ ସମାଲୋଚନା ସାହିତ୍ୟ
# ଓ
# ପଣ୍ଡିତ ନୀଳକଣ୍ଠ

ସୃଷ୍ଟି ଓ ସମାଲୋଚନା ଉଭୟ ପରିପୂରକ, ଆପେକ୍ଷିକ । ସାହିତ୍ୟ ସୃଷ୍ଟିପରେ ସମାଲୋଚନାର ସୃଷ୍ଟି । ସମଗ୍ର ବିଶ୍ୱସାହିତ୍ୟରେ ସୃଜନଶୀଳ (Creative) ସାହିତ୍ୟର ଅଭ୍ୟୁଦୟ ପରେ ସମାଲୋଚନା ସାହିତ୍ୟର ଆବିର୍ଭାବ ହୁଏ । ସୃଷ୍ଟିପରେ ସେପରି ସ୍ଥିତି ନିତାନ୍ତ ଅନିବାର୍ଯ୍ୟ, ସାହିତ୍ୟର ସୃଷ୍ଟିପରେ ତାହାର ଉତ୍ତରୋତ୍ତର ପରିବର୍ଦ୍ଧନ, ପରିମାର୍ଜନ ଏବଂ ସୁନିୟନ୍ତ୍ରଣ ତଥା ସୁପରିଚାଳନା ନିମନ୍ତେ ସମାଲୋଚନା ସେହିପରି ଅପରିହାର୍ଯ୍ୟ । (୧) ସୁତରାଂ ସମାଲୋଚନା କହିଲେ ସାହିତ୍ୟର କେବଳ ଦୋଷ ତ୍ରୁଟି ନିର୍ବାଚନ କରିବା କେତୋଟି ବ୍ୟାକରଣଗତ ଭୁଲ ଦୃଷ୍ଟି ସମ୍ମୁଖକୁ ଆଣିବା ବା ଶବ୍ଦଟିର ଉତ୍ପତ୍ତିନିୟମ ନିର୍ଦ୍ଧାରଣ କରିବା ସମ୍ପୂର୍ଣ୍ଣରୂପେ ଠିକ ନୁହେଁ । ଏହାର ଅନ୍ତର୍ନିହିତ ରସ ଭିବ୍ୟକ୍ତ ପ୍ରକାଶ କରିବା, ଏହାର ବିଭିନ୍ନ ଦିଗଉପରେ ସୂକ୍ଷ୍ମ ଦୃଷ୍ଟିପାତ କରିବା ଜଣେ ସମାଲୋଚକର ପ୍ରଧାନଗୁଣ ହେବା ସର୍ବଦୌ ବାଞ୍ଛନୀୟ । The Literary Criticism is the art of Gudging Literature, that is of deciding how far and for that reason a work of Literature may regarded as good as bad ( )

ଏହି ଦୃଷ୍ଟିରୁ ବିଚାରକଲେ ଜଣାଯାଏ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାଲୋଚନାର ଆଦ୍ୟ ପାଞ୍ଚଜନ୍ୟ ବାଜିଉଠିଥିଲା ଊନବିଂଶ ଶତକର ଦ୍ୱିତୀୟ ପର୍ଯ୍ୟାୟରେ । ନ'ଅଙ୍କ ଦୁର୍ଭିକ୍ଷର କରାଳ ବିଭୀଷିକା, ଓଡ଼ିଆ ଭାଷାବିଲୋପ ଆନ୍ଦୋଳନ, ପାଠ୍ୟପୁସ୍ତକ ଆନ୍ଦୋଳନ (୧୮୭୮-୯୦),

---

(୧) ଶ୍ରୀ ଉମାଚରଣ ପୂଜାରୀ, ଓଡ଼ିଆ ସମାଲୋଚନା ସାହିତ୍ୟର କ୍ରମବିକାଶ (୧୯୭୩) ପୃ—୧ ।

(୨) Cassell's Encyclopedia of world Literature, Vol-I, P—139.

Digitized by srujanika@gmail.com

ପ୍ରାଚୀନ ସାହିତ୍ୟର ସମାଲୋଚନା ଓ ପ୍ରତି ସମାଲୋଚନା (୧୮୭୮-୯୪), ଧାର୍ମିକ କୁସଂସ୍କାର ମୂଳକ ଆନ୍ଦୋଳନ (୧୮୭୨-୯୦), ସମ୍ବଲପୁରରେ ଓଡ଼ିଆ ଭାଷାବିଲୋପ ଆନ୍ଦୋଳନ (୧୮୯୫-୧୯୦୦) ପ୍ରଭୃତି କେତେକ ଆଞ୍ଚଳିକ ସମସ୍ୟାକୁ କେନ୍ଦ୍ରକରି ଓଡ଼ିଆ ସମାଲୋଚନାର ଧାରା ଦୀର୍ଘକାଳ ଚାଲୁରହିଥିଲା । (୩) ବିଂଶ ଶତକ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚନା ସାହିତ୍ୟକୁ ଅଧିକ ବ୍ୟାପକ କରିବାପାଇଁ ତତ୍କାଳୀନ ବହୁ ଓଡ଼ିଆ ସାହିତ୍ୟ ପତ୍ରିକା ସାହାଯ୍ୟ କରିଥିଲେ । ୧୮୬୯ ମସିହାରେ ପ୍ରଥମେ ବାଲେଶ୍ୱର ଜିଲ୍ଲାସ୍କୁଲର ସଂସ୍କୃତ ପଣ୍ଡିତ ଶ୍ରୀଯୁକ୍ତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷା ଉପରେ କୁଠାରଘାତ କରି 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ଉକ୍ତ ମନ୍ତବ୍ୟ ଦେଇଥିଲେ ଏବଂ ତତ୍ସମ୍ବନ୍ଧୀୟ ଏକ ପୁସ୍ତକ ଛପାଇଥିଲେ । ଏହି ମନ୍ତବ୍ୟଉପରେ ଗୌରୀଶଙ୍କରଙ୍କର ସମ୍ପାଦିତ ଉତ୍କଳ ଦୀପିକା (୧୮୬୬) ପରବର୍ତ୍ତୀ ପର୍ଯ୍ୟାୟରେ ବହୁ ତର୍କ ବିତର୍କ ଆରମ୍ଭ କରିଦେଇଥିଲା । ଯଥା :— ଅବା ଏଥିରେ ବିଚିତ୍ର କ'ଣ, ଯାହା ପ୍ରିଅ ତାଙ୍କୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର, ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ । ଏହା ତାଙ୍କୁ ଗଜମୁକ୍ତା ହାରରେ ହୀରକ ଖଚିତ ପଦକ ପ୍ରାପ୍ତ ବଡ଼ ଜାଜ୍ୱଲ୍ୟମାନ ଦିଶିଲା । ଅଥବା ବାବୁଙ୍କର ବୈଷ୍ଣବଭାବ ଉଦୟ ହୋଇଥିବା ଯେ ତ୍ରିଭଙ୍ଗ ରୂପ ଦେଖି ଗୋପ କହ୍ନାଇର କଥା ଅକସ୍ମାତ ମନରେ ପଡ଼ୁଥିବାରୁ ପ୍ରେମରେ ପୂର୍ଣ୍ଣ ହେଉଚଲେ । (୪) ୧୮୯୨-୯୩ ମସିହାରେ ଭଞ୍ଜ ଓ ରାଧାନାଥ ସାହିତ୍ୟ ଆଲୋଚନା କରିବାକୁ ଯାଇ ଇନ୍ଦ୍ରଧନୁ-ବିଜୁଳି ମସୀଯୁଦ୍ଧର ସମ୍ମୁଖୀନ ହୋଇଥିଲେ । ଫଳରେ ପତ୍ରିକାଦ୍ୱୟର ନିରପେକ୍ଷ ସମାଲୋଚନା ପରିବର୍ତ୍ତେ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା । ଏହାପରେ ଊନବିଂଶ ଶତକର ଶେଷଭାଗ ଓ ବିଂଶ ଶତକର ଆଦ୍ୟପାଦରେ ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବିଶ୍ୱନାଥ କରଙ୍କ ସମ୍ପାଦିତ 'ଉତ୍କଳ ସାହିତ୍ୟ' ।

ବିଗତ ଶତାବ୍ଦୀରେ ଏହି ସମାଲୋଚନାର ଧାରା ମୁଖ୍ୟତଃ ନିନ୍ଦା ଓ ପ୍ରଶଂସା ଉପରେ ପର୍ଯ୍ୟବସିତ ଥିଲା । କାଳର ଗଡ଼ଡ଼ାଳିକା ପ୍ରବାହରେ

---

(୩) ନଟବର ସାମନ୍ତରାୟ, ଓ: ସା:ଇ: (ପ୍ରଥମ ସଂ—୧୯୮୩), ପୃ—୪୮୮, ୪୮୯ ।

(୪) ଉତ୍କଳ ଦୀପିକା—୧୮୬୯, July-10

Digitized by srujanika@gmail.com

ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ସମାଲୋଚନା ଏକ ନିରବଚ୍ଛିନ୍ନ ଅପରିବର୍ତ୍ତିତ ଧାରାରେ ଗଢ଼ିଆସିଥିଲା । ସୁତରାଂ ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସୁନିର୍ଦ୍ଦିଷ୍ଟ ଆଲୋଚନା ହୋଇନଥିବାରୁ ସତ୍ୟବାଦୀ ବନବିଦ୍ୟାଳୟର ଅଗ୍ରସାରଥି ଉତ୍କଳମଣି ଗୋପବନ୍ଧୁ ଅତ୍ୟନ୍ତ କ୍ଷୋଭ ପ୍ରକାଶକରି ବନବିଦ୍ୟାଳୟର ମୁଖପତ୍ର 'ସତ୍ୟବାଦୀ'ରେ ନିଜ ଅନ୍ତରର ଭାବପ୍ରକାଶ କରି ଲେଖିଥିଲେ—ସେ ଅଙ୍ଗ ଉତ୍କଳ ସାହିତ୍ୟରେ ବିକାଶ ପାଇନାହିଁ । "ସମାଲୋଚନା କହିଲେ କେବଳ ପୁସ୍ତକର ସମାଲୋଚନା ନୁହେଁ, ପୁସ୍ତକ, ଶିଳ୍ପ, ସଭ୍ୟତା, ମତ ପ୍ରଭୃତିର ବିଭାଗ, ବିଚାର ପ୍ରଭୃତିର ବିଶ୍ଳେଷଣ କରି ତୁଳନା, ଆଦାନ, ବର୍ଜନ ଇତ୍ୟାଦି ସହିତ ଯେଉଁ ଆଲୋଚନା କରାଯାଏ, ସେ ସବୁ ସମାଲୋଚନା । ସେ ସମାଲୋଚନା ନହେବାରୁ ସାହିତ୍ୟରେ ରୁଚି ବିକାଶ ପାଇନାହିଁ । ଯେଉଁଠାରେ ରୁଚି ନାହିଁ, ସେଠାରେ କାବ୍ୟ ଉପନ୍ୟାସ ଜାତିର ସାହିତ୍ୟର ଅଙ୍ଗବୃଦ୍ଧି କରିପାରେ, କିନ୍ତୁ ସେ ଅଙ୍ଗବୃଦ୍ଧି ସ୍ୱାସ୍ଥ୍ୟର ଚିହ୍ନ ନୁହେଁ । ଜୀବନର ଉଚ୍ଛ୍ୱାସ ଇଙ୍ଗିତରେ ଯେ କାବ୍ୟ ଉପନ୍ୟାସ ଆଦିର ସ୍ଥାନ ନାହିଁ । (୫)

'ସମାଲୋଚନା' ଶୀର୍ଷକ ଲେଖାରେ ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ କହନ୍ତି—କୌଣସି ବିଷୟରେ ସମାଲୋଚନା କରିବା ବଡ଼ ସହଜ ବ୍ୟାପାର ନୁହେଁ । ସର୍ବପ୍ରଥମେ ଯେଉଁ ବିଷୟରେ ସମାଲୋଚନା କରିବାକୁ ହେବ, ସେହି ବିଷୟରେ ସମାଲୋଚକର ଅଗାଧ ପାଣ୍ଡିତ୍ୟ ଏବଂ ବିଷୟଜ୍ଞାନ ଥିବା ଆବଶ୍ୟକ । ସମାଲୋଚନାର ପ୍ରଥମ ଉପାୟ ସହୃଦମିତ୍ର, ଦ୍ୱିତୀୟ ଉପାୟ ବହୁଜ୍ଞତା, ତୃତୀୟ ସମ୍ବାଦପତ୍ର ଏବଂ ଚତୁର୍ଥ ପୁସ୍ତକାଦି । (୬)—ଏହି ଉକ୍ତିଟି ସତ୍ୟବାଦୀ ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ପ୍ରଯୁକ୍ତ । ପଣ୍ଡିତ ନୀଳକଣ୍ଠ ପ୍ରଥମତଃ ଥିଲେ ଜଣେ ଶିକ୍ଷାବିତ୍, ସାହିତ୍ୟ ସାଧକ । ଦ୍ୱିତୀୟତଃ ସମାଜ ସଂସ୍କାରକ ଓ ଦେଶସେବକ । ଜୀବନର ବହୁ ସ୍ଥାନରୁ ତିକ୍ତ-ମଧୁର ଅଭିଜ୍ଞତା ସଂଗ୍ରହରେ ସେ ଯେକୌଣସି ବ୍ୟକ୍ତିକୁ ବଳାଇଥିଲେ । ଜୀବନକାଳରେ ସଂଗୃହୀତ ଏହି ଅଭିଜ୍ଞତାର ଫଳଶ୍ରୁତି ହୋଇଛି ତାଙ୍କର

---

(୫) ସତ୍ୟବାଦୀ—ସତ୍ୟବାଦୀରେ ବାନପ୍ରସ୍ଥ—୬ଷ୍ଠ ଖଣ୍ଡ, ୧ମ ସଂଖ୍ୟା ପୃ-୨୮ ।

(୬) ଉତ୍କଳ ସାହିତ୍ୟ—ସମାଲୋଚନା—୧ମ ଖଣ୍ଡ—୬ଷ୍ଠ ସଂଖ୍ୟା ଆଷାଢ଼-୧୩୦୪ ସାଲ ।

Digitized by srujanika@gmail.com

ସମାଲୋଚନା ସାହିତ୍ୟ । ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚନାର ଦୃଷ୍ଟି ଓ ଦର୍ଶନର ଦ୍ୱାର ଉନ୍ମୋଚିତ କରି ସମାଲୋଚକ ଦାଶରଥି ଦାସ କହନ୍ତି— "ପଣ୍ଡିତ ନୀଳକଣ୍ଠ ରାଜନୀତିରୁ ଓଡ଼ିଆ ସାହିତ୍ୟ ସମାଲୋଚନାକୁ ଫେରି ଗଲେ । ଲେଖାଗଲା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ର ପ୍ରଥମ ଓ ଦ୍ୱିତୀୟ ଭାଗ । ପ୍ରକାଶ ପାଇଲା 'ଓଡ଼ିଆ ଭାଷା ଓ ସାହିତ୍ୟ' । × × × ଏବେ ସେ ଫେରିଲେ ପୂର୍ବକ୍ଷେତ୍ରକୁ ନୂଆ ବସ୍ତ୍ରର, ମନସ୍ୱିତା ଓ ଅନ୍ତର୍ଦୃଷ୍ଟି ନେଇ । × × ପଣ୍ଡିତ ମହାଶୟ ଖୋଜିଲେ ଏବେ ଓଡ଼ିଆ ସଂସ୍କୃତିର ଐତିହ୍ୟ । 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଲେଖା ଯାଇନଥିଲେ ଓଡ଼ିଆ ସଂସ୍କୃତି ବୋଲି ଏତେବଡ଼ ଗୋଟାଏ ପୁରାଣ ବ୍ୟାପାର ଅଛି ବୋଲି କିଏବା ଜାଣିଥାନ୍ତା ସେତେବେଳେ ? ସଂସ୍କୃତି ଚେତନା, ଇତିହାସବୋଧ ଓ ଐତିହ୍ୟ ପ୍ରୀତି ତାଙ୍କ ସମାଲୋଚନାର ମୂଳ କଥା । ଅଧିକନ୍ତୁ ସେ ଥିଲେ ଅଦ୍ଭୁତ ଭାବରେ ମୌଳିକ ଓ ସୂକ୍ଷ୍ମଦର୍ଶୀ । ସାହିତ୍ୟରେ ସେ ଖୋଜିଛନ୍ତି ଓଡ଼ିଆ ଜାତିର ସ୍ୱଧର୍ମଚେତନା । ସାହିତ୍ୟର ବିଷୟବସ୍ତୁ ଓ ଶିଳ୍ପର ସମ୍ବେଦନାରେ ଅନୁସନ୍ଧାନ କରିଛନ୍ତି ଆମର ଅନନ୍ୟ ଜାତୀୟ ବୈଶିଷ୍ଟ୍ୟ, ଶୁଚିମନ୍ତ ଗୃହସ୍ଥତା ଓ ସ୍ୱକୀୟ ପ୍ରତିଷ୍ଠା ।"

ପଣ୍ଡିତ ନୀଳକଣ୍ଠଙ୍କ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକଟି ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟ ସମାଲୋଚନାରେ ଋଦ୍ଧିମନ୍ତ । ଏତଦ୍‌ବ୍ୟତୀତ ପୁସ୍ତକଟିରେ ଓଡ଼ିଆ ଭାଷା ଓ ବ୍ୟାକରଣ ସମ୍ବନ୍ଧୀୟ ଆଲୋଚନା ରହିଛି । ପୁସ୍ତକଟିରେ ଗ୍ରଥିତ ବିଭିନ୍ନ ସମାଲୋଚନା ଭିନ୍ନ ଭିନ୍ନ ସମୟରେ ଏକାଧିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । ପ୍ରକାଶିତ ପ୍ରବନ୍ଧଗୁଡ଼ିକୁ ଏକତ୍ରୀକରଣ କରି ପଣ୍ଡିତ ନୀଳକଣ୍ଠ ୧୯୫୨ ମସିହାରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକ ନାମରେ ପ୍ରଥମେ ପ୍ରକାଶ କରିଥିଲେ । ଏହି ପୁସ୍ତକ ଅନ୍ତର୍ଭୁକ୍ତ ପ୍ରଥମ ଦଶଟି ସମାଲୋଚନାତ୍ମକ ପ୍ରବନ୍ଧ ହେଉଛି ଓଡ଼ିଆ ବର୍ଣ୍ଣ, ଭାଷା, ଲିପି ଓ ଛନ୍ଦ ସମ୍ବନ୍ଧୀୟ । ଶେଷ ଛଅଟି ପ୍ରବନ୍ଧ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ସାହିତ୍ୟ ଉପରେ ପର୍ଯ୍ୟବସିତ ।

ଆଲୋଚକ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଥମ ସମାଲୋଚନାତ୍ମକ ପ୍ରବନ୍ଧ 'ଓଡ଼ିଆ ବର୍ଣ୍ଣ ବିଷୟରେ ସଂକ୍ଷିପ୍ତ ସୂଚନା' । ଆଲୋଚନାଟି ପ୍ରଥମେ ସତ୍ୟବାଦୀ ବନବିଦ୍ୟାଳୟର ସାହିତ୍ୟ ପତ୍ରିକା 'ସତ୍ୟବାଦୀ'ରେ ପ୍ରକାଶ

Digitized by srujanika@gmail.com

ପାଇଥିଲା । ସମାଲୋଚକ ପ୍ରବନ୍ଧଟିରେ ବର୍ଣ୍ଣ ସମ୍ବନ୍ଧରେ ତାନ୍ତ୍ରିକ ଓ ଗମ୍ଭୀର ଆଲୋଚନା କରିଛନ୍ତି । ଲିଖିତ ଅକ୍ଷର ଓ ଉଚ୍ଚାରିତ ଅକ୍ଷର-ଉଭୟଙ୍କୁ ବର୍ଣ୍ଣଭାବେ ପରିଗ୍ରହଣ କରାଯାଇଥିଲେ ମଧ୍ୟ ଭାଷାତତ୍ତ୍ୱ ଦୃଷ୍ଟିରୁ ଲିଖିତ ଅକ୍ଷରକୁ ବର୍ଣ୍ଣ କୁହାଯାଇନପାରେ । ଏହା ବର୍ଣ୍ଣର ଏକ ସଙ୍କେତ ବା ଚିହ୍ନ । ମାତ୍ର ମୁଖର ଉଚ୍ଚାରଣ ହିଁ ବର୍ଣ୍ଣ । ଏହା ଥିଲା ଯୁକ୍ତିବାଦୀ ପଣ୍ଡିତ ନୀଳକଣ୍ଠଙ୍କର ବର୍ଣ୍ଣସମ୍ବନ୍ଧୀୟ ଆଲୋଚନା । ରେଫ ( ʿ ) ଓ ଅନୁସ୍ୱାର (ଂ) ର ଆଲୋଚନା କରି ସେ କହନ୍ତି—ରେଫ ଅର୍ଥାତ୍ ର୍ ମନୁଷ୍ୟର ସ୍ୱରଯନ୍ତ୍ରରୁ ବାହାରିବ । ଜିହ୍ୱାମୂଳିକା ପରି ତାହା ସ୍ୱରଯନ୍ତ୍ରରେ ବା ଉଠିବ କିପରି ? ଅନୁସ୍ୱାର ଗୋଟିଏ ଅନୁନାସିକ ଉଚ୍ଚାରଣ । ତାହା ସ୍ୱରଯନ୍ତ୍ରରେ ଗୋଟିଏ ଧ୍ୱନି ନୁହେଁ । (୭)

ଓଡ଼ିଆ ବର୍ଣ୍ଣବିଶ୍ୱର ବେଳେ ସମାଲୋଚକ ମୂଳ ସଂସ୍କୃତ ଓ ପ୍ରାକୃତ ଭାଷା ମଧ୍ୟରେ ପ୍ରଭେଦ ଦର୍ଶାଇଛନ୍ତି । ଅନେକ ସମାଲୋଚକ ଚିରାଚରିତ ପ୍ରଥାନୁସାରେ ସଂସ୍କୃତକୁ ମୂଳ ଆର୍ଯ୍ୟଭାଷା ଭାବେ ସ୍ୱୀକାର କରୁଥିଲାବେଳେ ପ୍ରାକୃତକୁ ମୂଳ ଭାଷା ସଂସ୍କୃତର ଅପଭ୍ରଂଶ ବା ବିକୃତ ଭାଷାଭାବେ ବିଚାର କରନ୍ତି । ସେହିପରି କେତେକ ସମାଲୋଚକ ସଂସ୍କୃତ ଭାଷାରେ ରଚିତ ଅପୌରୁଷେୟ ବେଦକୁ ସମ୍ମାନ ଦେଉଥିଲାବେଳେ ଜାତୀୟ ସାହିତ୍ୟ କ୍ଷେତ୍ରରେ ପ୍ରାକୃତ ଭାଷାକୁ ସମ୍ମାନ ଦିଅନ୍ତି ନାହିଁ । ଅଧିକନ୍ତୁ ଭଗବାନ ବୁଦ୍ଧଦେବ ପ୍ରାକୃତ ଭାଷା ବ୍ୟବହାର କରୁଥିଲେ ବୋଲି ଭାରତବର୍ଷରେ ଏସ ଯଥେଷ୍ଟ ସମ୍ମାନର ଅଧିକାରୀ ହୋଇପାରିନାହାନ୍ତି । ମାତ୍ର ସମାଲୋଚକମାନେ କେବେ ବି ଭାବନାହାନ୍ତି ଯେ, ପ୍ରାଚୀନ ଭାରତୀୟମାନଙ୍କର ବ୍ୟବହୃତ ଭାଷା ହିଁ ପ୍ରାକୃତ ଭାଷା । ଅନ୍ୟ ପକ୍ଷରେ ପ୍ରାଚୀନ ଭାରତରେ କେତେକ ଉଚ୍ଚବଂଶଜ ବ୍ୟକ୍ତିବର୍ଗ ସଂସ୍କୃତାନୁସାରୀ ଭାଷା ବ୍ୟବହାର କରି ସେହି ଭାଷାରେ ବିଦ୍ୟାଧ୍ୟୟନ ଓ ଶାସ୍ତ୍ରଚର୍ଚ୍ଚା ଆଦି କରୁଥିଲେ । ମାତ୍ର ପ୍ରାକୃତ ଓ ଅପଭ୍ରଂଶ ଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପ୍ରଦର୍ଶନରେ ଜନସାଧାରଣଙ୍କର ବିଚାରବୋଧର ଅଭାବ ଲକ୍ଷ୍ୟକରି ପଣ୍ଡିତ ନୀଳକଣ୍ଠ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି ଏବଂ ବ୍ୟଥିତ ହୋଇ ପଡ଼ିଛନ୍ତି ।

ଆଲୋଚକଙ୍କର ଦ୍ୱିତୀୟ ସମାଲୋଚନାତ୍ମକ ପ୍ରବନ୍ଧ 'ଭାଷାତତ୍ତ୍ୱ-ପ୍ରବେଶ ।' ଏହା ଭାଷାତତ୍ତ୍ୱବିତ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ

(୭) ପଣ୍ଡିତ ନୀଳକଣ୍ଠ ଦାସ – ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫[illegible]), ପୃ-୨ ।

Digitized by srujanika@gmail.com

ଭାଷାତତ୍ତ୍ୱ' ଗ୍ରନ୍ଥର ଗ୍ରନ୍ଥପ୍ରବେଶ । ଆଲୋଚନାକୁ ଅଧିକ ଶୃଙ୍ଖଳିତ ଓ ପ୍ରାଣବନ୍ତ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ୟୁରୋପୀୟ ଭାଷା ଓ ସାହିତ୍ୟର ଦୃଷ୍ଟାନ୍ତ ଦେଇଛନ୍ତି । ୟୁରୋପରେ ଭାଷାର କୃତ୍ରିମତା ଓ ସଙ୍କୋଚନତା ବହୁ ଶତାବ୍ଦୀ ଧରି ୟୁରୋପୀୟ ସାଂସ୍କୃତିକ ଜନଜୀବନକୁ ଏକ ସୀମିତ ପରିବେଶ ମଧ୍ୟରେ ଆବଦ୍ଧ ରଖିଥିଲା । ମାତ୍ର ଗତ ଶତାବ୍ଦୀରେ ୟୁରୋପର ଗ୍ରୀକ୍ ଓ ଲାଟିନ ଭାଷା ସ୍ୱାଧୀନଭାବେ ନିଜ ନିଜର ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ସର୍ବଜନାଦୃତ ହୋଇପାରିଛି । ଏହାଦ୍ୱାରା ଭାଷାର ସ୍ୱାତନ୍ତ୍ର୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହି ଭାଷା କ୍ରମଶଃ ଜନପ୍ରିୟ ହୋଇ ପାରିଛି । ଅନୁରୂପଭାବେ ସର୍ବଭାରତୀୟ କ୍ଷେତ୍ରରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଭାଷା-ତତ୍ତ୍ୱ' ସମଗ୍ର ଭାରତୀୟ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ଫିଟାଇଛି — ଭାବିଲେ ବିସ୍ମିତ ହେବାକୁ ହୁଏ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଭାଷା ଚର୍ଚ୍ଚାର ପ୍ରଥମ ଓ ପଥିକୃତ ଉଦ୍ୟମ ଆରମ୍ଭ କରିଥିଲେ ପାରଳାଖେମୁଣ୍ଡିର ସୁପଣ୍ଡିତ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ । ସେ ଓଡ଼ିଆ ଭାଷା ଓ ଓଡ଼ିଆ ଛନ୍ଦ ସମ୍ବନ୍ଧରେ ଅଳ୍ପ କେତୋଟି ପ୍ରବନ୍ଧ ଲେଖିବାପରେ ଇହଧାମ ଛାଡ଼ି ବିଦାୟ ନେଇଥିଲେ । ଓଡ଼ିଆ ଭାଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଏହି ଶୂନ୍ୟସ୍ଥାନର ପରିପୂରଣ ପାଇଁ ତାଙ୍କ ପରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଓଡ଼ିଆ ଭାଷାରେ ତାତ୍ତ୍ୱିକ ଆଲୋଚନା କରିଥିଲେ । ମାତ୍ର ସେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପରି ପାଶ୍ଚାତ୍ୟ ଜ୍ଞାନରେ ନିପୁଣ ନଥିବାରୁ ତାଙ୍କର ଗବେଷଣାର ପରିଧି ସଂସ୍କୃତ ଓ ପ୍ରାକୃତ ମଧ୍ୟରେ ସୀମିତଥିଲା ।

ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଥିଲେ କାୟା-ମନ-ବାକ୍ୟରେ ଜଣେ ଖାଣ୍ଟି ଉତ୍କଳୀୟ । ଓଡ଼ିଆ ଭାଷାର ଆଦ୍ୟ ସମୀକ୍ଷକ । ସେ ପ୍ରାନ୍ତୀୟ ଭାରତୀୟ ଭାଷାର ପ୍ରଭାବରେ ଆସିଥିଲେ ମଧ୍ୟ ନିଜ ମାତୃଭାଷା ଓଡ଼ିଆ ବ୍ୟତୀତ ଅନ୍ୟ କୌଣସି ଭାଷାରେ ପ୍ରଭାବିତ ହୋଇନଥିଲେ । ସାରଳା ଦାସଙ୍କ 'ମହାଭାରତ', ବଳରାମ ଦାସଙ୍କ 'ରାମାୟଣ' ପ୍ରଭୃତିରେ ପ୍ରୟୋଗ ଭାଷାରେ ବ୍ୟାକରଣ ନିୟମ ଦୃଷ୍ଟିରୁ କେତେକ ସ୍ୱାତନ୍ତ୍ର୍ୟ ଦେଖି ତତ୍ତ୍ୱ-ସମ୍ବନ୍ଧୀୟ ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଗୋପୀନାଥ ନନ୍ଦଶର୍ମା ବିରଚିତ 'ଶବ୍ଦତତ୍ତ୍ୱବୋଧ' ଅଭିଧାନ ସମ୍ବନ୍ଧରେ ଆଲୋକପାତ କରି କହନ୍ତି —"ପଣ୍ଡିତ ନନ୍ଦେ

Digitized by srujanika@gmail.com

ଶବ୍ଦତତ୍ତ୍ୱବୋଧରେ କୌଣସି ନୂତନ ମତ ପ୍ରଚାରକରି ଦେଶଜପଦରେ ଲଦି-ଦେବାକୁ ଯାଇନାହାନ୍ତି, ଏହା ବୋଧହୁଏ ଲୋକେ ବୁଝିପାରିଲେ ନାହିଁ । ଖୋଜି ଖୋଜି ସଂସ୍କୃତରେ ପ୍ରତ୍ୟେକ ଶବ୍ଦର ମୂଳ ଦେଖିବାକୁ ନପାଇ ସେ ଅନେକ ଶବ୍ଦ ବାହାର କରିଦେଲେ, କିନ୍ତୁ ସେଥିପାଇଁ ସେ କୌଣସି ଶବ୍ଦର ମୂଳ ଦେଖିବାରେ କାହାକୁ ବାଧାଦେବାର ପ୍ରୟାସ କରିନାହାନ୍ତି, ନିଜର କୌଣସି ମତ ବ୍ୟକ୍ତକରି ତାହା ଦୃଢ଼ଭାବରେ ପୋଷଣ ଓ ପ୍ରଚାର କରିବାର ଉଦ୍ୟମ କରିନାହାନ୍ତି । ଶବ୍ଦସବୁ ଫିଟାଇ ଲୋକଙ୍କ ଆଗରେ ଥୋଇ ଦେଇଛନ୍ତି ମାତ୍ର । (୮)

'ଶବ୍ଦତତ୍ତ୍ୱବୋଧ' ଅଭିଧାନର ଦ୍ୱିତୀୟ ଦିଗ ହେଉଛି ଏହାର ଉଚ୍ଚାରଣ । ଶବ୍ଦର ଯେଉଁପ୍ରକାର ଉଚ୍ଚାରଣ ଲୋକମୁଖରେ ହୋଇଥାଏ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ତାହା ଦର୍ଶାଇଛନ୍ତି । ଉଚ୍ଚାରଣରେ ସେ ଗ୍ରାମ୍ୟ ବା ପ୍ରାଦେଶିକତାର ପାର୍ଥକ୍ୟ ଦର୍ଶାଇ ନାହାନ୍ତି ବା କୃତ୍ରିମ ଉଚ୍ଚାରଣ ସୃଷ୍ଟି କରି ପାଠକଙ୍କୁ ତାଙ୍କ ଆଲୋଚନା ପ୍ରତି ଆକର୍ଷିତ କରିନାହାନ୍ତି । କେଉଁଠାରେ ମଧ୍ୟ ଭାରତର ପ୍ରାଚୀନ ପ୍ରାକୃତ ପ୍ରଭାବରେ ତାଲବ୍ୟ (ଶ) ଦନ୍ତ୍ୟ (ସ) ହେବ, କେଉଁଠି ବା ସାହିତ୍ୟର ମାନଦଣ୍ଡ ହେବ, ତାହା ସେ ଖାଲି କହିବା ସଙ୍ଗତ ମନେକରି ନାହାନ୍ତି । ସେ ଖାଲି ଆଲୋଚନାର ସବୁ ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି ଏବଂ ଜାତୀୟ ଭାଷାର ଆଦର୍ଶ ନିର୍ଣ୍ଣୟ କରିବା ନିମନ୍ତେ ଉପାଦାନସବୁ ତନ୍ନ ତନ୍ନ କରି ଅତି ପ୍ରାଞ୍ଜଳ ଭାବରେ ପାଠକ ସମକ୍ଷରେ ସଜାଡ଼ି ରଖିଦେଇଛନ୍ତି । (୯)

ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଓଡ଼ିଆ ଭାଷାଚର୍ଚ୍ଚାର ଦାରିଦ୍ର୍ୟତା ପାଇଁ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା-ଙ୍କର 'ଶବ୍ଦତତ୍ତ୍ୱବୋଧ' ଅନ୍ତର୍ଗତ ନୂତନତତ୍ତ୍ୱର ସୂକ୍ଷ୍ମଦୃଷ୍ଟି ଓ ସତ୍-ସାହସର ସାଧୁଉଦ୍ୟମକୁ ସୁଧୀ ସାହିତ୍ୟିକ ଠିକ୍‌ଭାବେ ହୃଦୟଙ୍ଗମ କରିପାରି-ନଥିବାରୁ ଅତ୍ୟନ୍ତ ଦୁଃଖିତ ହୋଇଛନ୍ତି ।

---

(୮) ପଣ୍ଡିତ ନୀଳକଣ୍ଠ ଦାସ, ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ—୨୫ ।

(୯) ପଣ୍ଡିତ ନୀଳକଣ୍ଠ ଦାସ, ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮) ପୃ—୨୬ ।

Digitized by srujanika@gmail.com

ଓଡ଼ିଆ ଛନ୍ଦର ବିସ୍ତାର କରି ସମାଲୋଚକ ପଣ୍ଡିତ ନୀଳକଣ୍ଠ କହନ୍ତି—କଥାର ତାନ ଲୟରେ ଭାବର ଅଭିବ୍ୟକ୍ତି । ଏହି ଭାବର ଭଙ୍ଗୀ ଦେଖାଇବାପାଇଁ ଏକ କଥା ବା କଥା ସମୂହକୁ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଏ । କଥାର ଏହି ସ୍ୱର ମଧ୍ୟର ଯଥା ସଂଶ୍ଳେଷଣରେ ଯେଉଁ ସୃଷ୍ଟି ଫୁଟେ, ତାହା କବିତା । ସ୍ୱରପୀଠରେ ଏହି ସୃଷ୍ଟି ସଙ୍ଗୀତ । ନିଯ୍ୟା-ପୀଠରେ ଏହି ସୃଷ୍ଟି ହେଉଛି, ଶବ୍ଦ ଓ ଗଠନ । ମଧ୍ୟ ଏଠାରେ ସ୍ୱରଶିଳ୍ପ ବା ସଙ୍ଗୀତ, ପୁଣି ନିଯ୍ୟାଶିଳ୍ପ ବା ଶବ୍ଦଗଠନ କଥା ମୁଖ୍ୟତଃ ଆଲୋଚନା କରାଯାଉନାହିଁ । ଏଠାରେ କେବଳ କଥାଶିଳ୍ପ ବା କବିତାର ସ୍ୱର ସଂଶ୍ଳେଷଣ ବିଭାଗ ହିଁ ଆଲୋଚନା କରାଯିବ । ଏହି ସ୍ୱର ସଂଶ୍ଳେଷଣ ବା ସ୍ୱରସୃଷ୍ଟି ଯହିଁରେ ପ୍ରକାଶ ପାଏ, ତାର ସାଧାରଣ ନାମ ଛନ୍ଦ । ଛନ୍ଦଦ୍ୱାରା କବିତା ଗାନଯୋଗ୍ୟ ହୁଏ, ଏହାଦ୍ୱାରା ଗୋଟିଏ ଜାତିର ଜାତୀୟତା ରକ୍ଷାହୁଏ, ଭାଷା ଓ ସାହିତ୍ୟରେ ସାର୍ବଜନୀନତା ଫୁଟେ । ଗତିଧର୍ମ ସ୍ଥିର ନରହିଲେ ସାହିତ୍ୟ କ୍ରମେ କ୍ରମେ ପ୍ରାକୃତରେ ପରିଣତ ହୋଇ ଏକ ସଂକୀର୍ଣ୍ଣ ବାତାବରଣ ମଧ୍ୟରେ ଗତିକରେ । ସଭ୍ୟତା ଧ୍ୱଂସ ପଥର ଯାତ୍ରୀ ହୁଏ । ସୁତରାଂ ଭାଷାରେ ସାର୍ବଜନୀନତା ଆଣିବାପାଇଁ ଛନ୍ଦର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ।

ପୁନଶ୍ଚ ଛନ୍ଦ ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ ଅନୁଷ୍ଟୁଭ୍ ଛନ୍ଦର ଆଲୋଚନା କରିଛନ୍ତି । ଏହି ଅନୁଷ୍ଟୁଭ୍ ଛନ୍ଦ ସାହିତ୍ୟ କ୍ଷେତ୍ରରେ ପ୍ରାଚୀନ କାଳରେ ବ୍ୟବହୃତ ହେଉଥିଲା । ପଣ୍ଡିତ ନୀଳକଣ୍ଠ ଅନୁଷ୍ଟୁଭ୍ ଛନ୍ଦ ସମ୍ବନ୍ଧରେ ଗଭୀର ଅଧ୍ୟୟନ କରି ଏହି ଛନ୍ଦମଧ୍ୟରେ ଥିବା ବହୁ ସାମ୍ୟ-ମଧ୍ୟରେ ସୂକ୍ଷ୍ମ ବୈଷମ୍ୟ ଦର୍ଶାଇଛନ୍ତି ଏବଂ ପ୍ରାଚୀନ ଓ ବୈଦିକ ଛନ୍ଦକୁ ବିଶଦଭାବେ ଆଲୋଚନା କରିଛନ୍ତି । ସର୍ବୋପରି ଅନୁଷ୍ଟୁଭ୍‌ରେ କେତୋଟି ମାତ୍ର ବର୍ଣ୍ଣରେ ଗୁରୁତ୍ୱ ଓ ଲଘୁତ୍ୱକୁ ସେ ନିର୍ଦ୍ଦିଷ୍ଟଭାବେ ପରୀକ୍ଷା ନିରୀକ୍ଷା କରିଛନ୍ତି ।

ଓଡ଼ିଆ ଛନ୍ଦ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟରେ ସମାଲୋଚକ ସଂସ୍କୃତ ଛନ୍ଦରେ ଗୁରୁ ଓ ଲଘୁ ବର୍ଣ୍ଣ ସମ୍ବନ୍ଧରେ ଆଲୋକପାତ କରିଛନ୍ତି । ତାଙ୍କ ମତରେ ସଂସ୍କୃତ କବିତାରେ ଯେଉଁସ୍ଥାନରେ ଦୁଇଟି ଲଘୁବର୍ଣ୍ଣ ଏକାଠି ଥାଆନ୍ତି, ସେଠାରେ ସ୍ୱର ଅକ୍ଷରରେ ବିରାମ ହୁଏ । ପୁଣି ତିନି ଅକ୍ଷରରେ ମୂଳରେ ବା ଶେଷରେ ଗୁରୁଥିଲେ ସେହି ଅକ୍ଷର ବା ବର୍ଣ୍ଣଟି ପୃଥକ ହୋଇଯାଏ ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟରେ ଛନ୍ଦ ଆଲୋଚନା ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟର ସମାଲୋଚକ ଅନ୍ୟାନ୍ୟ ପ୍ରାନ୍ତୀୟ ଭାରତୀୟ ସାହିତ୍ୟପରି ପ୍ରାକୃତ ଭାଷାରୁ ସୃଷ୍ଟ ବୋଲି ପରିଗ୍ରହଣ କରିଛନ୍ତି । ଓଡ଼ିଆ ଭାଷା ହେଉଛି ପୂର୍ବୀ-ମାଗଧୀ ଅପଭ୍ରଂଶର ଏକ ଶାଖା । ଏହାର ମୂଳଭାଷା ହେଉଛି ପ୍ରାକୃତ । ଓଡ଼ିଆ ସାହିତ୍ୟ ଏହାର ଛନ୍ଦ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଛନ୍ଦ ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଅନ୍ୟ କୌଣସି ପ୍ରାକୃତ ଭାଷାରେ ନାହିଁ ।

ଛନ୍ଦ ସମ୍ବନ୍ଧରେ ଆଲୋଚନା କରି ସମାଲୋଚକ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ଛାନ୍ଦ ଓ ଛନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ନିରୂପଣ କରିଛନ୍ତି, ଯାହାର ଏତେ ସୂକ୍ଷ୍ମାତିସୂକ୍ଷ୍ମ ପାର୍ଥକ୍ୟ ପୂର୍ବରୁ କଳନା କରାଯାଇ-ନଥିଲା । ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ କାବ୍ୟ ନାମକୁ ଛାନ୍ଦଭାବେ ପରିଗ୍ରହଣ କରାଯାଉଥିଲା, ସର୍ଗର ନାମକୁ ମଧ୍ୟ ଛାନ୍ଦଭାବେ ଅଭିହିତ କରା-ଯାଉଥିଲା । ଏପରିକି ଆଧୁନିକ ଯୁଗରେ ମଧୁସୂଦନ ରାଓ ତାଙ୍କ କବିତାକୁ ଛାନ୍ଦମାଳା ନାମରେ ନାମିତ କରିଥିଲେ ।

ଓଡ଼ିଆ ବର୍ଣ୍ଣ ଓ ଲିପି ସଂସ୍କାର ନିମନ୍ତେ ବିଂଶ ଶତକର ଚତୁର୍ଥ ଦଶକ ବେଳକୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ଅଭିନବ ଓ ସ୍ୱାଗତଯୋଗ୍ୟ ଉଦ୍ୟମ ଆରମ୍ଭ ହୋଇଥିଲା, ତାହାର ପୁରୋଭାଗରେ ଥିଲେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଣ୍ଡିତ ନୀଳକଣ୍ଠ ଦାସ । ପଣ୍ଡିତ ନୀଳକଣ୍ଠ ଓଡ଼ିଆ ବର୍ଣ୍ଣମାଳାରେ ପରିଲକ୍ଷିତ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସର୍ବପ୍ରଥମେ ଏକ ବୈପ୍ଳବିକ ପଦକ୍ଷେପ ନେଇଥିଲେ । ପରିବର୍ତ୍ତନ ସ୍ୱରୂପ ସେ ଓଡ଼ିଆ ଲିପି ସଂସ୍କାର ପାଇଁ ଯେଉଁ ମତାମତ ଦେଇଥିଲେ ତାହା ହେଲା—

(୧) ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ବହୁପ୍ରକାର ସକାର କେବଳ 'ସ'ରେ ପ୍ରକାଶିତ ହେବ । ଅବଶ୍ୟ 'ଯ' ବଦଳେ 'ଜ'ରେ ପ୍ରକାଶିତ ହେବ । 'କ୍ଷ' ପାଇଁ 'ଖ୍ୟ' ଲେଖାହେବ ।

(୨) ବ୍ୟଞ୍ଜନ ବର୍ଣ୍ଣ ପୂର୍ବରୁ ବର୍ଗର ପଞ୍ଚମ ବର୍ଣ୍ଣ ସର୍ବଦା ଅନୁସ୍ୱାରରେ ପ୍ରକାଶିତ ହେବ ।

(୩) ତତ୍ସମ ବା ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତ୍ତମାନ ପାଇଁ ସକାର ଓ ହ୍ରସ୍ୱଦୀର୍ଘ ସ୍ୱର ସମ୍ପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ ।

Digitized by srujanika@gmail.com

(୪) ଓଡ଼ିଆ ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ' କାର ଓ ଗୋଟିଏ 'ଉ' କାର ରହିବ ଇତ୍ୟାଦି । (୧୦)

ପ୍ରକୃତରେ ଓଡ଼ିଆ ଲିପି ସଂସ୍କାର ପାଇଁ ପଣ୍ଡିତ ନୀଳକଣ୍ଠ ଯେଉଁ ଦୁଃସାହସିକ ପଦକ୍ଷେପ ନେଇଥିଲେ ତାହା ତତ୍କାଳୀନ ସୁଧୀବୃନ୍ଦଙ୍କ ଦ୍ୱାରା ଆଦୃତ ହୋଇଥିଲେ, ସଂପ୍ରତି ଓଡ଼ିଆ ବର୍ଣ୍ଣମାଳାର କ୍ଷେତ୍ରରେ ଏତେ ସମସ୍ୟା ସୃଷ୍ଟି ହୋଇନଥାନ୍ତା । ମାତ୍ର ଓଡ଼ିଆ ବର୍ଣ୍ଣମାଳାର ପଶ୍ଚାଦ୍‌ଭାଗରେ ପାଞ୍ଚଶହ ବର୍ଷର ଯେଉଁ ପରମ୍ପରା ଥିଲା, ଯେଉଁ ଆଭିଜାତ୍ୟ ଥିଲା, ତାହା ଏକକ ଭାବେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିବାଦକୁ ଭ୍ରୂକ୍ଷେପ କରିନଥିଲା । ଫଳରେ ପଣ୍ଡିତ ନୀଳକଣ୍ଠଙ୍କ ଲିପି ସଂସ୍କାର ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ କିଛିଦିନ ଚହଳ ସୃଷ୍ଟି କରି ଲୀନ ହୋଇଯାଇଥିଲା ।

ଭାଷାରୁ ବ୍ୟାକରଣ ସୃଷ୍ଟିହୁଏ । ବ୍ୟାକରଣରୁ ଭାଷା ସୃଷ୍ଟିହୁଏ ନାହିଁ । —ଭାଷା ଓ ବ୍ୟାକରଣ ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ତାଙ୍କର ସମାଲୋଚନାତ୍ମକ ପୁସ୍ତକରେ ଏହା ଆଲୋଚନା କରିଛନ୍ତି । ଓଡ଼ିଆରେ ବ୍ୟାକରଣର ଆଲୋଚନା ବିଗତ ଶତାବ୍ଦୀରେ । ଊନବିଂଶ ଶତକରେ କେତେକ ମୁଷ୍ଟିମେୟ ଭାଷାପ୍ରେମୀ ଓଡ଼ିଆ ବ୍ୟାକରଣ ରଚନା ନିମିତ୍ତ ପ୍ରୟାସ କରିଥିଲେ । ସେହିଥିଲା ସମ୍ପୂର୍ଣ୍ଣ ସଂସ୍କୃତାନୁସାରୀ । ଓଡ଼ିଆ ବ୍ୟାକରଣରେ ସଂସ୍କୃତ ନିୟମ, ପ୍ରକୃତି, ପ୍ରତ୍ୟୟ, ଧାତୁ, ଶବ୍ଦରୂପ ପ୍ରଭୃତି ସଂସ୍କୃତ ଗ୍ରନ୍ଥରେ ଥିଲା । ସୁତରାଂ ସମାଲୋଚକ ପଣ୍ଡିତ ନୀଳକଣ୍ଠ ପ୍ରବନ୍ଧଟିରେ ଓଡ଼ିଆ ବ୍ୟାକରଣରେ ବହୁଳ ଅଂଶ ପରୀକ୍ଷାକରି ଓଡ଼ିଆ ଭାଷାର ବ୍ୟାକରଣ ସୃଷ୍ଟି ସ୍ୱୀକାର କରିନଥିଲେ । ପଣ୍ଡିତ ନରସିଂହ ମହାପାତ୍ରଙ୍କ ଉକ୍ତି ଉଦ୍ଧାର କରି ସେ କହିଥିଲେ —ପଣ୍ଡିତ ନରସିଂହ ମହାପାତ୍ର କହିଛନ୍ତି, ଓଡ଼ିଆରେ ପୂର୍ଣ୍ଣାଙ୍ଗ ବ୍ୟାକରଣ ବର୍ତ୍ତମାନ ସୁଦ୍ଧା ହୋଇପାରି ନାହିଁ । ଆମେ ବାରମ୍ବାର କହିଛୁ, ବର୍ତ୍ତମାନ ବି କହୁଛୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟିନାହିଁ । (୧୧)

ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚନା ଦୃଷ୍ଟିରେ ମାଟିର ମହାକବି ସାରଳା ଦାସ ହୋଇଛନ୍ତି ଜଣେ ବିପ୍ଳବୀ, ଯୁଗପ୍ରବର୍ତ୍ତକ, ମହାମନୀଷୀ, ଦ୍ରଷ୍ଟା

---

(୧୦) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ—୯୨-୯୩ ।

(୧୧) ନୀଳକଣ୍ଠ ଦାସ, ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ-୧୦୦ ।

Digitized by srujanika@gmail.com

ଓ ସ୍ରଷ୍ଟା । ସେ ଥିଲେ ଏ ଜାତିର ଯଥାର୍ଥ ଦେଶୀ-କଣ୍ଠ; ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣଓଡ଼ିଆ ବା ଅଣଓଡ଼ିଶୀଙ୍କ ଚୋଟିଚଟା ପ୍ରଭାବ ବିରୁଦ୍ଧରେ ଓଡ଼ିଆ ଜାତିର ଆତ୍ମରକ୍ଷାର ବିଦ୍ରୋହ । (୧୨) ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ବିଶ୍ୱାବସୁର ବିଦ୍ରୋହ ପୁରାଣ ଓ କିମ୍ବଦନ୍ତୀର ବିଦ୍ରୋହ । କିନ୍ତୁ ସାରଳା ଦାସଙ୍କ ବିଦ୍ରୋହ କିମ୍ବଦନ୍ତୀ ବା ପୁରାଣର ବିଦ୍ରୋହ ନୁହେଁ, ଏଥିରେ ସତ୍ୟ ଅଛି—ଅଛି ସାମାଜିକ ଆବେଦନ ଓ ଆଲୋଡ଼ନ । ତତ୍କାଳୀନ ସାମାଜିକ ଅନୁସନ୍ଧିତ୍ସା, ଓଡ଼ିଆ ସାହିତ୍ୟ, ଏହାର ସଂସ୍କୃତି ଓ ପରମ୍ପରା ପ୍ରତିଷ୍ଠା ପାଇଁ ଏହା ଓଡ଼ିଆ ଜାତିର ପ୍ରଥମ ବିଦ୍ରୋହ ।

ଓଡ଼ିଆ ସାହିତ୍ୟର ଭିତ୍ତିଭୂମି ସ୍ଥାପନ କରିବାରେ, ଓଡ଼ିଆ ଜାତି ମୁଖରେ ଯଥାର୍ଥ ଓଡ଼ିଆ ଭାଷା ଦେବାରେ କବି ସାରଳା ଦାସଙ୍କୁ ହିଁ ସମ୍ମାନିତ କରାଯାଇଥାଏ । ଅବଶ୍ୟ ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ପରେ ଅନ୍ୟାନ୍ୟ ପ୍ରାନ୍ତୀୟ ଭାରତୀୟ ସାହିତ୍ୟରେ ବହୁ କବି ମହାଭାରତ ରଚନା କରିଥିଲେ ମଧ୍ୟ, ସେଥିରୁ ସାରଳା ଦାସଙ୍କ ମୌଳିକତା ବାରିହୋଇଯାଏ । କବି ସାରଳା ଦାସଙ୍କ ମହାନ ଗ୍ରନ୍ଥ ଓଡ଼ିଆ ଜାତିର ବେଦ, ମହାଭାରତର ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ସେଥିରୁ ଭାଷା, ଧର୍ମ, କିମ୍ବଦନ୍ତୀ, ଉପାଖ୍ୟାନ ପ୍ରଭୃତି ବିଷୟରେ ତାତ୍ତ୍ୱିକ ଅନୁଶୀଳନ କରିଛନ୍ତି । ସାରଳା ସାହିତ୍ୟର ଭାଷା ଆଲୋଚନା କରି ଗୌରୀଶଙ୍କର ରାୟ, ଭଗବତୀ ପ୍ରସାଦ ଦାସ୍ ପ୍ରଭୃତି ସାରଳା ସାହିତ୍ୟକୁ ହୀନ ଦୃଷ୍ଟିରେ ଦେଖିବାରୁ ପଣ୍ଡିତ ନୀଳକଣ୍ଠ ଉପର୍ଯ୍ୟୁକ୍ତ ଆଲୋଚକମାନଙ୍କ ହୀନମନ୍ୟତାକୁ ଖଣ୍ଡନ କରିଛନ୍ତି ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ କ୍ଷେତ୍ରରେ ଏକ ଅମଳିନ ପ୍ରତିଭା । ସମାଲୋଚକ ପଣ୍ଡିତ ନୀଳକଣ୍ଠ ଏହି ପ୍ରତିଭାବାନ କବିଙ୍କର ବିଶିଷ୍ଟ କାବ୍ୟ 'ଲାବଣ୍ୟବତୀ'ର ସମାଲୋଚନା ୧୯୧୨ ମସିହାରେ 'ସତ୍ୟବାଦୀ' ସାହିତ୍ୟ ପତ୍ରିକାରେ ପ୍ରକାଶ କରନ୍ତି । ସମାଲୋଚକ କାବ୍ୟ ସମାଲୋଚନା ପର୍ଯ୍ୟାୟରେ ଲାବଣ୍ୟବତୀର ଶିଳ୍ପ ଗୁରୁତ୍ୱ, କାବ୍ୟର ଭାଷା ଓ ଭାବ, ଭାଷାରେ କ୍ଲିଷ୍ଟତାବୋଧ, କାବ୍ୟରସ, ବର୍ଣ୍ଣନା ବିନ୍ୟାସ-ପାଟବ, ଛନ୍ଦ, ସଙ୍ଗୀତ, କାବ୍ୟାଦର୍ଶ ପ୍ରଭୃତି ସମ୍ପର୍କରେ ଆଲୋଚନା କରିଛନ୍ତି ।

---

(୧୨) ନୀଳକଣ୍ଠ ଦାସ, ଓଡ଼ିଆ ଭାଷା ଓ ସାହିତ୍ୟ (୧୯୪୮), ପୃ-୧୦୮ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ମଧ୍ୟ ସ୍ୱୀକାର କରନ୍ତି, ଉପେନ୍ଦ୍ର ଭଞ୍ଜଙ୍କ ସମଗ୍ର ସୃଷ୍ଟି ମଧ୍ୟରେ ଲାବଣ୍ୟବତୀ ହେଉଛି ତାଙ୍କର ଶ୍ରେଷ୍ଠ କାବ୍ୟକୃତି । ବିଭିନ୍ନ ଭାବରେ ଦେଖିଲେ ଲାବଣ୍ୟବତୀ କବିଙ୍କର ଶ୍ରେଷ୍ଠକାବ୍ୟ । ବୈଦେହୀଶ ବିଳାସର ପୌରାଣିକ ଭିତ୍ତିଅଛି । ମାତ୍ର ଲାବଣ୍ୟବତୀର ଘଟଣା ଓ କଳ୍ପନା କବିଙ୍କର ନିଜସ୍ୱ । କୋଟି ବ୍ରହ୍ମାଣ୍ଡସୁନ୍ଦରୀର ଭାଷାର କ୍ଳିଷ୍ଟତା ଓ ବର୍ଣ୍ଣନାର କୃତ୍ରିମତା ଲାବଣ୍ୟବତୀରେ ନାହିଁ । ସ୍ଥଳବିଶେଷରେ ପ୍ରେମସୁଧାନିଧିରେ ଉତ୍କୃଷ୍ଟ କବିତା ଦେଖାଯାଏ ସତ୍ୟ, କିନ୍ତୁ ତାହା ଲାବଣ୍ୟବତୀ ପରି ବୃହତ୍ ଓ ବହୁଘଟଣା ସମ୍ବଳିତ ନୁହେଁ । ସୁବର୍ଣ୍ଣରେଖା ପ୍ରଭୃତି ଗ୍ରନ୍ଥରେ ସରଳ ବର୍ଣ୍ଣନା ଓ କାବ୍ୟାଳଙ୍କାର ଆଶ୍ରୟ ମିଳିଥିଲେ ମଧ୍ୟ ସେସବୁ ଅତି କ୍ଷୁଦ୍ର ଓ ଲାବଣ୍ୟବତୀ ସଙ୍ଗେ ତୁଳନୀୟ ନୁହେଁ । ଭାଷାର କ୍ଳିଷ୍ଟତା ସଙ୍ଗେ ବିନ୍ୟାସ କୌଶଳ, ଆଳଙ୍କାରିକ କୃତ୍ରିମତା ମଧ୍ୟରେ ସରଳ ଭାବୋନ୍ମେଷ, ବିଷୟ କଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀଭାବର ବିକାଶ ନାନା ବିଧ ଘଟଣାର ଅଙ୍ଗାଙ୍ଗୀଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା, ଅଶ୍ଳୀଳତାର ଉନ୍ମାଦ ମଧ୍ୟରେ ଭାବର ଐକାତ୍ମକତା, ଚଳିତ ଘଟଣାର ଅନୁରୂପ ଚିତ୍ରମଧ୍ୟରେ ଆଦର୍ଶର ବିକାଶ ପ୍ରଭୃତି ଲାବଣ୍ୟବତୀରେ ଯେପରି ପରିଦୃଷ୍ଟ ହୁଏ କବିଙ୍କର ଅନ୍ୟ କାବ୍ୟମାନଙ୍କରେ ତାହା ସେପରି ସ୍ପଷ୍ଟ ନୁହେଁ । (୧୩) ।

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ଉଚ୍ଚାଙ୍ଗ ପରମ୍ପରାକୁ ଭିତ୍ତିକରି ପଣ୍ଡିତ ନୀଳକଣ୍ଠ ଲାବଣ୍ୟବତୀର କାବ୍ୟାଦର୍ଶ ସମ୍ପର୍କରେ ଆଲୋଚନା କରିଛନ୍ତି । କାବ୍ୟ କବିତାର ଆଦର୍ଶ ସମ୍ବନ୍ଧରେ ନିଜର ମତାମତ ସ୍ପଷ୍ଟ କରିବାକୁ ଯାଇ ସେ ଦୁଇପ୍ରକାର ଆଦର୍ଶର ଅନୁସନ୍ଧାନ କରିଛନ୍ତି । ସେଥିମଧ୍ୟରୁ ପ୍ରଥମଟି ହେଲା—ପ୍ରାସଙ୍ଗିକ ସୂକ୍ତି ପ୍ରବର୍ତ୍ତନ ଓ ଅର୍ଥାନ୍ତର ନ୍ୟାସ । ଏହି ଆଦର୍ଶଟି ଅଧିକାଂଶ ସ୍ଥଳରେ ସ୍ପଷ୍ଟବୋଧ ହେଉଥିଲେ ହେଁ, ଶାରଦୀୟ ପ୍ରତ୍ୟୁଷର ଶିଶିରଯୁକ୍ତ ଆକାଶ ପରି କ୍ଷଣିକ କୃତ୍ରିମତାରେ ଏକାକାର ହୋଇଯାଇଛି । ଅନ୍ୟ ଆଦର୍ଶଟି ହେଲା କାବ୍ୟ ମଧ୍ୟରେ

(୧୩) ନୀଳକଣ୍ଠ ଦାସ - ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ—୧୨୭-୨୨୭ ।

Digitized by srujanika@gmail.com

ଚରିତଚିତ୍ରଣ । ଏହାଦ୍ୱାରା କାବ୍ୟାଦର୍ଶର ପ୍ରକୃତ ଉତ୍କର୍ଷ ସାଧିତ ହୋଇଛି ।

ଲାବଣ୍ୟବତୀ କାବ୍ୟର ଭାଷା ଓ ଭାବ ସମ୍ବନ୍ଧରେ ପର୍ଯ୍ୟାଲୋଚନା କରି ପଣ୍ଡିତ ନୀଳକଣ୍ଠ ଉପେନ୍ଦ୍ର ଭଞ୍ଜଙ୍କୁ ଜଣେ ଶବ୍ଦ ଶିଳ୍ପୀଭାବେ ଅଭିହିତ କରିଛନ୍ତି । ଉପେନ୍ଦ୍ର ଭଞ୍ଜ ବା ତାଙ୍କ ସମସାମୟିକ ପ୍ରତ୍ୟେକ କବି ଭାବ ଅପେକ୍ଷା ଭାଷା ପ୍ରତି ଅଧିକ ସଚେତନ । ଭାରତୀୟ ପ୍ରାଦେଶିକ ସାହିତ୍ୟ ତଥା ସଂସ୍କୃତ ସାହିତ୍ୟରେ ମଧ୍ୟ ଏକ ସମୟରେ ସାହିତ୍ୟାନୁଶୀଳନ ବୋଇଲେ ଭାଷାର କସରତ ହିଁ ଥିଲା । ବାସ୍ତବିକ ଏ କ୍ଷେତ୍ରରେ କବି ଉପେନ୍ଦ୍ର ଭଞ୍ଜଙ୍କ ଶକ୍ତିମତ୍ତା ଅନନ୍ୟସାଧାରଣ । ତାଙ୍କ କାବ୍ୟରେ ତେଣୁ ଜନସାଧାରଣଙ୍କ ଭାଷା, ଗ୍ରାମ୍ୟଜନତାର ଭାଷା, ଉତ୍କଳୀୟ ଜନପଦର ଭାଷା ଫୁଟିନାହିଁ । ଫୁଟିନାହିଁ କୃଷିଜୀବୀର ଭାଷା । ରାଜଭବନର ଚତୁଷ୍ପାର୍ଶ୍ୱ ପ୍ରଧାନତଃ ତାଙ୍କର ପରିଭ୍ରମଣ ଓ ପର୍ଯ୍ୟବେକ୍ଷଣ କ୍ଷେତ୍ର । ସୁତରାଂ ତାଙ୍କ ଭାଷା ଜନସାଧାରଣଙ୍କ ଭାଷା ନୁହେଁ ଏବଂ କାବ୍ୟ ଜନସାଧାରଣଙ୍କ ନିମିତ୍ତ ଉଦ୍ଦିଷ୍ଟ ନୁହେଁ । (୧୪)

କବି ଉପେନ୍ଦ୍ର ଭଞ୍ଜ ଥିଲେ ବହୁଶାସ୍ତ୍ର ବିଶାରଦ, ସଂସ୍କୃତ ବିଦ୍ୟାରେ ବିଚକ୍ଷଣ ପଣ୍ଡିତ । ସେ କାବ୍ୟର ଆତ୍ମାରେ ସେପରି, ଅଙ୍ଗରେ ତତୋଧିକ ଅଳଙ୍କାର ଖଚିତ କରି ମଧ୍ୟଯୁଗୀୟ ଓଡ଼ିଆ କାବ୍ୟନାୟିକାର ସୌଷ୍ଠବ ମଣ୍ଡନରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ମାତ୍ର ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଓ ଗଭୀର ଅବବୋଧ ସତ୍ତ୍ୱେ ସେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣରୂପେ ସଂସ୍କୃତାନୁସାରୀ କରିବାକୁ ପ୍ରଯତ୍ନ କରିନାହାନ୍ତି, ବରଂ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱାତନ୍ତ୍ର୍ୟକୁ ସେ ଉତ୍କଳୀୟ ରାଜଦାଣ୍ଡରେ ପହଞ୍ଚାଇବା ପାଇଁ ଯଥାଶକ୍ତି ଉଦ୍ୟମ କରି ଭାଷାର ସ୍ୱଚ୍ଛନ୍ଦ ଓ ପ୍ରାକୃତ ବ୍ୟବହାରକୁ ମଧ୍ୟ ଯୁଗୋପଯୋଗୀ କରିଛନ୍ତି ।

ସମାଲୋଚକଙ୍କ ସପ୍ତଦଶ ଆଲୋଚ୍ୟ ପ୍ରବନ୍ଧ 'ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ' । ଏହି ସମାଲୋଚନାତ୍ମକ ପ୍ରବନ୍ଧଟି ପ୍ରଥମେ 'ସହକାର' ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସମାଲୋଚକ ପଣ୍ଡିତ ନୀଳକଣ୍ଠ ଫକୀରମୋହନଙ୍କ ସାହିତ୍ୟ ବିଶେଷକରି ତାଙ୍କ ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଛନ୍ତି ।

---

(୧୪) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୦୮), ପୃ—୧୦୨ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଉତ୍କଳୀୟ ଗ୍ରାମ୍ୟଜନତାର ଚିତ୍ର ବର୍ଣ୍ଣନ କରିଥିବା ଉପନ୍ୟାସ 'ଛ'ମାଣ ଆଠଗୁଣ୍ଠର ସମାଲୋଚନା କରିବା ପୂର୍ବରୁ ତାହାର ସାରମର୍ମ ସଂକ୍ଷିପ୍ତାକାରରେ ସୂଚନା ଦେଇଛନ୍ତି । ଏହି ଉପନ୍ୟାସଟି ପାଠକଲାବେଳେ ପାଠକ ଅନେକ ସମୟରେ ହସି ହସି ଫାଟିପଡ଼େ । ଅନେକ ସମୟରେ ନିଆଶ୍ରା ଅଭାବଗ୍ରସ୍ତ ଚରିତ୍ରମାନଙ୍କ ନିମନ୍ତେ ତା' ଚକ୍ଷୁରୁ ଲୋତକ ଝରିଯାଏ । ପୁଣି କେତେକ ଚରିତ୍ରପାଇଁ ତା'ର କ୍ରୋଧ ଦ୍ୱିଗୁଣିତ ହୁଏ ଓ ଘୃଣା ଜାତ ହୁଏ । ସୁତରାଂ ନୀଳକଣ୍ଠଙ୍କ ଭାଷାରେ ଛମାଣ ଆଠଗୁଣ୍ଠ ପ୍ରେମର କାହାଣୀ ନୁହେଁ । ଏଥିରେ ନବୀନା ନାୟିକାର ବିଷାଦ ନାହିଁ । ପ୍ରେମିକର ବିରହ ନାହିଁ । ମିଳନରେ ଦୈତ୍ୟ-ତାଣ୍ଡବ ନାହିଁ । ପିକବାଣୀ ନାହିଁ । ନିକୁଞ୍ଜ ଭିତ୍ତି ଗହ୍ୱରରୁ ଆସୁଥିବା ଝରଣାର ମଧୁ ମର୍ମର ଧ୍ୱନି ନାହିଁ । ପ୍ରେମିକା ବା ପ୍ରେୟସୀର ସାହସିକତା ନାହିଁ । ପ୍ରାଣର ଉତ୍କଣ୍ଠା ନାହିଁ । ନୈଶ୍ୟମିଳନର ଉପାୟ ଚିନ୍ତା ନାହିଁ । '(୧୫) 'ଛ'ମାଣ ଆଠ-ଗୁଣ୍ଠର ମଙ୍ଗରାଜ ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଏକ ହୀନ, କୁଟିଳୀ, ପରସ୍ୱ ଅପହରଣକାରୀ ଚରିତ୍ର । ତାର ସ୍ଥିତି ଉତ୍କଳର କେଉଁ ଏକ ଅଜ୍ଞାତ ଗ୍ରାମ୍ୟ ଜନପଦରେ ନୁହେଁ, ତାର ବହୁରୂପୀଭାବ ଏ ଦେଶର ପ୍ରତ୍ୟେକ ସ୍ଥାନରେ ବହୁଭାବରେ ଦୃଷ୍ଟିଗୋଚର ହୁଏ ।

ରାମଚନ୍ଦ୍ର ମଙ୍ଗରାଜଙ୍କର ରକ୍ଷିତା ଚମ୍ପା ସେହିପରି ମଧ୍ୟ ଉତ୍କଳୀୟ ପୁରପଲ୍ଲୀର ଏକ ନାରୀ । 'ଛ'ମାଣ ଆଠଗୁଣ୍ଠ ଉପନ୍ୟାସରେ ଉଭୟଙ୍କର କୁ ପ୍ରମନ୍ତ୍ରଣାରେ କେତେ ବାଘସିଂହ ବଂଶ ଉଜୁଡ଼ିଯାଏ । କେତେ ଜମିଦାର ଦାରିଦ୍ର୍ୟର ଶିକାର ହୁଅନ୍ତି, ଆଉ ପ୍ରାଣ ହରାନ୍ତି ଅନେକ ଗରିବ ସାରିଆ, ଭଗିଆ-ମାନେ । ଔପନ୍ୟାସିକ ଫକୀରମୋହନ ଲୋକଶିକ୍ଷା ତଥା ଆଦର୍ଶବୋଧ ନିମିତ୍ତ ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ ସତ୍ୟର ଜୟ ଓ ପାପର କ୍ଷୟ ଦର୍ଶାଇବା ପାଇଁ ଚମ୍ପା ଓ ରାମଚନ୍ଦ୍ର ମଙ୍ଗରାଜଙ୍କୁ କଠୋର ଶାସ୍ତି ଦେଇଛନ୍ତି ।

ଏହାପରେ ଫକୀରମୋହନଙ୍କ ଦ୍ୱିତୀୟ ଉପନ୍ୟାସ ପ୍ରାୟ ପନ୍ଦର ବର୍ଷପରେ ପ୍ରକାଶ ପାଇଛି । ଏହି ପନ୍ଦର ବର୍ଷ ବ୍ୟବଧାନ ମଧ୍ୟରେ ବୈଷ୍ଣ-ବତାର ବ୍ୟଞ୍ଜିତ କେତେକ କ୍ଷୁଦ୍ର କବିତା ପ୍ରକାଶ ପାଇଥିଲା । 'ମାମୁଁ'

(୧୫) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫ ), ପୃ—୧୬୦ ।

Digitized by srujanika@gmail.com

ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ପରି ସମ୍ପୂର୍ଣ୍ଣ ପାରିବାରିକ ଭିତ୍ତି ଉପରେ ପ୍ରତିଷ୍ଠିତ । ଉପନ୍ୟାସ ସମ୍ବନ୍ଧରେ ସମାଲୋଚକ ପଣ୍ଡିତ ନୀଳକଣ୍ଠ କହନ୍ତି—ଭଣଜାଙ୍କ ପ୍ରତି ମାମୁଙ୍କର ବ୍ୟବହାର ଏହି ଉପନ୍ୟାସର ସାର ବର୍ଣ୍ଣିତ ବିଷୟ । ମାମୁ ଭଣଜାଙ୍କର ସମ୍ପର୍କ ରକ୍ତ ସମ୍ପର୍କ । ତେଣୁ ଉଭୟଙ୍କ ପ୍ରତି ଉଭୟଙ୍କର ସ୍ନେହ ଓ ଗଭୀର ଅନୁରାଗ ରହିବା ସ୍ୱାଭାବିକ । ମାତ୍ର ଅତିରିକ୍ତ ବିଧାନଗୁଡ଼ିକ ମଧ୍ୟ ଜଗତର ନିୟମର ଅଂଶ । ଆଜିବୋଲି ଆଜି ନୁହେଁ, ଦ୍ୱାପର ଯୁଗରୁ ମଧ୍ୟ ଏପରି 'କଂସ ମାମୁ' ଭାରତରେ ପୁରାଣ ପ୍ରସିଦ୍ଧ । ମାମୁଙ୍କୁ ଗୁହ୍ନିଁ ମାଇଁ । ଦୟା ନାହିଁ କି ପ୍ରୀତି ନାହିଁ, ସ୍ନେହ ନାହିଁ କି ସରଳତା ନାହିଁ—ନାଜର ବାବୁଙ୍କ ସ୍ତ୍ରୀ ବୋଲି ପାଦ ଭୂଇଁରେ ଲାଗୁନାହିଁ । ସାଇ ପଡ଼ିଶା, ଜ୍ଞାତି, ବନ୍ଧୁ ମନୁଷ୍ୟ ପରି ତାଙ୍କୁ ଦେଖାଯାଆନ୍ତି ନାହିଁ । (୧୬) 'ଛ'ମାଣ ଆଠଗୁଣ୍ଠ' ସହିତ ଏହି ଉପନ୍ୟାସ ଅନେକ ପରିମାଣରେ ସାମ୍ୟ ରକ୍ଷାକରିଛି । 'ଛମାଣ ଆଠଗୁଣ୍ଠ'ର ରାମଚନ୍ଦ୍ର ମଙ୍ଗରାଜଙ୍କ ପରି ମାମୁ ଉପନ୍ୟାସର ନଟବର ଦାସ ଏକ ଶୋଷକ ଚରିତ୍ର । ସେ ସମ୍ପଦର ଦୁର୍ବାର ଲାଳସାରେ ପରିଚାଳିତ । 'ଛ'ମାଣ ଆଠଗୁଣ୍ଠ'ର ଚମ୍ପାପରି 'ମାମୁ' ଉପନ୍ୟାସର ଶଶିକଳା ଏକ କୁଟିଳା ନାରୀ ଚରିତ୍ର । ଉଭୟ ନାରୀଚରିତ୍ର ଉପନ୍ୟାସଦ୍ୱୟରେ ଗୃହିଣୀ ଭୂମିକାରେ ଅବତୀର୍ଣ୍ଣା ହୋଇଥିଲେ ହେଁ ଉପନ୍ୟାସକୁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚାଇ ଦେବାରେ ସେହି ଚରିତ୍ରମାନଙ୍କ ଭୂମିକା ସ୍ୱୀକାର୍ଯ୍ୟ ।

ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ମାମୁ' ଏକ ଅସମ୍ପୂର୍ଣ୍ଣ ଉପନ୍ୟାସ । ଉଭୟ ଉପନ୍ୟାସର ଅନ୍ତିମ ପର୍ଯ୍ୟାୟ ପ୍ରାୟ ଏକ । ଉଭୟ ଉପନ୍ୟାସର ନାୟକ ଅଦାଲତରେ ଆସାମୀ, ଉଭୟ ଅନୁତାପରେ ଜର୍ଜରିତ । ମଙ୍ଗରାଜଙ୍କର ଅନୁତାପରୁ ବର୍ତ୍ତିବାର ଅବସର ନାହିଁ । ମାତ୍ର ଅନ୍ତିମ ପର୍ଯ୍ୟାଲୋଚନା ପ୍ରାୟ ଉଭୟଙ୍କର ଏକ । × × ଘଟଣା, ପାଠକଙ୍କ ଆକାଂକ୍ଷା ଅନୁରୂପ ହୋଇଥିଲେ ମାମୁଙ୍କର ଶେଷକଥା ନ-ଇ-ପୁ-ଅ (ନରିପୁର) ହୋଇନଥାନ୍ତା, କିଏ କହିପାରେ ? (୧୭)

---

(୧୬) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ-୧୬୪ ।
(୧୭) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮) ପୃ-୧୬୫ ।

Digitized by srujanika@gmail.com

'ମାମୁଁ' ଉପନ୍ୟାସର ନାମକରଣ ସମ୍ପର୍କରେ ମତାମତ ଦେବାକୁ ଯାଇ ପଣ୍ଡିତ ନୀଳକଣ୍ଠ କହନ୍ତି—'ମାମୁ'ର ନାମକରଣ ସୁରୁଚି ଓ ସମୀଚୀନ । 'ମାମୁଁ' ଶବ୍ଦଟି ଉଚ୍ଚାରଣ କଲେ ବା ମାମୁଁ ଶବ୍ଦଟି ମଧ୍ୟରେ ପାଠକ ଯାହା ବୁଝେ ପୁସ୍ତକର ନାମକରଣରେ ସେ ଅର୍ଥ ନାହିଁ । 'ମାମୁ' ଏଠାରେ କଂସ ମାମୁଁ । ମାମୁର ଏହି କଂସ ମାମୁତ୍ୱ ଅବକାଶରେ ଏ ପୁସ୍ତକ ନପ୍ରେରିତ । ମାମୁଁ ନକହି ଏହି ପୁସ୍ତକକୁ ନଟବର କହିଥିଲେ ହୁଅନ୍ତା ନାହିଁ । କଂସ ମାମୁ କହିଥିଲେ ଶିରୋନାମାରେ ହିଁ ରହସ୍ୟଭେଦ ହୋଇ-ଥାଆନ୍ତା । ସମସ୍ତ ଉପନ୍ୟାସଟି କଂସ ମାମୁ ଶବ୍ଦର ଗୋଟିଏ ନୀରସ ବିଶଦ ବ୍ୟାଖ୍ୟା, ଟୀକା କିମ୍ବା ଭାଷାରେ ପରିଣତ ହୁଅନ୍ତା । ନାମକରଣଟି ପାଠକର ପୁସ୍ତକ ପାଠରେ ଉତ୍ତରୋତ୍ତର ଆଗ୍ରହ ବଢ଼ାଇବାରେ ତାଦୃଶ ସାହାଯ୍ୟ କରିନାହିଁ । ନାମକରଣରେ ଚାତୁରୀ ନାହିଁ । ନାମର ଶକ୍ତି ଓ ରହସ୍ୟରେ ପୁସ୍ତକର ଘଟଣାବଳୀ ସଙ୍କୋଚଭାବରେ ପ୍ରଭାବିତ ହେବାହିଁ ନାମକରଣର କୁଶଳତା ଓ ସାର୍ଥକତା । (୧୮)

'ଛ'ମାଣ ଆଠଗୁଣ୍ଠ' ନାମକରଣ ସମ୍ପର୍କରେ ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କୁ କୁଣ୍ଠିତ ହେବାକୁ ହୁଏ । ବସ୍ତୁତଃ ଔପନ୍ୟାସିକ ଫକୀର-ମୋହନଙ୍କ 'ଛମାଣ ଆଠଗୁଣ୍ଠ' ଏକ ଅନନ୍ୟସାଧାରଣ ସୃଷ୍ଟି । ଉପନ୍ୟାସର ନାୟକ ରାମଚନ୍ଦ୍ର ମଙ୍ଗରାଜ । କିନ୍ତୁ କଥାକାର ନାମକରଣ ପ୍ରସଙ୍ଗରେ ମୁଖ୍ୟ ନାୟକକୁ ପାଠକ ଉପରେ ଆରୋପିତ କରିନାହାନ୍ତି । ଉପନ୍ୟାସର କେନ୍ଦ୍ରବିନ୍ଦୁ ଛମାଣ ଆଠଗୁଣ୍ଠ ଜମି । ସେହି ଜମିକୁ କେନ୍ଦ୍ରକରି ସମଗ୍ର ଉପନ୍ୟାସର ସୃଷ୍ଟି ।

ଫକୀରମୋହନଙ୍କ ଭାଷା ସମ୍ବନ୍ଧରେ ଆଲୋଚନା କରି ସମାଲୋଚକ ପଣ୍ଡିତ ନୀଳକଣ୍ଠ ସ୍ୱୀକାର କରନ୍ତି, ତାଙ୍କ ଭାଷା ସରସତାର ଚରମସୀମାରେ ଅଧିରୂଢ଼ । ଏପରି ପ୍ରାଣସ୍ପର୍ଶୀ ଭାଷା ସେ ଓଡ଼ିଆ ସାହିତ୍ୟରେ କୁତ୍ରାପି ଦେଖିନାହାନ୍ତି । ସମଗ୍ର 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସ ଏହାର ଜ୍ୱଳନ୍ତ ଉଦାହରଣ ।

ମଧୁସୂଦନଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ ପ୍ରବନ୍ଧ ହେଉଛି 'ଓଡ଼ିଆ ସାହିତ୍ୟରେ ମଧୁସୂଦନ' । ମଧୁସୂଦନଙ୍କ

(୧୮) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ସାହିତ୍ୟ (୧୯୫୮),
ପୃ—୧୭୦-୧୭୫ ।

Digitized by srujanika@gmail.com

ସାହିତ୍ୟିକ ଆଦର୍ଶରେ ବର୍ଦ୍ଧିତ ହୋଇ ପଣ୍ଡିତ ନୀଳକଣ୍ଠ ପ୍ରବନ୍ଧର ପ୍ରାରମ୍ଭରୁ ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରସାରଥି ଉତ୍କଳକବି, ମଧୁସୂଦନଙ୍କ ସମ୍ବନ୍ଧରେ ଆଲୋଚନାତ୍ମକ ପ୍ରବନ୍ଧ ରଚନା କରିବାକୁ ପ୍ରଥମେ ଅକ୍ଷମତା ପ୍ରକାଶ କରିଛନ୍ତି । ପରେ ମଧୁବାବୁଙ୍କ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ସର୍ବପ୍ରଥମେ ପଣ୍ଡିତ ନୀଳକଣ୍ଠ ତାଙ୍କ ଭାଷା ଉପରେ ଦୃଷ୍ଟି ନିବଦ୍ଧ କରିଛନ୍ତି । ମଧୁସୂଦନଙ୍କ ଭାଷାର ମୁଖ୍ୟ ବିଶେଷତ୍ୱ ହେଉଛି ଏହାର ସାଙ୍ଗୀତିକତା । ଅନେକ ସମାଲୋଚକ ଆକ୍ଷେପ କରନ୍ତି ଯେ, ମଧୁସୂଦନଙ୍କ ଭାଷା ସଂସ୍କୃତ ଘେଞ୍ଚାରେ ଭରା ଏବଂ ସେହି ହେତୁ ତାହା ସମ୍ପୂର୍ଣ୍ଣରୂପେ ସ୍ୱାଭାବିକ ନୁହେଁ । ବାସ୍ତବିକ ସମାସର ଗୁରୁତା, ଶବ୍ଦବିନ୍ୟାସର ଅସ୍ୱାଭାବିକତା, ବାକ୍ୟଗଠନରେ ପ୍ରାଚୀନ ପଦ୍ଧତି, ଓଡ଼ିଆ କ୍ରିୟାମାନଙ୍କର ବହୁଳ ପ୍ରୟୋଗର ଅଭାବ, କୃଦନ୍ତ ତଦ୍ଧିତାଦିରେ ବିଶେଷ ଆଗ୍ରହ, ଭାବପ୍ରକାଶରେ ଶବ୍ଦର ବ୍ୟସ୍ତ-ସଙ୍କୋଚ ପ୍ରତି ଅସାବଧାନତା, କେବଳ ସନ୍ଦର୍ଭ ସଂପାଦନ ନିମନ୍ତେ ବିଶେଷଣାଦିରେ ପ୍ରୟୋଗ, ଲେଖନ ପ୍ରଣାଳୀରେ ଉଚ୍ଛୃଙ୍ଖଳ ସ୍ୱାଧୀନତାର ଅଭାବ, ବିନ୍ୟାସରେ ଅନୁପ୍ରାସ ପ୍ରତି ବିଶେଷ ଦୃଷ୍ଟି ପ୍ରଭୃତି ଦେଖିଲେ ଏସବୁ ମନ୍ତବ୍ୟ କେତେକ ପରିମାଣରେ ସତ୍ୟବୋଲି ମନେହୁଏ । (୧୯) ମଧୁସୂଦନଙ୍କ ଭାଷା ସଂସ୍କୃତାନୁସାରୀ ହେବାର ଏକ ମୁଖ୍ୟ କାରଣ ହେଲା ଓଡ଼ିଆ ଭାଷାରେ ପ୍ରକୃତ ଓଡ଼ିଆ ଶବ୍ଦର ଅଭାବ । ସୁତରାଂ ନୂତନ-ଭାବ ପ୍ରକାଶ କରିବାକୁ ହେଲେ ସଂସ୍କୃତର ଶବ୍ଦକୋଷକୁ ହିଁ ଆଶ୍ରୟ ନେବାକୁ ହୁଏ । ନବଭାବର ବିକାଶବେଳେ ପ୍ରାଚୀନ ସାହିତ୍ୟର ଅଧିକତା ମଧ୍ୟରେ ମଧୁସୂଦନଙ୍କ ସାହିତ୍ୟର ନବଜନ୍ମ । ତେଣୁ ସେ ତେବେଳେ ସଂସ୍କୃତ ପ୍ରତି ଦୃଷ୍ଟି ପଡ଼ିବାରେ ବିଚିତ୍ରତା ନାହିଁ ।

ମଧୁସୂଦନ ଆଧୁନିକ ଯୁଗର କବି । ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସାହିତ୍ୟ ସାଧକଭାବେ ତାଙ୍କର ସ୍ଥାନମାନ ସ୍ୱୀକାର୍ଯ୍ୟ । ପାଶ୍ଚାତ୍ୟ ସାହିତ୍ୟରୁ ନୂତନ ଛନ୍ଦ ଆହରଣ ତାଙ୍କ ସାହିତ୍ୟର ବିଶେଷତ୍ୱ । 'ଚତୁର୍ଦ୍ଦଶପଦୀ କବିତା" 'ନିଶୀଥଚିନ୍ତା' ଓ 'ନବଭାବନା'ରେ ଇଂରେଜୀସ୍ଥ Spencerian Stanza ଅନ୍ତର ଛନ୍ଦ 'ଆକାଶ'ରେ ଏକାଦଶ ମିତ୍ରାକ୍ଷର ଏବଂ ଜୀବନଚିନ୍ତାରେ ଭାବର ଅନୁରୂପ କଳ୍ପିତ ଛନ୍ଦ ପ୍ରଭୃତି ସେ ପ୍ରୟୋଗ କରିଛନ୍ତି । ନୂତନ ଛନ୍ଦ ପ୍ରତି ତାଙ୍କର ଆତ୍ମୀୟତାବୋଧ ସୁସ୍ପଷ୍ଟ । ମାତ୍ର ସେ ପ୍ରାଚୀନ ସାହିତ୍ୟର ସେବକ । ସୁତରାଂ ପ୍ରାଚୀନ ଓଡ଼ିଆ ସାହିତ୍ୟରେ

---

(୧୯) ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୮), ପୃ-୨୧୨ ।

Digitized by srujanika@gmail.com

ଅବିଳତା ଦେଖି ତାଙ୍କ ମନ ବ୍ୟଥିତ ହୋଇଛି । ମଧୁସୂଦନଙ୍କ କବିତାରେ ରହିଛି ଉଭୟ ପ୍ରାଚୀନ ଓ ନବୀନ ସୁର । ମଧୁସୂଦନ ପ୍ରାଚୀନ ସାହିତ୍ୟ ମଧ୍ୟରେ ନିଜ ଭାବାନୁରୂପ ଛନ୍ଦ ଖୋଜିଛନ୍ତି । 'ନଦୀପ୍ରତି' କବିତାରେ କାମୋଦୀ, 'ଅଯୋଧ୍ୟା ପ୍ରତ୍ୟାଗମନ' କବିତାରେ ରସକୁଲ୍ୟା, 'ଜନ୍ମଭୂମି' କବିତାରେ ଭୈରବୀ, 'ଉତ୍କଳଗାଥା'ରେ ପଞ୍ଚମ ବରାଡ଼ି, 'ଗୁଞ୍ଜମାଳା'ରେ କଳହଂସ କେଦାର ଓ ଚକ୍ରକେଳି ପ୍ରଭୃତି ସୁରର ଆଶ୍ରୟ ନେଇଛନ୍ତି । ଯେଉଁ ଭାଗବତ ଗ୍ରନ୍ଥ ବିଗତ ପାଞ୍ଚଶତ ବର୍ଷଧରି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭକ୍ତିଭାବ ଜାଗରଣ କରିଛି, ମଧୁସୂଦନ ଶିଶୁସାହିତ୍ୟ ସୃଷ୍ଟି କଲାବେଳେ ଶିଶୁମାନଙ୍କ ପ୍ରାଣସ୍ପର୍ଶୀ କରିବା ନିମିତ୍ତ ସେହି ଭାଗବତର ବୃତ୍ତକୁ ହିଁ ଗ୍ରହଣ କରିଛନ୍ତି ।

ମଧୁସୂଦନଙ୍କ ଦୃଷ୍ଟିରେ ଏ ସୃଷ୍ଟି ମଧୁମୟ ଓ ଅମୃତମୟ । ବିଶ୍ୱପ୍ରାଣରେ ତେଣୁ ସେ ନିଜ ଜୀବନର ପ୍ରତିରୂପ ଅନୁଭବ କରୁଥିଲେ । ଜଡ଼ ଓ ଜଙ୍ଗମ ପିଣ୍ଡ ମଧ୍ୟରେ ସେ ବିଶ୍ୱନିୟନ୍ତା ଭଗବାନଙ୍କୁ ସ୍ୱପ୍ନ ଦେଖୁଥିଲେ । ମଧୁସୂଦନଙ୍କ ସମସ୍ତ କାବ୍ୟକବିତା ମଧ୍ୟରେ ଏହି ଭାବ ଲକ୍ଷ୍ୟଣୀୟ । 'ଋଷିପ୍ରାଣେ ଦେବାବତରଣ' ପ୍ରଭୃତି କବିତାରେ ଏହି ଭାବ କୂଳପ୍ଲାବିତ ଭାଗୀରଥୀ ପରି ଉଚ୍ଛ୍ୱସିତ; ପୁଣି 'ନଦୀପ୍ରତି' କବିତାରେ ଏହା ଅନ୍ତଃସଲିଳା ଫଲଗୁଧାରା ପରି ପ୍ରବାହିତ । ସୁତରାଂ ବିଶ୍ୱପ୍ରେମରେ ମଧୁସୂଦନଙ୍କ ପ୍ରାଣ ସର୍ବଦା ପୁଲକିତ । ସୁଖ ଦୁଃଖ, ହସ କାନ୍ଦ, ବିଭିନ୍ନ ପ୍ରକାର ଅଭାବବୋଧ ତଥା ସଂସାରର ନାନା ଅବିଳତା ମଧ୍ୟରେ ତାଙ୍କର ଏହି ସ୍ଥାୟୀଭାବ ଆଦୌ ନିର୍ଲିପ୍ତ ହୋଇନାହିଁ ବରଂ ସର୍ବଦା ବିଶ୍ୱକୃପାରେ ବିଭୋର ।

ଅନୁବାଦ ସାହିତ୍ୟ କ୍ଷେତ୍ରରେ ମଧୁସୂଦନଙ୍କ ସ୍ଥାନ ଅଦ୍ୱିତୀୟ । ଗଦ୍ୟ, ପଦ୍ୟ—ଉଭୟ କ୍ଷେତ୍ରରେ ତାଙ୍କର ଅନୁବାଦ ଅଛି, ସଙ୍କଳନ ଅଛି, ମାତ୍ର ସେଥିରେ ତାଙ୍କର ସଂଗୋପନ ନାହିଁ, ଅବଳତା ନାହିଁ । ପରନ୍ତୁ ଅନୁବାଦର ପ୍ରାଞ୍ଜଳତା ସେ 'ପ୍ରବନ୍ଧମାଳା'ରେ ସ୍ପଷ୍ଟଭାବେ ସ୍ୱୀକାର କରିଛନ୍ତି । ସୁତରାଂ ଏହି ଅନୁବାଦ ମଧ୍ୟରେ ମଧୁସୂଦନଙ୍କ ସ୍ୱାଭାବିକ ଦୃଷ୍ଟିଭଙ୍ଗୀ ପ୍ରସ୍ଫୁଟିତ ହୋଇଥାଏ । 'ନିର୍ବାସିତର ବିଳାପ' ପରି ଅନୁବାଦ ସମଗ୍ର ଓଡ଼ିଆ ସାହିତ୍ୟରେ ବିରଳ । ଏହା ନିର୍ଦ୍ୱନ୍ଦ୍ୱରେ ସ୍ୱୀକାର କରାଯାଏ ।

କବିତା କ୍ଷେତ୍ରରେ ମଧୁସୂଦନଙ୍କ ଏକ ବିଶିଷ୍ଟ ଗୁଣଥିଲା ଦାମ୍ପତ୍ୟ ପ୍ରେମ ବା ପ୍ରଣୟ । ଭକ୍ତକବି ମଧୁସୂଦନ ଥିଲେ ପ୍ରେମିକ । ବିଶ୍ୱପରିବାର ସଙ୍ଗେ ତାଙ୍କର ଥିଲା ଅନାବିଳ ପ୍ରେମ । ମଧୁସୂଦନଙ୍କ ହୃଦୟରେ ସାଂସାରିକ

Digitized by srujanika@gmail.com

ଦାମ୍ପତ୍ୟ ପ୍ରେମ ପ୍ରଣୟର ଅବକାଶ ପ୍ରାୟ ଦୃଷ୍ଟିଗୋଚର ହୁଏନାହିଁ । ତାଙ୍କ ହୃଦୟରେ ବିଶ୍ୱପ୍ରେମର ସ୍ରୋତ ଅତ୍ୟନ୍ତ ପ୍ରଖର । ଜଗତର ପ୍ରତ୍ୟେକ ଅଣୁ ପରମାଣୁରେ ଯେ ଚେଷ୍ଟା ସୃଷ୍ଟିକର୍ତ୍ତାଙ୍କୁ ଦେଖୁଥିଲେ, ତାଙ୍କ ସତ୍ତା ଅନୁଭବ କରୁଥିଲେ । ଭକ୍ତି ଓ କୃତଜ୍ଞତାରେ ଉଦ୍‌ବୁଦ୍ଧ ହୋଇ ଚେଷ୍ଟା ସେ ବନ୍ଧୁ ପଦରେ ଆତ୍ମସମର୍ପଣ କରୁଥିଲେ । ଧରାପୃଷ୍ଠରେ ଯାହା ମହତ୍ତ୍ୱ ସେଥିରେ ସେ ବିଶ୍ୱପତିର ସ୍ଫୁରଣ ମାତ୍ର ଦେଖୁଥିଲେ ।

କବିବର ରାଧାନାଥ ଯେଉଁ ନୂତନ ଶକ୍ତିର ପ୍ରଭାବରେ ଉତ୍କଳର ଭାଷା ଓ ଉତ୍କଳର ସାହିତ୍ୟକୁ ଯେପରିଭାବେ ପ୍ରଭାବିତ କରିଛନ୍ତି ଏବଂ ଯେଉଁ ନୂତନ ପାଶ୍ଚାତ୍ୟ ରୀତି ଆହରଣ କରି ଓଡ଼ିଆ ସାହିତ୍ୟକୁ ମାର୍ଜିତ କରିଛନ୍ତି ତାହା ବର୍ଣ୍ଣନା କରିବା ନିମିତ୍ତ ପଣ୍ଡିତ ନୀଳକଣ୍ଠ 'ରାଧାନାଥ ଓ ଉତ୍କଳ ସାହିତ୍ୟ' ନାମକ ଏକ ଗବେଷଣାମୂଳକ ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି ।

ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ରାଧାନାଥଙ୍କ ଦୃଷ୍ଟିକୋଣ ପ୍ରାଚୀନ ସାହିତ୍ୟିକ ପରମ୍ପରା ତଥା ମୂଲ୍ୟବୋଧ ଦୃଷ୍ଟିଠାରୁ ବହୁପରିମାଣରେ ପୃଥକ ଥିଲା । ରାଧାନାଥଙ୍କ କବିତାରେ ଯେତେବେଳେ ଉତ୍କଳର ଚତୁର୍ଦ୍ଦିଗ ସୁରଭିତ ହେଲା, ସେତେବେଳେ କେବଳ ସାହିତ୍ୟକ୍ଷେତ୍ର ନୁହେଁ, ଉତ୍କଳର ସାଂସ୍କୃତିକ ପାଣିପାଗ, ସାମାଜିକ ରାଜନୀତି କବିଙ୍କ ପାଇଁ ମଧ୍ୟ ଅନୁକୂଳ ଥିଲା । କବିବର ରାଧାନାଥ ପ୍ରାଚୀନ ପୁରାଣ ସାହିତ୍ୟ ତଥା ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଧାରା ସହିତ ବହୁପରିମାଣରେ ସଂଶ୍ଳିଷ୍ଟ ଥିଲେ । ଏହାବ୍ୟତୀତ ପାଶ୍ଚାତ୍ୟ ଓ ବଙ୍ଗ ସାହିତ୍ୟ ପ୍ରଭାବରେ ସେ ଆଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ସରଣୀ ପ୍ରସ୍ତୁତ କରିଥିଲେ । ସୁତରାଂ ପ୍ରାଚୀନ ଅଳଙ୍କାରର ଜଟିଳ ଯମକଯୁକ୍ତ ବର୍ଣ୍ଣନା ତ୍ୟାଗକରି ସେ ପାଶ୍ଚାତ୍ୟ ତଥା ବଙ୍ଗୀୟ ସାହିତ୍ୟ ପ୍ରଭାବରେ ପ୍ରଭାବିତ ହୋଇ ସେହି ଆଦର୍ଶରେ ମାର୍ଜିତ ଶୃଙ୍ଖଳିତ ଭାଷାରେ ନିଜ କାବ୍ୟ କୋଣାର୍କ ନିର୍ମାଣ କରିବାକୁ ଦୃଢ଼ସଙ୍କଳ୍ପ ନେଇଥିଲେ । ରାଧାନାଥଙ୍କ ସମସାମୟିକ ସାହିତ୍ୟିକ ତାଙ୍କର ଏହି ବୈପ୍ଳବିକ ପଦକ୍ଷେପକୁ ସ୍ୱାଗତ କରିଥିଲେ । ଫଳତଃ ରାଧାନାଥଙ୍କ ସାହିତ୍ୟ ଜଗତ ଓଡ଼ିଆ ସାହିତ୍ୟରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିନେଇ-ଥିଲା ।

ରାଧାନାଥ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟକୁ ଗଭୀର ଭାବେ ନିରୀକ୍ଷଣ କରି ଉତ୍କଳ ସାହିତ୍ୟର ପ୍ରଗତି ତଥା ସମୃଦ୍ଧି ପାଇଁ ସମସ୍ତ ପ୍ରାଚୀନ ପନ୍ଥା

Digitized by srujanika@gmail.com

ଓ ଅଳଙ୍କାର ନିୟମ ପରିତ୍ୟାଗ କରି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରୁ ସାର ସଂଗ୍ରହ ପୂର୍ବକ ନିଜର ସାହିତ୍ୟିକ ଅଭିରୁଚି ଓ କାବ୍ୟାଦର୍ଶ ପ୍ରଭୃତି ସ୍ଥିର କରିଥିଲେ । ରାଧାନାଥ ଉତ୍କଳ ସାହିତ୍ୟର ସମୃଦ୍ଧି ପାଇଁ ଅନୁବାଦ ଓ ଅନୁକୃତିକୁ ହିଁ ମୁଖ୍ୟ ଆଶ୍ରୟରୂପେ ପରିଗ୍ରହଣ କରିଥିଲେ । ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠ କବିବର ରାଧାନାଥଙ୍କ ମହାଯାତ୍ରା, ତୁଳସୀ-ସ୍ତବକ ପ୍ରଭୃତିର ଆଲୋଚନା କରିଛନ୍ତି । ମହାଯାତ୍ରାର ଲେଖନ ପଦ୍ଧତି ଓ ଛନ୍ଦରେ, 'ମେଘନାଦ ବଧ' ଓ 'ଯଯାତିକେଶରୀ'ରେ ବଙ୍ଗଳାର ପ୍ରାଚୀନ କବି ଭାରତଚନ୍ଦ୍ରଙ୍କ ପାଳର ଛାୟା ପ୍ରତିଫଳିତ । 'କେଦାରଗୌରୀ' ଓ ଉଷା' ଗ୍ରୀକ୍ ପୁରାଣ କଥା ଓଭିଡ୍‌ଙ୍କ କାବ୍ୟରୁ ପରିଗ୍ରହଣ କରାଯାଇଛି । 'ତୁଳସୀସ୍ତବକ' ହିନ୍ଦୀକବି ତୁଳସୀଦାସଙ୍କ ରାମଚରିତମାନସରୁ ଆକ୍ଷରିକ ଅନୁବାଦ ହୋଇଛି ।

ମାତ୍ର ଏସବୁ ଅନୁକୃତି ଓ ଅନୁବାଦ ସତ୍ତ୍ୱେ ରାଧାନାଥଙ୍କ ରଚନାରେ ରାଧାନାଥୀ ମନୀଷାର ସୁସ୍ପଷ୍ଟ ପରିଚୟ ମିଳେ । 'ତୁଳସୀସ୍ତବକ' ହିନ୍ଦୀକବି ତୁଳସୀଦାସଙ୍କ ରାମଚରିତମାନସର ଛାୟାନୁବାଦ ହୋଇଥିଲେ ମଧ୍ୟ ସେଥିରେ ତୁଳସୀଦାସଙ୍କ ପରିବର୍ତ୍ତେ ରାଧାନାଥ ହିଁ ପାଠକର ନିକଟ-ବର୍ତ୍ତୀ ହୋଇଥାନ୍ତି । ସେହିପରି 'କେଦାରଗୌରୀ' 'ଓଭିଡ୍'ରୁ ଅନୁପ୍ରାଣିତ ହୋଇଥିଲେ ମଧ୍ୟ ତାହା ରାଧାନାଥଙ୍କ କରସ୍ପର୍ଶରେ ସମ୍ପୂର୍ଣ୍ଣ ଉତ୍କଳୀୟ ହୋଇଯାଇଛି ।

ବିଷୟଗତ ଚିନ୍ତା ଓ ଆଦର୍ଶ ଦୃଷ୍ଟିରୁ ରାଧାନାଥଙ୍କ ଉତ୍କଳ ସାହିତ୍ୟ ନୂତନ ରୂପକଳାରେ ମଣ୍ଡିତ । ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ପ୍ରାୟ ଏ ପ୍ରକାର ବିଷୟ ଚିନ୍ତା ରହିଛି । ସେଥିରେ ବିବାହ, ମିଳନ, ବିଚ୍ଛେଦ, ପୁନର୍ମିଳନର ଚିତ୍ରମାନ ପ୍ରଶଂସିତ ହୋଇଛି । ପ୍ରାୟ ସମସ୍ତ ଚରିତ୍ର ସେଠାରେ ବିଳାସୀ ଦମ୍ପତିର ଅଧିଭୌତିକ ସମ୍ଭୋଗ ପ୍ରକ୍ରିୟାରେ ବ୍ୟସ୍ତ । ସମ୍ଭୋଗ ଚିହ୍ନଲୀଳା, ଦୋଳାକାଞ୍ଚ, ଦେହ ଷଡ଼ପ୍ରକୃତି ଧ୍ୟାନ, ବ୍ରାହ୍ମଣ ଭୋଜନ ପ୍ରଭୃତି ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ମୁଖ୍ୟ ବିଷୟ । ମାତ୍ର ରାଧାନାଥୀ କାବ୍ୟ ପ୍ରତିଭା ମଧ୍ୟଯୁଗୀୟ କାବ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । କେଦାରଗୌରୀ, ଉଷା, ନନ୍ଦିକେଶ୍ୱରୀ ପ୍ରଭୃତିରେ ଯେଉଁ ଚରିତ୍ରମାନ ରହିଥିଲେ ମଧ୍ୟ ତାହା ରାଧା-ନାଥଙ୍କ ଦୃଷ୍ଟିରେ ଭିନ୍ନ ରୂପ ପରିଗ୍ରହ କରିଛି । ମିଳନ ଓ ଦମ୍ପତିର

Digitized by srujanika@gmail.com

ପତିବାସ ରାଧାନାଥଙ୍କ କାବ୍ୟନାୟିକାର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ, ପ୍ରେମର ଦୃଢ଼ତା ଓ ଶୁଚିନିଷ୍ଠତା ତଥା ସାବେଗଚିତ୍ତ ବ୍ୟବହାର ତାଙ୍କ କାବ୍ୟ ନାୟିକାର ମୁଖ୍ୟ ଲକ୍ଷ୍ୟ ।

ବର୍ଣ୍ଣନା ଦୃଷ୍ଟିରୁ ରାଧାନାଥଙ୍କ କାବ୍ୟ ସମଗ୍ର ଉତ୍କଳ ସାହିତ୍ୟରେ ଅଦ୍ୱିତୀୟ । ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ରାଧାନାଥଙ୍କ ବର୍ଣ୍ଣନା ସର୍ବଦା ପ୍ରକୃତି ସୁଲଭ କମନୀୟତାର ଭାଷାଗତ ବିକାଶ ମାତ୍ର । ଚିଲିକାରେ ପଦ୍ମାବତୀଙ୍କ ରୂପ, ଚିଲିକାର ତୋଫାନ, ନନ୍ଦକେଶ୍ୱରୀରେ ସନ୍ଧ୍ୟା ଓ ନନ୍ଦକେଶ୍ୱରୀର ରୂପ ପ୍ରଭୃତି ସମ୍ପର୍କରେ ରାଧାନାଥଙ୍କ ବର୍ଣ୍ଣନା ହୃଦ୍ୟ । ଏହି ବର୍ଣ୍ଣନା ଭାଷାର ଏକ ଅଙ୍ଗବିଶେଷ । ରାଧାନାଥ ହିଁ ଉତ୍କଳରେ ବର୍ଣ୍ଣନାତ୍ମକ କାବ୍ୟର ଆଦ୍ୟ ପ୍ରବକ୍ତା । ଚିଲିକାପରି ବର୍ଣ୍ଣନାତ୍ମକ କାବ୍ୟ ଯେକୌଣସି ଦେଶର ସାହିତ୍ୟ ପକ୍ଷେ ଉପାଦେୟ । କେବଳ ଚିଲିକାରେ ରାଧାନାଥଙ୍କ ବର୍ଣ୍ଣନା ସୀମାବଦ୍ଧ ନୁହେଁ । ସୁବିଧା ପାଇଥିଲେ ରାଧାନାଥ ମହେନ୍ଦ୍ର ପର୍ବତକୁ ଯେ ଆଉ ଏକ ଚିଲିକା କରିଥାନ୍ତେ, ଏହା ନିଃସନ୍ଦେହ ।

ସ୍ୱଦେଶ ପ୍ରେମ ଉତ୍କଳ ସାହିତ୍ୟକୁ ପାଶ୍ଚାତ୍ୟ ଦେଶରୁ ଆହୃତ ଏକ ନୂତନ ଚେତନା । ପଣ୍ଡିତ ନୀଳକଣ୍ଠ ଏହା ବିନା ଦ୍ୱିଧାରେ ସ୍ୱୀକାର କରନ୍ତି । ଯେଉଁଦିନ ପୃଥିବୀ ପୃଷ୍ଠରେ ମନୁଷ୍ୟ ରାଜନୀତି, ସମାଜନୀତି ପ୍ରଭୃତିର ଆଶ୍ରୟ ନେଲା ସେହିଦିନ ତା' ମନରେ ସ୍ୱଦେଶାନୁରାଗ ଗଭୀର ଭାବେ ରେଖାପାତ କରିଛି । ମାତ୍ର ସ୍ୱଦେଶାନୁରାଗକୁ ଚିହ୍ନି ଚିହ୍ନାଇବାର ଅବକାଶ ଓଡ଼ିଆ ସାହିତ୍ୟରେ ବିଶେଷଭାବେ ପରିଲକ୍ଷିତ ହୋଇନଥିଲା । ସାରଳା-ଦାସଙ୍କ ପରେ କବିବର ରାଧାନାଥ ଏହି ଚେତନାକୁ ଓଡ଼ିଆ ସାହିତ୍ୟକୁ ଆଣି ତାଙ୍କ ସାହିତ୍ୟରେ ତାହାକୁ ଭରିଦେବା ସଙ୍ଗେ ସଙ୍ଗେ ଉତ୍କଳୀୟ-ମାନଙ୍କର ସ୍ୱଦେଶ ପ୍ରୀତିକୁ ବହୁଭାବରେ ବୃଦ୍ଧି କରିଥିଲେ । ଏହି ଦୃଷ୍ଟିରୁ ଦେଖିଲେ କବିବର ରାଧାନାଥଙ୍କ ପ୍ରତ୍ୟେକ କବିତାରେ ସ୍ୱଦେଶାନୁରାଗ ଭରିପୂର । ରାଧାନାଥଙ୍କ ଲେଖନୀରେ ଉତ୍କଳର ପ୍ରତ୍ୟେକ ନଦନଦୀ, ଗିରି-ଗହ୍ୱର, ବନସ୍ଥଳୀ, କେଦାର, କାନନ ପ୍ରଭୃତି ଏକ ଅଦ୍ଭୁତ ଜୀବନଶକ୍ତି ବଳରେ ପ୍ରତ୍ୟେକ ଉତ୍କଳୀୟଙ୍କ ହୃଦୟ କନ୍ଦରକୁ ସ୍ପର୍ଶ କରିଛି । ଚନ୍ଦ୍ରଭାଗାର ବାଲୁକାମୟ ଉପକୂଳଠାରୁ କେଦାରଗୌରୀର କମନୀୟ ନିର୍ଝର ପର୍ଯ୍ୟନ୍ତ

Digitized by srujanika@gmail.com

ମହାନଗରୀ ତ୍ରିକୋଣଭୂମି ଓ 'ଖାଉ ରକ୍ତ ପିଣ୍ଡେ ଗଢ଼ା' ବାରବାଟୀଠାରୁ 'ଉତ୍କଳ-କମଳା-ବିଳାସ-ଦୀର୍ଘିକା' ଚିଲିକା ପର୍ଯ୍ୟନ୍ତ, କ୍ଷୁଦ୍ର ଉଦ୍ଭିଦଠାରୁ ସମୁନ୍ନତ ମେଘାସନ ପର୍ଯ୍ୟନ୍ତ ସମସ୍ତ ଯେପରି ରାଧାନାଥୀ ପ୍ରତିଭାରେ ସଦ୍ୟସ୍ନାତ ହୋଇ ଏକ ନବୀନ ଶକ୍ତିମୟ ଜୀବନ୍ତ ଆଭାରେ ବିଭାସିତ ହୋଇଅଛନ୍ତି ।

ଓଡ଼ିଆ ଭାଷାକ୍ଷେତ୍ରର ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ପଣ୍ଡିତ ନୀଳକଣ୍ଠ ସ୍ୱୀକାର କରିନାହାନ୍ତି । ରାଧାନାଥଙ୍କ କାବ୍ୟକବିତା ବହୁସ୍ଥଳରେ ଅନପଭ୍ରଷ୍ଟ ଶବ୍ଦବହୁଳରେ ଭାରାକ୍ରାନ୍ତ ହୋଇପଡ଼ିଥିବାରୁ ପଣ୍ଡିତ ନୀଳକଣ୍ଠ ତାହାର ସମାଲୋଚନା କରିଛନ୍ତି ।

ଯଥା— "ତାତ, ଜୀବଲୀଳା ସରୁଛି ମୋହର
ଅନ୍ତେ ମୋ ବନ୍ଧିଲ ତୁମ ଶ୍ରୀପୟର ।
ଶିରେ ଯେବେ ଯାଉଅଛି ପାପଭାର,
ତହିଁ, ଯହିଁ ଚରମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବହୁଧନ ବଳି
ପାପରୁ ଏବେ ମୁକ୍ତ ହେବ ମହୀ ।"

ଅଥବା—
"ସତେ ଜୀବଲୀଳା ସରିଛି ତୋର ମା !"

ରାଧାନାଥଙ୍କର 'ମହାଯାତ୍ରା' ଏକ ଅସମ୍ପୂର୍ଣ୍ଣ କାବ୍ୟ । ମାତ୍ର କାବ୍ୟଟି ରାଧାନାଥୀ ପ୍ରତିଭାର ମହାଯାତ୍ରା - ଏଥିରେ ଦ୍ୱିମତ ନାହିଁ । କାବ୍ୟର ଆଦର୍ଶ, ନୀତିଶିକ୍ଷା ଓ କବିତାସ୍ତୁତି ଅଭିନବମୟ; ଲେଖନପଦ୍ଧତି ମହତ୍ ଓ ଉନ୍ନତ । (୨୦)

ରାଧାନାଥଙ୍କର ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ଓ ପରୀକ୍ଷା ସମଗ୍ର ଓଡ଼ିଆ ସାହିତ୍ୟରେ ପ୍ରଥମ । ଅମିତ୍ରାକ୍ଷର ଛନ୍ଦ ତାଙ୍କ ଲେଖନ-ପ୍ରକ୍ରିୟାର ଅନ୍ୟ ଗୋଟିଏ ଉପାଦାନ ।

(୨୦) ପଣ୍ଡିତ ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ ପୃ—୨୫୭ ।

Digitized by srujanika@gmail.com

ସମାଲୋଚକ ପଣ୍ଡିତ ନୀଳକଣ୍ଠ ରାଧାନାଥଙ୍କ ସାହିତ୍ୟରେ ସଙ୍ଗୀତ-ବୋଧ, ନୀତିଶିକ୍ଷା, ନାଟକୀୟସୁଷ୍ଠତା, ଅନୁବାଦ କୌଶଳ, କବିତ୍ୱ ପ୍ରଭୃତିର ବିଶଦ ଆଲୋଚନା କରି ତାଙ୍କ କାବ୍ୟ ପ୍ରତିଭାର ସଦଗବଦଗ ଉନ୍ମୋଚନ କରିଛନ୍ତି ଏବଂ ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ପ୍ରଥିତଯଶା ସ୍ରଷ୍ଟାଭାବେ ଚିହ୍ନଣ କରିଛନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ – ରାଧାନାଥ ଉତ୍କଳ ସାହିତ୍ୟକୁ ଯେଉଁ ନିରୁପମ ଜୀବନଶକ୍ତି ଦେଇଅଛନ୍ତି, ତାହା ଅତି ଅଳ୍ପ କବି ଓ ମନୀଷୀ ସାହିତ୍ୟ ବିଶେଷକୁ ଏକାବେଳକେ ପ୍ରଦାନ କରନ୍ତି । ଅବଶ୍ୟ ଏହି ଆଶାର ଯୁଗରେ ସାହିତ୍ୟିକ ସମୋନ୍ନତି ଦ୍ରୁତଗତିରେ ଅଗ୍ରସର ହେବ ଏବଂ ଅଚିରେ ସାହିତ୍ୟ ମୁକୁରରେ ଭିନ୍ନ ଭିନ୍ନ ପ୍ରତିଭାର ବ୍ୟକ୍ତିତ୍ୱ ଓ ଆଦର୍ଶ ଇତର ବିଶେଷ ପରିମାଣରେ ପ୍ରତିବିମ୍ବିତ ହେବ; କିନ୍ତୁ ରାଧାନାଥଙ୍କ ଶକ୍ତି ଯେ କେବଳ ବହୁକାଳ ପର୍ଯ୍ୟନ୍ତ ସେହି ସେହି ପ୍ରତିଭାର ସେହି ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ କରିବ, ସେତିକି ନୁହେଁ—ରାଧାନାଥ ଯୁଗ-ପ୍ରବର୍ତ୍ତକ ଭାବେ ସମଗ୍ର ଉତ୍କଳରେ ପୂଜ୍ୟ । (୨୧)

ସମାଲୋଚକଙ୍କ ଅନ୍ୟତମ ଆଲୋଚନାତ୍ମକ ପ୍ରବନ୍ଧ 'ନନ୍ଦକିଶୋରଙ୍କ ମୌଳିକତା ।' ନନ୍ଦକିଶୋରଙ୍କର ଗଭୀର ପଲ୍ଲୀପ୍ରାଣତା ଆଲୋଚ୍ୟ ପ୍ରବନ୍ଧଟିରୁ ସ୍ପଷ୍ଟରୂପେ ବାରିହୁଏ । କବିବର ରାଧାନାଥ ଓଡ଼ିଶାରେ ଜନ୍ମିତ ସାହିତ୍ୟ ସୃଷ୍ଟି ନାମରେ ରୋମାନ କବି ଓଭିଡ଼ଙ୍କ କାମ କାହାଣୀରୁ ବିଭିନ୍ନ ବିଷୟ ସଂଗ୍ରହ କରି ଓଡ଼ିଆ ସାହିତ୍ୟରେ ଭରିଦେଇଥିଲେ । ମଧୁସୂଦନ ସେହିପରି ବ୍ରାହ୍ମଧର୍ମ ପ୍ରତି ଆସକ୍ତ ରହି ପୁରପଲ୍ଲୀରୁ ବାହାରି ଯାଇଥିଲେ । ମାତ୍ର ନନ୍ଦକିଶୋରଙ୍କ କାବ୍ୟ କବିତାରେ ପୁରପଲ୍ଲୀ ତଥା ଗ୍ରାମ୍ୟ ଜନପଦର ଯେଉଁ ପ୍ରାଣସ୍ପର୍ଶୀ ଚିତ୍ର ରହିଥିଲା, ତାହା ଉତ୍କଳୀୟ କାବ୍ୟ କଳାର ଏକ ଅଦ୍ଭୁତ ସୃଷ୍ଟି । ସମାଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ—ଏହା ସବୁଠି ଥିଲା ଅଥଚ କାହିଁ ନଥିଲା । ଆଜିକାଲି ଏହାର ଅନୁକୃତି—କୌତୁକ ପରି ଲେଖାମାନ ଶ୍ରଦ୍ଧେୟ ଗୋଦାବରୀଶ ମହାପାତ୍ର ଯେପରି କୂଟ-ସଙ୍କେତରେ ସମାଜ ସମାଲୋଚନାରେ ବ୍ୟବହାର କରନ୍ତି, ତାହା ଦେଖିଲେ 'ନିର୍ଝରିଣୀ' କବିଙ୍କ କାବ୍ୟକଳାର ଦିବ୍ୟ ଦୃଷ୍ଟି ପ୍ରାଣରେ ଉଲ୍ଲାସ ଆଣେ । ଏହି

---

(୨୧) ପଣ୍ଡିତ ନୀଳକଣ୍ଠ ଦାସ—ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫ ), ପୃ-୨୬୫ ।

Digitized by srujanika@gmail.com

ଦିବ୍ୟଦୃଷ୍ଟି (Vision) ଦେଖି କବିଙ୍କ ଯଥାର୍ଥ ଲୋକପ୍ରାଣତା କଳନା କରାଯାଏ । ଏ କ୍ଷେତ୍ରରେ ନନ୍ଦକିଶୋର ଓଡ଼ିଶାରେ ଏକାବେଳକେ ନମସ୍ୟ । ତାଙ୍କ 'ଗ୍ରାମଚିତ୍ର' ପଲ୍ଲୀ କବିତା କ୍ଷେତ୍ରରେ ଏକ ପଥିକୃତ ଉଦ୍ୟମ । ଏତଦ୍‌ବ୍ୟତୀତ ନନ୍ଦକିଶୋରଙ୍କ ପ୍ରାଣର ଅନ୍ୟଏକ ନୂତନ ସ୍ଫୂର୍ତ୍ତି ହେଉଛି ତାଙ୍କର 'ନାନାବାୟା ଗୀତ' ।

ସୁତରାଂ ପଣ୍ଡିତ ନୀଳକଣ୍ଠ ସାରଳା ଦାସଙ୍କଠାରୁ ଆରମ୍ଭକରି ଫକୀରମୋହନଙ୍କ ପର୍ଯ୍ୟନ୍ତ ସାହିତ୍ୟର ବିଭିନ୍ନ ବିଭାଗ ଓ ବିଭବକୁ ସୂକ୍ଷ୍ମାତି ସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି । ବିଶେଷକରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ରାଧାନାଥଙ୍କ କାବ୍ୟକୃତି, ଫକୀରମୋହନଙ୍କ ଉପନ୍ୟାସ ସମୂହ ତଥା ନନ୍ଦକିଶୋରଙ୍କ ପଲ୍ଲୀ ସାହିତ୍ୟ ଆଲୋଚନା କାଳରେ ସେ ଭାବବିହ୍ୱଳ ହୋଇନପଡ଼ି ଜଣେ ବର୍ଷୀୟାନ ସମାଲୋଚକର ଦୃଷ୍ଟି ନେଇ ତାହାର ବିଭିନ୍ନ ଦିଗକୁ ବିସ୍ତର ଆଲୋଚନା କରିଛନ୍ତି । ଏହିସବୁ ଆଲୋଚନାରୁ ତାଙ୍କ ସମାଲୋଚନା ସାହିତ୍ୟର ଉତ୍କର୍ଷତା ବାରିହୋଇଯାଏ ।

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର କ୍ରମପରିଣାମ
# ଓ
# ପଣ୍ଡିତ ନୀଳକଣ୍ଠ

ଓଡ଼ିଆ ଭାଷା-ସାହିତ୍ୟ, ଉତ୍କଳର ସଂସ୍କୃତି ତଥା ଉତ୍କଳୀୟ ବାଣୀମଣ୍ଡଳର ଏକ ସୁସମୃଦ୍ଧ ଆଲୋଚନାତ୍ମକ ଗ୍ରନ୍ଥଭାବେ ପଣ୍ଡିତ ନୀଳକଣ୍ଠଙ୍କର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'କୁ ସ୍ୱୀକାର କରାଯାଇଥାଏ । ଗ୍ରନ୍ଥଟିର ପ୍ରଥମ ଅଧ୍ୟାୟରେ ପଣ୍ଡିତ ନୀଳକଣ୍ଠ ସାହିତ୍ୟ ଶବ୍ଦର ବ୍ୟାପ୍ତି ବିଶଦଭାବେ ଆଲୋଚନା କରିବା ସଙ୍ଗେ ସଙ୍ଗେ ପ୍ରାଚୀନ ଉତ୍କଳୀୟ ସଂସ୍କୃତିର ନବଦିଗନ୍ତ ଉନ୍ମୋଚନ କରିଛନ୍ତି । 'ସାହିତ୍ୟ' ଶବ୍ଦର ବ୍ୟାଖ୍ୟାକରି ପଣ୍ଡିତ ନୀଳକଣ୍ଠ କହନ୍ତି—ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏହି ବିକାଶର 'ଚଳଣି' ସଂସ୍କୃତିରେ ଧରା ହୁଏ । ସାହିତ୍ୟରେ ଏହି ସଂସ୍କୃତି ମୂର୍ତ୍ତ ହୁଏ । ତେଣୁ ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଶିଳ୍ପ, ସ୍ଥାପତ୍ୟ ପ୍ରଭୃତି ସାହିତ୍ୟ ଅନ୍ତର୍ଗତ । (୧) ସୁତରାଂ ସାହିତ୍ୟ ଶବ୍ଦର ସଜ୍ଞା ନିରୂପଣ କରିବାକୁ ଯାଇ ମନୀଷୀ ନୀଳକଣ୍ଠ ଏହାର ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି, ଯହିଁରୁ ତାଙ୍କର ପ୍ରବୁଦ୍ଧ ଜ୍ଞାନସମ୍ପଦର ଗଭୀରତା ଆକଳନ କରାଯାଇଥାଏ ।

ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାକୁ ଆହୁରି ପ୍ରଶସ୍ତ କରିବାକୁ ଯାଇ ପଣ୍ଡିତ ନୀଳକଣ୍ଠ କଥିତ ସାହିତ୍ୟ ଓ ଲିଖିତ ସାହିତ୍ୟ ମଧ୍ୟରେ ଏକ ସୀମାରେଖା କଳ୍ପନା କରିଛନ୍ତି । କଥିତ ସାହିତ୍ୟକୁ ଅନ୍ୟଭାବେ ମୌଖିକ ସାହିତ୍ୟ ବା ଲୋକ ସାହିତ୍ୟ ବୋଲି ସ୍ୱୀକାର କରାଯାଇଥାଏ । ଉତ୍କଳ ପ୍ରଦେଶ ବା ସମଗ୍ର ଭାରତବର୍ଷରେ ମୁଦ୍ରାଯନ୍ତ୍ର ପ୍ରଚଳନ ହେବା ପୂର୍ବରୁ ଯେଉଁ ସାହିତ୍ୟ ସୃଷ୍ଟି ହୋଇ ଲୋକ ମୁଖରୁ ଲୋକ ମୁଖକୁ ବ୍ୟାପିଯାଇଥିଲା, ତାହା ଥିଲା ଲୋକ ସାହିତ୍ୟ । ମୁଦ୍ରଣଜନିତ ଅସୁବିଧା ହେତୁ ଲୋକ ସାହିତ୍ୟ ଜନସାଧାରଣଙ୍କ ଦ୍ୱାରା ମନେରଖିବା ସମ୍ଭବ ହୋଇପାରୁନଥିଲା । ସୁତରାଂ

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୬୭)—ପୃ·୧ ।

Digitized by srujanika@gmail.com

ପ୍ରାଚୀନ କାଳରେ ସେହି ସାହିତ୍ୟକୁ ମନେରଖିବାପାଇଁ ବହୁ ଲେଖକ ସେମାନଙ୍କ ଲେଖାରେ ରୂପକଥା, କପୋଳକଳ୍ପିତ କାହାଣୀମାନ ସଂଯୋଜନା କରି ତାହାକୁ ପ୍ରଚୁରଧର୍ମୀ କରିବାପାଇଁ ପ୍ରୟାସ କରୁଥିଲେ । ପ୍ରାଚୀନ ଭାରତୀୟ ସାହିତ୍ୟ ବେଦକୁ ଏହି ଦୃଷ୍ଟିରୁ ବିଚାର କରାଯାଇଥାଏ । ଏହାକୁ ଜନସାଧାରଣ ଶୁଣି ଶୁଣି ମନେରଖୁଥିବାରୁ ଏହାର ଅନ୍ୟନାମ 'ଶ୍ରୁତି' ବୋଲି ପରିଗ୍ରହଣ କରାଯାଇଛି ।

ଜଣେ ବ୍ୟକ୍ତି ଅନ୍ୟଜଣେ ବ୍ୟକ୍ତିକୁ ବା ଏକ ସମ୍ପ୍ରଦାୟକୁ ଆକ୍ରମଣ କଲପରି ଭାଷା ଓ ସାହିତ୍ୟ କ୍ଷେତ୍ରରେ, ଭାଷା ଭାଷା ମଧ୍ୟରେ, ସାହିତ୍ୟ ସାହିତ୍ୟ ମଧ୍ୟରେ ସଂଘର୍ଷ ଓ ଆକ୍ରମଣ ଅବଶ୍ୟମ୍ଭାବୀ । ଆମ ମାତୃଭାଷା ଓଡ଼ିଆ ମଧ୍ୟ ୧୮୬୮-୭୦ ମସିହାରେ ଏହି ଆକ୍ରମଣର ଶିକାର ହୋଇଥିଲା । ତେଣୁ ମନୀଷୀ ନୀଳକଣ୍ଠ ତାଙ୍କ ସୁବିସ୍ତୃତ ଅଭିଜ୍ଞତାରୁ ଅନୁମାନ କରିଛନ୍ତି—କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ପ୍ରାନ୍ତୀୟ ଭାରତୀୟ ଏପରିକି ପୃଥିବୀର ଏକାଧିକ ଭାଷା ପରିବାର ମଧ୍ୟରେ ଏହି ଆକ୍ରମଣ ସ୍ୱୀକାର୍ଯ୍ୟ ।

ମନୁଷ୍ୟର ଅନ୍ତର୍ନିହିତ ଭାବ ଭାଷାରୁ ହୃଦୟଙ୍ଗମ କରିହୁଏ । ମନୁଷ୍ୟକୁ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାକ୍ରମରେ ପରିଚାଳିତ କରିବାପାଇଁ ଭାଷା ଦିଗ୍‌ଦର୍ଶନ ହୁଏ । ସମାଜ ଶୃଙ୍ଖଳା ବିକାଶରେ ଏହାହିଁ ଦେଖାଯାଏ; ଏହି ଅନୁକ୍ରମେ ସମାଜର ବିକାଶ ସାଧିତ ହୁଏ । (୨) ଉଦାହରଣ ସ୍ୱରୂପ ପଣ୍ଡିତ ନୀଳକଣ୍ଠ ଗୋଟିଏ ବୃକ୍ଷକୁ ପରିଗ୍ରହଣ କରିଛନ୍ତି । ବୃକ୍ଷଟିଏ ଚେର, ମୂଳ, ଗଣ୍ଡି, ଡାଳ, ପତ୍ର ଫୁଲ, ଫଳ ପ୍ରଭୃତି ଦ୍ୱାରା ଏକ ଶୃଙ୍ଖଳିତ ମାର୍ଗରେ ବୃଦ୍ଧିପାଇ ପ୍ରକୃତିର ଶୋଭା ବର୍ଦ୍ଧନ କରିବାରେ ସହାୟକ ହୁଏ । ଏମାନଙ୍କ ମଧ୍ୟରେ ପରସ୍ପର ଆନ୍ତରିକ ସମ୍ପର୍କ ହେତୁ ବୃକ୍ଷଟିଏ ବୀଜଟି ମଧ୍ୟରୁ ବୃଦ୍ଧିପାଇ ଫଳ ଧାରଣ କରିବା ଅବସ୍ଥାକୁ ଆସେ । ସୁତରାଂ ମାନବ ସଭ୍ୟତାର ବିକାଶ କ୍ଷେତ୍ରରେ ବୃକ୍ଷର ବିଭିନ୍ନ ଅଂଶ ପରି ଉଭୟ ଭାବ ଓ ଭାଷାର ସମନ୍ୱୟ ରକ୍ଷା ଏକାନ୍ତ ଆବଶ୍ୟକ, ଯାହା ବିନା ବସ୍ତୁ ଶୃଙ୍ଖଳା ବ୍ୟାହତ ହେବାର ବହୁ ବେଶି ସମ୍ଭାବନା ରହିଥାଏ ।

ଓଡ଼ିଆ ଭାଷାରେ ଯା ଯା ପୁସ୍ତକ ପ୍ରଣୀତ ହୋଇଛି, ପ୍ରଣୀତ ପୁସ୍ତକଗୁଡ଼ିକର ଲେଖକ କିଏ, ସେହି ଲେଖକମାନେ କେଉଁ ସମୟର, ସେ

(୨) ନୀଳକଣ୍ଠ ଗ୍ରନ୍ଥାବଳୀ – ୩ୟ ଖଣ୍ଡ (ପ୍ରଥମ ସଂ—୧୯୬୭), ପୃ-୪

Digitized by srujanika@gmail.com

ସମପୁର ସାମାଜିକ ଶକ୍ତିଧାରା କ'ଣ ଇତ୍ୟାଦିକୁ ସମାନ୍ୟୁରେ ଗ୍ରନ୍ଥିତକରି ଏକ ଶବର ଗ୍ରନ୍ଥ ରଚନା କରିଦେଲେ ତାହା ଓଡ଼ିଆ ସାହିତ୍ୟର ଇତିହାସ ହୋଇନପାରେ । ଏପରି ଆଲୋଚନାରେ ଉତ୍କଳୀୟ ଭାଷା-ସାହିତ୍ୟ ତଥା ଓଡ଼ିଆ ସଂସ୍କୃତିର ଶ୍ରୀବୃଦ୍ଧି ହୋଇପାରେ ନାହିଁ । ଉତ୍କଳୀୟମାନଙ୍କର ବଳିଷ୍ଠ ଓ ପ୍ରତିଷ୍ଠିତ ଆତ୍ମସମ୍ମାନବୋଧ ଏଥିରେ ପ୍ରକାଶ ପାଏନାହିଁ । ଏପରିକି ଏପରି ପୁସ୍ତକ ପ୍ରଣୟନ ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ, ସଂହତି ଓ ସଦ୍ଭାବରେ ମଧ୍ୟ ବ୍ୟାଘାତ ଜନ୍ମିବାରେ ବିଶ୍ୱାସ ରହିଥାଏ । ଏହି ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ସମାଲୋଚକ ତଥା ଲେଖକମାନଙ୍କୁ ସେହି ପ୍ରକାର ଗ୍ରନ୍ଥ ପ୍ରଣୟନ କରିବାକୁ ଆମନ୍ତ୍ରଣ କରିଛନ୍ତି, ଯହିଁରେ ଉତ୍କଳୀୟମାନଙ୍କର ବଳିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇପାରିବ । ଏହି ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପରମ୍ପରା ଯେତେ ସ୍ପଷ୍ଟ ହେବ ପୁଣି ଯେତେ ବଢ଼ିବ, ଭାରତ ତଥା ମହାମାନବ ସମାଜର ବ୍ୟକ୍ତିତ୍ୱ, ସଂହତିର ଆଦାନ ପ୍ରଦାନରେ ସେତେ ପରିପୁଷ୍ଟ ହେବ । ବିଶ୍ୱାସ କରିବାକୁ ହେବ, ଆମ ନିଜର ସାହିତ୍ୟ ତଥା ସମାଜକୁ ସୁଦୃଢ଼ ଓ ସୁପୁଷ୍ଟ କରିବା ହିଁ ଆମ ଭାରତ ସେବା ଓ ଦେଶ ସେବାରେ ବିଶ୍ୱସେବା । (୩) ।

ଆଲୋଚନା ପ୍ରସଙ୍ଗରେ ଏହି ପୁସ୍ତକରେ ସମାନୁପାତରେ ପଣ୍ଡିତ ନୀଳକଣ୍ଠ ଭାରତୀୟ ତଥା ଉତ୍କଳୀୟ ସଭ୍ୟତାର ବିଭିନ୍ନ ଦିଗ ଓ ବାଗ ଉପରେ ଆଲୋକପାତ କରିଛନ୍ତି । ଶବର ଜାତି ପ୍ରାଚୀନ ଭାରତରେ ବସବାସ କରୁଥିବା ବିଭିନ୍ନ ଜାତିମାନଙ୍କ ମଧ୍ୟରେ ପ୍ରଧାନ । ଏହି ଜାତି କେବଳ ଉତ୍କଳ ପ୍ରଦେଶ ବା ଭାରତବର୍ଷ କାହିଁକି, ଏକଦା ସମଗ୍ର ପ୍ରାଚ୍ୟଭୂଖଣ୍ଡରେ ଆଧିପତ୍ୟ ବିସ୍ତାର କରିଥିଲେ । ମାନବ ସଭ୍ୟତାର ଆଦିମରୂପ ଏହି ଜାତି ଇତିହାସ ହିଁ ଦିଏ । ପ୍ରାଚୀନ ବାବିଲନ, ଇଜିପ୍ଟ, ଏସିଆମାଇନର, ସିରିଆ, ଗ୍ରୀସ୍, ରୋମ୍, ଫ୍ରାନ୍ସ, ଇଂଲଣ୍ଡ, ଚୀନ, ତିବ୍ବତ ଏପରିକି ଭାରତଠାରୁ ଆମେରିକାଯାଏ ପ୍ରଶାନ୍ତ ମହାସାଗରରେ ବ୍ୟାପିଥିବା ଦ୍ୱୀପମାଳା, ଆମେରିକାର ପ୍ରାଚୀନ ପେରୁ, ମେକ୍ସିକୋ, ମୟା, ୟୁକାଟାନ୍ (ଯୋଗ ସ୍ଥାନ ?) ପ୍ରଭୃତି ସବୁଠି ଏହାର ମୌଳିକ ବ୍ୟାପ୍ତି

---

(୩) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୭୬), ପୃ ୧୪ ।

Digitized by srujanika@gmail.com

ହେବ ଥିଲା । (୪) ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ ଶାବର ସଭ୍ୟତା ସମ୍ପର୍କରେ ଆଲୋଚନା କଲାବେଳେ ଧର୍ମ ସମ୍ବନ୍ଧୀୟ ବହୁ ଅଲୌକିକ କାହାଣୀ ସଂଗ୍ରହ କରି ଏହି ସତ୍ୟତା ସମ୍ବନ୍ଧ ଯୋଡ଼ି ଦେଇଛନ୍ତି । ଇତିହାସ ଦୃଷ୍ଟିରୁ ଏହାର ସତ୍ୟତା ସ୍ୱୀକାର୍ଯ୍ୟ ତଥା ଏହାକୁ ପରିଗ୍ରହଣ କରୁନଥିଲେ ମଧ୍ୟ ସଂପ୍ରତି ଧର୍ମପ୍ରାଣ ଉତ୍କଳୀୟମାନେ ଏହାକୁ ବିନା ଦ୍ୱିଧାରେ ବିଶ୍ୱାସ କରନ୍ତି । ଏହିପରି ଏକ ଅତିଲୌକିକ କାହାଣୀ ହେଲା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାନଙ୍କରେ ନିଆଁରେ ଚାଲିବା କଥା ।

ଏତଦ୍‌ବ୍ୟତୀତ ଏହି ପ୍ରାଚୀନ ଶାବର ସଭ୍ୟତାନୁଯାୟୀ ଇଜପ୍‌ଟରେ ପ୍ରତ୍ୟେକ ମନୁଷ୍ୟର ଏପରିକି ପ୍ରତ୍ୟେକ ପ୍ରାଣୀର ମଧ୍ୟ ଗୋଟିଏ 'କା' ବା ଦ୍ୱିତୀୟ ଆତ୍ମା ଥିବା ପ୍ରସଙ୍ଗ ସେହି ସଭ୍ୟତାର ଏକ ବଦ୍ଧମୂଳ ଧାରଣା । ସେହିପରି ଆଉ ଏକ କଥା ହେଉଛି 'ମୋ ଗଣ', 'ଗଣ' ଇତ୍ୟାଦି । ଅର୍ଥାତ୍ ଏକଥା ନକଲେ ମୋ ଆତ୍ମା ବା ଜୀବନ ନଷ୍ଟହେବ । ଏହି କଥାଟି ମଧ୍ୟ ସେହି ପ୍ରାଚୀନ ଇଜପ୍‌ଟର ସାହିତ୍ୟରେ ସେଇ ଅର୍ଥରେ ଚଳୁଥିବାର ଜଣାଯାଏ । (୫) ଏହି 'କା' ଶବ୍ଦଟି ସଂପ୍ରତି ଓଡ଼ିଶାର ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ପ୍ରଭୃତି ଜିଲ୍ଲାମାନଙ୍କରେ ବହୁଳଭାବେ ବ୍ୟବହୃତ । ଦୁଇପକ୍ଷ ମଧ୍ୟରେ ଖେଳ ହେଲାବେଳେ, କୌଣସି ପକ୍ଷର ଖେଳାଳୀ କମ୍ ହେଲେ, ଜଣକ ଉପରେ ଗୋଟିଏ 'କା' ଦିଆଯାଏ । ସେହି ପ୍ରଥାନୁସାରେ ସେ ଖେଳରେ ଥରେ ହାରିଗଲେ ମଧ୍ୟ ତା 'କା' ପାଇଁ ପୁଣିଥରେ ଖେଳେ । ତେଣୁ 'କା', 'ଗଣ' ପ୍ରଭୃତି ଅନେକ ଶବ୍ଦ ଭାଷା ଓ ଭାବର ଆଦାନ ପ୍ରଦାନରେ ଏକ ନିର୍ଦ୍ଦିଷ୍ଟ ପରିସର ତଥା ନିର୍ଦ୍ଦିଷ୍ଟ ସାହିତ୍ୟ କ୍ଷେତ୍ରରୁ ଅନ୍ୟଏକ ଅନୁରୂପ କ୍ଷେତ୍ରକୁ ବ୍ୟାପିଯିବାରେ କୌଣସି ଅସୁବିଧା ହୁଏନାହିଁ । ଏତଦ୍‌ଭିନ୍ନ ପ୍ରାଚୀନ ବିଦ୍ୟା ମଧ୍ୟରେ ଶକୁନଶାସ୍ତ୍ର, ସାମୁଦ୍ରିକ ଶାସ୍ତ୍ର ପ୍ରଭୃତି ସେହି ଶାବର ସଭ୍ୟତାର ଅଂଶ ବିଶେଷ । ଯେପରି ବୋବାଇବା, ଶୂନ୍ୟରେ ଢଡ଼ଢଡ଼ ମାରିବା, ହନୁମାନ ସ୍ୱପ୍ନ ଦେଖିବା, ହାତ ଦେଖିବା, କାଳେସୀ ଲାଗିବା, ଅବତାର ଗ୍ରହଣ ପ୍ରଭୃତି ଶାବର ସଂସ୍କୃତିର ପରିଚୟ । ସଂପ୍ରତି ସେହି ହେଉଛି ଉତ୍କଳୀୟ ସଂସ୍କୃତିରେ ଲକ୍ଷ୍ୟକରାଯାଏ ।

---

(୪) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୬୭), ପୃ-୧୬ ।
(୫) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୬୭), ପୃ—୧୮ ।

Digitized by srujanika@gmail.com

ଗ୍ରନ୍ଥଟିର ପ୍ରଥମ ଭାଗର ତୃତୀୟ ଅଧ୍ୟାୟରେ ପଣ୍ଡିତ ମାର୍କଣ୍ଡ ଶାବର ଓ ଅସୁର ସଭ୍ୟତାରେ ବଦ୍ଧମୂଳଭାବେ ପ୍ରତିଷ୍ଠିତ ଥିବା ଅନ୍ଧ-ବିଶ୍ୱାସ ସବୁ ଆଲୋଚନା କରିଛନ୍ତି । ଆଙ୍ଗୁଠିରେ ଗଛର ଫଳ ଦେଖାଇଲେ ଫଳଟି ଅକାଳରେ ଶୁଖିଯାଏ ଏବଂ ତଳକୁ ଖସିପଡ଼େ । ଏରୁଣ୍ଡିବନ୍ଧରେ ଉପବେଶନ କଲେ ଧନହାନିର ଆଶଙ୍କା ଥାଏ । ଅଗ୍ନିରେ ପରିସ୍ରାକଲେ ଲିଙ୍ଗ ଫୁଲିଯାଏ, ଅଗ୍ନିରେ ଛେପ ପକାଇଲେ ମୁଖମଣ୍ଡଳରେ ଘାଆ ହେବାର ଆଶଙ୍କା ରହିଥାଏ । ନିଆଁ ଚୁଲିରେ ଅଇଁଠା ପକାଇଲେ ଅମଙ୍ଗଳ ହୁଏ, ଘର ଉପରେ ଶାଗୁଣା ବସିଲେ ପରିବାରର କୌଣସି ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ଥାଏ—ଇତ୍ୟାଦି ଅନ୍ଧବିଶ୍ୱାସକୁ ଆଧୁନିକ ସଭ୍ୟ ଶିକ୍ଷାପ୍ରାପ୍ତ ମାନବ ବାହ୍ୟିକଭାବେ ପରିଗ୍ରହଣ କରୁଥିଲେ ମଧ୍ୟ ତା'ର ଅନ୍ତଶ୍ଚେତନାମଧ୍ୟରେ ଏହି ଅସଂସ୍କୃତ ଭାବଟି ସ୍ଥଳବିଶେଷରେ ଉଙ୍କିମାରେ । ସୁତରାଂ ଶାବର ସଭ୍ୟତା ବହୁ ପୁରାତନ ହୋଇଥିଲେ ମଧ୍ୟ ଏହାର ଉତ୍ପତ୍ତି ପ୍ରାଚୀନ ହେଲେ ମଧ୍ୟ ଆଜି ପ୍ରତ୍ୟେକ ଓଡ଼ିଆପ୍ରାଣରେ ଏହି ଅନ୍ଧବିଶ୍ୱାସ ଓ ବଦ୍ଧମୂଳ ଧାରଣା ତା'ର ପ୍ରତିଷ୍ଠିତ ଆସନ ଦାବିକରେ ।

ଆଲୋଚକ ଏହି ଅଧ୍ୟାୟରେ 'ଆମ ସାହିତ୍ୟରେ ନାଁ-ଦେବା ଯୁକ୍ତିର ବିକାଶ' ପ୍ରସଙ୍ଗରେ ଲାବଣ୍ୟବତୀ କାବ୍ୟର ଯେପରି ଆଲୋଚନା କରିଛନ୍ତି ତାହା ସମଗ୍ର ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ନୂତନ ଦିଗନ୍ତ ଉନ୍ମୁକ୍ତ କରେ । ସମାଲୋଚକ ଲାବଣ୍ୟବତୀ କାବ୍ୟର ୧୨ଶ ଛାନ୍ଦ ଅନ୍ତର୍ଗତ—

'ଚେତି ଝୁରୁଣି ଝୁଣ୍ଟିଲ ନଶିନାଶେ
ପାଶେ ନାହିଁ ଦିବ୍ୟ ତରୁଣ ।
ନାଥ ନାଥ ବୋଲି  ହୃଦେ ହାତମାରି,
ଅଶ୍ରୁ ଢଳେ କଲି କରୁଣ ।
ଖୋଜେ ଅଧୀରେ,
ଚେତନା ହତ ସେ ବାଧିରେ ।
ଶେଜ ଲେଉଟାଇ  କବରୀ ଫିଟାଇ
କର ଭରି କୁଚ ସନ୍ଧିରେ ।

ପଦଟିର ଅର୍ଥ କରିବାକୁ ଯାଇ କହିଛନ୍ତି—ଲାବଣ୍ୟବତୀ ବିବାହ-ପୂର୍ବରୁ ନାୟକ 'ଚନ୍ଦ୍ରଭାନୁକୁ' ସ୍ୱପ୍ନରେ ଦେଖି ନିଦରୁ ଉଠି ବ୍ୟାକୁଳ

Digitized by srujanika@gmail.com

ହୋଇଛନ୍ତି । ଶେଜ ଲେଉଟାଇ; କାହିଁକିନା ଶେଜରେ ତୂଳାଥିଲା । ଚନ୍ଦ୍ର ଓ ଭାନୁ (ସୂର୍ଯ୍ୟ) ତୂଳା 'ରାଶି'ରେ ରହନ୍ତି । କାଳେ ଶେଜ ଭିତରର ତୂଳାରାଶି (ତୂଳାଗୁଡ଼ାକ) ଭିତରେ ଚନ୍ଦ୍ର ଭାନୁ ଥିବେ—ଏହି ଅଭିପ୍ରାୟ । ପୁଣି ଗ୍ରହଣରେ ବାଳ ବା କେଶରାଶି ଘର କଲା ରାହୁ ବା କେତୁର ଗୁମ୍ଫା-ଭିତରେ ଚନ୍ଦ୍ର ସୂର୍ଯ୍ୟ ରହନ୍ତି । ରାହୁଟା ମୁଣ୍ଡ, କେତୁଟା ସାପଲାଂଜ ପରି । ତେଣୁ କବରୀ ଫିଟାଇ ଲାବଣ୍ୟବତୀ ଖୋଜିବାରେ ଯଥାର୍ଥତା ରହିଛି । ଚନ୍ଦ୍ର ଓ ସୂର୍ଯ୍ୟ ଅସ୍ତଗିରି ପଛେ ଲୁଚିଯାଆନ୍ତି । ଲାବଣ୍ୟବତୀର ସ୍ତନ ଗିରିପରି । ତେଣୁ ଲାବଣ୍ୟବତୀ କୁଚସନ୍ଧିରେ ହାତ ଭର୍ତ୍ତିକରି ଖୋଜିଛି । (୬)

ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ପଣ୍ଡିତ ନୀଳକଣ୍ଠ ସାମଗ୍ରିକଭାବେ ଓଡ଼ିଆ ସାହିତ୍ୟକୁ ବିଶେଷକରି ପ୍ରାଚୀନ ଓ ମଧ୍ୟ-ଯୁଗୀୟ ସାହିତ୍ୟରେ ଥିବା ଉତ୍କଳୀୟ ସଂସ୍କୃତି ଓ ଏହାର ପୃଷ୍ଠଭାଗରେ ଥିବା ଉତ୍କଳୀୟ ସୀମା ସରହଦର ଗଭୀରତାକୁ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନା କରିବାପାଇଁ ତାଙ୍କ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥରେ ବହୁବେଶି ଯତ୍ନଶୀଳ ହୋଇପଡ଼ିଛନ୍ତି ।

ଉତ୍କଳୀୟ ଜାତିପ୍ରୀତିର ପ୍ରତୀକ ବଡ଼ଠାକୁର ଶ୍ରୀଜଗନ୍ନାଥ । ବଡ଼-ଠାକୁରଙ୍କୁ ଅନେକ ପତିତପାବନ ବୋଲି କହିଥାନ୍ତି । ମାତ୍ର ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ପତିତପାବନ ନୁହନ୍ତି । ସେ ହେଉଛନ୍ତି ମୈତ୍ରୀଦେବ, ତାଙ୍କ ନିକଟରେ କେହି ପତିତ ନୁହେଁ, କେହି ପାବନ ନୁହେଁ, କେହି ବି ଉନ୍ନତ ନୁହେଁ । ଏହି 'ପତିତପାବନ' ଭାବ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଉତ୍କଳୀୟ ଭାବାନୁଭୂତିର ଅନ୍ତର୍ଦୃଷ୍ଟି ନୁହେଁ । ଏହା ପଡ଼ୋଶୀ ବଙ୍ଗସାହିତ୍ୟରୁ ଆହରଣ କରି କେତେକ କବି ତାଙ୍କ କାବ୍ୟକୃତିରେ ତାହାର ପରୀକ୍ଷା ନିରୀକ୍ଷା କରିଛନ୍ତି । ପ୍ରାଚୀନ ଓଡ଼ିଆ କାବ୍ୟ 'ଦାର୍ଢ୍ୟତା-ଭକ୍ତି'ରେ ଶ୍ରୀଜଗନ୍ନାଥଙ୍କୁ ପତିତପାବନ ବୋଲି କୁହାଯାଇଥିବାରୁ ପଣ୍ଡିତ ନୀଳକଣ୍ଠ 'ଦାର୍ଢ୍ୟତାଭକ୍ତି'କୁ ଅପସାହିତ୍ୟ କହିବାରେ ତିଳେହେଲେ କୁଣ୍ଠା ପ୍ରକାଶ କରିନାହାନ୍ତି ।

ବିଭିନ୍ନ ମତବାଦ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ବୌଦ୍ଧାବତାର ଜଗନ୍ନାଥଙ୍କର ଚତୁର୍ଦ୍ଧାମୂର୍ତ୍ତି ପ୍ରସଙ୍ଗ ସ୍ୱୀକାର ପୂର୍ବକ ଏହାର ବିଗବିଦେଗ

---

(୬) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୬୭), ପୃ—୭୯ ।

Digitized by srujanika@gmail.com

ଆଲୋଚନା କରିଛନ୍ତି । ମହାପୁରୁଷ ବୁଦ୍ଧଙ୍କର ଅନ୍ୟନାମ ଜଗନ୍ନାଥ । ଶାକ୍ୟମୁନି ବୁଦ୍ଧ ନିଜକୁ ବୁଦ୍ଧବୋଲି ସ୍ୱୀକାର କରିଥିଲେ । ସେ ହେଉଛନ୍ତି ନିଜେ ସର୍ବଜେତା, ଜଗଜ୍ଜେତା ବା ଜିନ । ଏହି ଅର୍ଥରେ ମଧ୍ୟ ତାଙ୍କୁ ଜଗନ୍ନାଥଭାବେ ପରିଗ୍ରହଣ କରାଯାଇପାରେ । ଚତୁର୍ଦ୍ଧା ବା ଜଗନ୍ନାଥଙ୍କର 'ଗୁରୁପ୍ରକାର' ମୂର୍ତ୍ତି ଗୁଡ଼ିକ ପରସ୍ପରଠାରୁ ଭିନ୍ନ ମୂର୍ତ୍ତି ନୁହେଁ । ଏହି ଚତୁର୍ଦ୍ଧା ମୂର୍ତ୍ତି ହେଉଛନ୍ତି ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । (୭) ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ବର୍ଣ୍ଣନା କରି ପଣ୍ଡିତ ନୀଳକଣ୍ଠ ଦର୍ଶାଇଛନ୍ତି 'ଜଗନ୍ନାଥ' ହେଉଛନ୍ତି କ୍ଲୀଂ ବା କାମବୀଜ; ଯୋଗମାୟା ବା ସୁଭଦ୍ରା ହେଉଛନ୍ତି ହ୍ରୀଂ ବା ରଜ, ବିରାଟ, ବଳଭଦ୍ର ବଡ଼ଠାକୁର ହେଉଛନ୍ତି ହ୍ଲୀଂ ବା ଲକ୍ଷ୍ମୀ ଅଙ୍ଗ । ଶୂନ୍ୟର ଯୋଗମାୟା ଏଇ ଯେଉଁ ବିରାଟ ରୂପ ପରିଗ୍ରହ ଲଭିକରେ, ତହିଁରୁ ସମସ୍ତ ବସ୍ତୁ ଉତ୍ପତ୍ତି ଲଭିକରେ । ଅଣାକାର ନିରଞ୍ଜନ ଅବର୍ଣ୍ଣମୟ ସୁଦର୍ଶନଙ୍କୁ ଯେଉଁ ମହାଶୂନ୍ୟର ଏହି ଗୁରୁପ୍ରକାର ବା 'ଚତୁର୍ଦ୍ଧାମୂର୍ତ୍ତି'ର ପରିକଳ୍ପନା କରାଯାଇଛି । ସୁତରାଂ ଏହି ଗୁଡ଼ିକ ପରସ୍ପର ଭିନ୍ନ ମୂର୍ତ୍ତି ନୁହେଁ । ଏହି ମୂର୍ତ୍ତିର ପଶ୍ଚାଦଭାଗରେ ମହାଶୂନ୍ୟ ବା ସୁଦର୍ଶନ ହେଉଛନ୍ତି ମୂଳ । ତେଣୁ ତାଙ୍କର ଉପସ୍ଥିତି ସର୍ବାଗ୍ରେ ସ୍ମରଣୀୟ । ତାପରେ ବିଶ୍ୱରୂପ, ବଳଭଦ୍ର ରୂପ; ତାପରେ ଯୋଗମାୟା ସୁଭଦ୍ରା ଓ ଶୂନ୍ୟରୂପ ଜଗନ୍ନାଥ । (୮) ଆଲୋଚକ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଏହାହିଁ ମାନବ ଦର୍ଶନର ସ୍ୱାଭାବିକ ଓ ଧାର୍ମିକ ଧାରଣା ।

ଆଲୋଚ୍ୟ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଗ୍ରନ୍ଥ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ନୀଳକଣ୍ଠ ଆଲୋଚନା ପୁସ୍ତକର ପ୍ରଥମାଂଶରେ ସାହିତ୍ୟ, ସଂସ୍କୃତି, ସଭ୍ୟତା, ଗୁହାଣି, ଚଳଣି, ପ୍ରାଚୀନ ଭାରତୀୟ ଓ ଅନାର୍ଯ୍ୟ ସଭ୍ୟତା, ତତ୍କାଳୀନ ସମାଜରେ ପ୍ରଚଳିତ ଧର୍ମଧାରା, ଉତ୍କଳୀୟ ଜାତିପ୍ରୀତିର ପ୍ରତୀକ ଶ୍ରୀଜଗନ୍ନାଥ ପ୍ରଭୃତି ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଆଲୋଚନା ଡଃ ନିତ୍ୟାନନ୍ଦ ଶତପଥୀଙ୍କ ଭାଷାରେ- ଉତ୍କଳୀୟ ପରମ୍ପରା, ପରିସ୍ଥିତି ଓ ପୂର୍ବଦୃଷ୍ଟିର ଫଳଶ୍ରୁତି । (୯)

---

(୭) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଭାଗ (୧ମ ସଂ—୧୯୭୭), ପୃ—୧୧୫ ।

(୮) ନୀଳକଣ୍ଠ ଗ୍ରନ୍ଥାବଳୀ— ୩ୟ ଖଣ୍ଡ (୧ମ ସଂ—୧୯୭୭) ପୃ—୧୧୭/୧୧୮ ।

(୯) ନୀଳକଣ୍ଠ ପରିକ୍ରମା—(ଡଃ ନିତ୍ୟାନନ୍ଦ ଶତପଥୀ) ପୃ—୧୭୧ ।

Digitized by srujanika@gmail.com

ଆଲୋଚ୍ୟ ଗ୍ରନ୍ଥର ଦ୍ୱିତୀୟ ଭାଗରେ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସାହିତ୍ୟର କ୍ରମବିକାଶ ଦର୍ଶାଇବା ପ୍ରସଙ୍ଗରେ ପର୍ଯ୍ୟାୟକ୍ରମେ ଓଡ଼ିଶାର ଇତିହାସ, ଏହାର ସଂସ୍କୃତି ଓ ସାହିତ୍ୟର ଇତିହାସ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଛନ୍ତି । ଦ୍ୱିତୀୟ ଭାଗର ପ୍ରଥମ ପର୍ଯ୍ୟାୟରେ ସେ ଏହି ଆଲୋଚନା କରିଛନ୍ତି । ପୁନଶ୍ଚ ଆଲୋଚନାର ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ ଜନଜୀବନ ସହିତ ଓଡ଼ିଶାର ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଏକାକାର କରିଦେଇ ଉତ୍କଳୀୟ ସାଂସ୍କୃତିକ ପରମ୍ପରାକୁ ସେ ବିଶ୍ୱଦରବାରରେ ଉପମୀତ କରିବାର ଗୌରବଲାଭ କରିଛନ୍ତି ।

ଗ୍ରନ୍ଥଟିର ପ୍ରଥମଭାଗରେ ପଣ୍ଡିତ ନୀଳକଂଠ ଲେଖିଥିଲେ ଏହାପରି ପୁସ୍ତକ ଖଣ୍ଡିକର ନାମ ହେବ 'ପରିଣାମରେ ଗତି ।' ଅଥଚ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଆଲୋଚନା କରିବାକୁ ଆଲୋଚକ ତତ୍କାଳୀନ ସମାଜରୁ ତଥା ଓଡ଼ିଆ ସାହିତ୍ୟରୁ ଯଥାଯଥ ସାମଗ୍ରୀ ପାଇପାରିନାହାନ୍ତି । ସୁତରାଂ ଦ୍ୱିତୀୟ ଭାଗରେ ସେ ସ୍ୱୀକାର କରିଛନ୍ତି—ପରିଣାମରେ ସମୟସ୍ତର ଭେଦର ଗତି ଦେଖାଇ ଓଡ଼ିଆ ସାହିତ୍ୟ ଆଲୋଚନା କରିବାର ସାମଗ୍ରୀ ନାହିଁ । ତାସବୁ ଖୋଜି କାଢ଼ିବା ପାଇଁ ମଧ୍ୟ ବାୟୁମଣ୍ଡଳ ତିଆରି ହୋଇନାହିଁ । ଆମ ସାହିତ୍ୟରେ ଯାହାବି ଆଲୋଚନା ହୋଇଛି ବା ହେଉଛି ତାକୁ ଅନ୍ଧମାନଙ୍କ ହାତୀ ଦେଖା ନ୍ୟାୟରେ ପରିଗ୍ରହଣ କରାଯାଇ-ପାରେ । ଯିଏ ଯେଉଁଠୁ ସୁବିଧା ପାଉଛନ୍ତି, ସେଠାରୁ ନିଜଇଚ୍ଛାରେ ଏଣ୍ଡୁତେଣ୍ଡୁ ଆଲୋଚନା କରିଯାଉଛନ୍ତି । ସଂସ୍କୃତିର ପୀଠ ସଙ୍ଗେ ଯୁଗ ପର ସଙ୍ଗତିକୁ କଳନାରେ ଆଣି ବିଚାର ନକଲେ ପରିଣାମରେ ଗତି ସ୍ପଷ୍ଟ ଅନୁଭବ କରିହେବ ନାହିଁ । ସୁତରାଂ ସଙ୍କେତରେ ଓଡ଼ିଆ ସଂସ୍କୃତିର ପୀଠ ଓ ସାହିତ୍ୟରେ ତାହାର ପ୍ରକାଶ ଦେଖାଇବା ପାଇଁ ଗ୍ରନ୍ଥଟିର ଦ୍ୱିତୀୟଭାଗରେ ଯଥାସାଧ୍ୟ ଉଦ୍ୟମ କରାଯାଇଛି । (୧୦)

ପ୍ରାଚୀନ ଉତ୍କଳ ଏହାର ସମର କୌଶଳ ତଥା ବିଶ୍ୱବନ୍ଦନୀୟ ଶ୍ରୀଜଗନ୍ନାଥଙ୍କ ଯୋଗୁ ବିଶ୍ୱବିଜିତ ହୋଇଥିଲା । ମାତ୍ର ମୋଗଲ ରାଜତ୍ୱ ସମୟରେ ମୁସଲମାନ ଶାସକମାନେ ଏହାର ସ୍ୱାଧୀନତା ଲୋପକରି ଏହି ରାଜ୍ୟକୁ ହୀନ ଦୃଷ୍ଟିରେ ଦେଖୁଥିଲେ । ଫଳରେ ପଞ୍ଚଦଶ ଶତାବ୍ଦୀ ପରେ

---

(୧୦) ପଣ୍ଡିତ ନୀଳକଂଠ ଦାସ—ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୨ୟ ଭାଗ, 'ଆଦ୍ୟ କଥନ' ।

Digitized by srujanika@gmail.com

ପରେ ଉତ୍କଳର ନିର୍ମଳ ମେଘମୁକ୍ତ ଆକାଶରେ ଘନଘଟା ଘୋଟି ଆସିଥିଲା । ମୋଗଲମାନେ ଏତିକିବେଳେ ଏହି ପ୍ରଦେଶକୁ ନିଜ ଅଧିନକୁ ଆଣିଲ ଏ ଜାତିର ଦରିଦ୍ର ଜନସାଧାରଣଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବାକୁ ଲାଗିଲେ । ମୋଗଲମାନଙ୍କ ଦ୍ୱାରା ସମଗ୍ର ଉତ୍କଳ ଶାସିତ ହେବାରୁ ଉତ୍କଳୀୟମାନଙ୍କର ସ୍ୱାଧୀନ ଚିନ୍ତା, ନୂତନ ଯୋଜନା ସବୁ ଭାଙ୍ଗି ଧୂଳିସାତ ହୋଇଯାଇଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ—'ଆମର ଥିଲା ଓ ହୁଏତ୍ ଅଛି ବୋଲି ଦେଖାଇ' ହେବାର ଅହଂକାର ବ୍ୟତୀତ ଏହି ସମୟକୁ ବାସ୍ତବରେ ଉତ୍କଳୀୟମାନଙ୍କର ଆଉ କିଛି ନଥିଲା ।

ମୋଗଲମାନଙ୍କ ପରେ ପରେ ଉତ୍କଳୀୟ ଜନତାଙ୍କୁ ଲୁଣ୍ଠିତ ଓ ଅପମାନିତ କରିଥିଲେ ମରହଟ୍ଟା ଶାସକମାନେ । କିନ୍ତୁ ଆଲୋଚକ ପଣ୍ଡିତ ନୀଳକଣ୍ଠ ମରହଟ୍ଟା ଯୁଗ ବୋଲି ସାହିତ୍ୟରେ ଗୋଟିଏ ଯୁଗ ନାହିଁ ବୋଲି ସ୍ୱୀକାର କରିଥିଲେ ମଧ୍ୟ ଉତ୍କଳର ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ତଥା ଓଡ଼ିଆ ରାଜାଙ୍କ କନ୍ୟାକୁ ମରହଟ୍ଟାମାନେ ଯେପରି ଅସମ୍ମାନ ପ୍ରଦର୍ଶନ କରିଥିଲେ, ସେଥିଲାଗି ସେହି ଶାସକମାନଙ୍କ ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ଏହି ପୁସ୍ତକରେ ବର୍ଣ୍ଣନା ନକରି ରହିପାରିନାହାନ୍ତି ।

ମରହଟ୍ଟାମାନଙ୍କ ପରେ ପରେ ଓଡ଼ିଶାର ଶାସନ ବ୍ୟବସ୍ଥା ଇଂରେଜ ମାନଙ୍କ ହସ୍ତକୁ ଖସିଯାଇଛି । ସେହି ସମୟରେ ଆଧୁନିକ ଓଡ଼ିଆ ସାହିତ୍ୟରେ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ଆବିର୍ଭାବ ହୋଇଥିଲା । ଇଂରେଜ ଶିକ୍ଷାର ଫଳଶ୍ରୁତି ସ୍ୱରୂପ ଓଡ଼ିଶାରେ ଇଂରାଜୀ ଭାଷାର ପ୍ରଭାବରେ ରାଧାନାଥ, ମଧୁସୂଦନ ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟ ରଚନାରେ ବ୍ରତୀ ହୋଇଥିଲେ । ରାଧାନାଥଙ୍କ ଦୋଷଗୁଣ ବର୍ଣ୍ଣନା କରିବାକୁ ଯାଇ ସେହି ସମୟରେ ବିଜୁଳି ଓ ଇନ୍ଦ୍ରଧନୁ ମସୀ ଯୁଦ୍ଧରେ ମାତିଯାଇଥିଲେ । ଏକ ଦିଗରେ ନୂତନ ପାଶ୍ଚାତ୍ୟ ସାହିତ୍ୟର ଆହରଣ ଓ ଅନ୍ୟଦିଗରେ ଏହି ସାହିତ୍ୟକୁ ସ୍ୱଦେଶୀୟ ସାହିତ୍ୟ ମଧ୍ୟରେ ମନୋମୁଖୀ ସମୀକରଣ ଓଡ଼ିଆ ସାହିତ୍ୟର ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରିଥିଲା ।

ଏହି ସମୟକୁ ଉତ୍କଳର ଭାଗ୍ୟ ବିପର୍ଯ୍ୟୟ ଫଳରେ ଖାର ଓଡ଼ିଆ ଜାତିର ଉତ୍ତର ଦାୟାଦମାନେ ହୀନବୀର୍ଯ୍ୟ ହୋଇପଡ଼ିଥିଲେ । ଉତ୍କଳର ପ୍ରାଚୀନ ଇତିହାସ ଯେ ଗୌରବାବହ, ଏହାର ଭୌଗଳିକ ସୀମା-ରେଖା ଦିନେ ଆଗଙ୍ଗା ଗୋଦାବରୀ ବ୍ୟାପିଥିଲା—ଏକଥା ସେମାନେ ସ୍ମରଣ କରିପାରୁନଥିଲେ । ସୁତରାଂ ପରାଧୀନତାର ଗ୍ଳାନିମଧ୍ୟରେ ସେମାନେ

Digitized by srujanika@gmail.com

ଝେଣ୍ଟିଏ କନା ଓ ପଟିଏ ରୁଟିର ସ୍ୱପ୍ନରେ ମଜଗୁଲ ହୋଇ ପଡ଼ିଥିଲେ । ଏପରିକି ଏହି ଗୌଣମନୋଭାବରେ ବଶବର୍ତ୍ତୀ ହୋଇ ଉତ୍କଳୀୟମାନେ ଉପାନ୍ତ ଅଞ୍ଚଳରେ ନିଜକୁ ଉତ୍କଳୀୟ ଭାବେ ପରିଚୟ ଦେବାକୁ କୁଣ୍ଠା ପ୍ରକାଶ କରୁଥିଲେ । ଶିକ୍ଷିତ ଓଡ଼ିଆମାନେ କଲିକତାରେ ଆପଣା ଆପଣା ମଧ୍ୟରେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେବାକୁ ଘୃଣାବୋଧ କରୁଥିଲେ । ଗଞ୍ଜାମ, କୋରାପୁଟ ପ୍ରଭୃତି ଦକ୍ଷିଣ ଓଡ଼ିଶାରେ ଏହି ସମୟରେ ନିଜକୁ ନବପିଷାଣୀ ବୋଲି ପରିଚୟ ଦେଇ ତେଲୁଗୁ ଓ ତାମିଲମାନଙ୍କ ହାତାଦରରୁ ନିଜକୁ ରକ୍ଷା କରିବାପାଇଁ ଓଡ଼ିଆମାନେ ସର୍ବଦା ପ୍ରଚେଷ୍ଟା କରୁଥିଲେ । (୧୧) ମାତ୍ର ଏସବୁ ଗୌଣମନୋଭାବ ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ଓଡ଼ିଆମାନଙ୍କ ଚପଳ ଆତ୍ମପ୍ରତିଷ୍ଠା ଓ ଅସୀମ ଆତ୍ମବଳ ଲକ୍ଷ୍ୟ କରିଛନ୍ତି । ପୁନଶ୍ଚ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପବିତ୍ର ଓ ସନାତନ ପ୍ରାଣଧାରାକୁ ନିରୀକ୍ଷଣ କରିଛନ୍ତି । ଏହାର ସ୍ପନ୍ଦ ଉତ୍କଳୀୟମାନଙ୍କର ଶତଦୈନ୍ୟ ମଧ୍ୟରେ ମଧ୍ୟ ନିର୍ଲିପ୍ତ ହୋଇନାହିଁ, ବରଂ ସମସ୍ତ ଦୁର୍ଗତି ଓ ପରାଧୀନତାର ଗ୍ଲାନିମଧ୍ୟରେ ବିଶୁଦ୍ଧ ସୁବର୍ଣ୍ଣପରି ପ୍ରଜ୍ୱଳିତ ହୋଇଉଠିଛି । (୧୨)

ଉତ୍କଳର ସଂସ୍କୃତି, ଏହାର ପରମ୍ପରା ପାଇଁ କାଳେ କାଳେ ମହାପୁରୁଷମାନେ, ମୁନି-ଋଷି ତଥା ସାଧୁସନ୍ଥମାନେ ଏହି ଭୂମିର ଗୁଣଗାନ କରିଛନ୍ତି । ମାନବସେବାରେ ଧର୍ମାନୁଚିନ୍ତା ଓ ପୁଷ୍ଟିସାଧନ ପାଇଁ ସେମାନେ ଏହି ପୁଣ୍ୟ ଭୂମିକୁ ଆଶ୍ରୟକରି କୃତାର୍ଥ ହୋଇଛନ୍ତି । ମୁସଲମାନମାନଙ୍କ ଅପଶାସନକାଳରେ ସାମାଜିକ ବ୍ୟଭିଚାର ସୀମାଲଙ୍ଘନ କରୁଥିବାରୁ ତାହାର କୁପରିଣତିରୁ ନିଜକୁ ରକ୍ଷା କରିବାପାଇଁ ମୁନି-ଋଷିମାନେ ଧର୍ମଭୂମି ଉତ୍କଳକୁ ନିଜର ଧର୍ମ ତଥା କର୍ମକ୍ଷେତ୍ରରୂପେ ବାଛିନେଇଛନ୍ତି । ଇତିହାସ ନୀରବ ରହିଲେ ମଧ୍ୟ ଇନ୍ଦ୍ରଦ୍ୟୁମ୍ନ ପୁରୀ ଆସିବା କଥା ସ୍ୱୀକାର୍ଯ୍ୟ । ଉତ୍ତର ଭାରତରୁ ବହୁକଷ୍ଟ ସ୍ୱୀକାରପୂର୍ବକ ଇନ୍ଦ୍ରଦ୍ୟୁମ୍ନ ଦୁର୍ଗମ ବନଭୂମି, ବିଶାଳ ନଦନଦୀ ପ୍ରଭୃତି ଅତିକ୍ରମ କରି ପୁରୀଧାମରେ ଉପନୀତ ହୋଇ ଶବର ଦେବତା ଜଗନ୍ନାଥଙ୍କୁ ନିଜର ଭକ୍ତି ଅର୍ଘ୍ୟ ନିବେଦନ କରିଛନ୍ତି । ନିଜେ ପରମ ବୈଷ୍ଣବ ହୋଇଥିଲେ ମଧ୍ୟ ଆଦିବାସୀ ଦେବତା ନୀଳମାଧବଙ୍କୁ ସେ ପୂଜାର୍ଚ୍ଚନା କରିବାରେ ଆଦୌ ସଙ୍କୋଚ ଅନୁଭବ କରିନାହାନ୍ତି । ବରଂ ଶ୍ରୀଜଗନ୍ନାଥଙ୍କର ସମସ୍ତ ସାମାଜିକ ବିଧିକୁ ସେ ଅଙ୍ଗୀକାର କରିନେଇଛନ୍ତି ।

(୧୧) ନୀଳକଣ୍ଠ ଗ୍ରନ୍ଥାବଳୀ—ଚତୁର୍ଥ ଖଣ୍ଡ (ପ୍ରଥମ ସଂ—୧୯୬୭)' ପୃ-୧୫୨

(୧୨) ନୀଳକଣ୍ଠ ଗ୍ରନ୍ଥାବଳୀ, ଚତୁର୍ଥ ଖଣ୍ଡ (୧ମ ସଂ—୧୯୬୭), ପୃ-୧୫୧ ।

Digitized by srujanika@gmail.com

ଏହାପରେ ଉତ୍କଳୀୟ ଧର୍ମପୀଠକୁ ଶଙ୍କରାଚାର୍ଯ୍ୟ, ରାମାନୁଜ ପ୍ରଭୃତି ଭକ୍ତମାନେ ଆକର୍ଷିତ ହୋଇ ଆସିଥିଲେ । ଶଙ୍କରାଚାର୍ଯ୍ୟଙ୍କ ଆବିର୍ଭାବ ସ୍ଥାନ ଥିଲା ଦକ୍ଷିଣଭାରତ । ଶ୍ରୀଜଗନ୍ନାଥଙ୍କ ବ୍ରହ୍ମତତ୍ତ୍ୱ ଆକର୍ଷିତ ହୋଇ ତାଙ୍କର ବ୍ରହ୍ମତତ୍ତ୍ୱ ପ୍ରଚାର କରିବା ନିମିତ୍ତ ସେ ଜଗନ୍ନାଥଧାମକୁ ଜୀବନର ଶ୍ରେଷ୍ଠ କର୍ମକ୍ଷେତ୍ରରୂପେ ପରିଗ୍ରହଣ କରିଥିଲେ । ଶଙ୍କରାଚାର୍ଯ୍ୟଙ୍କ ପରେ ଦକ୍ଷିଣ ଭାରତରୁ ଆଳଓ୍ୱାର ପନ୍ଥୀ ଶ୍ରୀବୈଷ୍ଣବ ରାମାନୁଜ ମଧ୍ୟ ପୁରୀକୁ ଆସିଥିଲେ । ପୁରୀ ମନ୍ଦିରରେ ବହୁ ଦୂରକୁ ଦିଶୁଥିବା ବେଣ୍ଟଲଗା ଝିଣାଖା ରାମାନୁଜୀ ଟଙ୍ଗା ଆଜିବଧି ଅନେକ ଦର୍ଶକଙ୍କ ଦୃଷ୍ଟିକୁ ଆସିଥାଏ, ଯାହା ମହାପୁରୁଷ ରାମାନୁଜଙ୍କର ଅକ୍ଷୟ ସ୍ମାରକୀ । ରାମାନୁଜ ଭାରତର ପ୍ରାୟ ସବୁ ତୀର୍ଥକ୍ଷେତ୍ରକୁ ଯାତ୍ରା କରିଛନ୍ତି । ମାତ୍ର ସର୍ବତୀର୍ଥ ଓ ସର୍ବଧାମ ମଧ୍ୟରେ ସେ ପୁରୀର ଶ୍ରୀଜଗନ୍ନାଥ ଧାମକୁ ନିଜ ଜୀବନର ଶ୍ରେଷ୍ଠ ଆଶ୍ରୟସ୍ଥଳୀଭାବେ ବରି ନେଇଛନ୍ତି । (୧୩) ଏବଂ ଶ୍ରୀଜଗନ୍ନାଥଙ୍କର ଗୁଣକୀର୍ତ୍ତନ କରିଛନ୍ତି ।

ମୁସଲମାନ ଶାସକମାନଙ୍କ ସମ୍ପର୍କରୁ ଦେଶର ସାମାଜିକ ବିଚାର ବ୍ୟବସ୍ଥା, ସାଂସ୍କୃତିକ ପରମ୍ପରା ହାନକର୍ଯ୍ୟ ହୋଇ ପଡ଼ିଥିଲା । ଭାରତୀୟ ମାଟିରେ ମନୁଷ୍ୟ ଥିଲେ ମାତ୍ର ମୁସଲମାନଙ୍କ ପରି ଅସୁର ନଥିଲେ । ମୁସଲମାନଙ୍କ ସମ୍ପର୍କରେ ପ୍ରଥମ କରି ଭାରତୀୟମାନେ ମାନବରୂପୀ ଅସୁରଙ୍କ ସମ୍ପର୍କରେ ଆସିଥିଲେ । ପ୍ରାଚୀନ କାଳର ଅସୁର ଅସୁରୁଣୀମାନଙ୍କ କାହାଣୀ ଏତିକବେଳେ ସତ୍ୟରେ ପରିଣତ ହେଲା । ମୁସଲମାନ ଶାସକ ତଥା ସେମାନଙ୍କ ଅନୁଚରମାନେ ଯୁବତୀମାନଙ୍କ ତନୁତୀର୍ଥରେ ସ୍ନାନକରି ଏପରିକି ହିନ୍ଦୁମାନଙ୍କୁ ଧର୍ମନାମରେ ହତ୍ୟାକରି ତାଙ୍କର ମୁଣ୍ଡରେ ବିଜୟସ୍ତମ୍ଭ ଗଠନ କରି ଦିଲ୍ଲୀରୁ ସୁଦୂର ମହୋଦଧି ପର୍ଯ୍ୟନ୍ତ ବ୍ୟାପିଗଲେ । ମୁସଲମାନମାନଙ୍କ ଦୃଷ୍ଟିରୁ କେବଳ ସେମାନେ ହିଁ ମନୁଷ୍ୟ ପଦବାଚ୍ୟ ଥିଲେ । ଅନ୍ୟ ଜାତି ବର୍ଗକୁ ଲୋପକରି ମୁସଲମାନ ଶ୍ରେଣୀଭୁକ୍ତ କରିବା ତଥା ସମାଜରେ ବାସ କରୁଥିବା ଅନ୍ୟ ସମ୍ପ୍ରଦାୟର ସ୍ତ୍ରୀମାନଙ୍କୁ ଉପଭୋଗ କରିବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ନାରୀ ଭୋଗରେ ସେମାନେ ସ୍ୱର୍ଗୀୟ ଆନନ୍ଦ ଅନୁଭବ କରୁଥିଲେ । ମୁସଲମାନଙ୍କ ଦୃଷ୍ଟିରେ ଭୋଗ ମଧ୍ୟରେ ଦୃଷ୍ଟି ଆକର୍ଷଣକାରୀ ସାମଗ୍ରୀଥିଲା ନାରୀ । ସୁତରାଂ ଏପରି ସଙ୍କଟକାଳ ଭାରତରେ ପୂର୍ବରୁ କେବେ ସୃଷ୍ଟି ହୋଇନଥିଲା । (୧୪)

(୧୩) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଭାଗ (୧ମ ସଂ—୧୯୬୭), ପୃ-୧୫
(୧୪) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଭାଗ (୧ମ ସଂ—୧୯୬୭), ପୃ-୧୫

Digitized by srujanika@gmail.com

"ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ,
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

ସୁତରାଂ ଦାନବମାନଙ୍କ ବ୍ୟଭିଚାର ଫଳରେ ପୃଥିବୀରେ ଯେତେବେଳେ ପାପଭାର ଅଧିକ ଓ ଅସହ୍ୟ ହୋଇଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ସାଧୁସନ୍ଥମାନେ ଅବତାର ଗ୍ରହଣ କରନ୍ତି । ଭାରତରେ ମୁସଲମାନମାନଙ୍କ ଆକ୍ରମଣରେ ଅନୈକ୍ୟଗ୍ରସ୍ତ ହୋଇପଡ଼ିଥିବା ଭାରତୀୟମାନଙ୍କ ପ୍ରାଣରେ ନବଚେତନା ସୃଷ୍ଟି କରିବା ପାଇଁ ଚୈତନ୍ୟ ବିଭିନ୍ନ ସାଧୁସନ୍ଥଙ୍କର ଆବିର୍ଭାବ ଘଟିଛି । ଅଧର୍ମର ବିନାଶ ଓ ତାହାର ସମାଧାନ ପାଇଁ ସେମାନେ ଅବତାର ଗ୍ରହଣ କରିଛନ୍ତି । ଉତ୍କଳରେ ମୁସଲମାନମାନଙ୍କର ଅମାନୁଷିକ ଆକ୍ରମଣ ଓ ଇଂରେଜମାନଙ୍କର ଜଗନ୍ନାଥଧର୍ମ ପ୍ରତି ହୋଇଥିବା ଆକ୍ରମଣରୁ ନାନକ, କବୀର, ଶ୍ରୀଚୈତନ୍ୟ ଏପରିକି ଆଧୁନିକ ଯୁଗରେ ମହାମାନବ ମହାତ୍ମାଗାନ୍ଧୀଙ୍କର ଆବିର୍ଭାବ ଘଟିଛି । ଏପରି ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ମହାପୁରୁଷମାନେ ଜଗନ୍ନାଥଧାମକୁ ଆକର୍ଷିତ ହୋଇଆସିଛନ୍ତି ଅନୁପ୍ରେରଣା ଲାଭକରିବାକୁ । ସ୍ୱୀୟ ମହାତ୍ମାଗାନ୍ଧୀ ମଧ୍ୟ ଏହି ପଥରୁ ବିଚ୍ୟୁତ ହୋଇପାରିନାହାନ୍ତି । ସେ ଜଗନ୍ନାଥଧାମରୁ ପ୍ରେରଣା ପାଇ ସେଠାରୁ ପଦଯାତ୍ରାକରି ସମଗ୍ର ଭାରତୀୟ ଜନତାଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରିଛନ୍ତି 'ହରିଜନ' ଆନ୍ଦୋଳନ । (୧୫)

ବିଭିନ୍ନ ସାଂସ୍କୃତିକ ପରମ୍ପରା ମଧ୍ୟରେ ଉତ୍କଳୀମାନଙ୍କର ଆତିଥେୟତା ସମଗ୍ର ଭାରତବର୍ଷରେ ବିରଳ । ବିଶେଷକରି ଜଗନ୍ନାଥଧାମର ଆନ୍ତରିକ ଆତିଥେୟତାରେ ପ୍ରୀତ ଫକୀରମୋହନ ଭାବବିହ୍ୱଳ ହୋଇ ପଡ଼ିଛନ୍ତି । ବହୁ ତୀର୍ଥକ୍ଷେତ୍ରରେ ଠାକୁରଙ୍କ ପଣ୍ଡାମାନେ ବ୍ୟବସାୟିକ ଭିତ୍ତିରେ ତୀର୍ଥଯାତ୍ରୀଙ୍କ ସହିତ ସମ୍ପର୍କ ରକ୍ଷାକରିଥିବାବେଳେ ପୁରୀ ପଣ୍ଡାମାନେ ଏପରି ସମ୍ପର୍କକୁ ହୀନ ଦୃଷ୍ଟିରେ ଦେଖିଛନ୍ତି । ଏହିଧାମର ପଣ୍ଡାମାନେ ଓଡ଼ିଆ ଓ ବଙ୍ଗ ତୀର୍ଥଯାତ୍ରୀ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ତୀର୍ଥଯାତ୍ରୀଙ୍କ ରହିବା ଓ ଖାଇବା ଖର୍ଚ୍ଚ ବହନ କରିଥାନ୍ତି । ଏଥିପାଇଁ ସେମାନେ କିଛି ପାରିଶ୍ରମିକ ନିଅନ୍ତି ନାହିଁ ବରଂ ଯାତ୍ରୀମାନଙ୍କର ଅସୁବିଧାହେଲେ ସେମାନଙ୍କୁ ସ୍ଥାନବିଶେଷରେ ଆର୍ଥିକ ସାହାଯ୍ୟ ଦିଅନ୍ତି । ଏହି ଆତିଥେୟତା ବା ଅତିଥିପରାୟଣତା ଉତ୍କଳୀୟ ସଂସ୍କୃତିର ଗର୍ବ ଓ ଗୌରବ । ଏଥିରେ କୃତ୍ରିମତାର ସ୍ପର୍ଶ ଛିଟେହେଁ ଲକ୍ଷ୍ୟ କରିହୁଏ ନାହିଁ, ନାହିଁ ଆବିଳତାର ନିଦର୍ଶନ । ସୁତରାଂ ଏଥିରୁ ଉତ୍କଳୀୟମାନଙ୍କର ପ୍ରାଣ ପ୍ରାଚୁର୍ଯ୍ୟ ଓ ସାମ୍ୟମୈତ୍ରୀଭାବ ସ୍ପଷ୍ଟ

(୧୫) ଫକୀରମୋହନ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ-୧୯୬୨), ପୃ-୧୬୧ ।

Digitized by srujanika@gmail.com

ଅନୁଭବ କରିହୁଏ, ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠିତ ହୁଏ । ଏହାହିଁ ଉତ୍କଳୀୟ ଜନତାର ଚିରନ୍ତନ ନିଃସ୍ୱାର୍ଥପର ସମାଜ ସାଧନା ଓ ସଂସ୍କୃତି, ଓଡ଼ିଆ ଜାତିର ଜାତୀୟ ସଙ୍କେତ ସର୍ବୋପରି ଓଡ଼ିଆର ବିଶ୍ୱପ୍ରୀତି । (୧୬)

ଉତ୍କଳୀୟ ସମାଜରେ ଲୋକକଥା, ଲୋକବାଣୀ ତଥା କିମ୍ବଦନ୍ତୀର ପ୍ରଚଳନ ବହୁଭାବରେ ପରିଲକ୍ଷିତ ହୁଏ । ଗାର୍ହସ୍ଥ୍ୟ ଜୀବନକୁ ସୁନ୍ଦର କରିବା ତଥା ସମାଜ ଚେତଣାକୁ ସୃଷ୍ଟି କରିବାପାଇଁ କିମ୍ବଦନ୍ତୀର ସମୂହ ଉପଲବ୍ଧ କରାଯାଇଥାଏ । କିମ୍ବଦନ୍ତୀରୁ ପ୍ରାଚୀନ ସାହିତ୍ୟର ସ୍ୱରୂପ ସମ୍ପର୍କରେ ମଧ୍ୟ ଯଥାର୍ଥ ପ୍ରମାଣମିଳେ । ସୁତରାଂ ଓଡ଼ିଆ ସାହିତ୍ୟରେ ମାଟିର ମହାକବି ସାରଳା ଦାସ ତାଙ୍କ ମହାଭାରତରେ ବହୁ କାହାଣୀ, ଲୋକକଥା, କିମ୍ବଦନ୍ତୀ ପ୍ରଭୃତିର ସଂଯୋଜନା କରିଥିଲେ । ଏହିଭଳି କିମ୍ବଦନ୍ତୀ ମଧ୍ୟରେ ଗୋପାଳ କପିଳା ରାଜାହେବା ପ୍ରସଙ୍ଗ, ଶିବେଇ ସାନ୍ତରା କୋଣାର୍କମନ୍ଦିର ନିର୍ମାଣ ପ୍ରସଙ୍ଗ ପ୍ରଭୃତି ପ୍ରଧାନ । ଅତଏବ ସାରଳା ସାହିତ୍ୟରେ କିମ୍ବଦନ୍ତୀ ଓ ଲୋକକଥା ପ୍ରଭୃତି ଉପସ୍ଥାପନା ପଶ୍ଚାଦ୍‌ଭାଗରେ ଜୈନପରମ୍ପରାରେ କଳିଙ୍ଗ ବା ପ୍ରାଚୀନ ଉତ୍କଳଭୂମିରେ ଧର୍ମ ପ୍ରଭୃତିର ପ୍ରାଧାନ୍ୟ ସ୍ୱୀକାର୍ଯ୍ୟ ।

'ବାରଶ ବଢ଼େଇରେ ଦାୟ କି ପୁଅରେ ଦାୟ' କିମ୍ବଦନ୍ତୀର ପ୍ରସିଦ୍ଧି ଉତ୍କଳୀୟ ସମାଜ ତଥା ଓଡ଼ିଆ ସାହିତ୍ୟରେ କିଛି କମ୍ ନୁହେଁ । ଏହି ଗଳ୍ପଟି ନେଇ ଆଧୁନିକ ଯୁଗରେ ବହୁଗଳ୍ପ କବିତା ଏପରିକି ନାଟକ ମଧ୍ୟ ରଚିତ ହୋଇଛି । ଦେଶ ଓ ଦଶପାଇଁ ବିଶୁମହାରଣାର ବାରବର୍ଷର ବାଳକପୁତ୍ର ଧର୍ମପଦ ଆତ୍ମତ୍ୟାଗର ଆଦର୍ଶ ଦେଖାଇ ବିଦେଶୀ ବିରୁଦ୍ଧରେ ନିଜ ଜାତିମଧ୍ୟରେ ସୃଷ୍ଟି କରିଛି ସ୍ୱଦେଶପ୍ରାଣତା । (୧୭) ଏହି ସ୍ୱଦେଶାନୁରାଗ ବିଶୁମହାରଣା ପାଇଁ ଯାହା ହେଉନା କାହିଁକି ସମଗ୍ର ସମାଜ ପାଇଁ ଅତୀବ ଉପାଦେୟ ହୋଇପଡ଼ିଛି । ପୁନଶ୍ଚ ଏହି କିମ୍ବଦନ୍ତୀରେ ବଢ଼େଇବାଳକଟିର ଓଡ଼ିଆ ଗାର୍ହସ୍ଥ୍ୟ ଜୀବନରେ ପିତାମାତାଙ୍କର ନିଷ୍ଠାପର ଦାମ୍ପତ୍ୟପ୍ରେମ ସଙ୍ଗେ ବାତ୍ସଲ୍ୟରସର ଯେଉଁ କରୁଣ ଫଲ୍‌ଗୁଧାରା ପ୍ରବାହିତ ହେଉଛି ତାହା ଅବର୍ଣ୍ଣନୀୟ ।

ଶିବେଇ ସାନ୍ତରା ଶ୍ୱାପଦ ଶଙ୍କୁଳ ଘୋର ଜଙ୍ଗଲ ମଧ୍ୟରେ କୁଡ଼ୀ-ଠାରୁ ଚରମଜାଉ ଖାଇବାପରେ ମନ୍ଦିର ଭିତ୍ତିଭୂମି ନିର୍ମାଣ କରିବାର ଯେଉଁ

---

(୧୬) ମାଳକଣ୍ଠ ଗ୍ରନ୍ଥାବଳୀ— ୩ୟ ଖଣ୍ଡ (ପ୍ରଥମ ସଂ-୧୯୬୭) ପୃ- ୭୬ ।
(୧୭) ମାଳକଣ୍ଠ ଗ୍ରନ୍ଥାବଳୀ— ୩ୟ ଖଣ୍ଡ (ପ୍ରଥମ ସଂ-୧୯୬୭), ପୃ-୧୮୨ ।

Digitized by srujanika@gmail.com

ଗୌରବ ଅର୍ଜନ କରିଥିଲେ, ତାହାର ମୂଳଭିତ୍ତି ବୌଦ୍ଧଜାତକରୁ ଆସିଥିବା ମନେହୁଏ ।

ଅତଏବ ବିଭିନ୍ନ ଲୋକକଥାକୁ ମହାକବି ସାରଳା ଦାସ ତାଙ୍କ ମହାଭାରତମଧ୍ୟକୁ ଟାଣିନେଇ ରଚନା କରିଛନ୍ତି ଓଡ଼ିଆର ଜାତୀୟ ସାହିତ୍ୟ । ପ୍ରସଙ୍ଗତଃ କପିଳେନ୍ଦ୍ର ଦେବ ପ୍ରସଙ୍ଗ ନିଆଯାଇପାରେ । କପିଳେନ୍ଦ୍ର ଦେବଙ୍କର ପୁତ୍ରମାନଙ୍କୁ ସାରଳାଦାସ ପରମ୍ପରା ଅନୁଯାୟୀ ନଅଭାଗରେ ବିଭକ୍ତ କରିଛନ୍ତି । ପୁରାଣରୁ ଜଣାଯାଏ ମନୁ ପୃଥିବୀକୁ ଦଶଭାଗ କରି ନଅଭାଗ ତାଙ୍କ ପୁତ୍ରଙ୍କ ମଧ୍ୟରେ ସମାନଭାବେ ବଣ୍ଟନ କରିଥିଲେ ଏବଂ ଅନ୍ୟଭାଗଟି ନିଜ କନ୍ୟାକୁ ଦେଇଥିଲେ । ତଦନୁଯାୟୀ ସଂସ୍କୃତ ପୁରାଣସାହିତ୍ୟରେ ବିଶେଷଭାବେ ଅବଗାହନ କରିଥିବା ଓଡ଼ିଆ କବି, ସ୍ୱାଧୀନଚେତା ସ୍ୱାଭିମାନୀ ସାରଳା ଦାସ ନିଜ ଇଚ୍ଛାନୁଯାୟୀ କପିଳେନ୍ଦ୍ର ଦେବଙ୍କର ନଅପୁତ୍ର ଥିଲେବୋଲି ତାଙ୍କ ମହାଭାରତରେ ସ୍ୱୀକାର କରିଛନ୍ତି । (୧୮)

"ଗୋପାଳ ନୃପତି ନାମ ମରୁଧ୍ୱଜ ବୀର,
ଯୁଗାବନ୍ତୀ ବୋଲିଣ ଯେ ଦୁହିତା ତାହାର ।
ସସାଗରା ପୃଥ୍ୱୀକି ନବଭାଗ କଲେ
ନବଖଣ୍ଡ ମେଦିନୀ ନବପୁତ୍ରଙ୍କୁ ଦେଲେ ।"

ଉତ୍କଳୀୟ ଚଳଣି, ଏହାର ସଂସ୍କୃତି ଓ ପ୍ରାଚୀନ ପରମ୍ପରା ସହିତ 'ଛେରାପହଁରା' ଓତଃପ୍ରୋତ ଭାବେ ଜଡ଼ିତ ! ବିଶ୍ୱପୁରୁଷ ମନ୍ଦିରର ନିବାସୀ ଶ୍ରୀଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ସାଧାରଣ ଜନତା ଯେଉଁକାର୍ଯ୍ୟ କରିବାକୁ କୁଣ୍ଠାପ୍ରକାଶକରେ, ଘୃଣାବୋଧ କରେ, ସେହିକର୍ମ କରିବାପାଇଁ ଉତ୍କଳୀୟ ଜନତାର ଜୀବନ୍ତ ଦେବତା ଠାକୁରରାଜା ବିନାଦ୍ୱିଧାରେ ଆଗେଇ ଆସିଛନ୍ତି । ଉତ୍କଳର ଏହି ଚଳଣି ମଧ୍ୟରେ, ଏହିକାର୍ଯ୍ୟ ମାଧ୍ୟମରେ ଚେଷ୍ଟ ପ୍ରକଟିତ ହୋଇଛି ବିଶ୍ୱମୈତ୍ରୀଭାବନା—ବିଶ୍ୱଭ୍ରାତୃତ୍ୱବୋଧ ।

ଛେରାପହଁରା ପରି ଦେବଦାସୀ ବା ମାହାରୀ ପରମ୍ପରା ଉତ୍କଳୀୟ ସମାଜ ବିକାଶରେ, ସାଂସ୍କୃତିକ ତଥା ଧାର୍ମିକ ପରମ୍ପରାରେ ତା'ର ଭିତ୍ତିଭୂମି ସୁଦୃଢ଼ କରିପାରିଛି । ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ – ବହୁକାଳରୁ ଏହା ଏକ ପ୍ରକାର ଗୋଟିଏ ସାମାଜିକ ଅନୁଷ୍ଠାନ । ଅତିପ୍ରାଚୀନ କାଳରୁ ଆଜିଯାଏ ଏହା ଦ୍ରାବିଡ ଭାରତରେ ଗୋଟିଏ ଉଚ୍ଚଶ୍ରେଣୀଙ୍କ ଆଦୃତ ଓ ସମ୍ମାନିତ ଜିନିଷ । ଦେବଦାସୀ ଆନୁଷ୍ଠାନଟିର ମୂଳ କ'ଣ ଏହା କାଳର କେତେ

(୧୮) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ—୧୯୬୬), ପୃ-୧୮୫

Digitized by srujanika@gmail.com

ଦୂରରେ ତାହା ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ । ମାତ୍ର ମନେହୁଏ ପ୍ରାଚୀନ ବାବିଲନର ଅନ୍ତ କାମୁକା ଓ ସ୍ୱୈରିଣୀ ମାତୃଦେବୀଙ୍କ ଉପାସନା ଓ ତୋଷଣ ସଙ୍ଗେ ଏହାର ଘନିଷ୍ଠ ସମ୍ବନ୍ଧ ଥିଲା । କିନ୍ତୁ ସମ୍ପ୍ରତି ଦ୍ରାବିଡ଼ରେ ଦେବଦାସୀ ବା ବେଶ୍ୟାମାନେ ଚିର ସଧବା ବୋଲି ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ସେମାନଙ୍କୁ ସର୍ବାଗ୍ରେ ନିମନ୍ତ୍ରଣ କରାଯାଏ; ଆଉ ହୁଳାହୁଳି ଦେବା ତାଙ୍କର କାର୍ଯ୍ୟ, ତାଙ୍କୁ ଦେଖିଲେ କନ୍ୟାର ସର୍ବମଙ୍ଗଳ । ସୁତରାଂ ଦ୍ରାବିଡ଼ ସଭ୍ୟତାରେ ଦେବଦାସୀ ରଖିବାର ଚଳନ ହେଲେ ଅପବାଦ ନାହିଁ । (୧୯) ତେଣୁ ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣଠାରୁ ହାଇକୋର୍ଟ ଜଜ୍ ପର୍ଯ୍ୟନ୍ତ ସମସ୍ତେ ଦେବଦାସୀ ରଖିବାର ବିଧି ଦ୍ରାବିଡ଼ ସଂସ୍କୃତିରେ ପ୍ରଚଳିତ । ଦେବଦାସୀମାନଙ୍କର ମୁଖ୍ୟ ବିଦ୍ୟା ଥିଲା ଗାଇବା ଓ ନୃତ୍ୟ କରିବା । ସେଥିପାଇଁ ମହିଳାଙ୍କ ମଧ୍ୟରେ ନୃତ୍ୟଗୀତର ପ୍ରାଧାନ୍ୟ ବହୁଭାବରେ ପରିଲକ୍ଷିତ ହୁଏ । ଅତଏବ ଦେବଦାସୀ ପ୍ରଥା ଦ୍ରାବିଡ଼ ସଂସ୍କୃତିର ଏକ ପ୍ରଧାନ ଅଙ୍ଗ ।

ଦ୍ରାବିଡ଼ ସଂସ୍କୃତିର ଦେବଦାସୀ ପରମ୍ପରା ଉତ୍କଳୀୟ ସାମାଜିକ ଜୀବନରେ ମାହାରୀ ପରମ୍ପରା ଭାବେ ପ୍ରସିଦ୍ଧି ଲାଭ କରିଛି । ଦ୍ରାବିଡ଼ର ଦେବଦାସୀମାନେ ହେଉଛନ୍ତି ଉତ୍କଳର ମାହାରୀ । ଗଙ୍ଗଯୁଗରୁ ଦ୍ରାବିଡ଼ ସମାଜର ଏହି ସାଂସ୍କୃତିକ ପରମ୍ପରା ଉତ୍କଳକୁ ପ୍ରବେଶ କରିଥିଲା, ଏଥି ସଙ୍ଗେ ସଙ୍ଗେ ମଧ୍ୟ ଉତ୍କଳକୁ ଏହି ସମୟରେ ବେଶ୍ୟା ନାଚ ଓ ସଙ୍ଗୀତ ଚର୍ଚ୍ଚା ପ୍ରବେଶ କରିଥିଲା । ଫଳତଃ କଳିଙ୍ଗର ଯୌନ ବ୍ରହ୍ମଚର୍ଯ୍ୟମୂଳକ ଅନନ୍ୟ ସାଧାରଣ ସମାଜ ସାଧନାରେ ବାଜିଥିଲା ଧକ୍କା । ଉତ୍କଳକୁ ଏହି ସମୟରେ ସ୍ୱଚ୍ଛନ୍ଦଭାବେ ପଶିଆସିଥିଲା ବ୍ୟଭିଚାର । ମାତ୍ର ଏହି ସମସ୍ତ ପ୍ରକାର ବ୍ୟଭିଚାର ସତ୍ତ୍ୱେ ଜଗନ୍ନାଥଙ୍କର ଉତ୍କଳୀୟ ସମାଜ ଓ ସଂସ୍କୃତିର ବଳିଷ୍ଠ ଓ ପ୍ରତିଷ୍ଠିତ ପରମ୍ପରା ସେଥିରେ ଆତ୍ମବିସ୍ମୃତ ହୋଇନାହିଁ, ଏହି ହୀନମନୋବୃତ୍ତି ତା'ର ସାଂସ୍କୃତିକ ବାତାବରଣକୁ ବିପଥଗାମୀ କରିନାହିଁ । ମାତ୍ର ଏହା 'ଛେଗପଡ଼ିଆ' ପରି ସମାଜରେ ଉଚ୍ଚସ୍ଥାନ ଲାଭକରିପାରିନାହିଁ ଓ ଉତ୍କଳୀୟ ମାହାରୀମାନେ ଦ୍ରାବିଡ଼ ଦେବଦାସୀଙ୍କ ପରି ମହାରାଣୀର ଆସନ ଦଖଲ କରିପାରି ନାହାନ୍ତି (୨୦) ବା ତାଙ୍କ ନୃତ୍ୟ ଉତ୍କଳୀୟ ଶିଷ୍ଟ ସମାଜରେ ଆଦୃତିଲାଭ କରିପାରିନାହିଁ ।

(୧୯) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (୧ମ ସଂ—୧୯୬୭), ପୃ-୧୯୪ ।

(୨୦) ନୀଳକଣ୍ଠ ଗ୍ରନ୍ଥାବଳୀ - ୩ୟ ଖଣ୍ଡ (୧ମ ସଂ—୧୯୬୭), ପୃ-୧୯୫ ।

Digitized by srujanika@gmail.com

ଗ୍ରନ୍ଥଟିର ଦ୍ୱିତୀୟ ଭାଗର ତୃତୀୟ ଅଧ୍ୟାୟରେ ପଣ୍ଡିତ ନୀଳକଣ୍ଠ କେତେକ ଅନୁଷ୍ଠାନ ଓ ଉପାଖ୍ୟାନର ଭିତ୍ତି ଓ ବ୍ୟାପ୍ତି ସମ୍ବନ୍ଧରେ ସ୍ୱମତ ପ୍ରକାଶ କରିଛନ୍ତି, ଓଡ଼ିଆ ସାହିତ୍ୟ ଓ ଉତ୍କଳୀୟ ସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଛନ୍ତି, ବର୍ତ୍ତମାନ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇ ଅତୀତର ଜାତିପ୍ରୀତି କଥା ଭାବି ଭାବି ଜାତିପ୍ରୀତିରେ ମୁହ୍ୟମାନ ହୋଇ-ପଡ଼ିଛନ୍ତି ଓଡ଼ିଆ ଭାଷା ଓ ଓଡ଼ିଆର ସଂସ୍କୃତି ସମ୍ବନ୍ଧୀୟ ବହୁ ହାସ୍ୟାସ୍ପଦ ଯୁକ୍ତିଶୁଣି ହତବାକ୍ ହୋଇଯାଇଛନ୍ତି । ଉତ୍କଳୀୟମାନେ ସ୍ୱାଧୀନ ଚିନ୍ତା ଓ ସ୍ୱାଭିମାନ ହରାଇଦେଇଥିବାରୁ ସେ ଦୁଃଖରେ ମର୍ମାହତ ହୋଇପଡ଼ିଛନ୍ତି ।

ତାଙ୍କ ଦୃଷ୍ଟିରେ ପ୍ରତାପରୁଦ୍ରଙ୍କ ସମୟରୁ ଓଡ଼ିଆ ଭାଷାରେ ସାହିତ୍ୟିକ ପରାଧୀନତାର ସୂତ୍ରପାତ ହୋଇଥିଲା, ସମାଜରେ ଗୌଣମନୋ-ଭାବ ପ୍ରକାଶ ପାଇଥିଲା । ସୁତରାଂ ଏହାର ପ୍ରଭାବରେ ଭଞ୍ଜୀୟ କାବ୍ୟ-କୃତିରେ ଯୌନଚର୍ଚ୍ଚା ଆରମ୍ଭ ହୋଇଛି, ଯୌନ ବ୍ୟଭିଚାର ଓ ଯୌନକଳା ପ୍ରକାଶ ପାଇଛି । ଭଞ୍ଜୀୟ କାବ୍ୟକୃତିରେ ନୈତିକଭାବେ ପାରମ୍ପର୍ଯ୍ୟ କ୍ଷୁଣ୍ଣ; ମାତ୍ର ସର୍ବସ୍ୱ ତଥାକଥିତ ସନ୍ନ୍ୟାସୀ ବାବାଜୀଙ୍କ ପରଦାରା ସଙ୍ଗବିଳାସ ପ୍ରବୃତ୍ତି ପ୍ରକଟିତ ହୋଇଛି ଓ ଶିଷ୍ଟ ଓଡ଼ିଆ ତଥା ପ୍ରତିଷ୍ଠିତ ଗୃହସ୍ଥର ବୈଧ ନାରୀସଙ୍ଗ ବିଳାସ ପ୍ରକାଶ ପାଇଛି ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକୃତିରେ ଏହି ଆଦର୍ଶ ନାରୀ-ସମ୍ଭୋଗ ପରବର୍ତ୍ତୀ ପର୍ଯ୍ୟାୟରେ ପଲ୍ଲୀକବି ନନ୍ଦକିଶୋରଙ୍କ ଲେଖନୀମୂନରେ ଝଂକୃତ ହୋଇଛି । ସୁତରାଂ ଉତ୍କଳୀୟମାନଙ୍କୁ ସେ ଉଚ୍ଚାସନରେ ଅଭିଷିକ୍ତ କରିବାରେ କୃପଣତା ପ୍ରକାଶ କରିନାହାନ୍ତି ।

ପୁରୁଷୋତ୍ତମଦେବ କାଞ୍ଚି ଅଭିଯାନ ସମୟରେ କାଞ୍ଚିଦେଶରୁ ରଜତ ଗଣନାଥଙ୍କ ମୂର୍ତ୍ତି ନେଇଆସିଥିଲେ । ମାତ୍ର ଏହା ସତ୍ୟ ଯେ ସେ ମୂର୍ତ୍ତିଟିକୁ ଲୁଚାଇ ଆଣିନଥିଲେ ବା କୌତୁହଳବଶତଃ ଆଣିନଥିଲେ । କାରଣ କୌତୁହଳକର ଦାଣ୍ଡରେ ଦେଖାଇହେବା ଉତ୍କଳୀୟ ପରମ୍ପରା ବା ଜଗନ୍ନାଥ ସଂସ୍କୃତିର ଲକ୍ଷଣ ନୁହେଁ । ଅବଶ୍ୟ ଏହି ପରମ୍ପରା ପ୍ରାଚୀନ ବାବିଲନୀୟ ପ୍ରଭୃତି ଆସୁରିକ ଦେଶରେ ଦୃଷ୍ଟିଗୋଚର ହୁଏ, ମାତ୍ର ବିଜିତର ଦେବାଦେବୀ ମୂର୍ତ୍ତିକୁ ଏପରିଭାବେ ଯେନିଆସି ହାସ୍ୟାସ୍ପଦ କରିବାର ପରମ୍ପରା ସେହି ଦେଶମାନଙ୍କରେ ଲକ୍ଷ୍ୟ କରାଯାଏ ନାହିଁ । ସୁତରାଂ ପୁରୁଷୋତ୍ତମ ଧାମକୁ ଗଣପତି ମୂର୍ତ୍ତି ଆଣିବାରେ ଯଥେଷ୍ଟ ତାତ୍ପର୍ଯ୍ୟ ଲକ୍ଷ୍ୟକରାଯାଏ । ଏହି ରଜତ ଦେବଙ୍କୁ ଜଗନ୍ନାଥଙ୍କ ସନ୍ନିକଟରେ ସ୍ଥାପନା କରି ତାଙ୍କୁ ନିତ୍ୟଶାସନ

Digitized by srujanika@gmail.com

କରିବାପାଇଁ ପୁରୁଷୋତ୍ତମଦେବଙ୍କ ଉଦ୍ଦେଶ୍ୟଥିଲା । ଏତଦ୍‌ବ୍ୟତୀତ କାଞ୍ଚିରାଜା ଓ କାଞ୍ଚିବାସୀଙ୍କୁ ଜଗନ୍ନାଥ ଧର୍ମ ଓ ଜଗନ୍ନାଥଧାମର ମହାତ୍ମ୍ୟ, ଗଜପତିଙ୍କର ମର୍ଯ୍ୟାଦା ପ୍ରଭୃତି ସମ୍ପର୍କରେ ଅବଗତ କରିବା ନିମିତ୍ତ ଗଜପତି ପୁରୁଷୋତ୍ତମ ଗଣେଶମୂର୍ତ୍ତିଟି ସୃଷ୍ଟି କରିଥିଲେ ବୋଲି ସମାଲୋଚକ ପଣ୍ଡିତ ନୀଳକଣ୍ଠ ସ୍ୱୀକାର କରନ୍ତି ।

ଭକ୍ତିଧର୍ମ ହେଉଛି ମାନବର ସର୍ବପ୍ରାଚୀନ ଧର୍ମଧାରା । ଏବେ ମଧ୍ୟ ଏହାର ରୂପ ପ୍ରାଚୀନ ରୂପରେ । ଫଳତଃ ଏହାର ପ୍ରସାର କ୍ରମଶଃ ବୃଦ୍ଧି-ପାଇଛି । ମାତ୍ର ଏହାର ପ୍ରକୃତିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟକରାଯାଇ-ନାହିଁ । ଏହି ପ୍ରସଙ୍ଗ ଗ୍ରନ୍ଥଟିର ଦ୍ୱିତୀୟ ଭାଗର ଚତୁର୍ଥ ଅଧ୍ୟାୟରେ ସ୍ଥାପିତ ହୋଇଛି ।

ଭକ୍ତିଧର୍ମ ସମ୍ପର୍କରେ ଆଲୋଚନାକରି ପଣ୍ଡିତ ନୀଳକଣ୍ଠ କହନ୍ତି ଭକ୍ତିଧର୍ମର ପ୍ରକୃତି ପରିବର୍ତ୍ତନ ଦ୍ୱାରା ଏହାର ଆସ୍ଥାରେ ଆସେ ବୈପ୍ଳବିକ ପରିବର୍ତ୍ତନ । ଏ କ୍ଷେତ୍ରରେ ଧର୍ମ ଆଉ ଭକ୍ତିର ବଶବର୍ତ୍ତୀ ହୋଇପାରେ ନାହିଁ । ଏହା ଜ୍ଞାନଧର୍ମରେ ରୂପାନ୍ତରିତ ହୋଇଯାଏ । ମାତ୍ର ଭକ୍ତିଧର୍ମରେ ଜ୍ଞାନର ଆଲୋଚନା ନଥାଏ । ଯୁକ୍ତି ପ୍ରତି ଭୟ ନଥାଏ । ଏହାସବୁ ଅଜ୍ଞାତ-ଭାବେ ଭକ୍ତଙ୍କ ମନୋରାଜ୍ୟରେ ସଙ୍ଗୁପ୍ତ ରହିଥାଏ । ଏହିକ୍ଷେତ୍ରରେ ହରିଙ୍କୁ ବିଶ୍ୱାସ ବଳରେ ପ୍ରାପ୍ତହେବା ସହଜ ହୋଇଉଠେ । ଏହାହିଁ ଭକ୍ତିଧର୍ମର ମୂଳମନ୍ତ୍ର ।

ଏହି ଅଧ୍ୟାୟରେ 'ବିଭୂତି' ଶବ୍ଦକୁ ବିଶଦଭାବେ ପଣ୍ଡିତ ନୀଳକଣ୍ଠ ଆଲୋଚନା କରିଛନ୍ତି । ତାଙ୍କ ଦୃଷ୍ଟିରେ ବିଭୁ ହେଉଛି ନିଗ୍ରହାନୁଗ୍ରହ ସମର୍ଥ ପୁରୁଷ । ଯାହାଦ୍ୱାରା ବିଭୁତ୍ୱ ଲାଭକରି ହୁଏ ତାହା ହେଲା ବିଭୂତି ଅର୍ଥାତ୍ ବିଭୁଙ୍କର କରଣୀ ବା କ୍ରିୟା । ଏଇ ବିଭୁ-ପୁରୁଷ ହେଉଛନ୍ତି ସ୍ୱୟଂ ପରମେଶ୍ୱର । ସୁତରାଂ ବିଭୂତିର ଅନ୍ୟନାମ ହେଉଛି ଐଶ୍ୱର୍ଯ୍ୟ । ଭକ୍ତମାନେ ଏହି ବିଭୁ ବା ଐଶ୍ୱର୍ଯ୍ୟକୁ ଆଠଭାଗରେ ବିଭକ୍ତ କରିଛନ୍ତି । (୨୧)

"ଅଣିମା ଲଘିମା ବ୍ୟାପ୍ତିଃ ପ୍ରାକାମ୍ୟଂ ମହିମା ତଥା
ଈଶିତ୍ୱଂ ଚ ବଶିତ୍ୱଂ ଚ ତଥା କାମାବସାୟିତା ।"

(୨୧) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (୧ମ ସଂ—୧୯୬୭), ପୃ—୨୨୬ ।

Digitized by srujanika@gmail.com

ସୁତରାଂ ଏହି ବିଭୂ ବା ଈଶ୍ୱରଙ୍କୁ ମନୁଷ୍ୟ ନାନାଭାବରେ ଭିନ୍ନ ଭିନ୍ନ ପଦ୍ଧତିରେ ପ୍ରାଚୀନ କାଳରୁ ପୂଜାକରି ଆସିଛି । ଭକ୍ତଙ୍କର ନିବେଦନରେ ବଶବର୍ତ୍ତୀ ହୋଇ ପିତାମହ ବ୍ରହ୍ମା ତେଣୁ ସୃଷ୍ଟି ସର୍ଜନା କରିବାକୁ ସମର୍ଥ ହୋଇଛନ୍ତି ।

ଏହି ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ ମହାକବି ସାରଳାଦାସଙ୍କୁ ପ୍ରାଚୀନ ଉତ୍କଳର ଜଣେ ପ୍ରତିଷ୍ଠିତ ତନ୍ତ୍ରସାଧକ ଭାବେ ସମ୍ମାନିତ କରିଛନ୍ତି । ତାଙ୍କ ଦୃଷ୍ଟିରେ ସାରଳାଦାସ କେବଳ ତନ୍ତ୍ରସାଧକ ନୁହନ୍ତି, ଜଣେ ବିଚକ୍ଷଣ ତନ୍ତ୍ରସିଦ୍ଧ ମଧ୍ୟ । ସେ ଥିଲେ ଝଙ୍କଡ଼ବାସିନୀ ସିଂହବାହିନୀ ଶାରଳାଦେବୀଙ୍କର ପରମ ଭକ୍ତ । ଯୋଗବଳରେ ସେ ମୃତ୍ୟୁଲାଭକରି ପୁନର୍ଜନ୍ମ ଲାଭ କରିଥିବା ଜଣାଯାଏ । ମାତ୍ର ସାରଳାଦାସଙ୍କର ଏହି ତନ୍ତ୍ରସାଧନାର ପଶ୍ଚାଦ୍‌ଭାଗରେ କୌଣସି କୁ ପ୍ରବୃତ୍ତି ଲକ୍ଷ୍ୟକରାଯାଏ ନାହିଁ । ସୁତରାଂ ସେ ଯୌନଚର୍ଯ୍ୟାଗ୍ରସ୍ତ ତଥା ଇନ୍ଦ୍ରିୟସେବାମୂଳକ ତନ୍ତ୍ରପ୍ରତି ଜ୍ଞାତ ଓ ଅଜ୍ଞାତସାରରେ କଟାକ୍ଷପାତ କରିଛନ୍ତି । ଏତଦ୍‌ବ୍ୟତୀତ ତନ୍ତ୍ରନାମରେ, କାମନାର ଉଚ୍ଛେଦନାମରେ ବଙ୍ଗ, ଆସାମ; କାଶ୍ମୀର ପ୍ରଭୃତି ବିଭିନ୍ନ ପ୍ରଦେଶରେ ଯେଉଁ ଅପଯୁକ୍ତି, ଅପ-ଦର୍ଶନ ଓ ଅପସାଧନା ପ୍ରଭାବ ବିସ୍ତାର କରିବସିଥିଲା ସେ ତାର ତୀବ୍ର ନିନ୍ଦା ନକରି ଛାଡ଼ିନାହାନ୍ତି । (୨୨)

ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ ପୁରାଣର ଅଦ୍ଭୁତ କ୍ରିୟାକଳାପ ପ୍ରସଙ୍ଗରେ ଆଲୋକପାତ କରିଛନ୍ତି । ଏହି କ୍ରିୟାକଳାପ ହେଉଛି ସତ୍ୟ ଓ ମିଥ୍ୟାର ସମାହାର । ସମାଜ ବିକାଶର ଶୈଶବାବସ୍ଥାରେ ପୁରାଣର ସୃଷ୍ଟି । ସୁତରାଂ ଶିଶୁଟିର ବିଭିନ୍ନ କାର୍ଯ୍ୟପରି ସମାଜର ବିଭିନ୍ନ କ୍ରିୟାକଳାପ ଏହି ପୁରାଣ ସାହିତ୍ୟରେ ପ୍ରକାଶ ପାଏ । ପୁରାଣକାରମାନେ ପୁରାଣ ରଚନାସମୟରେ ଶିଶୁ ମାଟି କଣ୍ଢେଇ ଗଢ଼ିଲାପରି ପୁରାଣସାହିତ୍ୟର ପୃଷ୍ଠାପଟରେ ସ୍ରଷ୍ଟା ନିର୍ବିକାର ଚିତ୍ତରେ ଲେଖିଚାଲନ୍ତି । ପ୍ରାଣବନ୍ତ କର୍ମମୟ ପ୍ରକୃତି ମଧ୍ୟରେ ଆଦିମମାନବଙ୍କୁ ଆତଙ୍କିତ କରିବାର ସୁବିଧାସୁଯୋଗ ଏହି ପୁରାଣମଧ୍ୟରେ ସେମାନେ ପାଇଥାନ୍ତି ।

ଅତଏବ ପୁରାଣ ସାହିତ୍ୟର ପ୍ରଗତି କ୍ଷେତ୍ରରେ ଯେଉଁ ମିଥ୍ୟାର ପ୍ରଚୁର ହୁଏ ତାହା ସ୍ୱାଭାବିକ । ଅଦ୍ଭୁତ କାର୍ଯ୍ୟ ସେଥିରେ ନିହିତଥାଏ । ମନୁଷ୍ୟର

(୨୨) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (୧ମ ସଂ—୧୯୬୭), ପୃ—୨୪୨

Digitized by srujanika@gmail.com

ନିଜ ଭାବାନୁଚିନ୍ତା ପ୍ରଭୃତି ସେଥିରେ ଆରୋପିତ କରାଯାଇଥାଏ । ସୁତରାଂ ପୁରାଣ ସାହିତ୍ୟ ଅନେକାଂଶରେ କଳ୍ପନାର ସମାହାର । ଏହା ସ୍ୱାଭାବିକ ମିଥ୍ୟାରେ ଭରପୂର । ମାତ୍ର ପ୍ରଚଳିତ ସମାଜର ବାସ୍ତବମିଥ୍ୟାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ଦର୍ଶନହୀନ ମାନବସମାଜର ପ୍ରଗତିପାଇଁ ପୁରାଣ ସାହିତ୍ୟ ବହୁଭାବରେ ସହାୟକ ହୁଏ । ଅତଏବ ପୁରାଣ ହେଉଛି ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ଏକ ଅଜ୍ଞାତ ଓ ଅଲକ୍ଷିତ ଲିପିବଦ୍ଧ ଗ୍ରନ୍ଥଲିପି ।

ବହୁ ମିଥ୍ୟା ବହୁ କଳ୍ପନାର ସମାହାର ସତ୍ତ୍ୱେ ପୁରାଣ ହେଉଛି ଓଡ଼ିଆମାନଙ୍କର ଜାତୀୟ ସାହିତ୍ୟ, ଜାତିପ୍ରୀତିର ମର୍ମଗାଥା । ଏଥିରେ ପ୍ରତ୍ୟେକ ମଣିଷ ଆତ୍ମାର ଆଦ୍ୟ ବିକଚ ବିକାଶ ଲକ୍ଷ୍ୟକରାଯାଏ । ଦୈନ୍ୟ-ଦର୍ପ-ଦମ୍ଭରେ ନୁହେଁ, ବିଶ୍ୱପ୍ରେମୀର ସ୍ୱତଃ ବିକାଶ ଧାରରେ ଏହା ପାଞ୍ଚଜନ୍ୟ ବଜାଏ । ତେଣୁ ପ୍ରାୟ ସମସ୍ତ ପୁରାଣସାହିତ୍ୟ ମଧ୍ୟରେ ଜାତିପ୍ରୀତିର ପ୍ରାଣ ପ୍ରବାହ ଅନୁମିତ ହୁଏ । ସେହି ଦୃଷ୍ଟିରୁ ଆଦିକବି ସାରଳାଦାସ ତାଙ୍କ ପୁରାଣରେ ଉତ୍କଳକୁ ବିଶ୍ୱବନ୍ଦିତ କରିବା ପାଇଁ ଅକ୍ଲାନ୍ତ ସାଧନା କରିଥିଲେ । ଅବଶ୍ୟ ଏହା ସତ୍ୟ ଯେ ଏହିକାର୍ଯ୍ୟ ତାଙ୍କ ହୃଦୟର ସ୍ୱାଭାବିକ ଧାରଣା ଥିଲା, ଯାହା ଅଜ୍ଞାତ ଭାବେ ତାଙ୍କ ପୁରାଣ ପୃଷ୍ଠା ମଣ୍ଡନ କରିଥିଲା ।

ସାରଳାଦାସ ପୁରାଣ ରଚନା ସମୟରେ ଖୁବ୍ ସତର୍କତାର ସହିତ ଓଡ଼ିଆ ଜାତୀୟ ଜୀବନକୁ ଚିତ୍ରଣ କରିଛନ୍ତି । ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ସାଂସ୍କୃତିକ ତଥା ଐତିହାସିକ ପ୍ରସିଦ୍ଧ ଅନୁଷ୍ଠାନମାନଙ୍କୁ ସେ ତାଙ୍କ ପୁରାଣ ପୃଷ୍ଠାରେ ସ୍ଥାନିତ କରିଛନ୍ତି । ସୁତରାଂ ସାରଳାଦାସଙ୍କ ଏହି ବର୍ଣ୍ଣନା-ମାନଙ୍କରେ ପାଠକ କୃତ୍ରିମତା ଅନୁଭବ କରେନାହିଁ ବା ପ୍ରକୃତର ନିମିତ୍ତ ଭ୍ରାନ୍ତ ହୁଏନାହିଁ । ପରନ୍ତୁ ଜାତୀୟଭାବ ପ୍ରକାଶ ହେତୁ ଏହା ପାଠକ ଭାବ-ରାଜ୍ୟକୁ ଭାରାକ୍ରାନ୍ତ କରିଦିଏ । ଚରିତ୍ର ଚିତ୍ରଣ ସମୟରେ ବିଶେଷତଃ ନାରୀରୂପ ବର୍ଣ୍ଣନା ସମୟରେ ସାରଳାଦାସ ଅତ୍ୟନ୍ତ ସଂଯମୀ ହୋଇପଡ଼ିଛନ୍ତି । ତେଣୁ ନାରୀରୂପ ଚିତ୍ର ପ୍ରଦାନ କରିବାରେ ତାଙ୍କ ମହାଭାରତ ବା ଚଣ୍ଡୀ-ପୁରାଣରେ ଶୃଙ୍ଗାର ସମ୍ଭୋଗର ବର୍ଣ୍ଣନା ବାହୁଲ୍ୟ ନାହିଁ ବରଂ ଉତ୍କଳୀୟ ନାରୀମାନଙ୍କୁ ସେ ସମାଜରେ ପ୍ରତିଷ୍ଠିତ ଆସନରେ ଆସୀନ କରିଛନ୍ତି । ସାରଳାଙ୍କ ଦୃଷ୍ଟିରେ ନାରୀ କେବଳ ଭୋଗ୍ୟାର ବସ୍ତୁ ବା କାହାର ଅନୁ-

Digitized by srujanika@gmail.com

ଗୃହର ଦାସୀ ନୁହେଁ, ସେ ପୁରୁଷ ପରି ସ୍ୱାଧୀନ ଓ ସମାଜରେ ବରଣୀୟା । (୨୩)

ଗ୍ରନ୍ଥଟିର ଦ୍ୱିତୀୟ ଭାଗର ଅଷ୍ଟମ ଅଧ୍ୟାୟରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ତଥା ଓଡ଼ିଆ ସାହିତ୍ୟରେ ମୁସଲମାନଙ୍କ ପ୍ରଭାବ ଓ ତାଙ୍କ ଧର୍ମ ସମ୍ବନ୍ଧରେ ଆଲୋକପାତ କରିଛନ୍ତି । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ପରେ ଓଡ଼ିଶାରେ ବୈଷ୍ଣବଧର୍ମର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଏହି ପରିସ୍ଥିତିରେ ବଙ୍ଗଳାର ସହଜିଆ ଓ ବାଉଲ ପ୍ରଭୃତି ଧର୍ମାଚାର ଓ ତତ୍‌ସଙ୍ଗେ ସଙ୍ଗେ ବୈଷ୍ଣବଧର୍ମ ଏକ ଭିନ୍ନ ମୋଡ଼ଦେଇ ଗତି କରିଥିଲା । ନେଡ଼ା ଓ ନେଡ଼ି ପ୍ରଭୃତି ଇନ୍ଦ୍ରିୟ-ସେବୀମାନେ ଏହି ସମୟରେ ସମାଜରେ ଘୃଣିତ ଓ ପତିତ ହେବାକୁ ଲାଗିଲେ । ଫଳରେ ସେମାନେ ନିଜ ମର୍ଯ୍ୟାଦା ରକ୍ଷା ଲାଗି ବହୁ-ଭାବରେ ନିଜଧର୍ମ ତ୍ୟାଗକରି ମୁସଲମାନ ହେବାରେ ଲାଗିଲେ । ତାନ୍ତ୍ରିକ-ମାନଙ୍କର ଧର୍ମନାମରେ ଯୌନଚର୍ଚ୍ଚା କ୍ରମେ ମୁସଲମାନଧର୍ମକୁ ଅନୁପ୍ରବେଶ କଲା । କେବଳ ମହାପୁରୁଷ ଓ ତାଙ୍କର କ୍ରିୟାକଳାପମାନ ଧର୍ମର ମୁଖ୍ୟ ଅଙ୍ଗ ହୋଇପଡ଼ିଲା । ଫଳରେ ଗୌଡ଼ୀୟ ବୈଷ୍ଣବମାନଙ୍କ ବ୍ୟକ୍ତିତ ବଙ୍ଗଳାରେ ଅନ୍ୟାନ୍ୟ ଧର୍ମ ଓ ସାଧନାରେ ଜମବିଳୟ ଦେଖାଦେଲା । (୨୪)

ଏହି ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ପାଦ୍ରୀ ସାହିତ୍ୟର ବ୍ୟାପ୍ତି ଦର୍ଶାଇଛନ୍ତି । ଇଂରେଜମାନେ ଓଡ଼ିଶା ଅଧିକାର (୧୮୦୩ ଖ୍ରୀ: ଅ) କରିବାର ବହୁପୂର୍ବରୁ ପର୍ତ୍ତୁଗୀଜମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ଭାରତ ଓ ଓଡ଼ିଶାକୁ ଆସିଥିଲେ । ବିଦେଶୀମାନଙ୍କ ସହିତ ପାଦ୍ରୀମାନେ ଏ ଦେଶକୁ ଆସି ଭାରତର ବିଭିନ୍ନ ପ୍ରଦେଶରେ ପ୍ରାଦେଶିକ ଭାଷା ଓ ସାହିତ୍ୟ ମାଧ୍ୟମରେ ପ୍ରଥମେ ଖ୍ରୀଷ୍ଟଧର୍ମ ପ୍ରଚାର କରିଦେଇଥିଲେ । ପାଶ୍ଚାତ୍ୟଦେଶମାନଙ୍କରେ ଭାରତୀୟ ସାହିତ୍ୟକୁ ପରିଚିତ କରାଇବାରେ ଇଂରେଜମାନେ ପ୍ରଥମେ ପଥ ପରିଷ୍କାର କରିଦେଇଥିଲେ । ଇଂରେଜମାନଙ୍କ ସମୟରେ ଭାରତକୁ କଲ୍‌ଡୱେଲ, କିଟେଲ ପ୍ରଭୃତି ପାଦ୍ରୀମାନେ ଆସି ଭାରତୀୟ ପ୍ରାନ୍ତୀୟ ସାହିତ୍ୟ ବିକାଶରେ ବହୁଭାବରେ ଯତ୍ନଶୀଳ ହୋଇପଡ଼ିଥିଲେ ଏବଂ ଏ ଦେଶରେ ସେମାନେ ପ୍ରଥମେ ଛାପାଖାନା ପ୍ରତିଷ୍ଠାକରି ଭାରତୀୟ ଜନତାର ଜ୍ଞାନବିଜ୍ଞାନ ବୃଦ୍ଧିରେ ବିଶେଷଭାବେ ସହାୟକ ହୋଇଥିଲେ ।

---

(୨୩) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ-୧୯୬୭), ପୃ-୨୬୭ ।
(୨୪) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (ପ୍ରଥମ ସଂ-୧୯୬୨), ପୃ-୩୭୫ ।

Digitized by srujanika@gmail.com

ତେଣୁ ଊନବିଂଶ ଶତକରେ ଓଡ଼ିଆ ସାହିତ୍ୟର ବିକାଶରେ ପାଦ୍ରୀମାନଙ୍କ ଭୂମିକା ସ୍ୱୀକାର୍ଯ୍ୟ । ଓଡ଼ିଆ ଭାଷାରେ ସର୍ବପ୍ରଥମେ ବ୍ୟାକରଣ, ଅଭିଧାନ ଓ ପାଠ୍ୟପୁସ୍ତକ ରଚନା ହୋଇଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି । ଏତଦ୍‌ବ୍ୟତୀତ ଓଡ଼ିଶାର ଶିକ୍ଷାବିଭାଗ ପ୍ରଥମେ ଏହି ବିଦେଶୀ ପାଦ୍ରୀମାନଙ୍କ ଉପରେ ନ୍ୟସ୍ତ ଥିଲା । ଏହି ସମୟରେ ଓଡ଼ିଶାରେ ମହିମାଧର୍ମର ପ୍ରାବଲ୍ୟ ପରିଲକ୍ଷିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ପ୍ରଥମେ ଏହି ଧର୍ମକୁ ସନାତନ ଓଡ଼ିଆ ସଂସ୍କୃତିର ନିର୍ମଳ ଆତ୍ମପ୍ରକାଶ ବୋଲି ଭାବିଥିଲେ ହେଁ ପରମୁହୂର୍ତ୍ତରେ ମହିମାଗୋସେଇଁଙ୍କ ଚରିତ୍ର ପ୍ରଭୃତି ସମ୍ବନ୍ଧରେ ଜାଣିଲାପରେ ତାଙ୍କ ଅନ୍ତରାତ୍ମା ଏହି ଧର୍ମ ବିରୁଦ୍ଧରେ ବିଦ୍ରୋହ କରି ଉଠିଥିଲା ।

ମାତ୍ର ମହିମା ଧର୍ମ ଦର୍ଶନ ସମ୍ପର୍କୀୟ ଗ୍ରନ୍ଥ ଅଧ୍ୟୟନ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କର ଦୁଃଶାସନୀ ମନ ସ୍ଥିର ରହିପାରି ନାହିଁ । ତେଣୁ ମହିମା ଧର୍ମର ଦର୍ଶନ ଆଲୋଚନା କରି ପଙ୍କରୁ ପଦ୍ମପରି ତହିଁରୁ ସେ ଉତ୍କଳୀୟ ସଂସ୍କୃତିକୁ ଚିହ୍ନିଛନ୍ତି ଓ ବୌଦ୍ଧଧର୍ମର ବହୁ ତାନ୍ତ୍ରିକ ଅବଶେଷ ପାଇଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ବାହ୍ୟିକ ବ୍ୟଭିଚାର ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ଏହି ଧର୍ମକୁ ଉତ୍କଳୀୟ ସନାତନଧର୍ମର ସତ୍ତା ଅନୁଭବ କରିଛନ୍ତି ।

ପୃଥିବୀର ବିଭିନ୍ନ ଭାଷାର ବହୁ ପୁରାଣପାଠରୁ ଜଣାଯାଏ ଦେବୀ ହେଉଛନ୍ତି ଆଦ୍ୟାଶକ୍ତି । ଦେବୀ ଦେବତାମାନଙ୍କର ବହୁପୂର୍ବରୁ ସମାଜର କଲ୍ୟାଣ ଦିଗରେ ନିଜ ନିଜର ଆସନ ଦୃଢ଼ କରିନେଇଛନ୍ତି । ଏହି ଦେବୀଙ୍କର ସୃଷ୍ଟିପ୍ରକ୍ରିୟା ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ଚମତ୍କାର ଉଦାହରଣ ଦେଇ ଦେବୀଙ୍କୁ ମାନବୀ ସ୍ତରକୁ ଖସାଇ ଆଣିଛନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ ସୃଷ୍ଟିପ୍ରକ୍ରିୟା ଅନ୍ୟାନ୍ୟ ଇନ୍ଦ୍ରିୟ କ୍ରିୟାପରି । ଅର୍ଥାତ୍ ପିଇବା, ଖାଇବା, ବସିବା, ହସିବା ପ୍ରଭୃତି ଯେପରି ସ୍ୱାଭାବିକ ରୀତିରେ ହୁଏ ସେହିପରି ସୃଷ୍ଟି-କାରିଣୀ ନାରୀ ଗର୍ଭରେ ଭ୍ରୂଣ ସଞ୍ଚାର ସ୍ୱାଭାବିକ ରୀତିରେ ଘଟିଥାଏ । ନାରୀ ଋତାପୂତ କରିବା ସମୟରେ, ପରିଭ୍ରମଣ କରିବା ସମୟରେ ବା ନିଜ ଗୃହକାର୍ଯ୍ୟ କରିବା ସମୟରେ ପୂର୍ବପୁରୁଷଙ୍କ ଆତ୍ମା ନାରୀ ଗର୍ଭରେ ପ୍ରବେଶ କରିଥାନ୍ତି । ଫଳତଃ ନାରୀ ଗର୍ଭଧାରଣ କରିବାକୁ ସକ୍ଷମ ହୁଏ । ସନ୍ତାନ ପ୍ରସବ କରେ । ଅତଏବ ପୃଥିବୀର ମହାପୁରୁଷମାନେ ଏହିପରି ଜନ୍ମଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଇଥାଏ । (୨୫)

---

(୨୫) ନୀଳକଣ୍ଠ ଗ୍ରନ୍ଥାବଳୀ – ୨ୟ ଖଣ୍ଡ (୧ମ ସଂ— ୧୯୬୭), ପୃ-୩୮୩ ।

Digitized by srujanika@gmail.com

ଉତ୍ତର ଆଫ୍ରିକାର ଲିବିଆରେ ପ୍ରାଚୀନ କାଳରେ ମାଥ୍‌ବୋଲି ମାତୃଦେବୀ ପ୍ରତିଷ୍ଠିତ ଥିଲେ । ଏହି ମାତୃମୂର୍ତ୍ତିଙ୍କର ସ୍ୱାମୀ ନଥିଲେ । ମାତ୍ର ସେ ଏକ ପୁତ୍ର ସନ୍ତାନ ପ୍ରସବ କରିଥିଲେ । ସେ କି ତାଙ୍କ ସଙ୍ଗେ ପୂଜିତ ହେଉଥିଲେ । ଆଲୋଚନାଟିକୁ ଅଧିକ ସ୍ପଷ୍ଟ କରିବାପାଇଁ ପଣ୍ଡିତ ନୀଳକଣ୍ଠ ରାମକୃଷ୍ଣ ପରମହଂସଙ୍କ ମାତା ଉଦାହରଣସ୍ୱରୂପେ ଉପସ୍ଥାପନ କରିଛନ୍ତି । ରାମକୃଷ୍ଣ ପରମହଂସଙ୍କ ପ୍ରସଙ୍ଗ ଜଟାଧାରୀ କୃତ୍ତିବାସଙ୍କୁ ଦେଖି ତାଙ୍କଠାରୁ ବର ପାଇବା ପାଇଁ ପ୍ରାର୍ଥନା କରି ଏକ କଦଳୀ ପାଇଛନ୍ତି ଏବଂ ତାହାକୁ ଖାଇବା ପରେ ନିଜ ଗର୍ଭରେ ରାମକୃଷ୍ଣଙ୍କର ଆବିର୍ଭାବ ଘଟିଛି ।

ସୁତରାଂ ଦେବୀ ହିଁ ନାରୀ, ସେ ଆଦ୍ୟାଶକ୍ତି—ସୀର ପ୍ରସବିନୀ ଅତଏବ ପୁରୁଷ ନାରୀକୁ ଉପାସନା କରିବାର ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି । ତାଙ୍କର ଦ୍ୱାରା ଦେବୀ ଓ ଦେବୀ ପୂଜା ମାନବ ସମାଜରେ ପ୍ରତିଷ୍ଠା ଲାଭ କରିଛି । ଦେବୀପୂଜା ପରେ ପରେ ମାନବ ସମାଜ ପ୍ରକୃତି ସହିତ ପୁରୁଷକୁ ମଧ୍ୟ ପୂଜା କରିବାକୁ ଭୁଲିନାହିଁ । ମାନବ ଯେତେବେଳେ ଜାଣିଲା ସନ୍ତାନ ଜନ୍ମ ପ୍ରକ୍ରିୟାରେ ନାରୀପରି ପୁରୁଷର ଆବଶ୍ୟକତା ଅପରିହାର୍ଯ୍ୟ, ସେତେବେଳେ ସେ ଯୋନିପୂଜା ସହିତ ଲିଙ୍ଗପୂଜା ଆରମ୍ଭକଲା । ଲିଙ୍ଗପୂଜାର ସ୍ୱରୂପ ଉଦ୍‌ଘାଟନ କରି ସେ ପ୍ରକୃତି ପରି ପୁରୁଷକୁ ମଧ୍ୟ ସମ୍ମାନ ଦେଲା ।

ପୃଥିବୀର ଏହି ଦେବୀ ଉପାସନା ଓ ଲିଙ୍ଗପୂଜା ଭାରତରେ ପ୍ରାକ୍-ବୈଦିକ ହରପ୍ପା ସଭ୍ୟତାରୁ ଲକ୍ଷ୍ୟକରାଯାଏ । ଏହି ସଭ୍ୟତା ପ୍ରାୟ ସାଢ଼େତିନିହଜାର ବର୍ଷତଳର ଘଟଣା । ସମ୍ପ୍ରତି ଗ୍ରୀସ୍‌ର କ୍ରୀଟ୍ ଦ୍ୱୀପରୁ ସେକାଳ ସଭ୍ୟତାର ଯେଉଁ ରୂପଚିତ୍ର ମିଳେ ସେଥିରେ ସିଂହର ଚିତ୍ର ଦୃଷ୍ଟିଗୋଚର ହୁଏ । ସେହିପରି ଏସିଆମାଇନର ଅଞ୍ଚଳରେ ମିଳିଥିବା ସିଂହବାହିନୀ ମୂର୍ତ୍ତିରେ ସିଂହ ଉପରେ ଉପବେଶନ କରିଥିବା ମୂର୍ତ୍ତିଟି ହେଉଛି ନାରୀ, ପୁଣି ସେ ପ୍ରସବିନୀ - ଦେବୀ ପାର୍ବତୀ । ତାଙ୍କ ମୂର୍ତ୍ତି ଅଚ୍ୟୁତ ଗିରିଗୁହାରେ ମଧ୍ୟ ଦୃଷ୍ଟିଗୋଚର ହୁଏ । ସେହିକାଳରୁ ଦେବଦେବୀଙ୍କ ମସ୍ତକରେ ଚନ୍ଦ୍ରଲେଖା ଶୋଭାବର୍ଦ୍ଧନ କରିଥିବାର ଜଣାଯାଏ । (୨୭)

ଦେବୀ କେବଳ ସୃଷ୍ଟିକାରିଣୀ ନୁହେଁ, ସେ ମଧ୍ୟ ସୃଷ୍ଟି ସଂହାରିଣୀ । ସୁତରାଂ ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଓ ପୃଥିବୀରେ ଶାନ୍ତିର ପରିପାଳନା ଉଦ୍ଦେଶ୍ୟରେ ପ୍ରକୃତିସ୍ଥ ମାନବ ସମାଜ ଦେବୀ ନିକଟରେ ବଳି ଦିଏ ।

---

(୨୭) ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (୧ମ ସଂ—୧୯୬୬), ପୃ-୩୮୪ ।

Digitized by srujanika@gmail.com

ମାନବ ସମାଜ ପ୍ରତିଥିବା ଦେବୀଙ୍କର ବୈପ୍ଳବିକ ବଳଦେବା ଫଳରେ ଲୋପ ପାଏ ବୋଲି ମାନବ ସମାଜ ଭାବିଥାଏ । ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ ସେହି ଆଦ୍ୟମାତାଙ୍କର ପୂଜା ବହୁ ସ୍ଥାନରେ ହୁଏ । ଭାରତବର୍ଷରେ ତାଙ୍କର ଭିନ୍ନ ଭିନ୍ନ ରୂପ ବିଭିନ୍ନ ଲୋକ ଧର୍ମରେ ପ୍ରକାଶ ପାଏ । ଦେବୀ କାଳୀ ରୂପରେ ଗଳାରେ ନରମୁଣ୍ଡ ମାଳା ପକାନ୍ତି । କଟିରେ ତାଙ୍କର ବେଢ଼ା-ଯାଇଥାଏ ଖଣ୍ଡିତ ହସ୍ତସବୁ, ମେଦଚର୍ମର ମେଖଳା । ଜିହ୍ୱା ଓ ଦନ୍ତ ନାଲି ରକ୍ତରେ ରଞ୍ଜିତ ହୋଇଥାଏ । ବହୁସ୍ଥାନରେ ଦେବୀଙ୍କୁ ପୃଥିବୀର ଶସ୍ୟ ଭଣ୍ଡାରର ଉତ୍ପାଦନକାରିଣୀ ଭାବେ ପରିଗ୍ରହଣ କରାଯାଇଥାଏ । ସେଠାରେ ତାଙ୍କୁ ଲକ୍ଷ୍ମୀ ପ୍ରତିମା ମତ ପୂଜାର୍ଚ୍ଚନା କରାଯାଏ । ଯୁଦ୍ଧ ସମୟରେ ଦେବୀଙ୍କୁ ରଣକ୍ଷେତ୍ରରେ ଅବତୀର୍ଣ୍ଣ କରାଇ ସଂଗ୍ରାମର ପ୍ରତୀକ ଭାବେ ତାଙ୍କୁ ଦେବୀ ଦୁର୍ଗା ମୂର୍ତ୍ତି ରୂପରେ ଚିହ୍ନିତ କରାଯାଇଥାଏ ।

ଭାରତର ବିଭିନ୍ନ ପ୍ରଦେଶ ପରି ଓଡ଼ିଶାରେ ଦେବୀ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ପ୍ରତ୍ୟେକ ଗ୍ରାମମୂଣ୍ଡରେ ସ୍ଥାପିତ ଗ୍ରାମଦେବତୀଙ୍କ ନିକଟରୁ ଦେବୀପୂଜାର ଜ୍ୱଳନ୍ତ ନମୁନା ମିଳେ । ବିଭିନ୍ନ ଦେବୀମାନଙ୍କ ମଧ୍ୟରେ ଓଡ଼ିଶାରେ ଯାଜପୁରସ୍ଥିତ ବିରଜାଙ୍କୁ ଅପେକ୍ଷାକୃତ ପ୍ରାଚୀନ ବୋଲି ପଣ୍ଡିତ ମାନକଣ୍ଠ ସ୍ୱୀକାର କରନ୍ତି । ଏହି ଦେବୀ ପୀଠରେ ତନ୍ତ୍ରର ପ୍ରଭାବ ବହୁଭାବରେ ସ୍ୱୀକାର କରାଯାଏ । ବିରଜା ହେଉଛନ୍ତି—'ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ' । ଏହିହେତୁ ଜଗନ୍ନାଥଙ୍କୁ ଭୈରବଭାବେ ପରିକଳ୍ପନା କରାଯାଇଛି । ମାତ୍ର ବିରଜା ମୂର୍ତ୍ତିକୁ ଜଗନ୍ନାଥଧାମକୁ ନିଆଯାଇ ପାରିନାହିଁ । ତେଣୁ ପୁରୀ ମନ୍ଦିର ମଧ୍ୟରେ ବିମଳା ମନ୍ଦିରରେ ବିରଜାଙ୍କୁ ଭୈରବୀ ରୂପେ ପରିଗ୍ରହଣ କରାଯାଇଛି ।

ଦେବୀଙ୍କଠାରୁ ଶକ୍ତି ଲାଭ ଲାଗି ଦେବୀପୂଜାର ମହାତ୍ମ୍ୟ ସ୍ୱୀକାର୍ଯ୍ୟ । ମହାଷ୍ଟମୀ ପର୍ଯ୍ୟନ୍ତ ଓଡ଼ିଶାରେ ଦେବୀପୂଜାର ଲକ୍ଷଣ ସ୍ପଷ୍ଟ ନୁହେଁ, ମାତ୍ର ଦଶହରା ଦିନ ଓଡ଼ିଶାର ବଢ଼େଇ, କମାର, କୁମ୍ଭକାର ପ୍ରଭୃତି ବିଭିନ୍ନ ବୃତ୍ତିର ବ୍ୟକ୍ତିମାନେ ତଥା ଖଣ୍ଡାୟତମାନେ ନିଜ ନିଜର ଅସ୍ତ୍ରଶସ୍ତ୍ର ଦେବୀଙ୍କ ନିକଟରେ ପୂଜାକରି ଶକ୍ତିଲାଭ ପାଇଁ ଦେବୀଙ୍କ ଆଶୀର୍ବାଦ ଭିକ୍ଷାକରନ୍ତି । ଉତ୍କଳୀୟ କୃଷକ ତାର ପ୍ରଧାନ ପର୍ବ ଗହ୍ମାପୂର୍ଣ୍ଣିମା ମହାସମାରୋହରେ ପାଳନ କରିଥିଲେ ମଧ୍ୟ ଦଶହରା ପର୍ବ ପୂର୍ବ ପର୍ବ ପରି ପାଳନ କରିଥାଏ । ବ୍ୟବସାୟୀ ଗୋଷ୍ଠୀ ଓ ଗୃହମାନେ ଶକ୍ତିପାଇଁ ପୁସ୍ତକ ପୂଜା କରନ୍ତି । (୨ )

(୨୨) ମାନକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (୧ମ ସଂ—୧୯୭୬) ପୃ—୩୮

Digitized by srujanika@gmail.com

ଶ୍ରୀଚୈତନ୍ୟ ଉତ୍କଳ ଆସିବା ପରେ ପରେ କେବଳ ଓଡ଼ିଶାର ରାଷ୍ଟ୍ରଗତ ବା ରାଷ୍ଟ୍ରଗତରେ ନୁହେଁ, ସମଗ୍ର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିରେ ମଧ୍ୟ ଘୋର ଅପଗତି ଦେଖା ଦେଇଥିଲା । ଇନ୍ଦ୍ରିୟସେବା ସେ ସମୟରେ ମୁଖ୍ୟକ୍ରିୟା ହୋଇପଡ଼ିଥିଲା । ଧର୍ମନାମରେ ଉତ୍କଳର ଚତୁର୍ଦ୍ଦିଗରେ ଅଧର୍ମର ଘନଘଟା ଛାଇଯାଇଥିଲା । ଶିକ୍ଷିତ ଓଡ଼ିଆମାନଙ୍କ ମଧ୍ୟରେ ବିଶେଷତଃ ରାଜା ଓ ରାଜନ୍ୟବର୍ଗଙ୍କ ମଧ୍ୟରେ ବହୁ ବିବାହ ଓ ବହୁ ନାରୀ ସମ୍ଭୋଗ ସଙ୍ଗେ ରାଧାକୃଷ୍ଣଙ୍କ ପରକୀୟା ପ୍ରେମ ହିଁ ମୁଖ୍ୟଭୂମିକା ଗ୍ରହଣ କରିଥିଲା । ଫଳତଃ କପିଳେନ୍ଦ୍ରଦେବଙ୍କ ସମୟର ବିରାଟ ସାହିତ୍ୟିକ ଓ ସାଂସ୍କୃତିକ ପୁନର୍ନବା ଶ୍ରୀଚୈତନ୍ୟଙ୍କ ସମୟକୁ ଅନେକାଂଶରେ ମଳିନ ପଡ଼ିଯାଇଥିଲା ।

ସୁତରାଂ ବୈଷ୍ଣବ ଧର୍ମଦର୍ଶନରେ ପ୍ରଧାବିତ ହେବାଫଳରେ ଓଡ଼ିଆର ଯଥାର୍ଥ ପ୍ରାଣ ପ୍ରକାଶ ବନ୍ଦ ହୋଇଯାଇଥିଲା । ଓଡ଼ିଆ ସାହିତ୍ୟରେ ଗତି ସାରଳାଦାସଙ୍କ ପରେ ପରେ ଅନୁକରଣର କୃତ୍ରିମତାରେ ବିକୃତ ରୂପ ପରିଗ୍ରହଣ କରିଥିଲା । ଧର୍ମକଥା, ଧର୍ମଚର୍ଚ୍ଚାନାମରେ ଦର୍ଶନହୀନତା, ଯୌନ ଅଭିଳାଷ ଓ ଆଚରଣରେ ବିଭ୍ରାନ୍ତତା, ଅଭିବ୍ୟକ୍ତିରେ କୃତ୍ରିମତା, ମଧ୍ୟଯୁଗୀୟ କାବ୍ୟରେ ଅଳଙ୍କାରର ଅଯଥା ପ୍ରୟୋଗ ଓ ଉପେକ୍ଷା; ଶବ୍ଦାଳଙ୍କାର ଗ୍ରହଣନାମରେ ବିକୃତ ଓ ଅଯାଚିତ ପାଣ୍ଡିତ୍ୟ ପ୍ରଭୃତିମଧ୍ୟରେ ଓଡ଼ିଆ ସାହିତ୍ୟ ତା'ର ନିଜର ସ୍ୱରୂପ ହରାଇଥିଲା । ସାରଳାଦାସଙ୍କ ପରେ ପରେ ଓଡ଼ିଆ ସାହିତ୍ୟର ଏହି ଅବ୍ୟବବୋଧକୁ ଗମ୍ଭୀରଭାବେ ନିରୀକ୍ଷଣ କରି ପଣ୍ଡିତ ନୀଳକଣ୍ଠ ତାହାକୁ ବିଶଦଭାବେ ଓଡ଼ିଆ ସାହିତ୍ୟର କ୍ରମପରିଣାମ ଗ୍ରନ୍ଥରେ ରହସ୍ୟରୂପ ପ୍ରଦାନ କରିଥିଲେ ।

ଅତଏବ ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ପଣ୍ଡିତ ନୀଳକଣ୍ଠଙ୍କର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଏ ଜାତିର ହୃତ୍‌ପିଣ୍ଡ, ଓଡ଼ିଆର ଜାତୀୟ ସାହିତ୍ୟ । ଏହି ଗ୍ରନ୍ଥଟିରେ ପଣ୍ଡିତ ନୀଳକଣ୍ଠ ଓଡ଼ିଆର ସଂସ୍କୃତି, ପରମ୍ପରା, ଚଳଣିଠାରୁ ଆରମ୍ଭକରି ଓଡ଼ିଶାର ଲୋକକଥା, କିମ୍ବଦନ୍ତୀ ତଥା ଓଡ଼ିଆ ଭାଷା ଓ ସାହିତ୍ୟର ଯେଉଁ ପ୍ରାୟୋଗିକ ଆଲୋଚନା କରିଛନ୍ତି ତା'ର ପଟାନ୍ତର ନାହିଁ । ସୁତରାଂ ଉତ୍କଳୀୟ ବାଣୀମନ୍ଦିରରେ ଗ୍ରନ୍ଥଟି ସର୍ବଜନାଦୃତ—ଏଥିରେ ଦ୍ୱିମତ ନାହିଁ ।

●

Digitized by srujanika@gmail.com